# ଉତ୍କଳ ପ୍ରସଙ୍ଗ

ସ୍ୱାଧୀନତା ଦିବସ ବିଶେଷାଙ୍କ, ୧୯୮୨







ବନେଶ୍ୱରଠାରେ 'ସି ଫୁଡ୍ ଏକ୍ସପୋର୍ଟସ୍ କନ୍‌ରେନ୍‌ସନ୍' ଦ୍ୱାରା ଆୟୋଜିତ ଏକ ପ୍ରଦର୍ଶନୀ ଉଦ୍‌ଘାଟନ କରୁଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀ ପ୍ରଣବ ମୁଖାର୍ଜି ।

ସୁପ୍ରିମ୍ କୋର୍ଟର ବିଚାରପତି ମାନ୍ୟବର ଶ୍ରୀ ପି. ଏନ୍. ଭଗବତୀ ଜୟପୁରଠାରେ ଲିଗାଲ୍ ଏଡ୍ କ୍ଲିନିକ୍ ବୈଠକରେ ପୌରହିତ୍ୟ କରି ଧାରା ଲିଗାଲ୍ ପ୍ରୋଜେକ୍ଟ ଉଦ୍‌ଘାଟନ କରିଥିଲେ, ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ବିଚାରପତି ଉପସ୍ଥିତ ଥିଲେ



କଟକଠାରେ ଓଡ଼ିଆ ଆଇନଗତ ସାହାଯ୍ୟ ଓ ପରାମର୍ଶଦାତା ବୋର୍ଡ ବୈଠକରେ ଭାରତ ସୁପ୍ରିମ୍ କୋର୍ଟର ବିଚାରପତି ମାନ୍ୟବର ଶ୍ରୀ ପି. ଏନ୍. ଭଗବତୀ । ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ମୁଖ୍ୟ ବିଚାରପତି ଶ୍ରୀ ରଙ୍ଗନାଥ ମିଶ୍ର ଯୋଗଦେଇଥିଲେ ।



ଯୋଜନା କମିଶନ ପରାମର୍ଶଦାତା ଶ୍ରୀ ଏମ୍. ଏନ୍. ବେହୁରାଙ୍କ ନେତୃତ୍ୱରେ ଆସିଥିବା କେନ୍ଦ୍ରୀୟ ଦଳ ଓଡ଼ିଶାର ଉଚ୍ଚପଦସ୍ଥ ଅଫିସରମାନଙ୍କ ସହ ବାତ୍ୟାର କ୍ଷୟକ୍ଷତି ସଂପର୍କରେ ଆଲୋଚନାରତ ।

# ଉତ୍କଳ ପ୍ରସଙ୍ଗ

ଆଷାଢ଼/ଶ୍ରାବଣ ୧୯୦୪ ଶକାବ୍ଦ ୩୮/୩୯ ଭାଗ ଦ୍ୱାଦଶ/ପ୍ରଥମ ସଂଖ୍ୟା ଜୁଲାଇ/ଅଗଷ୍ଟ ୧୯୮୨

**ସମ୍ପାଦନା ମଣ୍ଡଳୀ**

ନିର୍ଦ୍ଦେଶକ: ମିହିର କୁମାର ଷଣ୍ଡ

ସମ୍ପାଦକ: ଭୋଳାନାଥ ରାଜଗୁରୁ

ସହ ସମ୍ପାଦକ: ଡକ୍ଟର ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ: ସୁରେନ୍ଦ୍ର କୁମାର ପଟ୍ଟନାୟକ

ମୁଖ୍ୟ ସମ୍ପାଦକ

ସତ୍ୟାନନ୍ଦ ଚମ୍ପତିରାୟ

ପ୍ରଚ୍ଛଦ ଶିଳ୍ପୀ: ଅସିତ୍ ମୁଖାର୍ଜୀ

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର
ବାର୍ଷିକ ଦେୟ ୧୦.୦୦
ପ୍ରତି ଖଣ୍ଡ ୧.୦୦

ମୁଦ୍ରଣ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ଉତ୍କଳ ପ୍ରସଙ୍ଗ

## ସୂଚୀପତ୍ର


| | | | |
|---|---|---|---|
| ଐତିହାସିକ ଦାୟିତ୍ୱ | .. | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ .. | ୧ |
| ମାନବିକ ମୂଲ୍ୟବୋଧ | .. | ଶ୍ରୀ ଶତ୍ରୁଘ୍ନ ନାଥ .. | ୩ |
| ଭାରତର ନୂତନ ରାଷ୍ଟ୍ରପତି—ଜ୍ଞାନୀ ଜୈଲ ସିଂ | .. | ଶ୍ରୀ ବିଚିତ୍ରା ନନ୍ଦ କର .. | ୭ |
| କଳିଙ୍ଗ ଚକ୍ରବର୍ତ୍ତୀ ଖାରବେଳ | .. | ଡକ୍ଟର ନବୀନ କୁମାର ସାହୁ .. | ୧୧ |
| ଭାରତୀୟ ଶାସନରେ ରାଷ୍ଟ୍ରପତିଙ୍କର ଭୂମିକା | .. | ଡକ୍ଟର ବୈଦ୍ୟନାଥ ମିଶ୍ର .. | ୧୯ |
| ସିପାହୀ ବିଦ୍ରୋହର ଆଦ୍ୟ ପର୍ବ | .. | ଡକ୍ଟର ସତ୍ୟନାରାୟଣ ରାଜଗୁରୁ | ୨୨ |
| ଊନବିଂଶ ଶତାବ୍ଦୀର ବିସ୍ମୃତ ଶହୀଦଗଣ | .. | ଶ୍ରୀ ପ୍ରଭାତ ମୁଖାର୍ଜୀ .. | ୨୫ |
| ବିପ୍ଳବୀ ବୀର ସୁରେନ୍ଦ୍ର ସାଏ | .. | କୁମାରୀ ଚନ୍ଦ୍ରମା ସାହୁ .. | ୨୭ |
| ଇନ୍ଦିରା ଶୁଭକାରିଣୀ | .. | ଶ୍ରୀ ବିଭୂତି ଭୂଷଣ ସାହୁ .. | ୩୦ |
| କୁଷ୍ଠ ରୋଗୀଙ୍କ ସେବାରେ ମହାତ୍ମା ଗାନ୍ଧୀ | .. | ଶ୍ରୀ ଦେବଦୂତ .. | ୩୨ |
| କୁଆଙ୍କ ଜୀବନ | . | ଶ୍ରୀ ଫଣୀ ଭୂଷଣ ଦାସ .. | ୩୬ |
| ଗାଈ ମୁହଁରେ ଦୁଗ୍ଧ | .. | ଶ୍ରୀ କେ : ବିଶ୍ୱନାଥମ୍ .. | ୩୮ |
| ଇନ୍‌ସାଟ୍—୧ ଏ | .. | ଶ୍ରୀ ପଦ୍ମଚରଣ ମହାନ୍ତି .. | ୪୧ |
| ସଂଗ୍ରାମର ସ୍ମୃତିଚିତ୍ରଣ | | .. | ୪୫ |
| (କ) ଡାମାଦୋରା | .. | ଶ୍ରୀ ରାଧାମୋହନ ଗଡ଼ନାୟକ .. | ୪୬ |
| (ଖ) ଅତୀତରୁ କିଏ | .. | ଶ୍ରୀ ଶ୍ରୀନାଥ ମହାନ୍ତି .. | ୪୯ |
| (ଗ) ଉତ୍କଳରେ ଗାନ୍ଧିଜୀଙ୍କ ପ୍ରଥମ ପଦାର୍ପଣ | | ଶ୍ରୀ ରାମ ପ୍ରସାଦ ସିଂହ .. | ୫୦ |
| (ଘ) ନାଗପୁର ଝଣ୍ଡା ସତ୍ୟାଗ୍ରହ | .. | ଶ୍ରୀ ଚନ୍ଦ୍ରଶେଖର ନାୟକ .. | ୫୩ |
| (ଙ) ସେମାନେ ଫେରିଗଲେ | .. | ଅଧ୍ୟାପକ ଗଦାଧର ମହାପାତ୍ର .. | ୫୭ |
| (ଚ) ଏରସମା ଥାନା ପୋଡ଼ି | .. | ଶ୍ରୀ ଗୌରୀଶ୍ୟାମ ନାୟକ .. | ୬୧ |
| (ଛ) ସ୍ୱାଧୀନତା ସଂଗ୍ରାମର ରକ୍ତତୀର୍ଥ | .. | ଶ୍ରୀ ଉପେନ୍ଦ୍ର ପ୍ରସାଦ ଦାସ .. | ୬୨ |
| ଜିଲ୍ଲା ପରିକ୍ରମା | .. | .. .. | ୬୫ |
| ଏକ ଅତୁଳ ସ୍ମୃତି | .. | ଶ୍ରୀ ବିଶ୍ୱମ୍ଭର ପରିଡ଼ା .. | ୬୯ |
| ପ୍ରଗତି ପ୍ରସଙ୍ଗ | .. | .. . | ୭୩ |



ଯେତେବେଳେ ଏକ ଅନ୍ଧକାରମୟ ଯୁଗ ଆସିଛି, ସେତେବେଳେ ବୁଦ୍ଧିଜୀବୀମାନେ, ବିଶେଷତଃ ଲେଖକ ଓ କଳାକାରମାନେ, ସ୍ଥାନୀୟ ଭାଷା ଓ ସାହିତ୍ୟର ମାଧ୍ୟମରେ ଲୋକଙ୍କୁ ଉଦ୍‌ବୁଦ୍ଧ କରିଛନ୍ତି, ସାହସ ଦେଇଛନ୍ତି, ସମାଜକୁ ସବୁତ ରାସ୍ତା ଦେଖାଇଛନ୍ତି, ସେମାନେ ଯେଉଁସବୁ ପ୍ରଦୀପ ଜାଳିଛନ୍ତି, ତାହା ଫଳରେ ଅନ୍ଧକାର ଅବସାନ ହୋଇ ଯାଇଛି ।

ଆମେ 'ଏକ ଶକ୍ତିଶାଳୀ ଭାରତ ଚାହୁଁ', କିନ୍ତୁ ଏକତାର ବଳରେ ଏକ ଗଣତାନ୍ତ୍ରିକ ଧାରାରେହିଁ ଭାରତ ଏକ ଶକ୍ତିଶାଳୀ ରାଷ୍ଟ୍ର ହେବ । ସବୁ ସଂପ୍ରଦାୟ ଓ ଜାତିର ଲୋକ ନିଜର ବିକାଶ ପାଇଁ ଯଦି ସଂପୂର୍ଣ୍ଣ ସୁଯୋଗ ଓ ସୁବିଧା ଲାଭ କରିପାରନ୍ତି ଏବଂ ଏକାଠି ମିଶି ସାମାଜିକ ଓ ସାମାଜିକ ଉନ୍ନୟନ ପାଇଁ କାର୍ଯ୍ୟ କରନ୍ତି ତା' ହେଲେ ଭରତ ଶକ୍ତିଶାଳୀ ହୋଇ ପାରିବ, ଏହାହିଁ ଏକମାତ୍ର ପନ୍ଥା । ........



# ଓଡ଼ିଶାକୁ ଏକ ଅଗ୍ରଗାମୀ ରାଜ୍ୟରେ ପରିଣତ କରିବା ଓଡ଼ିଆ ଜାତିର ସଂକଳ୍ପ ହେଉ

## ସ୍ୱାଧୀନତା ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

"ଭାରତର ୩୭ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଓଡ଼ିଶାବାସୀ ମୋର ପ୍ରିୟ ଭାଇ-ଭଉଣୀମାନଙ୍କୁ ଗଭୀର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସ୍ୱାଧୀନତା ଏକ ଜାତିର ଆତ୍ମବଳ, ସାଧନା, ସଂଗ୍ରାମ ଓ ସଂକଳ୍ପର ପ୍ରତୀକ । ଭାରତର ସ୍ୱାଧୀନତା ପାଇଁ ବହୁ ବିଦ୍ରୋହ, ଯୁଦ୍ଧ ଓ ଆନ୍ଦୋଳନରେ ହଜାର ହଜାର ଯୁବକ ଆତ୍ମ ବଳିଦାନ କରି ସହିଦ ହୋଇଯାଇଛନ୍ତି । ଲକ୍ଷ ଲକ୍ଷ ବ୍ୟକ୍ତି କାରାବରଣ କରିଛନ୍ତି ଏବଂ ଜନସାଧାରଣ ଅମାନୁଷିକ ଅତ୍ୟାଚାର, ଦୁଃଖ, କଷ୍ଟ ଭୋଗ କରିଛନ୍ତି । ତେଣୁ, ଆଜି ଏହି ପୁଣ୍ୟ ଦିନରେ ଭାରତୀୟ ମହାଜାତିକୁ ଜାତୀୟତା ମନ୍ତ୍ରରେ ଉଦ୍‌ବୁଦ୍ଧ କରି ଦେଶର ମହାନ୍ ସ୍ୱାଧୀନତା ସଂଗ୍ରାମର ସଫଳ ନେତୃତ୍ୱ ନେଇଥିବା ମହାତ୍ମା ଗାନ୍ଧୀ ଓ ଅନ୍ୟାନ୍ୟ ଅଗଣିତ ଅମର ସହିଦଗଣଙ୍କୁ ମୁଁ କୃତଜ୍ଞତାର ସହିତ ସ୍ମରଣ କରୁଛି ।

"ଭାରତର ସ୍ୱାଧୀନତାର ଲକ୍ଷ୍ୟ ନ ଥିଲା, କେବଳ ଶାସନର ପରିବର୍ତ୍ତନ ଆଣିବା । କେଉଁ ଆଦର୍ଶରେ ଏ ଦେଶ ପରିଚାଳିତ ହେବ ତାହା ସ୍ୱାଧୀନତା ଆନ୍ଦୋଳନ ବେଳେ ମହାତ୍ମା ଗାନ୍ଧୀ ଓ ତା'ପରେ ତାଙ୍କର ଦାୟାଦ ପଣ୍ଡିତ ଜବାହରଲାଲ୍ ନେହରୁ ଭାରତୀୟ ସମ୍ବିଧାନରେ ରୂପାୟିତ କରିଥିଲେ । ତାହା ହେଉଛି ଜାତୀୟତା, ଧର୍ମ ନିରପେକ୍ଷତା, ଗଣତନ୍ତ୍ର ଓ ସମାଜବାଦ । ସ୍ୱାଧୀନତାକୁ ରକ୍ଷା କରିବାକୁ ହେଲେ ଏହି ପ୍ରେରଣାମୟ ମନ୍ତ୍ରକୁ ମନେ ରଖିବାକୁ ହେବ । ଜାତି, ବର୍ଣ୍ଣ, ସଂପ୍ରଦାୟ ଓ ଆଞ୍ଚଳିକ ଭେଦଭାବ ଭୁଲି ଯେଉଁ ମହାନ ଜାତୀୟତା ଭାରତର ଜନଗଣଙ୍କୁ ଉଦ୍‌ବୁଦ୍ଧ କରିଛି, ତାହାକୁ ସର୍ବଦା ଅକ୍ଷୁଣ୍ଣ ଓ ଶକ୍ତିଶାଳୀ ରଖିବାକୁ ହେବ । ଭାରତ ଭୂମିକୁ ମାତା ରୂପେ ସ୍ୱାମୀ ବିବେକାନନ୍ଦ ପ୍ରଥମେ ପୂଜା କରିଥିଲେ । ରବିନ୍ଦ୍ର ନାଥ ଠାକୁର ଏହି ଦେଶକୁ ମହାମାନବର ସାଗର ବୋଲି କଳ୍ପନା କରିଥିଲେ..........

ହେ ମୋର ଚିତ୍ତ
ପୁଣ୍ୟ ତୀର୍ଥେ
ଜାଗରେ ଧୀରେ
ଏଇ ଭାରତର ମହାମାନବର
ସାଗର ତୀରେ ।

କବିବର ରାଧାନାଥ ଭାରତକୁ ପଦ୍ମଫୁଲ ଓ ଓଡ଼ିଶାକୁ ତା'ର ପାଖୁଡ଼ା ରୂପେ ତାଙ୍କର ପ୍ରସିଦ୍ଧ 'ଭାରତ ଗୀତିକା' ବନ୍ଦନାରେ ବର୍ଣ୍ଣନା କରିଥିଲେ—'ଭାରତ-କମଳ-ଦଳମିବ ଉତ୍କଳମ୍' । ଏହି ଜାତୀୟତାକୁ ରକ୍ଷା କରାଯାଇ ପାରିବ, ଏକ ଗଣତାନ୍ତ୍ରିକ ବ୍ୟବସ୍ଥା ଦ୍ୱାରା, ତାହାହିଁ ଭାରତୀୟ ସମ୍ବିଧାନ ଘୋଷଣା କରିଛି ଓ ଗତ ୩୭ ବର୍ଷର ଅଭିଜ୍ଞତା ପ୍ରମାଣିତ କରିଛି । ମାତ୍ର ଅର୍ଥନୈତିକ

ସ୍ୱରାଜ୍ୟ, ଯାହାର କି ଅନ୍ୟ ନାମ ସମାଜବାଦ, ତାହା ନ ଆସିବା ପର୍ଯ୍ୟନ୍ତ, ଦେଶର କୋଟି କୋଟି ଲୋକ ଦାରିଦ୍ର୍ୟର କଷାଘାତରେ ନିପୀଡ଼ିତ ହୋଇ ରହିଥିବା ପର୍ଯ୍ୟନ୍ତ, ଭାରତର ସ୍ୱାଧୀନତା ଓ ଗଣତନ୍ତ୍ର ଜନଗଣଙ୍କ ପ୍ରତି ଏକ ନିଷ୍ଫଳ ନିବେଦନ ହୋଇ ରହିବ । ସମାଜବାଦ ହେଉଛି ଦାରିଦ୍ର୍ୟରୁ ଜନ-ଗଣଙ୍କର ମୁକ୍ତି । ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଥିବା ବ୍ୟବଧାନ ଓ ଅଞ୍ଚଳ ଅଞ୍ଚଳ ମଧ୍ୟରେ ବ୍ୟବଧାନର ଲୋପ ।

"କେବଳ ବ୍ୟକ୍ତି-ବ୍ୟକ୍ତି ମଧ୍ୟରେ ବ୍ୟବଧାନ ନୁହେଁ, ଆଞ୍ଚଳିକ ବ୍ୟବଧାନ ଓଡ଼ିଶାକୁ ଏକ ଦରିଦ୍ର-ତମ ରାଜ୍ୟରେ ପରିଣତ କରିଛି । ପ୍ରାକୃତିକ ସଂପଦରେ ଏକ ମହାନ୍ ଧନୀ ରାଜ୍ୟ କିପରି ବହୁକାଳ ଧରି ଦରିଦ୍ର ହୋଇ ରହିପାରେ, ଓଡ଼ିଶା ହେଉଛି ତା'ର ଜ୍ୱଳନ୍ତ ଉଦାହରଣ । ସୁଦୀର୍ଘ ରାଜନୈତିକ ପରାଧୀନତା ଓ ସ୍ୱାଧୀନତା ପରବର୍ତ୍ତୀ କ୍ରମାଗତ ରାଜନୈତିକ ଅସ୍ଥିରତା ଓଡ଼ିଶାର ଏହି ଆର୍ଥିକ ଦୁଃସ୍ଥିତି ପାଇଁ ବିଶେଷ ଭାବରେ ଦାୟୀ ।

"ସୁଖର ବିଷୟ, ଓଡ଼ିଶାର ଜନସାଧାରଣ ଏହି ରାଜନୈତିକ ଅସ୍ଥିରତାକୁ ଦୂର କରିଛନ୍ତି ଏବଂ ଓଡ଼ିଶାକୁ ବିଭିନ୍ନ କ୍ଷେତ୍ରରେ ଅଗ୍ରସର କରିବା ପାଇଁ ବିପୁଳ ଉଦ୍ୟମ ଆରମ୍ଭ ହୋଇଛି । ବେକାରୀ ସମସ୍ୟାର ସମାଧାନ ପାଇଁ ଶିଳ୍ପର ବିସ୍ତାର , ଜଳସେଚନ ଓ ବିଦ୍ୟୁତ୍ ଶକ୍ତିର ବିକାଶ, କୃଷି ଓ ଜଙ୍ଗଲର ଉନ୍ନୟନ ଏବଂ ସବୁଠାରୁ ଗରିବ ଲୋକଙ୍କର ଉତ୍ଥାନ ପାଇଁ ବ୍ୟାପକ କାର୍ଯ୍ୟକ୍ରମ କରାଯାଇଛି । ଶିକ୍ଷାରେ ଅନଗ୍ରସରତା ଦୂର କରିବା ପାଇଁ ଉଚ୍ଚ ଶିକ୍ଷା ଓ ବୈଷୟିକ ଶିକ୍ଷାର ବିକାଶ ନିମନ୍ତେ ଏକ ସୁଚିନ୍ତିତ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ବିଗତ ଦୁଇ ବର୍ଷ ମଧ୍ୟରେ ବନ୍ୟା, ବାତ୍ୟା, ମରୁଡ଼ି, କରକାପାତ ଆଦି ବହୁ ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରେ ଏହି କାର୍ଯ୍ୟକ୍ରମକୁ ପୂରଣ କରିବା ପାଇଁ ବହୁ ସଫଳ ପଦକ୍ଷେପ ଗ୍ରହଣ କରାଯାଇଛି । ଚଳିତ ଯୋଜନା କାଳ ମଧ୍ୟରେ ଓଡ଼ିଶାରେ ହଜାର ହଜାର କଳକାରଖାନା ସ୍ଥାପନା କରିବା, ନୂଆ ୧୫ ଲକ୍ଷ ଲୋକଙ୍କୁ କାମ ଦେବା, ବିଦ୍ୟୁତ୍‌ଶକ୍ତି ଦ୍ୱିଗୁଣିତ କରିବା, ଜଳସେଚନର ସମ୍ଭାବନାକୁ ଦ୍ୱିଗୁଣିତ କରିବା, କୃଷିରେ ଓଡ଼ିଶାକୁ ଏକ ଅଗ୍ରଗାମୀ ରାଜ୍ୟରେ ପରିଣତ କରିବା ଆଦି ବିଶାଳ ଲକ୍ଷ୍ୟକୁ କାର୍ଯ୍ୟକାରୀ କରିବା ପାଇଁ ମୁଁ ଆପଣମାନଙ୍କର ସକ୍ରିୟ ସହଯୋଗ କାମନା କରୁଛି । କାରଣ ଏହା କେବଳ ଏକ ଶାସନର ଲକ୍ଷ୍ୟ ନୁହଁ, ସମଗ୍ର ଓଡ଼ିଆ ଜାତିର ସଂକଳ୍ପ । ସ୍ୱାଧୀନତା ଦିବସ ଉପଲକ୍ଷେ ପୁଣି ଥରେ ଆପଣମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ଜୟ ଭାରତ ମାତା । ଜୟ ଉତ୍କଳ ଜନନୀ ।"

# ମୋ ଦୃଷ୍ଟିରେ ....

୧୯୮୨ ମସିହା ସ୍ୱାଧୀନତା ଦିବସର ଅଭିନନ୍ଦନ "ଉତ୍କଳ ପ୍ରସଙ୍ଗ" ତାର ସହୃଦୟ ପାଠକ ପାଠିକାମାନଙ୍କୁ ଜ୍ଞାପନ କରି ପୁନରାୟ ସ୍ମରଣ କରୁଛି ଯେ ସ୍ୱାଧୀନତା ମାନବର ଜନ୍ମଗତ ଅଧିକାର । ସ୍ୱାଧୀନତା ବିନା ବିତ୍ତ ବା ଗୌରବ ମନୁଷ୍ୟକୁ ଅଧିକ ଭାରାକ୍ରାନ୍ତ କରିଦିଏ, ଶୋଷିତ ହେବାକୁ ଅଧିକ ସୁଯୋଗ ଦିଏ । ଅର୍ଥନୈତିକ ସ୍ୱାଧୀନତା ନିମନ୍ତେ ସଂଗ୍ରାମ କରୁଥିବା ଭାରତୀୟ ରାଜନୈତିକ ସ୍ୱାଧୀନତାର ମୂଲ୍ୟବୋଧ ସହଜରେ ସ୍ୱୀକାର କରିବାକୁ ହେବ ।

ଏ ସ୍ୱାଧୀନତାର ଐତିହାସିକ ଦାୟିତ୍ୱ ବିଷୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କର ବକ୍ତବ୍ୟ ଏହି ସଂଖ୍ୟାରେ ଆମ୍ଭେ ପାଠକଙ୍କୁ ଉପହାର ଦେଉଛୁ ।

୧୯୮୨ ସ୍ୱାଧୀନତା ଦିବସର ପ୍ରାକ୍‌କାଳରେ ଭାରତବାସୀ ସର୍ଦ୍ଦାର ଜୈଲ ସିଂଙ୍କୁ ରାଷ୍ଟ୍ରପତି ଭାବରେ ଅଭିଷିକ୍ତ କରିଛନ୍ତି । ପଞ୍ଜାବର ଗୋଟିଏ ପୂର୍ବତନ ଦେଶୀୟ ରାଜ୍ୟର ଜଣେ ସାଧାରଣ ବ୍ୟକ୍ତି ସ୍ୱୀୟ ତ୍ୟାଗ ଓ ନିଷ୍ଠାବଳରେ ଭାରତର ସର୍ବୋଚ୍ଚ ପଦବୀରେ ଅଧିଷ୍ଠିତ ହୋଇ ଭାରତୀୟ ସମ୍ବିଧାନର ରକ୍ଷକ ହୋଇଛନ୍ତି । ଏହି ଅବସରରେ 'ଉତ୍କଳ ପ୍ରସଙ୍ଗ' ତାଙ୍କୁ ହାର୍ଦ୍ଦିକ ସମ୍ବର୍ଦ୍ଧନା ଜ୍ଞାପନ କରୁଛି ।

ନୂତନ ରାଷ୍ଟ୍ରପତିଙ୍କ ବିଷୟରେ ଲବ୍ଧ ପ୍ରତିଷ୍ଠ ସାମ୍ବାଦିକ ଶ୍ରୀ ବିଚିତ୍ରାନନ୍ଦ କର ଓ ରାଷ୍ଟ୍ରପତିଙ୍କ ଭୂମିକା ବିଷୟରେ କୃଷି ବିଶ୍ୱ ବିଦ୍ୟାଳୟର କୁଳପତି ଡକ୍ଟର ବୈଦ୍ୟନାଥ ମିଶ୍ରଙ୍କ ସନ୍ଦର୍ଭ ଏ ସଂଖ୍ୟାରେ ପାଠକମାନଙ୍କୁ ଆକର୍ଷଣ କରିବ ।

ଓଡ଼ିଶାର ଶ୍ରେଷ୍ଠ ସମ୍ରାଟ ଖାରବେଳଙ୍କ ବିଷୟରେ ଐତିହାସିକ ଡକ୍ଟର ନବୀନକୁମାର ସାହୁଙ୍କ ପ୍ରବନ୍ଧ ସ୍ୱାଧୀନତା ଦିବସରେ ଓଡ଼ିଆଙ୍କ ସ୍ୱାଧୀନତା ପିପାସା ଓ ପୂର୍ବ ଗୌରବର ସ୍ମୃତି ସ୍ମରଣ କରିବ ।

ସଂଗ୍ରାମର ସ୍ମୃତି ସ୍ମରଣ—ସ୍ୱାଧୀନତା ସଂଗ୍ରାମର ଅନେକ ସ୍ମୃତି ଆଜିର ଏହି ପୁଣ୍ୟଦିବସରେ ସମୟ-ସମୁଦ୍ରରେ ଲହରୀ ପରି ବାଲୁକାଭରା ଆଜିର ବାସ୍ତବ-ସଂସାରର ବେଳାଭୂମିକୁ ଲକ୍ଷ୍ୟହୀନ ଓ ଅଲକ୍ଷ୍ୟରେ ଶରାୟିତ କରୁଛି । ସେହି ଶରର କିୟଦଂଶ, କବି ଗଡ଼ନାୟକଙ୍କର 'ତାମାଦୋରା' ସିପାହୀ ବିଦ୍ରୋହର ଆଦ୍ୟପର୍ବ, ବିପ୍ଳବୀ ବୀର ସୁରେନ୍ଦ୍ର ସାଏ, ବିସ୍ମୃତ ଶହୀଦଗଣ ଓ ସର୍ବୋପରି କେତେଜଣ ସ୍ୱାଧୀନତା ସଂଗ୍ରାମୀ ବନ୍ଧୁଙ୍କ ଆତ୍ମ କଥା ସାହାଯ୍ୟରେ ଧରି ରଖିବାକୁ "ଉତ୍କଳ ପ୍ରସଙ୍ଗ" ଚେଷ୍ଟା କରିଛି । ଆମର ଆଶା ଏହି ଲେଖାଗୁଡ଼ିକ ପାଠକମାନଙ୍କୁ ଉଦ୍‌ବୁଦ୍ଧ କରିବ ।

ସ୍ୱାଧୀନତା ଦିବସ, ଭାରତ ଓ ଓଡ଼ିଶା ନିମନ୍ତେ ଏକ ନବ ଯୁଗର ସଙ୍କେତ ବହନ କରୁ, ଆଶାର ଆଲୋକ ଓ ଅଭିଳାଷର ତୀବ୍ର ପିପାସା ବହନ କରୁ—ଏହାହିଁ ଆଜିର କାମନା ।

# ବନ୍ଦେ ମାତରମ୍

ସୁଜଳାମ୍, ସୁଫଳାମ୍, ମଳୟଜ ଶୀତଳାମ୍
ଶସ୍ୟ ଶ୍ୟାମଳାମ୍ ମାତରମ୍ ।
ଶୁଭ୍ରଜ୍ୟୋସ୍ନାଂ ପୁଲକିତ ଯାମିନୀମ୍
ଫୁଲ୍ଲ କୁସୁମିତ ଦ୍ରୁମଦଳ ଶୋଭିନୀମ୍
ସୁହାସିନୀମ୍ ସୁମଧୁର ଭାଷିଣୀମ୍
ସୁଖଦାଂ ବରଦାଂ ମାତରମ୍ ॥

ବନ୍ଦେ ମାତରମ୍ ।।।



# ଐତିହାସିକ ଦାୟିତ୍ୱ



**ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ**

ପ୍ରସିଦ୍ଧ ଐତିହାସିକ ଆର୍ଣ୍ଣଲଡ୍ ଟୟନ୍‌ବିଙ୍କ ମତରେ ପ୍ରତ୍ୟେକ ଦେଶରେ ଏକ 'ପ୍ରଭାବଶାଳୀ ସଂଖ୍ୟାଲଘୁ ଗୋଷ୍ଠୀ' ( dominant minority ) ଅଛି, ଯେ କି ଜନସାଧାରଣଙ୍କୁ ଶିକ୍ଷା, ସାହିତ୍ୟ, ଦର୍ଶନ, ବିଜ୍ଞାନ ଆଦି ଚିନ୍ତା-ରାଜ୍ୟରେ ଏବଂ ରାଜନୈତିକ ଓ ସାମାଜିକ କାର୍ଯ୍ୟକ୍ଷେତ୍ରରେ ପ୍ରକୃତ ନେତୃତ୍ୱ ଦେଇଥାଏ ।

ଏହି ସଂଖ୍ୟାଲଘୁ ଗୋଷ୍ଠୀ କହିଲେ ସଂଖ୍ୟାଲଘୁ ସମ୍ପ୍ରଦାୟ ବା ସଂଖ୍ୟାଲଘୁ ଭାଷାଭାଷୀ ବୁଝାଯାଏ ନାହିଁ । ଏମାନେ ହେଉଛନ୍ତି ସମାଜର ଶିକ୍ଷିତ ସଭ୍ୟ, ପ୍ରଗତିଶୀଳ ସମ୍ପ୍ରଦାୟ— ଶିକ୍ଷକ, ସାହିତ୍ୟିକ, ଦାର୍ଶନିକ, ଇଞ୍ଜିନିୟର, ଡାକ୍ତର, ସାମ୍ବାଦିକ ରାଜନୀତିଜ୍ଞ ଓ ଶାସନ କ୍ଷେତ୍ରରେ ଥିବା କର୍ମଚାରୀଗଣ । ଜନସାଧାରଣଙ୍କ ତୁଳନାରେ ଏମାନେ ସଂଖ୍ୟାଲଘୁ । କିନ୍ତୁ ଶିକ୍ଷା ଓ ପ୍ରସାରିତ ଦୃଷ୍ଟିକୋଣ ଯୋଗୁଁ ଏମାନେ ପୁରୁଣା ସମସ୍ୟାମାନଙ୍କର ସମାଧାନ ପାଇଁ ନୂଆ ଚିନ୍ତା କରି ପାରନ୍ତି ଓ ଦେଶର ବୈପ୍ଳବିକ ପରିବର୍ତ୍ତନ ପାଇଁ ଏହାକୁ ଏକ ଶୃଙ୍ଖଳିତ, ଯୋଜନାବଦ୍ଧ କାର୍ଯ୍ୟରୂପେ ଜନସାଧାରଣଙ୍କ ଆଗରେ ରଖିପାରନ୍ତି ।

ଯେଉଁ ଦେଶରେ ଏହି ସଂଖ୍ୟାଲଘୁ ଗୋଷ୍ଠୀ ନିଜ ଦେଶର ଅତୀତର ଗର୍ବ ଓ ଗୌରବ ବିଷୟରେ ସଚେତନ ଓ ଭବିଷ୍ୟତ ସମ୍ପର୍କରେ ଅନୁପ୍ରାଣିତ, ସେ ଦେଶର ଉନ୍ନତି ଅବଶ୍ୟମ୍ଭାବୀ । କିନ୍ତୁ ଯେଉଁ ଦେଶରେ ଏହି ଗୋଷ୍ଠୀ କ୍ଷୁଦ୍ର, ସଂକୀର୍ଣ୍ଣ ମନୋଭାବ ଜାତିଆଣଭାବ, ସାମ୍ପ୍ରଦାୟିକତା, ଆଞ୍ଚଳିକତା ଓ ରାଜନୈତିକ କ୍ଷମତା ଲିପ୍ସାରେ ଶତଧା ବିଭକ୍ତ, ସେ ଦେଶର ଉନ୍ନତି ସୁଦୂର ପରାହତ ।

ଆମେରିକା ଯୁକ୍ତରାଷ୍ଟ୍ର ଭୌତିକ ଐଶ୍ୱର୍ଯ୍ୟ ଓ ସାମରିକ ଶକ୍ତି ଦୃଷ୍ଟିରୁ ପୃଥିବୀରେ ସର୍ବପ୍ରଧାନ ଶକ୍ତି ରୂପେ ଠିଆହୋଇଛି, ତା'ର କାରଣ ହେଉଛି, ନିଜର ଦେଶର ଓ ନିଜର ଭବିତବ୍ୟ ଉପରେ ଆମେରିକାର ଏହି ଗୋଷ୍ଠୀର ଅଖଣ୍ଡ ବିଶ୍ୱାସ । ଆମେରିକାର ନବନିର୍ମାଣ କାଳରେ ଯେଉଁମାନେ ସମସ୍ତ ବାଧା, ବିଘ୍ନ, ଅତିକ୍ରମ କରି ସେ ଦେଶର ବିରାଟ ପଶ୍ଚିମାଞ୍ଚଳକୁ ଆବିଷ୍କାର କଲେ, ସେଠାରେ ନୂଆ ନୂଆ ଗୃହୋପଯୋଗୀ ଜମି ଆବାଦ କଲେ ଓ କଳ, କାରଖାନା ବସାଇଲେ, ସେମାନଙ୍କୁ ଅଗ୍ରଗାମୀ ଦଳ ( Pioneers ) ବୋଲି କୁହା ଯାଉଥିଲା । ଯେତେବେଳେ ଯୁକ୍ତରାଷ୍ଟ୍ରର ସମସ୍ତ ଭୂ-ଖଣ୍ଡରେ ଏମାନଙ୍କର ସଭ୍ୟତା ସ୍ଥାପିତ ହେଲା, ସେମାନେ ଆମେରିକାକୁ ଇଂଲଣ୍ଡ ଓ ଫ୍ରାନ୍ସ ପରି ଏକ ପ୍ରଧାନ ଶକ୍ତିରେ ପରିଣତ କରିବାର ସଙ୍କଳ୍ପ ନେଲେ ଓ ପ୍ରଥମ ମହାଯୁଦ୍ଧ ପରେ ପରେ ଆମେରିକା ଯେତେବେଳେ ଏକ ପ୍ରଧାନ ଶକ୍ତିରୂପେ ଦେଖାଦେଲା, ସେତେବେଳେ ଏହାକୁ ପୃଥିବୀର ଶ୍ରେଷ୍ଠ ଶକ୍ତିରୂପେ ଠିଆ କରାଇବା ହେଲା ସେମାନଙ୍କର ଲକ୍ଷ୍ୟ । ରାଷ୍ଟ୍ରପତି ଆଇଜେନ୍‌ହାଓରଙ୍କ ଅମଳରେ ଆମେରିକାର ପ୍ରଭାବ ମନ୍ଦୀଭୂତ ହୋଇଗଲା, ଆମେରିକାର ନେତୃତ୍ୱରେ ସେ ଉନ୍ମାଦନା ଓ ଝଲକ୍ ରହିଲା ନାହିଁ । ସେତେବେଳେ ଜନ୍‌ଫିଜରାଲଡ୍ କେନେଡିଙ୍କର ଧ୍ୱନି ହେଲା—ନୂତନ ଦିଗ୍‌ବିଜୟର ସନ୍ଧାନ (New frontiers) ।

ଆମେରିକା ଏପରି ଗୋଟିଏ ଦେଶ ଯେ, ୟୁରୋପର ବହୁ ଭାଷାଭାଷୀ ଲୋକ ଆମେରିକାକୁ ଆସିଛନ୍ତି, ନିଜ ଦେଶରେ ଅତ୍ୟାଚାରିତ ହୋଇ କିମ୍ବା ନୂତନ ସମ୍ଭାବନା ନୂତନ ଐଶ୍ୱର୍ଯ୍ୟର ଭରସା ନେଇ । ଗୋଟିଏ ପୁରୁଷ ପରେ ସେମାନଙ୍କର ବଂଶଧରମାନେ ସମ୍ପୂର୍ଣ୍ଣ ଭାବରେ ନିଜକୁ ଏହି ନୂତନ ଦେଶ ସହିତ ମିଶାଇ ଦେଇଛନ୍ତି — ଏହାର ଭାଷା, ଏହାର ଜୀବନ ଧାରଣ ପ୍ରଣାଳୀକୁ ଗ୍ରହଣ କରି ନେଇଛନ୍ତି ।

ପୃଥିବୀର ଏହିପରି ଅନ୍ୟ ଏକ ଦେଶ ହେଉଛି ସୋଭିଏଟ ୟୁନିୟନ । ସୋଭିଏଟ ରାଷ୍ଟ୍ର ପୁରାତନ ରୁଷ ସାମ୍ରାଜ୍ୟ ଉପରେ ଗଢି ଉଠିଥିଲେ ମଧ୍ୟ ଏହା ଏକ ନୂତନ ଦେଶ, ଯାହାର ବୟସ ହେଉଛି ୭୩ଶ ବର୍ଷ । ଏ ଦେଶରେ କେବଳ ରୁଷ ଭାଷାଭାଷୀ ନାହାନ୍ତି, ବହୁ

ଭାଷାଭାଷୀ ବଲଟିକ୍ ଉପସାଗରଠାରୁ ଆରମ୍ଭ କରି ମଧ୍ୟଏସିଆ ପର୍ଯ୍ୟନ୍ତ ତାଙ୍କର ପୁରାତନ ସଂସ୍କୃତି ଜାତୀୟତା ଓ ଇତିହାସ ଘେନି ରହିଛନ୍ତି । କିନ୍ତୁ ସମସ୍ତେ ନିଜକୁ ଗୋଟିଏ ରାଷ୍ଟ୍ରରୂପେ ଗଢି ପୃଥିବୀରେ ନିଜର ଶ୍ରେଷ୍ଠ ଆସନ ଅଧିକାର କରିବା ପାଇଁ ବ୍ୟାକୁଳ । ଆମେରିକା ଯେପରି ବ୍ୟସ୍ତ ଯେ, ତା'ର ଗଣତାନ୍ତ୍ରିକ ଜୀବନଧାରା ଓ ବ୍ୟକ୍ତିଗତ ଉଦ୍ୟୋଗ ବା ପୁଞ୍ଜିବାଦ ପୃଥିବୀରେ ଗୃହୀତ ହେଉ, ସୋଭିଏଟ ୟୁନିୟନ ସେହିପରି ବ୍ୟାକୁଳ ଯେ, ସୋଭିଏଟ ପ୍ରଣାଳୀ ପୃଥିବୀରେ ଜୟଯୁକ୍ତ ହେଉ । ଉଭୟ ନିଜର ଭବିତବ୍ୟ ସମ୍ପର୍କରେ ସମ୍ପୂର୍ଣ୍ଣ ଅନୁପ୍ରାଣିତ ହୋଇ କାର୍ଯ୍ୟ କରୁଛନ୍ତି ।

ସେହିପରି ଚୀନ ଦେଶ । ଏହାର ଇତିହାସ ଅତି ପ୍ରାଚୀନ ହେଲେ ମଧ୍ୟ ବହୁକାଳ ଧରି ଏହା ସାମ୍ରାଜ୍ୟବାଦୀଙ୍କ ଦ୍ୱାରା ଲାଞ୍ଛିତ ଓ ନିଜର ଦୁର୍ବଳତାରେ କ୍ଷୁଦ୍ର ଓ ସଂକୀର୍ଣ୍ଣ ହୋଇ ପଡି ରହିଥିଲା । ମାତ୍ର ଏବେ ଅଳକାଳ ହେବ ସମଗ୍ର ଚୀନ ଗୋଟିଏ ଶାସନାଧୀନ ହୋଇ ପୃଥିବୀର ଶ୍ରେଷ୍ଠ ଶକ୍ତି ହେବାର ସ୍ୱପ୍ନରେ ଅନୁପ୍ରାଣିତ ହୋଇଛି ।

ଏହି ପଚାଶ ବର୍ଷ ମଧ୍ୟରେ ଦୁଇ ଦୁଇଟା ମହାଯୁଦ୍ଧ ଲଢି ଜର୍ମାନୀ ଜାତି ଧ୍ୱଂସସ୍ତୂପରେ ପରିଣତ ହୋଇ ପୁଣି ଏକ ଶକ୍ତିଶାଳୀ, ଐଶ୍ୱର୍ଯ୍ୟଶାଳୀ ରାଷ୍ଟ୍ରରେ ପରିଣତ ହୋଇଛି । ଜର୍ମାନୀର ଏକ ପ୍ରଧାନ ନଗରୀ ହାମ୍ବର୍ଗ । ଏହାର ନଗରପାଳିକାର ସଙ୍କେତ ହେଉଛି—ଏକ କିମ୍ବଦନ୍ତୀର ପକ୍ଷୀ, ଫେନିକ୍ସ ( Phoenix ) ଏହି ପକ୍ଷୀ ସମ୍ପର୍କରେ କୁହାଯାଏ ଯେ ଏହାକୁ ଯେତେଥର ପୋଡ଼ି ଦେଇ ଭସ୍ମ କରିଦିଅ ଏ ଦ୍ୱିଗୁଣ ତେଜରେ ଜୀବନ୍ତ ହୋଇ ଉଠିବ । ଜର୍ମାନ ଜାତି ବାସ୍ତବିକ ଏହି କିମ୍ବଦନ୍ତୀର ଫେନିକ୍ସ । ଏହାକୁ କେହି ଭସ୍ମସାତ୍ କରି ପାରିବ ନାହିଁ । କେବଳ ସାମରିକ ଶକ୍ତି ନୁହେ, ସାହିତ୍ୟ, ଦର୍ଶନ, ବିଜ୍ଞାନ ସମସ୍ତ କ୍ଷେତ୍ରରେ ପୃଥିବୀକୁ ଜର୍ମାନ ଜାତିର ଦାନ କେତେ ବେଶି !

ଭାରତ ସେହିପରି ଏକ ପ୍ରାଚୀନ ଦେଶ ହେଲେ ମଧ୍ୟ ଏକ ଶାସନାଧୀନ ଭୂଖଣ୍ଡ ଓ ଆଧୁନିକ ଜାତୀୟତା ଦୃଷ୍ଟିରୁ ଏହା ଏକ ନୂତନ ଦେଶ । ଏଠାରେ ବହୁ ଭାଷା-ଭାଷୀ, ବହୁ ଧର୍ମ, ସମ୍ପ୍ରଦାୟର ଲୋକ ଅଛନ୍ତି । ଏମାନେ ଅତୀତରେ ନିଜ ନିଜ ଅଞ୍ଚଳ, ନିଜ ନିଜ ସମ୍ପ୍ରଦାୟ ବିଶେଷ ଦୃଷ୍ଟିରୁ ଚିନ୍ତା କରୁଥିଲେ । ଅଖଣ୍ଡ ଭାରତ ବର୍ଷର ଜାତୀୟତା ବିଶ୍ୱକବି କଣ୍ଠରେ ଏଇପରି ଉଚ୍ଚାରିତ ହୋଇଥିଲା :

"ହେ ମୋର ଚିତ୍ତ ପୁଣ୍ୟ ତୀର୍ଥେ
ଜାଗରେ ଧୀରେ
ଏହି ଭାରତର ମହାମାନବର
ସାଗର ତୀରେ" ।

ମହାତ୍ମାଗାନ୍ଧୀ ମହାଜାତୀୟତା ବୋଧ ପାଇଁ ସାମାଜିକ, ଅର୍ଥନୈତିକ, ରାଜନୈତିକ କ୍ଷେତ୍ରରେ ଜନ-ସାଧାରଣଙ୍କୁ ଅନୁପ୍ରାଣିତ କରିଥିଲେ, ବିଭିନ୍ନ କାର୍ଯ୍ୟକ୍ରମ ଓ ଆନ୍ଦୋଳନର ବନ୍ୟା ଏ ଦେଶରେ ପ୍ରବାହିତ କରିଥିଲେ । ସେହି ଜାତୀୟତାର ସ୍ରୋତ ଆଜି ମଧ୍ୟ ଶୁଷ୍କ ହୋଇ ନାହିଁ । କିନ୍ତୁ କେତେକ ନାଗରିକ ଲକ୍ଷ୍ୟ-ସଚେତନ ହୋଇ ନଥିବାରୁ ଓ ଅତ୍ୟନ୍ତ ସ୍ୱାର୍ଥାନ୍ଧ ହୋଇଥିବାରୁ ଜାତୀୟତା ବୋଧ ଭଳି ମହାନ୍ ଆଦର୍ଶରେ ଅନୁପ୍ରାଣିତ ହୋଇ ପାରୁନାହାନ୍ତି । ବିଖ୍ୟାତ ଆଇରିସ୍ କବି ଉଇଲିଅମ୍ ବଟଲର ୟିଟ୍‌ସଙ୍କ କଥା ମନେ ପଡ଼େ । ସେ କହିଥିଲେ, "ନିକୃଷ୍ଟ ଶ୍ରେଣୀର ଲୋକେ ନିଜର ସ୍ୱାର୍ଥ ବୁଦ୍ଧିରେ ଉଦ୍‌ବୁଦ୍ଧ ହୋଇଥିବା ବେଳେ, ଉତ୍କୃଷ୍ଟ ଶ୍ରେଣୀର ଲୋକଙ୍କର କୌଣସି ଉଚ୍ଚ ଲକ୍ଷ୍ୟ ବା ଆତ୍ମ-ବିଶ୍ୱାସ ନାହିଁ । ( The best lack conviction, while the worst are full of passionate intensity)''.

ଭାରତ ପ୍ରତି ଅନ୍ୟ ଏକ ଐତିହାସିକ ଆହ୍ୱାନ ହେଉଛି, ନବଜାଗ୍ରତ ଏସିଆ ଓ ଆଫ୍ରିକାର ଦେଶମାନଙ୍କ ମଧ୍ୟରେ ଭାରତ ନିଜକୁ ଏକ ଶକ୍ତିଶାଳୀ, ଆତ୍ମନିର୍ଭରଶୀଳ ଦେଶରୂପେ ପ୍ରତିଷ୍ଠିତ କରିବା । ଅତୀତରେ ଯେତେ ଭାବର ଆଦାନ ପ୍ରଦାନ ହେଉନା କାହିଁକି, ଚୀନ ଓ ଭାରତ ଏସିଆରେ ନିଜର ନେତୃତ୍ୱ ପାଇଁ ଉଦ୍ୟମ କରି ଆସିଛନ୍ତି । ଦକ୍ଷିଣପୂର୍ବ ଏସିଆ ହେଉଛି ଏହି ଐତିହାସିକ ପ୍ରତିଯୋଗିତାର ସାକ୍ଷ୍ୟ-ଭୂମି । ଚୀନ ବଳପ୍ରୟୋଗକରି ନିଜର ଭାଷା, ସଂସ୍କୃତି ଓ ଶାସନପ୍ରଣାଳୀ ପ୍ରଚଳନ କରିବାର ଉଦ୍ୟମ କରି ଆସିଛି । ଭାରତ ବଳପ୍ରୟୋଗ ନ କରି ନିଜର ଉତ୍କୃଷ୍ଟତର, ଉନ୍ନତତର ସଭ୍ୟତା ଓ ଜୀବନଧାରା ଦ୍ୱାରା ସେମାନଙ୍କୁ ଅନୁପ୍ରାଣିତ କରିଛି । ଏସବୁ ଦେଶର ଭାଷା, ଧର୍ମ, ଆଚାର, ବ୍ୟବହାର, କଳା, ଭାସ୍କର୍ଯ୍ୟ ସବୁଥିରେ ଭାରତର ଏହି ଐତିହାସିକ ବିଜୟ ଅଙ୍କିତ ହୋଇ ରହିଛି ।

ଭାରତର ବୈଜୟନ୍ତୀ ପତାକା ପୁଣି ଥରେ ଉଡ଼ାଇବାକୁ ହେଲେ ଟୟନବିଙ୍କ ଭାଷାରେ ଏହାର ପ୍ରଭାବଶାଳୀ ସଂଖ୍ୟାଲଘୁ ଗୋଷ୍ଠୀ ତାଙ୍କର ଐତିହାସିକ ଦାୟିତ୍ୱ ହୃଦୟଙ୍ଗମ କରିବା ଉଚିତ ।

# ମାନବିକ ମୂଲ୍ୟବୋଧ

ଶ୍ରୀ ଶତ୍ରୁଘ୍ନ ନାଥ

ମାନବିକ ମୂଲ୍ୟବୋଧକୁ ପୁନଃ ପ୍ରତିଷ୍ଠିତ କରିବା ଦିଗରେ ଆଜିର ପ୍ରୟାସ ଏକ ନିଷ୍ଫଳ ଆସ୍ଫାଳନ ପରି ମନେ ହୁଏ । "ବୁଢ଼ିଗଲ୍ଲ ଲୋକର ଗୋଡ଼ ତଳକୁ ତଳକୁ ଖସି ଗଲା" ପରି ହିଂସା, ଲୁଣ୍ଟତରାଜ, ଆକ୍ରମଣ ଓ ଅତ୍ୟାଚାର କ୍ରମେ କ୍ରମେ ସମାଜକୁ କବଳିତ କରି ପକାଇବା ରୀତିରେ ଆତ୍ମ ପ୍ରକାଶ କରୁଛି । ବିଶୃଙ୍ଖଳାର ବେଗ-ବୃଦ୍ଧି ହେଉଛି । ସମ୍ମାନ, ସଂଯମ, ଶାନ୍ତି, ମୈତ୍ରୀ ଓ ପ୍ରେମ କେବଳ ଅଭିଧାନର ପୃଷ୍ଠା ମଣ୍ଡନ କରିଛି, ବସ୍ତୁତଃ ଆମ ଆଚରଣକୁ ସେ ସବୁ ମୂଲ୍ୟ ଯେ ନିୟନ୍ତ୍ରିତ କରୁଛି, ଏ ବିଷୟରେ ଘୋର ସନ୍ଦେହ ଆସୁଛି, କାରଣ ଅନେକାଂଶରେ ଆମ ଦୈନନ୍ଦିନ ଜୀବନ ଓ ଘଟଣାବଳୀ ଏ ସବୁ ମାନଦଣ୍ଡର ବ୍ୟତିକ୍ରମ ହୋଇ ରହୁଛି । ସୌଜନ୍ୟ, ସହିଷ୍ଣୁତା, ସତ୍ୟ, ସଦ୍‌ଭାବନା, ସାଧୁତା ଓ ସହଯୋଗ କେବଳ ଶବ୍ଦ ପର୍ଯ୍ୟାୟରେ ରହି ଯାଉଛି । କାର୍ଯ୍ୟତଃ ଏ ସବୁ ସଦ୍‌ଗୁଣ ଦୁର୍ବଳତା ଓ ଅସାମର୍ଥ୍ୟର ପରିଚାୟକ ହେବାରେ ଲାଗିଛି । ଏ ସବୁର ମୌଳିକ ଅର୍ଥ ପ୍ରଶ୍ନବାଚୀ ହୋଇଯାଉଛି । ସେ ଦିନର ଦରଦାମ୍ ଆଜିର ସ୍ୱପ୍ନ ଓ କଳ୍ପନାବିଳାସ ଯେପରି ହୋଇଛି, ଏ ସବୁ ସଦ୍‌ଗୁଣ ସେ ଦିନେ ଆମ ଆଚରଣକୁ ଆଲିଙ୍ଗନ କରିଥିଲା, ଏହା ବିଶ୍ୱାସ ଯୋଗ୍ୟ ହେଉନାହିଁ । "ଅଧୀତବୋଧ ଆଚରଣ ପ୍ରଚାରଣୈଃ" ପରିବର୍ତ୍ତେ ଆଜି ବହୁ ପ୍ରଚାରକ କେବଳ ବାକ୍ୟବୀର, କିନ୍ତୁ ଆଚରଣସିଦ୍ଧ ନୁହଁନ୍ତି ଓ ହେବା ଆବଶ୍ୟକ ପଡ଼ୁ ନାହିଁ ।

ସମାଜ ପାଇଁ ଏପରି ଏକ ସମୟ ଆସୁଛି, ଯେତେବେଳେ ଯଦି ଆମେ ଏପରି ରହୁ, ମୂଲ୍ୟବୋଧର ଅବକ୍ଷୟ ସଂପୂର୍ଣ୍ଣ ହୋଇଯିବ । ନ୍ୟାୟ, ନିଷ୍ଠା, ନିୟମ ଓ ନୀତି ଦିନେ ପୂରାପୂରି ମନମାନିଆ ହାଟ ସଉଦାରେ ପରିଣତ ହେବ । ତେବେ କିଏ ଆମକୁ ମୂଲ୍ୟ ଦେବ ? ଆମ ମାନ କେଉଁଠି ରହିବ ? ଆମେ କେଉଁ ମାନଦଣ୍ଡ ଦ୍ୱାରା ପରିଗଣିତ ହେବା ? ଆମ ମର୍ଯ୍ୟାଦା ଓ ମହତ୍ତ୍ୱ ଆମେ ପାଇବା କି ? ଏହାହିଁ ମୂଲ୍ୟବୋଧ । ଏହାର ଅଭାବରେ ବା ଅବକ୍ଷୟରେ ହୁଏ ସମାଜର ସଙ୍କଟ । ଚରିତ୍ରରେ ସଙ୍କଟ । ଆମ ଆଗରେ ଆସିଯାଏ ଘଡ଼ିସନ୍ଧି ବେଳ । ସବୁ ଅନ୍ୟାୟ ଅତ୍ୟାଚାର ଓ ଅନାଚାର । ବିଶୃଙ୍ଖଳା ଓ ତେଣୁ ବିଡ଼ମ୍ବନା । ସମୃଦ୍ଧି ପରିବର୍ତ୍ତେ ଆସିଯାଏ ଅଧୋଗତି । ସଂପଦ ପରିବର୍ତ୍ତେ ବିପଦ । ବିଜୟ ପରିବର୍ତ୍ତେ ବିଲୟ । ଇଷ୍ଟ ପରିବର୍ତ୍ତେ ଅନିଷ୍ଟ । ପ୍ରକୃତରେ "ଇଷ୍ଟ" ପାଇଁ ଆମେ ପ୍ରାଣପାତ କରିପାରୁ । "ଜଗତ ଉଦ୍ଧାର" ଭୀମ ଭୋଇଙ୍କର ଥିଲା ଇଷ୍ଟ ଓ ମୂଲ୍ୟବୋଧ । ସେଥିପାଇଁ ସେ ନର୍କବାସ ପାଇଁ ପ୍ରସ୍ତୁତ ଥିଲେ । ଇଷ୍ଟ ହେଉଛି ଶ୍ରେୟ "ସର୍ବଜନ ହିତେରତା" ଆମର ଇଷ୍ଟ, ତାହାହିଁ ଅନ୍ୟତମ ମୂଲ୍ୟବୋଧ ଓ ଜୀବନ ପାଇଁ ଯାହାର ପଟାନ୍ତର ନାହିଁ ।

ଏହି ସଂସ୍କୃତିସଙ୍କଟ ବିଷୟରେ ଅନେକେ ଉଦାସୀନ । ସେମାନେ ଏହାର ଗୁରୁତ୍ୱ ଉପଲବ୍ଧି କରନ୍ତି ନାହିଁ । କଙ୍କଡ଼ାକୁ ଗୋଳିପାଣି ସୁହାଇଲା ପରି ଅନେକ ଲୋକ ଏଥିରୁ ଫାଇଦା ଉଠାଇବାକୁ ପଛାନ୍ତି ନାହିଁ । ମଜା ଦେଖନ୍ତି, ହସନ୍ତି ଓ ବେଳେ ବେଳେ ଲାଭ ମାରି ନିଅନ୍ତି । ସମାଜର ସ୍ଥିତି, ଗତି ଓ ପ୍ରଗତି ବିଷୟରେ ଚିନ୍ତା ବି କରନ୍ତି ନାହିଁ । ସେମାନେ ନିଜେ ବଞ୍ଚିଥିଲେ ସେମାନଙ୍କ ବାପର ନା ବୋଲିବୁଝି ନିଅନ୍ତି । "ଏ ଜଗତ ଜନ ହତ ହୋଇଗଲେ କାହିଁ ପ୍ରଚରିବି ମୁହିଁ" ? "ଭୀମଭୋଇଙ୍କର" ଏହି ପ୍ରଶ୍ନର ଉତ୍ତର ସେମାନଙ୍କୁ ଆସେ ନାହିଁ । ସମାଜରେ ବ୍ୟକ୍ତି ସାର୍ଥକ ଓ ବ୍ୟକ୍ତିଯୋଗୁଁ ସମାଜ ସମୃଦ୍ଧ, ଏହି ପରିପ୍ରେକ୍ଷୀରେ ନିଃସେବା, ସ୍ୱାର୍ଥତ୍ୟାଗ ସହାନୁଭୂତି ଓ ସହଯୋଗ ଏକାନ୍ତ ଶ୍ରେୟ ହୋଇପଡ଼େ । ବ୍ୟଥାନୁଭୂତି, ପରଦୁଃଖକାତରତା, ଭାତୃତ୍ୱ, ପ୍ରେମ ଆଦି ମୂଲ୍ୟ ଜୀବନକୁ ମହନୀୟ କରେ । ମନୁଷ୍ୟର ମର୍ଯ୍ୟାଦା ମନୁଷ୍ୟ ଲାଭ କରେ ।

ମୂଲ୍ୟବୋଧର କ୍ଷୟଷ୍ଣୁ ଅବନତି ଓ ଅଧୋଗତିରେ ଅନେକ ଲୋକ ଅଧୀର ହୋଇ ପଡ଼ନ୍ତି । କ୍ଷୟ, ଧ୍ୱଂସ ଓ ମୃତ୍ୟୁ ଯେ ଆସନ୍ନ ଏଥିରେ ସେମାନେ ଆକୁଳ ଓ ବିକଳ ହୁଅନ୍ତି । ମାତ୍ର କର୍ତ୍ତବ୍ୟ କରିପାରନ୍ତି ନାହିଁ । ଅତି ଦ୍ରୁତଗତିରେ ନିଆଁରେ ପୋଡ଼ି ପାଉଁଶ ହେଉଥିବା ଘରକୁ ଦେଖି ନିଷ୍କ୍ରିୟ ସାକ୍ଷୀ ହେବାର ଅବସ୍ଥା ସଙ୍ଗେ ଏହା ସମାନ । ଏମାନଙ୍କ ମଧ୍ୟରୁ ଅନେକ ଲୋକ ମଧ୍ୟ ପାଣିରେ ବୁଡ଼ିଯାଉଥିବା ଲୋକକୁ ଦେଖି ଅନ୍ୟମାନଙ୍କୁ "ଉଠାଅ, ଉଠାଅ" ବୋଲି ଉଦ୍‌ବୋଧନ ଦେବାର ଦେଖା ଯାଇଥାଏ । କର୍ତ୍ତବ୍ୟ ନିଷ୍ଠାର ମୂଲ୍ୟବୋଧ ଦ୍ୱାରା ଅନୁପ୍ରାଣିତ ହୋଇ ସ୍ୱକର୍ତ୍ତବ୍ୟ ଯଥା ସମୟରେ ସାଧନ କରିବାର ଦେଖାଯାଏ ନାହିଁ । ଆହୁରି ଅନ୍ୟ ଏକ ଶ୍ରେଣୀର ଲୋକ ଅଛନ୍ତି, ଯେଉଁମାନେ କେବଳ ଅଶ୍ରୁତ୍ୟାଗ କରନ୍ତି । ସେମାନଙ୍କ ଅଶ୍ରୁବିସର୍ଜନ କୁମ୍ଭୀର-

କାହଣୀ ସଙ୍ଗେ ସମାନ । ସେଥିରେ ଆନ୍ତରିକତା ନ ଥାଏ । ବାହାରକୁ ସମାଜ ସେବାରେ ଧ୍ୱଜା ଉଡ଼ାଇ ଦେଖାଣିଆ ସମାଜ ସେବକର ଭୂମିକା ସେମାନେ ଗ୍ରହଣ କରନ୍ତି । ସେବାର ମହତ୍ ଓ ଆନନ୍ଦ କେବଳ ସେବକଙ୍କର ଅନୁଭବ, ଅନ୍ୟର ନୁହେଁ । ସେଥିପାଇଁ ଢୋଲ ବାଡ଼େଇବା, ପ୍ରାଚୀର ପତ୍ର ମାରିବା ଓ ସ୍ୱୀକୃତି ଖୋଜିବା ନ ଥାଏ । ତେଣୁ ଏପରି କୃତ୍ରିମ ଦୟାନୁଭୂତି ଦ୍ୱାରା ଅଧୋଗତି ପରିବର୍ତ୍ତେ ଊର୍ଦ୍ଧ୍ୱଗତି ହେବାର ଆଶା କରାଯାଏ ନାହିଁ । ବରଂ ଅବନତିର ବେଗ କ୍ଷିପ୍ରତର ହୋଇପଡ଼େ ।

ତେବେ, ବର୍ତ୍ତମାନ ବିସ୍ତୃତ ହେଉଥିବା ଏହି ଅଧୋଗତିର କାରଣ କଅଣ ? ସାମାଜିକ ସମସ୍ୟାର ଗୋଟିଏ ନିର୍ଦ୍ଦିଷ୍ଟ କାରଣକୁ ଚିହ୍ନଟ କରିବା ସମ୍ଭବ ନୁହେଁ । ଏହା ଏକ ଜଟିଳ ପ୍ରକ୍ରିୟା ଓ ଏଥିପାଇଁ ଏକାଧିକ ପରିସ୍ଥିତି ବା ଉପାଦାନ ଇନ୍ଧନ ଯୋଗାଇଥାଏ । ପୁଣି ସେଥିରେ କାର୍ଯ୍ୟ ଓ କାରଣ କୁଟିଳ ଚକ୍ରରେ କାର୍ଯ୍ୟ କରେ । ଏହା ଅବଶ୍ୟ ଅଧ୍ୟୟନର କଥା ହେଲେହେଁ ସାଧାରଣତଃ ଅନୁଭବ କରାଯାଏ ଯେ ଆମ ଗ୍ରାମ୍ୟ ଜୀବନ ଏଯାଏଁ ଆଲୋଚ୍ୟ ଅମୂଲ୍ୟ ମୂଲ୍ୟବୋଧର ଗନ୍ତାଘର ହୋଇ ରହିଛି । କିନ୍ତୁ ଏ ପ୍ରସଙ୍ଗକ୍ରମେ କୁହାଯାଏ ଯେ ଦରିଦ୍ର ଗ୍ରାମ୍ୟ ଜୀବନରୁ ସହରକୁ ଯିନା ରପ୍ତାନୀ କରାଯାଏ ଏଥିସହିତ ଆମଦାନୀ ମଧ୍ୟ ହଉଛି ଓ ସେ ଆମଦାନୀ ହେଉଛି ସହରାଞ୍ଚଳର ଦୁଃସ୍ଥିତି । ଚରିତ୍ରହୀନତା, କଦାଚାର, ସ୍ୱେଚ୍ଛାଚାର, ନୀତିହୀନତା ଆଦି ଆବର୍ଜନା ଗ୍ରାମ୍ୟଜୀବନରେ ଅନୁପ୍ରବେଶ କରେ । ଅର୍ଥନୈତିକ ଯୋଜନାର ଧ୍ୟାନ ସହରାଞ୍ଚଳ ଉପରେ ଅଧିକରୁ ଅଧିକ ଢାଳି ହେଉଥିଲେ ହେଁ ସମୁଚିତ ଓ ସ୍ୱକୀୟ ଆଦର୍ଶର ଅଭାବ ହେତୁରୁ ସହରସବୁ ବିଦେଶାଗତ ପୋଚରାରେ ଭର୍ତ୍ତି ହୋଇଯାଏ । କାରଣ ହେଉଛି ଅନ୍ଧାନୁକରଣ । "ଜ୍ଞାନ କିପରି" ( Know how ) କୁ ଛାଡ଼ିହୁଡ଼ି ଆମେ ଆଣୁନାହିଁ । "ଜ୍ଞାନ କାହିଁକି" ( Know why ) ଓ "ଜ୍ଞାନ କାହାର" ( Know who ) ସଙ୍ଗେ ମିଶାଇ ପାରୁନାହିଁ । ସହରୀକରଣ ନାମରେ ଏହାହୁଏ ଏକ ଅଖାଦ୍ୟ ଖିଚିଡ଼ି । ଫଳରେ ପରିବାର ଭାଙ୍ଗିପଡ଼େ, ସମ୍ପର୍କ ନିର୍ବୈକ୍ତିକ ହୋଇଯାଏ ଓ ଜୀବନ ନିଃସଙ୍ଗ ହୁଏ । ଆଧୁନିକୀକରଣର ମଖାଇ ଆଡ଼କୁ ଆକୃଷ୍ଟ ହୋଇ ଆମ ମୂଲ୍ୟଗୁଡ଼ିକ କଳିପୋଡ଼ି ପାଉଁଶ ହୋଇଯାଏ । ବସ୍ତୁତଃ ଆଧୁନିକୀକରଣ ଏକ ସଫଳ ସୋପାନରେ ଆଗେଇ ଚାଲିବା ପାଇଁ ଏହା ଆମ ଆଧ୍ୟାତ୍ମିକ ଓ ସାମାଜିକ ମୂଲ୍ୟବୋଧରୁ ଶକ୍ତି ଗ୍ରହଣ କରିବା ଉଚିତ । ଏହା 'ବଦଳରେ ଆମେ ପଇସା-ସର୍ବସ୍ୱ ହୋଇପଡୁଛୁ । ତଦ୍ୱାରା ଆମ ଶିକ୍ଷା, ସଂସ୍କୃତି, ସମ୍ପର୍କ ଓ ସର୍ବବିଧ ଯୋଜନା ଏକ ପ୍ରହସନରେ ପରିଣତ ହେଉଅଛି । ଆମ ଧର୍ମ ଓ ଧର୍ମାଚାର ଏଥିରୁ ବାଦ ପଡୁନାହିଁ । ନିଷ୍କାମ ଧର୍ମ ଓ ନିଷ୍କାମ କର୍ମର ପରଂପରା ଦୁର୍ବଳ ହୋଇପଡୁଛି । ହୋଟେଲ ଖିଆ, ସିନେମା-ଦେଖା ଓ ବାରବୁଲା ଇତ୍ୟାଦି ସହିତ ଅନୁଷଙ୍ଗିକ ଆଚାର ଓ ବିଚାର ଆମକୁ ନିଃସ୍ୱ କରି ପକାଉଛି । ଆଦର୍ଶ କାହିଁର ଉତ୍ତର ମାତ୍ର ଅଭିଧାନରେ, ଜୀବନରେ କ୍ୱଚିତ୍ । ତଳିପାରୁ ତାକୁ ପର୍ଯ୍ୟନ୍ତ ସମାଜର ସର୍ବତ୍ର 'ତେନ ତ୍ୟକ୍ତେନ ଭୁଞ୍ଜିଥା'ର ଅନୁସରଣ ନାହିଁ । ଅଛି ଭୋଗ, ବିଳାସ, ଆସକ୍ତି, ପ୍ରବୃତ୍ତି, କାମନା ଓ ଲାଳସା । ପ୍ରବୃତ୍ତି ନିବୃତ୍ତି ମଧ୍ୟରୁ କେଉଁଟିକୁ ବରଣ କରିବା ଏହି ଶିକ୍ଷା ନାହିଁ, ଲାଳନପାଳନର ଗୁରୁତ୍ୱ ନାହିଁ କିମ୍ବା ଅନୁସୃତ ଆଦର୍ଶ ନାହିଁ । ଯେଉଁମାନେ ଆଦର୍ଶର ଅଧିକାରୀ ହେବାକୁ ଶପଥ ନିଅନ୍ତି ସେମାନଙ୍କ ହୃଦୟରେ ଆଦର୍ଶ ଓ ଆତ୍ମଚରିତ୍ରର ଅଭ୍ୟାସ ନଥାଏ କିମ୍ବା ତାହା ଜାଗ୍ରତ ନଥାଏ । ବରଂ ସେମାନେ ଅନ୍ତରରେ କଦାଚାର, ବ୍ୟଭିଚାର, ଜଟିଳତା ଓ କଳଙ୍କ ଢାଙ୍କୁଣି ଦେଇ ସାଇତି ରଖନ୍ତି ଓ ଲୋକ ଦେଖାଣିଆକୁ ସଦାଚାର, ଚରିତ୍ରନିଷ୍ଠା, ସୌନ୍ଦର୍ଯ୍ୟ ଓ ପବିତ୍ରତାର ବେଶ ପକାଇ ସଭାକୁ ବାହାରି ପଡ଼ନ୍ତି ଓ ତେଲା ସମଗ୍ର ବ୍ୟବହାର-ରେ ଯାତ୍ରା କରନ୍ତି । କ୍ଷମତାର କଳା ଥିବା ପର୍ଯ୍ୟନ୍ତ ସେମାନଙ୍କୁ ହାତବାରିସି କରିଥାନ୍ତି । ଯେପରି ସ୍ଥଳରେ ମୂଲ୍ୟବୋଧର ମୂଳରେ କୁଠାରାଘାତ କରାଯାଏ । ଏହି ଜଟିଳ ପରିସ୍ଥିତିର ଅନ୍ୟ ଏକ ଦିଗ ହୋଇଛି ସାମାଜିକ ପରିବର୍ତ୍ତନ । ସମାଜର ପରିବର୍ତ୍ତନ ଏକ ସ୍ୱାଭାବିକ ପ୍ରକ୍ରିୟା । ବିଶେଷକରି ଏକ ପରାଧୀନ ସମାଜ ଅହିଂସା ବିପ୍ଳବ ଦ୍ୱାରା ଶୃଙ୍ଖଳ ମୁକ୍ତ ହେବା ଫଳରେ ଏହାର ଆଶା, ଆକାଂକ୍ଷା ଓ ଅଭିଳାଷର ବିସ୍ଫୋରଣ ଘଟିଛି । ଏଥିରେ ମୂଲ୍ୟବୋଧ ଦଳାଚକଟା ହୋଇ ଚୂରମାର ହେଉଛି । ସାମାଜିକ ସମ୍ଭାବନାର ସମ୍ପୂର୍ଣ୍ଣ ଅଭିବ୍ୟକ୍ତି ପାଇଁ ବିଜ୍ଞାନ ଓ କାରିଗରୀ ବିଦ୍ୟାର ବ୍ୟବହାର ଅନିବାର୍ଯ୍ୟ ହୋଇପଡ଼ିଛି । ଏହାଦ୍ୱାରା କେତେକ ତଥାକଥିତ ମୂଲ୍ୟବୋଧ ଅପ୍ରାସଙ୍ଗିକ ଓ ଅଚଳନ୍ତି ହେଉଛି । ଏସବୁକୁ ଆମେ ଛାଡିପାରୁନାହିଁ । ପକ୍ଷାନ୍ତରରେ ଜଡ଼ବାଦର ଜଡ଼ତା ହେତୁ ଆମ ଚିରନ୍ତନ ମୂଲ୍ୟବୋଧ ଗୁଡ଼ିକ କ୍ରମେ ଶକ୍ତିହୀନ ହୋଇ ପଡୁଛି । ପୁନଶ୍ଚ ବୈଜ୍ଞାନିକ ମାନବବାଦ ( Scientific humanism ) ଆଦି ମୂଲ୍ୟବୋଧ ଆମ ସମାଜରେ ଚେର ଭିଡି ପାରୁନାହିଁ ।

ଏହି ବିଶ୍ଳେଷଣକୁ ସୁବିସ୍ତୃତ କରାଯାଇ ପାରେ । ମାତ୍ର ଏହି ସଂକ୍ଷିପ୍ତ ଆଲୋଚନା ଓ ଆମମାନଙ୍କ ଦୈନନ୍ଦିନ ଅନୁଭବରୁ ଏହା ନିଶ୍ଚିତ ହୁଏ ଯେ ଏହା ଆମ ଜୀବନ ସଙ୍କଟ । ଜୀବନ ମୃତ୍ୟୁର ସମସ୍ୟା । ବିକାଶ-ବିନାଶର ପ୍ରଶ୍ନ । ତେଣୁ ତୁରନ୍ତ ପଦକ୍ଷେପ ନେବାକୁ ପଡ଼ିବ । ଏହା ସମଗ୍ର ଓ ସର୍ବବ୍ୟାପକ ହେବା ଉଚିତ । ଜୀବନ-ବିକାଶ-ଯୋଜନା ହେବା ଦରକାର ଓ ଏସବୁ ମୂଲ୍ୟବୋଧ ଆଧାରିତ ହେବା ଉଚିତ । ତେଣୁ ଏହା ହେବ "ଭାରତରେ ମାନବୀୟ ବିକାଶ" ଜୀବନର ବିଭିନ୍ନ ବିଭବରେ ଓ ଗଠନମୂଳକ କାର୍ଯ୍ୟକ୍ରମରେ ମାନବଜୀବନର ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ସବୁ ପର୍ଯ୍ୟାୟକୁ ମୂଲ୍ୟବୋଧ ଭିତ୍ତିକ କରାଯିବା ଉଚିତ । ସାଂସାରିକ ପ୍ରଗତି ସହିତ ଆଧ୍ୟାତ୍ମିକ ପ୍ରଗତିର ସମନ୍ୱୟ କରାଇବାକୁ ପଡ଼ିବ । ଏହି ଦୁଇ ମଧ୍ୟରେ ଦିନକୁ ଦିନ ବୃଦ୍ଧି ପାଉଥିବା ବ୍ୟବଧାନ ଆମ ଚରିତ୍ର ସଙ୍କଟର ଅନ୍ୟତମ କାରଣ । ତେଣୁ ବ୍ୟବଧାନ ପରିବର୍ତ୍ତେ ସଂଯୋଗ ସୃଷ୍ଟି କରିବାକୁ ହେବ । ଆମ ଯୋଜନା-ରେ ବ୍ୟୟବରାଦ କରୁଛୁ । ବ୍ୟୟର ଅଟକଳକୁ ବ୍ୟୟରେ ଦେଖାଇବା ଆମର ଲକ୍ଷ୍ୟ ହେଉଛି । କର୍ମନିଯୁକ୍ତିର ସଂଖ୍ୟା ସ୍ଥିର କରୁଛୁ । କାର୍ଯ୍ୟଦିବସର ସୃଷ୍ଟିକୁ ଆଖି ଆଗରେ ରଖୁଛୁ । କିନ୍ତୁ ମାନବିକ ଓ ଗଣତାନ୍ତ୍ରିକ ମୂଲ୍ୟବୋଧର ବିକାଶ ଓ ପ୍ରତିଷ୍ଠା କାହିଁ ? ଜୀବନରେ ଆଚରଣ ନିଷ୍ଠା ସୃଷ୍ଟି କରାଯାଉଛି କି ? ଚିରନ୍ତନ ମୂଲ୍ୟବୋଧକୁ ଅଧୁନା ତଥା

ଭବିଷ୍ୟତର ଆବଶ୍ୟକତାରେ ଶାଣିତ କରିପାରିବୁଁ କି ? ସ୍ୱାମୀ ବିବେକାନନ୍ଦଙ୍କ ମର୍ମସ୍ପର୍ଶୀ ଉଦ୍‌ବୋଧନ ହିଁ ଏସବୁ ପ୍ରଶ୍ନର ଉତ୍ତର, "ନୂତନ ଭାରତ ଜାଗିଉଠୁ ।" ଲଙ୍ଗଳ ଧରି ଚଷାର କୁଟୀର ଭେଦକରି, କେଉଟ, ମାଛି, ମୋଚି, ମେହେନ୍ତରର କୁଡ଼ିଆ ମଧ୍ୟରୁ........ତେଜରାତି ଦୋକାନରୁ ଚେନାଚୁର ବାଲାର ଚୁଲି ପାଖରୁ........, କାରଖାନାରୁ ହାଟରୁ, ବଜାରରୁ........ଝାଡ଼, ଜଙ୍ଗଲ, ପାହାଡ଼, ପର୍ବତରୁ ଜାଗିଉଠୁ ।" ଏଥିରୁ ପରିବାର, ପାଠଶାଳା, ଜନପଦ, ପ୍ରାନ୍ତର, ସାମାଜିକ ସମ୍ପର୍କ ଆଦି ବାଦ ପଡ଼ିବ ନାହିଁ । ବରଂ ମୂଲ୍ୟବୋଧର ପୁନଃ ପ୍ରତିଷ୍ଠା ଦିଗରେ ଏସବୁର ମୌଳିକ ଓ ମର୍ଯ୍ୟାଦାପୂର୍ଣ୍ଣ ଭୂମିକା ରହିଛି । ଯେଉଁଠି ଜୀବନ ଖେଳୁଛି, ସେଠି ମୂଲ୍ୟବୋଧର ଜ୍ୟୋତି ପ୍ରକାଶିତ ହେବା ଉଚିତ ।

ପ୍ରକୃତତଃ ଆନୁଷ୍ଠାନିକ ଓ ଅଣଆନୁଷ୍ଠାନିକ କରି ସର୍ବବିଧ ଶିକ୍ଷାର ଗଣ୍ଠି ମୂଲ୍ୟବୋଧର ମାନକୁ ଜ୍ୟୋତିରୂପେ ଗ୍ରହଣ କରିବା ଉଚିତ । ଆନୁଷ୍ଠାନିକ ଶିକ୍ଷାର ବିଶେଷ ଦାୟିତ୍ୱ ଅଛି । ସବୁ ସ୍ତରର ଶିକ୍ଷା ଏଥିପାଇଁ ସମ୍ମିଳିତ ସ୍ୱର ଉଚ୍ଚୋରଣ କରିବା ଉଚିତ । ଉଦ୍ଦେଶ୍ୟ, ଉପାୟ, ପାଠ୍ୟତାଲିକା, ପାଠ୍ୟପୁସ୍ତକ ଓ ପରୀକ୍ଷା ପଦ୍ଧତି—ଏହି ସବୁରେ ମୂଲ୍ୟବୋଧର ସୁରକ୍ଷା ଓ ଅଭିବୃଦ୍ଧି ପ୍ରତିଫଳିତ ହେବା ଆବଶ୍ୟକ । ସମାଜ ଓ ବ୍ୟକ୍ତିର ପ୍ରାଣକେନ୍ଦ୍ର ହେବ ମାନବିକ ମୂଲ୍ୟବୋଧ । ନୈତିକ ଅଧୋଗତିରୁ ଦେଶ ଓ ବ୍ୟକ୍ତିକୁ ରକ୍ଷାକରି ଉଭୟର ନୈତିକ ମାନକୁ ଉଚ୍ଚରୁ ଉଚ୍ଚତର କରିବା ଶିକ୍ଷାର ଲକ୍ଷ୍ୟ ହେବା ଉଚିତ । ମାନବିକ ମୂଲ୍ୟବୋଧ ଅଭିମୁଖୀ ବ୍ୟକ୍ତିତ୍ୱର ଗଠନ ଓ ଏହା ଉପରେ ଆଧାରିତ ସମାଜର ରଚନା ହେବ ଶିକ୍ଷାର ଉଦ୍ଦେଶ୍ୟ । ଏଠାରେ ଏତିକି ସ୍ମରଣ କରିବା କଥା ଯେ ଶିକ୍ଷାୟତନ ସହିତ ସମାଜର ଅନ୍ୟାନ୍ୟ ଅନୁଷ୍ଠାନ ଓ କାର୍ଯ୍ୟକ୍ରମ ଏହି ଜଟିଳ ସମସ୍ୟାର ସମାଧାନ ପାଇଁ ସହଯୋଗ କରିବା ଉଚିତ । ସମାଜର ରଚନା ଦିଗରେ କ୍ଷମତାର ଭିତ୍ତିକୁ ପରିତ୍ୟାଗ ଲୋକଶକ୍ତିର ବିକାଶ ଦିଗରେ ଧ୍ୟାନ ରହିବା ଦରକାର ।


ଯେ କୌଣସି ସ୍ତରରେ ହେଉ ପଛକେ, ଉଦାହରଣ ସଦ୍‌ଗୁଣର ପ୍ରସାର ଦିଗରେ ଏକାନ୍ତ ଆବଶ୍ୟକ । ଆଦର୍ଶ ପାଇଁ ହାହାକାର ନକରି ଏହା ମୂର୍ତ୍ତିମନ୍ତ ହେବ । ମୂଲ୍ୟବୋଧ ଭିତ୍ତିକ କାର୍ଯ୍ୟକ୍ରମରେ ଅଭିଜ୍ଞତା ଅର୍ଜନ କରିବା ପାଇଁ ସୁଯୋଗ ମିଳିବା ଉଚିତ । ସମସ୍ତେ ସେଥିରେ ଯେପରି ଅଂଶ ଗ୍ରହଣ କରିପାରିବେ ସେଥିପାଇଁ ବ୍ୟବସ୍ଥା ରହିବ । ମହାପୁରୁଷମାନଙ୍କ ଜୀବନୀରୁ ଓ ଆଚରଣ ନିଷ୍ଠ ବ୍ୟକ୍ତିମାନଙ୍କଠାରୁ ସୂଚନା ମିଳିବା ଉଚିତ । ଆବଶ୍ୟକ ଜଳବାୟୁ ଏ ଦିଗରେ ସୃଷ୍ଟି କରାଯିବ ।

ଏହି ସମସ୍ୟାର ଗୁରୁତ୍ୱ ଦୃଷ୍ଟିରୁ ପ୍ରତ୍ୟେକ ବ୍ୟକ୍ତି ଓ ଅନୁଷ୍ଠାନ ସ୍ୱ ସ୍ୱ କର୍ତ୍ତବ୍ୟ ସ୍ଥିର କରିବା ଉଚିତ । ଚରିତ୍ର ନିର୍ମାଣ ଓ ମାନବିକ ମୂଲ୍ୟବୋଧ ପରସ୍ପର ସଂପୃକ୍ତ । ଏହାର ଉପଲବ୍ଧି ପାଇଁ ପ୍ରତ୍ୟେକ ମନୁଷ୍ୟକୁ ନିଜ ଆତ୍ମାନୁଶୀଳନ ପାଇଁ ସୁଯୋଗ ଦେବା ଉଚିତ । ତଦନୁସାରେ ତା'ର ବିକାଶ କରାଯିବା ଆବଶ୍ୟକ । ସେଥିରେ ହସ୍ତକ୍ଷେପ କରିବା ଅନୁଚିତ ।



ଇଦ୍ ମୁବାରକରେ ମୁଖ୍ୟମନ୍ତ୍ରୀ

# "ଲକ୍ଷେ ଟଙ୍କା ରୋଜଗାର କରିବା ପାଇଁ ମୋର ଧାରଣା ଥିଲା ବ୍ୟବସାୟ ଛଡ଼ା ପଥ ନାହିଁ । ଏପରି ସମୟରେ ହାତକୁ ଆସିଲା ଇଉକୋପ୍ଲାନ"



**ଇଉକୋପ୍ଲାନ**
ଜମା ଟଙ୍କାକୁ ଅନେକ ଗୁଣ ବଢ଼ାଇ
ଉଠାଇବାର ଏକ ଅଭିନବ
ପରିକଳ୍ପନା । ଆପଣଙ୍କ ଏଭଳି
ସୁଯୋଗ କେବେ ଆସି ନାହିଁ ।

ଅଶ୍ରଦ୍ଧା ଅଳ୍ପ ମଧ୍ୟରେ ଲକ୍ଷେ ଟଙ୍କା ରୋଜଗାର କରିବା ଏକ ସ୍ୱପ୍ନ ଭଳି ଥିଲା । କିନ୍ତୁ ବର୍ତ୍ତମାନ କଥାଟା ଅନ୍ୟପ୍ରକାର । ଏହାର ମୂଳ କାରଣ ହେଉଛି ଇଉକୋପ୍ଲାନର । ଏହା ମୂଲ୍ୟରେ ଦୁଇ-ପର୍ଯ୍ୟାୟର ଏହି ଯୋଜନାର ଅର୍ଥିକ ପରାମର୍ଶ ଯୋଗୁଁହିଁ ଆଜି ମୁଁ ମୋର ଅଶ୍ରଦ୍ଧା ଅଳ୍ପ ମଧ୍ୟରୁ ହିଁ ଲକ୍ଷେ ଟଙ୍କା ରୋଜଗାର କରିବାର ସ୍ୱପ୍ନ ଦେଖି ପାରୁଛି ।

## ୧ମ ପର୍ଯ୍ୟାୟ

ମୁଁ ୟୁକୋବ୍ୟାଙ୍କର ଟର୍ମ ଡିପୋଜିଟରେ ମାସକୁ ମାସ ୧୩୫ ଟଙ୍କା ହିସାବରେ ୧୨୦ ମାସ ଜମାଇଲି । ମିଆଦ ଶେଷରେ ମୋର ପ୍ରାପ୍ୟ ହେଲା :

ଜମା : ୧୬,୨୦୦ ଟଙ୍କା

ମିଆଦ ଶେଷରେ ପାଇବି : ୨୭,୭୬୧.୯୫ ଟଙ୍କା

## ୨ୟ ପର୍ଯ୍ୟାୟ

ଇଉକୋପ୍ଲାନ ଅନୁଯାୟୀ ଏହି ୨୭,୬୦୦ ଟଙ୍କାକୁ ଆଉ ଗୋଟିଏ ଟର୍ମ ଡିପୋଜିଟରେ ୧୨୦ ମାସ ପାଇଁ ରଖିଲି । ଏହା ସାଙ୍ଗକୁ ଆଉ ଉକ୍ତ ମାସରୁ ମାସ ୧୩୫ ଟଙ୍କା ହିସାବରେ ଆଉରି ୧୨୦ ମାସ ଜମା କଲି ।

ମାସକୁ ସାମାନ୍ୟ ୧୩୫ ଟଙ୍କା ଏହି ସମୟ ଭିତରେ କେତେ ଟଙ୍କାର ଆକାର ଧାରଣ କରୁଛି ଦେଖନ୍ତୁ :

ଜମା : ୧୬,୨୦୦ ଟଙ୍କା — ୧ମ ପର୍ଯ୍ୟାୟ

ମିଆଦ ଶେଷରେ ପାଇବ : ୨୭,୭୬୧.୯୫ ଟଙ୍କା

ଜମା : ୨୭,୬୦୦ ଟଙ୍କା — ୨ୟ ପର୍ଯ୍ୟାୟ

ମିଆଦ ଶେଷରେ ପାଇବ : ୭୪,୩୭୮.୩୫ ଟଙ୍କା

ଏ ଦୁଇରୁ ମିଶାଇ ମୋର ମୋଟ ଆୟ ଲକ୍ଷେ ଟଙ୍କାରୁ ବେଶି : ୧,୦୨,୧୪୦.୩୦ ଟଙ୍କା ।

ଏହା ତାହାର ଏକ ଉଦାହରଣ ମାତ୍ର । ଆପଣଙ୍କର ଉଦ୍ଦେଶ୍ୟର ପରିମାଣ ଯାହା ହେଉ ନା କାହିଁକି, ତାହାକୁ ସର୍ବାଧିକ ଲାଭଜନକ କରିବା ପାଇଁ ଇଉକୋପ୍ଲାନଟିଏ ଅଛି । ତେଣୁ ଆଜିହିଁ ଆପଣଙ୍କ ନିକଟସ୍ଥ ୟୁକୋବ୍ୟାଙ୍କର ଶାଖାକୁ ଆସି ସବିଶେଷ ବିବରଣ ପଚାରି ବୁଝନ୍ତୁ ।

ଗ୍ରାହକମାନଙ୍କର ନିକଟ ଓ ଅନୁଯାୟୀ ସୁଧର ହାର ପରିବର୍ତ୍ତିତ ହୋଇପାରେ ।

**ୟୁନାଇଟେଡ କମର୍ସିଆଲ ବ୍ୟାଙ୍କ**

TCAS-94/91 R ORI

# ଭାରତର ନୂତନ ରାଷ୍ଟ୍ରପତି

# ଜ୍ଞାନୀ ଜୈଲ ସିଂହ



ଫଟୋ: "ସ୍ୱର୍ଗ" ସୌଜନ୍ୟରୁ

**ଶ୍ରୀ ବଚ୍ଚାନନ୍ଦ କର**

ଜ୍ଞାନୀ ଜୈଲ ସିଂହ ନୂଆ ରାଷ୍ଟ୍ରପତି ରୂପେ ନିର୍ବାଚିତ ହୋଇ ସ୍ୱପଦବୀରେ ଅଧିଷ୍ଠିତ ହୋଇଛନ୍ତି । ସେ ହେଲେ ଭାରତର ସପ୍ତମ ରାଷ୍ଟ୍ରପତି । ଏକ ସ୍ୱାଧୀନ ସାର୍ବଭୌମ ଗଣତନ୍ତ୍ର ରାଷ୍ଟ୍ର ଭାରତରେ ରାଷ୍ଟ୍ରପତି ହେଉଛନ୍ତି ଶାସନର ସର୍ବୋଚ୍ଚ ବ୍ୟକ୍ତି । ସେ ସାଂବିଧାନିକ ମୁଖ୍ୟ । ରାଷ୍ଟ୍ରପତି ଆସନ ସର୍ବାଧିକ ସମ୍ମାନଜନକ ଓ ମର୍ଯ୍ୟାଦାପୂର୍ଣ୍ଣ ଆସନ । ଏଭଳି ଆସନରେ ଆସୀନ ଜ୍ଞାନୀ ଜୈଲ ସିଂହ । ସେ ବିପୁଳ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି ।

୬୬ ବର୍ଷ ବୟସ୍କ ବିଶିଷ୍ଟ ରାଜନୀତିଜ୍ଞ ଓ ସ୍ୱାଧୀନତା-ସଂଗ୍ରାମୀ ଶ୍ରୀ ଜୈଲ ସିଂହ କଂଗ୍ରେସ (ଇ) ର ପ୍ରାର୍ଥୀ ଥିଲେ ଏବଂ ମିଳିତ ବିରୋଧୀ ଦଳର ପ୍ରାର୍ଥୀ ଜଷ୍ଟିସ୍ ହଂସରାଜ ଖାନ୍ନାଙ୍କ ସହିତ ତାଙ୍କର ସିଧା ସଳଖ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ଶ୍ରୀ ସିଂହ ଜଷ୍ଟିସ୍ ଖାନ୍ନାଙ୍କଠାରୁ ୪ ଲକ୍ଷ ୭୧ ହଜାରରୁ ଊର୍ଦ୍ଧ୍ୱ ମୂଲ୍ୟର ଅଧିକ ଭୋଟରେ ବିଜୟୀ ହୋଇଛନ୍ତି । ଶ୍ରୀ ସିଂହ ୭,୫୪,୧୧୩ ମୂଲ୍ୟର ଭୋଟ ପାଇଥିଲାବେଳେ ଜଷ୍ଟିସ୍ ଖାନ୍ନା ୨,୮୨,୬୮୫ ମୂଲ୍ୟର ଭୋଟ ପାଇଛନ୍ତି । ପାର୍ଲାମେଣ୍ଟରେ ଏବଂ ରାଜ୍ୟ ବିଧାନସଭାମାନଙ୍କରେ କଂଗ୍ରେସ (ଇ) ର ସଦସ୍ୟ ସଂଖ୍ୟା ଅନୁପାତରେ ଶ୍ରୀ ସିଂହ ଯେତିକି ଭୋଟ ପାଇବେ ବୋଲି ଆଶା କରାଯାଉଥିଲା, ତା'ଠାରୁ ଯଥେଷ୍ଟ ଅଧିକ ଭୋଟ ସେ ପାଇଛନ୍ତି । କେବଳ ମିଳିତ ବାମପନ୍ଥୀ ସରକାର ଥିବା ପଶ୍ଚିମବଙ୍ଗ ଓ ତ୍ରିପୁରାରୁ ବିରୋଧୀ ପ୍ରାର୍ଥୀ ଜଷ୍ଟିସ୍ ଖାନ୍ନା ଅଧିକ ଭୋଟ ପାଇପାରିଛନ୍ତି । ତା'ନହେଲେ, ଅନ୍ୟ ସମସ୍ତ ରାଜ୍ୟରୁ ଶ୍ରୀ ସିଂହଙ୍କ ସପକ୍ଷରେ ସଂଖ୍ୟାଧିକ ଭୋଟ ମିଳିଛି । ଆନ୍ଧ୍ରପ୍ରଦେଶ, ବିହାର, ଓଡ଼ିଶା, କର୍ଣ୍ଣାଟକ, ଗୁଜୁରାଟ, ରାଜସ୍ଥାନ, ହରିଆନା, ପଞ୍ଜାବ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶରେ କଂଗ୍ରେସ (ଇ) ଦଳର ସଦସ୍ୟମାନଙ୍କ ସାଙ୍ଗକୁ ଅନ୍ୟ ବିରୋଧୀଦଳର ସଦସ୍ୟମାନେ ମଧ୍ୟ କଂଗ୍ରେସ (ଇ) ପ୍ରାର୍ଥୀ ଜୈଲ ସିଂହଙ୍କୁ ସମର୍ଥନ ଦେଇଛନ୍ତି । ଓଡ଼ିଶା ବିଧାନସଭାରେ ୧୪୭ ଜଣ ସଦସ୍ୟଙ୍କ ମଧ୍ୟରୁ କଂଗ୍ରେସ (ଇ) ସଦସ୍ୟଙ୍କ ସଂଖ୍ୟା ବାଚସ୍ପତିଙ୍କୁ ମିଶାଇ ୧୨୩ ହୋଇଥିଲାବେଳେ ଶ୍ରୀ ସିଂହ ଏଠାରେ ୧୩୦ ଜଣଙ୍କର ଭୋଟ ପାଇଛନ୍ତି । ଅର୍ଥାତ୍ ବିରୋଧୀଦଳର ସଦସ୍ୟ ମଧ୍ୟ ଶ୍ରୀ ସିଂହଙ୍କୁ ସମର୍ଥନ ଦେଇଛନ୍ତି । ରାଷ୍ଟ୍ରପତି ନିର୍ବାଚନରେ କଂଗ୍ରେସ (ଇ) ର କିଛି ଭୋଟ ପାଇବେ ବୋଲି ବିରୋଧୀ ଦଳମାନେ ନିର୍ବାଚନ ପୂର୍ବରୁ ଆଶା କରିଥିଲାବେଳେ ନିର୍ବାଚନ ଫଳ ବିପରୀତ ଘଟିବା ନିଶ୍ଚିତ ଭାବେ ଉଲ୍ଲେଖନୀୟ ଘଟଣା ।

ବିଭିନ୍ନ ବିରୋଧୀଦଳର ବିଧାୟକମାନେ ଶ୍ରୀ ସିଂହଙ୍କୁ ଭୋଟ ଦେଇଥିବାରୁ ମିଳିତ ବିରୋଧୀ ଦଳର ପ୍ରାର୍ଥୀ ଜଷ୍ଟିସ୍ ଖାନ୍ନାଙ୍କ ପ୍ରତି ସେମାନଙ୍କର ସମର୍ଥନ ନଥିଲା ବୋଲି ବୁଝିବାକୁ ହେବ । ଜଷ୍ଟିସ୍ ଖାନ୍ନା ଜଣେ ପ୍ରଖ୍ୟାତ ବିଚାରପତି ଓ ପ୍ରବୀଣ ବିଦ୍ୱାନ ବ୍ୟକ୍ତି ହେଲେ ମଧ୍ୟ, ସବୁ ବିରୋଧୀଦଳ ବୋଧହୁଏ ତାଙ୍କ ପ୍ରାର୍ଥୀତ୍ୱରେ ସନ୍ତୁଷ୍ଟ ନଥିଲେ । ଅନ୍ୟପକ୍ଷରେ, କଂଗ୍ରେସ (ଇ) ଦଳରେ ଅସନ୍ତୁଷ୍ଟ ଗୋଷ୍ଠୀ ବିଭିନ୍ନ ରାଜ୍ୟରେ ଥିଲେ ମଧ୍ୟ, ସେମାନେ ରାଷ୍ଟ୍ରପତି ନିର୍ବାଚନରେ ନିଜ ଦଳ ଓ ଦଳର ପ୍ରାର୍ଥୀଙ୍କ ପ୍ରତି ଆନୁଗତ୍ୟ ପ୍ରକାଶ କରିଛନ୍ତି । ବିରୋଧୀଦଳର ବିଧାୟକମାନେ ବିଭିନ୍ନ ରାଜ୍ୟରେ କଂଗ୍ରେସ (ଇ) ପ୍ରାର୍ଥୀଙ୍କୁ ସମର୍ଥନ କରିଥିଲାବେଳେ, କଂଗ୍ରେସ (ଇ) ବିଧାୟକମାନେ କେଉଁଠାରେ ବିରୋଧୀ ଦଳର ପ୍ରାର୍ଥୀଙ୍କୁ ସମର୍ଥନ କରିଥିବାର ରାଷ୍ଟ୍ରପତି ନିର୍ବାଚନ ଭୋଟ ସମୀକ୍ଷାରୁ ଜଣାପଡ଼ିନାହିଁ । ଏହାହିଁ କୌତୂହଳର ବିଷୟ । ଯଦିବା କେଉଁଠାରେ ସେଭଳି ହୋଇଥିବ, ତେବେ ତାହା ନଗଣ୍ୟ ।

ଏଇ ସପ୍ତମ ରାଷ୍ଟ୍ରପତି ନିର୍ବାଚନ ଓ ପ୍ରାର୍ଥୀ ମନୋନୟନ ନେଇ ଦେଶବ୍ୟାପୀ ଗୋଟାଏ ଝଡ଼ ବୋହିଯାଇଥିଲା ।



ବିରୋଧୀଦଳର ନେତାମାନେ ଜିଦ୍ ଧରିଥିଲେ ଜଣେ ସର୍ବ-ସମ୍ମତ ପ୍ରାର୍ଥୀ ହେବାପାଇଁ । ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କୁ ଭେଟି ଓ ପତ୍ରଲେଖି ସେମାନେ ଏଇକଥା ଜଣାଇ-ଥିଲେ ଏବଂ ବିବେକାନୁଯାୟୀ ମତଦାନର କଥା ମଧ୍ୟ ଉଠାଇଥିଲେ । କିନ୍ତୁ ଶ୍ରୀମତୀ ଗାନ୍ଧୀ ନୀରବ ରହି ଯେଉଁ ପ୍ରାର୍ଥୀ ବାଛିଲେ ତାହାଙ୍କୁ କଂଗ୍ରେସ (ଇ) ପାର୍ଲାମେଣ୍ଟାରୀ ବୋର୍ଡ ଅନୁମୋଦନ କଲେ । ଦେଖାଗଲା ଯେ, ଶ୍ରୀମତୀ ଗାନ୍ଧୀଙ୍କ ମନୋନୀତ ପ୍ରାର୍ଥୀହିଁ ବିପୁଳ ଭାବରେ ବିଜୟୀ ହେଲେ । କଂଗ୍ରେସ (ଇ) ଦଳରେ ଓ ଦେଶରେ ଶ୍ରୀମତୀ ଗାନ୍ଧୀଙ୍କ ପ୍ରଭାବ ଓ ଭାବମୂର୍ତ୍ତି ଖସିଯାଇଛି ବୋଲି ଗତ ମିନି ସାଧାରଣ ନିର୍ବାଚନ ଫଳାଫଳରୁ ଯାହା ଧାରଣା କରା-ଯାଉଥିଲା, ସଂପ୍ରତି ରାଷ୍ଟ୍ରପତି ନିର୍ବାଚନରୁ ପ୍ରମାଣିତ ହେଲା ଯେ, ତାହା ଆଦୌ କ୍ଷୁର୍ଣ୍ଣ ହୋଇନାହିଁ । ଅନେକଙ୍କୁ ଏକଥା ଅଡୁଆ ଲାଗିଲେ ମଧ୍ୟ, ସତ୍ୟକୁ ଅସ୍ୱୀକାର କରିହେବ ନାହିଁ ।

ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀଙ୍କ ମନ୍ତ୍ରିମଣ୍ଡଳରେ ଜ୍ଞାନୀ ଜୈଲସିଂହ ସ୍ୱରାଷ୍ଟ୍ର ମନ୍ତ୍ରୀ ଥିଲେ । ମନ୍ତ୍ରୀ ଓ କଂଗ୍ରେସ (ଇ) ସଦସ୍ୟ ଭାବରେ ଶ୍ରୀ ସିଂହ ପ୍ରଧାନମନ୍ତ୍ରୀ ଓ ଦଳର ନେତ୍ରୀ ଶ୍ରୀମତୀ ଗାନ୍ଧୀଙ୍କ ପ୍ରତି ଅନୁଗତ ରହିବା ସ୍ୱାଭାବିକ । ଏଭଳି ଜଣେ ବ୍ୟକ୍ତି ଗଣତନ୍ତ୍ର ଶାସନରେ ପ୍ରଧାନମନ୍ତ୍ରୀଙ୍କ ଆସନଠାରୁ ଉଚ୍ଚ ଆସନ (ରାଷ୍ଟ୍ରପତି) ର ଅଧିକାରୀ ହେଲେ, ସେ ପ୍ରଧାନ-ମନ୍ତ୍ରୀ ଶ୍ରୀମତୀ ଗାନ୍ଧୀଙ୍କର 'ବୋଇକରା' ବା 'ରବରଷ୍ଟାମ୍ପ' ହେବେବୋଲି ବିଭିନ୍ନ ମହଲରେ ଓ ବିରୋଧୀ ଶିବିରରେ ପ୍ରବଳ ଆଶଙ୍କା ପ୍ରକାଶ ପାଇଥିଲା । କିନ୍ତୁ ଏ କ୍ଷେତ୍ରରେ, ଜୈଲ ସିଂହ ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଦୃଢ଼ ଭାବରେ ବାରମ୍ବାର ଘୋଷଣା କରିଛନ୍ତି ଯେ, ସେ ପ୍ରଧାନମନ୍ତ୍ରୀଙ୍କର 'ରବର ଷ୍ଟାମ୍ପ' ହେବେ ନାହିଁ କିମ୍ବା ଦଳୀୟ ଆନୁଗତ୍ୟ ତାଙ୍କର ରହିବ ନାହିଁ । ରାଷ୍ଟ୍ରପତି ନିର୍ବାଚନ ହେବା ପରେ ମଧ୍ୟ ସେ ଅତି ସ୍ପଷ୍ଟ ଭାବରେ କହିଛନ୍ତି ଯେ, ସେ ନିରପେକ୍ଷ ରହି ତାଙ୍କର ଦାୟିତ୍ୱ ତୁଲାଇବେ । ଭାରତର ସଂବିଧାନରେ ଉଲ୍ଲିଖିତ ରାଷ୍ଟ୍ରପତିଙ୍କ କର୍ତ୍ତବ୍ୟ ପାଳନରେ ସେ କାହାରିକୁ



ଭୟ ବା ଅନୁଗ୍ରହ ନକରି ନିଷ୍ଠାର ସହ କାର୍ଯ୍ୟ କରିବେ । ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଭାରତର ଜନସାଧାରଣଙ୍କ ସେବା କରିବା ରାଷ୍ଟ୍ରପତି ଭାବରେ ତାଙ୍କର କର୍ତ୍ତବ୍ୟ । "ଏ ଭୂମିର ସର୍ବୋଚ୍ଚ ଆସନର ଅଧିକାରୀ ହୋଇଥିବା ପୂର୍ବସୂରୀମାନଙ୍କର ପରମ୍ପରା ମାନି ଚଳିବି" ବୋଲି ସେ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ତାଙ୍କର ବିଜୟ ଜନସାଧାରଣଙ୍କର ବିଜୟ ଏବଂ ଏହା ସମାଜବାଦ, ଧର୍ମନିରପେକ୍ଷତା ଓ ଗଣତନ୍ତ୍ର ନୀତି ପାଇଁ ବିଜୟ ।

ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କର 'ରବର ଷ୍ଟାମ୍ପ' ହେବେ ବୋଲି ଗୋଟିଏ ମତ ପ୍ରକାଶ ପାଉଥିଲାବେଳେ ରାଷ୍ଟ୍ରପତି 'ମନମୁଖୀ' ହୋଇ କାର୍ଯ୍ୟ କରିପାରନ୍ତି ବୋଲି ଅନ୍ୟ ଏକ ମତ ପ୍ରକାଶ ପାଇଥାଏ । କିନ୍ତୁ ସଂବିଧାନର ଧାରା ଅନୁଯାୟୀ ରାଷ୍ଟ୍ରପତି 'ମନମୁଖୀ' କିମ୍ବା 'ରବରଷ୍ଟାମ୍ପ' ହେବାର ବିଧାନ ନାହିଁ । ଏ ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କ ସାଂବିଧାନିକ କ୍ଷମତା ବିଷୟ ଉଲ୍ଲେଖନୀୟ । ଆମ ସଂବିଧାନର ୭୪ (୧) ଧାରାରେ ଉଲ୍ଲେଖ ଅଛି—"ରାଷ୍ଟ୍ରପତିଙ୍କୁ" ତାଙ୍କ କୃତ୍ୟ ସଂପାଦନରେ ସହାୟତା ଓ ମନ୍ତ୍ରଣା ଦେବା ନିମିତ୍ତ ପ୍ରଧାନ ମନ୍ତ୍ରୀଙ୍କ ଅଧିନାୟକତ୍ୱରେ ଏକ ମନ୍ତ୍ରୀ-ପରିଷଦ ରହିବ ଏବଂ ରାଷ୍ଟ୍ରପତି ଏପରି ମନ୍ତ୍ରଣା ଅନୁସାରେ କାର୍ଯ୍ୟ କରିବେ । ୭୫ (୧) ଧାରାରେ ଅଛି —"ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହେବେ ଏବଂ ଅନ୍ୟ ମନ୍ତ୍ରୀମାନେ ପ୍ରଧାନମନ୍ତ୍ରୀଙ୍କ ମନ୍ତ୍ରଣା ଅନୁସାରେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହେବେ ।" ୭୫ (୨) ଉପଧାରାରେ ଅଛି —"ରାଷ୍ଟ୍ରପତିଙ୍କ ସନ୍ତୋଷାବଧି ମନ୍ତ୍ରୀମାନେ ପଦଧାରଣ କରିବେ ।" ସଂବିଧାନର ୫୩ (୧) ଧାରାରେ ଅଛି —"ସଂଘ (ଭାରତ ହେଉଛି ରାଜ୍ୟମାନଙ୍କର ସଂଘ) ର କାର୍ଯ୍ୟପାଳିକା କ୍ଷମତା ରାଷ୍ଟ୍ରପତିଙ୍କଠାରେ ନିହିତ ହେବ ଏବଂ ସ୍ୱୟଂ ତାଙ୍କ ଦ୍ୱାରା କିମ୍ବା ତାଙ୍କର ଅଧୀନସ୍ଥ ଅଫିସରଙ୍କ ଦ୍ୱାରା ଏହି ସଂବିଧାନ ଅନୁସାରେ ତାହିଁର ପ୍ରୟୋଗ କରାଯିବ ।"

ସୁତରାଂ ଭାରତର ରାଷ୍ଟ୍ରପତିଙ୍କ କ୍ଷମତା, ଦାୟିତ୍ୱ ଓ ପରିସର ସବୁକିଛି ସଂବିଧାନ-ନିର୍ଦ୍ଦିଷ୍ଟ ।

ଜ୍ଞାନୀ ଜୈଲ ସିଂହ ରାଷ୍ଟ୍ରପତି ହେବାରେ ଭାରତର ଶିଖ ସଂପ୍ରଦାୟ ଓ ଅନୁନ୍ନତ ଜାତିର ପ୍ରଥମ ବ୍ୟକ୍ତି । ଇତିପୂର୍ବରୁ, ଭାରତରେ ହିନ୍ଦୁ ଓ ମୁସଲମାନ ସଂପ୍ରଦାୟର ବ୍ୟକ୍ତିମାନେ ରାଷ୍ଟ୍ରପତି ହେବାର ସୁଯୋଗ ପାଇଥିଲେ । କିନ୍ତୁ ଶିଖ ସଂପ୍ରଦାୟର କେହି ଏ ସୁଯୋଗ ଏପର୍ଯ୍ୟନ୍ତ ପାଇନଥିଲେ । ଭାରତ ଯେ ଧର୍ମନିରପେକ୍ଷ ରାଷ୍ଟ୍ର ଏବଂ ବିଭିନ୍ନ ଧର୍ମ ଓ ସଂପ୍ରଦାୟକୁ ଭାରତ ଯେ ସମ୍ମାନ ଦିଏ, ଏକଥା ଦେଶର ସର୍ବୋଚ୍ଚ ପଦବୀ ରାଷ୍ଟ୍ରପତି ନିର୍ବାଚନମାନଙ୍କରୁ ପ୍ରମାଣିତ ହୁଏ ।

୧୯୧୬ ମସିହା ମଇ ୫ ତାରିଖରେ ପଞ୍ଜାବର ଫରିଦ-କୋଟ ଜିଲ୍ଲା ଅନ୍ତର୍ଗତ ସାନ୍ଧଓ୍ୱାନ ଗ୍ରାମରେ ଏକ ଶିଖ ପରିବାରରେ ଜୈଲ ସିଂହଙ୍କର ଜନ୍ମ । ମାଟ୍ରିକ ପର୍ଯ୍ୟନ୍ତ ଶିକ୍ଷାଗତ ଯୋଗ୍ୟତା ହାସଲ କରି ସେ ଶିଖ୍‌ମାନଙ୍କର ଧର୍ମଗ୍ରନ୍ଥ 'ଗ୍ରନ୍ଥସାହେବ' ପାଠ କରିବାର ତାଲିମ ପାଇ 'ଜ୍ଞାନୀ' ବା 'ପଣ୍ଡିତ' ରୂପେ ପରିଚିତ ହୋଇପାରିଥିଲେ । ରାଜତନ୍ତ୍ର ତଥା ରାଜୁଡ଼ା ଶାସନର ସେ ଥିଲେ ଘୋର ବିରୋଧୀ । ଫରିଦକୋଟ ରାଜାଙ୍କର ବିରୁଦ୍ଧରେ ପ୍ରଜାମଣ୍ଡଳ



ଆନ୍ଦୋଳନ କରି ଓ ଦେଶର ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଇ ଏବଂ ରାଜ-ଶାସନ ବେଳେ ଫରିଦକୋଟରେ ମହାରାଜାଙ୍କ ସରକାର ଗଢ଼ି ଜୈଲ ସିଂହ ରାଜ-ଶାସନର ଚକ୍ଷୁଶୂଳ ହୋଇଥିଲେ । ସେଥିପାଇଁ ତାଙ୍କୁ କାରାବରଣ କରିବାକୁ ଓ ନାନା ନିର୍ଯ୍ୟାତନା ସହିବାକୁ ପଡ଼ିଥିଲା । ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କୁ ପଞ୍ଜାବକୁ ଆମନ୍ତ୍ରଣ କରି ସେ କଂଗ୍ରେସର ତ୍ରିରଙ୍ଗା ପତାକା ଉଡ଼ାଇଥିଲେ । ପଞ୍ଜାବରେ କଂଗ୍ରେସ ସରକାର ସମୟରେ ସେ ପ୍ରଥମେ ମନ୍ତ୍ରୀ ଓ ପରେ ମୁଖ୍ୟମନ୍ତ୍ରୀ ହୋଇ ୧୯୮୦ରୁ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀଙ୍କ ମନ୍ତ୍ରିମଣ୍ଡଳରେ ସ୍ୱରାଷ୍ଟ୍ର ବିଭାଗର ମନ୍ତ୍ରୀ ରୂପେ ରହିଆସିଥିଲେ । ରାଜ୍ୟର ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରର ମନ୍ତ୍ରୀ ଭାବରେ ଶ୍ରୀ ସିଂହ ଦୀର୍ଘ ୩୦ ବର୍ଷର ପ୍ରଶାସନିକ ଅଭିଜ୍ଞତାର ଅଧିକାରୀ ହୋଇପାରିଛନ୍ତି । ସେ ପଞ୍ଜାବ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭାବେ ଛଅବର୍ଷ କାର୍ଯ୍ୟ ଚଳାଇଥିଲେ ।

ଜ୍ଞାନୀ ଜୈଲ ସିଂହ ଯେଉଁଭଳି ବିପୁଳ ଭାବରେ ସମର୍ଥନ ଲାଭ କରିଛନ୍ତି, ଅତୀତରେ ଭାରତର ରାଷ୍ଟ୍ରପତି ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରେ ଏଭଳି ସମର୍ଥନ କେହି ଲାଭ କରିଥିବାର ଜଣାଯାଏ ନାହିଁ । ଏହାହିଁ ଜୈଲ ସିଂହଙ୍କ ପ୍ରତି ଅଶେଷ ଶ୍ରଦ୍ଧା ଓ ଶୁଭେଚ୍ଛାର ପ୍ରତୀକ ।

ଲକ୍ଷ୍ୟ କରିବାର କଥା ଯେ, ଏଥର ରାଷ୍ଟ୍ରପତି ନିର୍ବାଚନରେ ପାର୍ଲାମେଣ୍ଟର ୭୫୦ ଜଣ ସଦସ୍ୟ ଏବଂ ରାଜ୍ୟ ବିଧାନ ସଭାମାନଙ୍କର ପ୍ରାୟ ସମସ୍ତ ସଦସ୍ୟ ଭାଗ ନେଇ ଭୋଟ ଦେଇଥିଲେ । ରାଷ୍ଟ୍ରପତି ନିର୍ବାଚନପାଇଁ ଦେଶର ବିଧାୟକମାନଙ୍କର ଅତ୍ୟଧିକ ଆଗ୍ରହହିଁ ଏଥିରୁ ଜଣାପଡ଼େ ।

ଶ୍ରୀ ଜୈଲ ସିଂହ ଏଥର ରାଷ୍ଟ୍ରପତି ନିର୍ବାଚନରେ ଯେଉଁଭଳି ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇଥିଲେ, ୧୯୭୪ ମସିହାରେ ଫକରୁଦ୍ଦିନ ଅଲ୍ଲି ଅହମଦ ସେଇଭଳି ଶ୍ରୀ ତ୍ରିଦିବ ଚୌଧୁରୀଙ୍କ ସହ ସିଧାସଳଖ ରାଷ୍ଟ୍ରପତି ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇଥିଲେ । ଭାରତ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ର ହେବା ପରଠାରୁ (୧୯୫୦) ଏପର୍ଯ୍ୟନ୍ତ (୧୯୮୨) ଗତ ୩୨ ବର୍ଷ ମଧ୍ୟରେ, ରାଷ୍ଟ୍ରପତି ନିର୍ବାଚନ ପାଇଁ ଦୁଇଥର ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହୋଇଛି । ଶ୍ରୀ ନୀଲମ ସଂଜୀବ ରେଡ୍ଡି ଏକମାତ୍ର ରାଷ୍ଟ୍ରପତି, ଯେକି ବିନା ପ୍ରତିଦ୍ୱନ୍ଦ୍ୱିତାରେ ସର୍ବସମ୍ମତ ପ୍ରାର୍ଥୀରୂପେ ନିର୍ବାଚିତ ହୋଇଥିଲେ ।

ଭାରତ ଏକ ବିଶାଳ ଓ ସମସ୍ୟାବହୁଳ ରାଷ୍ଟ୍ର । କିନ୍ତୁ ଅନ୍ୟ କେତେକ ଦେଶଭଳି ଭାରତ ଯୁଦ୍ଧଖୋର ନୁହେଁ, ଏହା ଏକ ଶାନ୍ତିକାମୀ ଦେଶ । ଅନ୍ୟ ଦେଶକୁ ଆକ୍ରମଣ କରିବା ଭାରତର ଲକ୍ଷ୍ୟ ନୁହେଁ କିମ୍ବା କୌଣସି ଗୋଷ୍ଠୀଭୁକ୍ତ ହେବା ମଧ୍ୟ ଭାରତର ଅଭିପ୍ରାୟ ନୁହେଁ । ଭାରତ ଏକ ଗୋଷ୍ଠୀ-ନିରପେକ୍ଷ ରାଷ୍ଟ୍ର । ଏ ଦେଶ ବର୍ତ୍ତମାନ ବିକାଶ-ପଥରେ ଧାବିତ, ବିକାଶମୁଖୀ । ପୃଥିବୀର ବହୁରାଷ୍ଟ୍ର ଭାରତର ମତ ଓ ଆନ୍ତର୍ଜାତିକ ନୀତିକୁ ସମ୍ମାନ ଦେଇ ଆସିଛନ୍ତି । ତଥାପି, ଦେଶ ଭିତରର ଓ ବାହାର କେତେକ ଶକ୍ତି 'ହଲଚଲ' ସୃଷ୍ଟି କରିବାର ଉଦ୍ୟମ ଚଳାଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ବରାବର ସତର୍କବାଣୀ ଶୁଣାଇ ଆସୁଛନ୍ତି । ଏଇଭଳି ଏକ ମୁହୂର୍ତ୍ତରେ ଜୈଲ ସିଂହ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିଛନ୍ତି ଏବଂ ସେ ଉପଯୁକ୍ତ ଦିଗ୍‌ଦର୍ଶନ ଦେବେ ବୋଲି ଆଶା କରାଯାଏ ।

ଜ୍ଞାନୀ ଜୈଲ ସିଂହ କବି ବା ସାହିତ୍ୟିକ ନୁହନ୍ତି, କିନ୍ତୁ ତାଙ୍କଠାରେ କବିତ୍ୱ ଓ କବିର ଭାବୋଚ୍ଛ୍ୱାସ ବିଦ୍ୟମାନ । ରାଷ୍ଟ୍ରପତି ରୂପେ ନିର୍ବାଚିତ ହେବା ଅବ୍ୟବହିତ ପରେ, ସେ ତାଙ୍କ ବାସଭବନରେ ସାଂବାଦିକମାନଙ୍କ ଗହଣରେ ଏକ 'ଶେର' ତଥା ଉର୍ଦ୍ଦୁ କବିତା ଆବୃତ୍ତି କରିଥିଲେ । କବିତାଟି ହେଉଛି—

"ଜିନ୍ଦଗୀକି ବୋଝକୋ ହସ୍‌କର ଉଠାନା ଚାହିଏ
ରାହୋଁକି ଦୁସ୍‌ବାରିୟୋଁ ପର ମୁସ୍‌କୁରାନା ଚାହିଏ ।"

ଅର୍ଥାତ୍—

ହସି ହସି କରି ଜୀବନର ବୋଝ ଉଠାଇନିଅ
ଝଞ୍ଜା ଏଡ଼ାଇ ଜୀବନର ପଥେ ଆଗକୁ ଯାଅ ।

ଜୀବନର ମୂଲ୍ୟବୋଧକୁ ବୁଝିଥିବା ଏଇଭଳି ଜଣେ ରସଗ୍ରାହୀ ବ୍ୟକ୍ତି ଆଜି ଆମର ରାଷ୍ଟ୍ରପତି ।

ସଂପାଦକ, ମାତୃଭୂମି
ବାଳକୃଷ୍ଣ ମାର୍ଗ, କଟକ



# କଳିଙ୍ଗ ଚକ୍ରବର୍ତ୍ତୀ ଖାରବେଳ

ଡ଼କ୍ଟର ନବୀନ କୁମାର ସାହୁ



ଲମ୍ବା କୋଟ୍ ଓ ବୁଟ୍ ପରିହିତ ଦ୍ୱାରପାଳ


ଅଶୋକଙ୍କର କଳିଙ୍ଗ ଯୁଦ୍ଧ କଳିଙ୍ଗର ଜାତୀୟ ଜୀବନରେ ଘୋର ବିପର୍ଯ୍ୟୟ ସୃଷ୍ଟି କରିଥିଲା । ଯୁଦ୍ଧର ପରିଣତିରେ ଅଶୋକ ତୀବ୍ର ଅନୁଶୋଚନା ପ୍ରକାଶ କଲେ ମଧ୍ୟ ସେ କଳିଙ୍ଗର ସ୍ୱାଧୀନତା ଲୋପ କରି ତାହାକୁ ନିଜ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କରିଥିଲେ । ବସ୍ତୁତଃ, ମଗଧର ସାମ୍ରାଜ୍ୟଲିପ୍ସା ନୀତି ଥିଲା କଳିଙ୍ଗ ଯୁଦ୍ଧର ପ୍ରଧାନ କାରଣ । ଯୁଦ୍ଧପରେ ବିଜିତ ରାଜ୍ୟର ଶାସନକର୍ତ୍ତା ରୂପେ ଜଣେ ରାଜପୁତ୍ର ଏବଂ ତାଙ୍କ ସହିତ ବହୁ ପ୍ରଶାସକ ନିଯୁକ୍ତି ପାଇଥିଲେ । ସେହି ନୂତନ ଶାସନ ସଂସ୍ଥା କଳିଙ୍ଗରେ ଯେଉଁ ଉତ୍ପୀଡ଼ନ ଓ ଦମନଲୀଳା ଚଳାଇଥିଲେ ତାହାର ସଙ୍କେତ ଅଶୋକଙ୍କର 'ସ୍ୱତନ୍ତ୍ର କଳିଙ୍ଗ ଅନୁଶାସନ'ରୁ ସ୍ପଷ୍ଟ ମିଳେ । ପ୍ରାଦେଶିକ ଶାସନ କଳ ଘୋର ନିର୍ଯ୍ୟାତନା ପ୍ରଦର୍ଶନ କଲାବେଳେ ତେଣେ ସମ୍ରାଟ ଅଶୋକ ଜନସାଧାରଣଙ୍କୁ ନିଜ ପୁତ୍ର ପ୍ରତିମ ବୋଲି ଘୋଷଣା ପ୍ରକାଶ କରି ସେମାନଙ୍କର ଐହିକ ଓ ପାରତ୍ରିକ ସୁଖଶାନ୍ତି ପାଇଁ ବ୍ୟବସ୍ଥା କରୁଥିଲେ । କଳିଙ୍ଗରେ ମୌର୍ଯ୍ୟ ଶାସନ ଦୃଢ଼ୀଭୂତ କରିବା ଥିଲା ସେହି ଦ୍ୱୈତ ଶାସନ ନୀତିର ଲକ୍ଷ୍ୟ । ସେହି ନୀତି ଫଳରେ କଳିଙ୍ଗର ଜାତୀୟ ଜୀବନର ବିଶେଷ ଅଧୋଗତି ଘଟିଥିଲା ଏବଂ ପ୍ରାୟ ଦୁଇ ଶତାବ୍ଦୀକାଳ ସେହି ଦେଶପ୍ରେମୀ ବୀର ଜାତି ମ୍ରିୟମାଣ ଅବସ୍ଥାରେ ପଡ଼ି ରହିଥିଲା । ପରିଶେଷରେ ଖ୍ରୀଷ୍ଟପୂର୍ବ ପ୍ରଥମ ଶତକରେ ଚେଦି ବଂଶୀୟ ମହାମେଘବାହାନ କଳିଙ୍ଗକୁ ମଗଧ ସାମ୍ରାଜ୍ୟ କବଳରୁ ମୁକ୍ତ କରି ସେହି ରାଜ୍ୟରେ ନୂତନ ଜାତୀୟ ଚେତନାର ସୂତ୍ରପାତ କରିଥିଲେ ।

ଖାରବେଳ ହେଉଛନ୍ତି ସେହି ନବ ପ୍ରତିଷ୍ଠିତ ରାଜ ବଂଶର ତୃତୀୟ ରାଜା । ସେ ପଞ୍ଚଦଶ ବର୍ଷ ବୟସରେ ପଦାର୍ପଣ କରିବା ବେଳେ ତାଙ୍କ ପିତା ଚେତରାଜଙ୍କର ଅକାଳ ବିୟୋଗ ଘଟିଥିଲା ଏବଂ ସେହି ନାବାଳକ ଅବସ୍ଥାରେ ତାଙ୍କୁ ଯୁବରାଜ ରୂପେ ରାଜ୍ୟର ଶାସନ ଭାର ଗ୍ରହଣ କରିବାକୁ ପଡ଼ିଥିଲା । ପଞ୍ଚଦଶ ବର୍ଷ ବୟସ ପର୍ଯ୍ୟନ୍ତ ସେ ନାନାବିଧ କ୍ରୀଡ଼ା କୌତୁକ ସହିତ ବିଦ୍ୟାର୍ଜନ କରିବାରେ ସମୟ ଅତିବାହିତ କରିଥିଲେ । ଲିଖନ, ମୁଦ୍ରା ବିଜ୍ଞାନ, ଗଣିତ, ଆଇନ୍ (ବ୍ୟବହାର) ଓ ପରମ୍ପରାଗତ ନିୟମ (ବିଧି) ତାଙ୍କ ପାଠ୍ୟକ୍ରମର ଅନ୍ତର୍ଗତ ଥିଲା । ଲଳିତ ବିସ୍ତରରୁ ଜଣାପଡ଼େ ଯେ, ଗୌତମ ବୁଦ୍ଧ ମଧ୍ୟ ବାଲ୍ୟାବସ୍ଥାରେ ଲିଖନ, ମୁଦ୍ରା ବିଜ୍ଞାନ ଓ ଗଣିତ ଅଧ୍ୟୟନ କରିଥିଲେ । ଖାରବେଳଙ୍କ ପାଠ୍ୟକ୍ରମରେ ଆଇନ୍ ଓ ବିଧି ଏ ଦୁଇଟି ଅଧିକ ବିଷୟ ଥିଲା । ଯୁବରାଜ ପଦରେ ଅଧିଷ୍ଠିତ ହେବା ପରେ ତାଙ୍କ ବିଦ୍ୟାଶିକ୍ଷାର ଯେ ପରିସମାପ୍ତି ହୋଇଥିଲା ତାହା ନୁହେଁ । ସେ ଗାନ୍ଧର୍ବ ବିଦ୍ୟା, ଅର୍ଥାତ୍ ନୃତ୍ୟ, ଗୀତ ଓ ବାଦିତ୍ର ଆଦି କଳା ଏବଂ ସେଥି ସଙ୍ଗେ ସାମରିକ ବିଜ୍ଞାନ ବିଶେଷ ରୂପେ ଶିକ୍ଷା କରିଥିଲେ ।

ଖାରବେଳଙ୍କର ଯୌବରାଜ୍ୟ ଶାସନ ମାତ୍ର ନଅବର୍ଷ ଚାଲିଥିଲା । ତାଙ୍କର ଚତୁର୍ବିଂଶତି ବର୍ଷ ବୟସ ସମ୍ପୂର୍ଣ୍ଣ ହେବା ପରେ ସେ କଳିଙ୍ଗର ନରପତି ରୂପେ ସିଂହାସନ ଆରୋହଣ କରିଥିଲେ । ଅଭିଷେକୋତ୍ସବରେ ପ୍ରାଚୀନତମ ରାଜା ବେଣପୁତ୍ର ପୃଥୁଙ୍କ ସଦୃଶ ପ୍ରଜାରଞ୍ଜନ ଉଦ୍ଦେଶ୍ୟରେ ଶପଥ ପାଠ କରିଥିବା ଅଭିଲେଖରୁ ଜଣାଯାଏ ।

ଉଦୟଗିରିର ହାତୀଗୁମ୍ଫାଠାରେ ଉତ୍କୀର୍ଣ୍ଣ ଅଭିଲେଖରେ ଖାରବେଳଙ୍କ ମହତ୍ତ୍ୱପୂର୍ଣ୍ଣ ଜୀବନ ଚରିତ ଓ କୀର୍ତ୍ତିକଳାପରେ ମୂଳ ଉପାଦାନ ପରିବେଷିତ

ହୋଇଅଛି । ସେହି ଅଭିଲେଖରେ ଖାରବେଳଙ୍କ ସମସାମୟିକ ତଥା ଅତୀତର ବହୁ ରାଜାଙ୍କର ବିବରଣୀ ଓ ଐତିହାସିକ ଘଟଣା ସନ୍ନିବେଶିତ ହୋଇଛି ଏବଂ ତହିଁରୁ କେବଳ କଳିଙ୍ଗର ନୁହେଁ ଭାରତର ବିଭିନ୍ନ ଅଞ୍ଚଳର ଓ ବିଭିନ୍ନ ରାଜବଂଶର ପ୍ରାଚୀନ ଇତିହାସର ପ୍ରାମାଣିକ ଉଲ୍ଲେଖ ମିଳି ପାରିଅଛି । ଖାରବେଳଙ୍କ ବାଲ୍ୟ ଜୀବନରୁ ସିଂହାସନାରୋହଣ ଯାଏ ଏବଂ ତାହାପରେ ତାଙ୍କ ରାଜତ୍ୱର ତ୍ରୟୋଦଶ ବର୍ଷର ବିବରଣ ବର୍ଷାନୁବର୍ଷ କ୍ରମରକ୍ଷା ପୂର୍ବକ ବିଶଦ ଭାବରେ ପ୍ରଦର୍ଶିତ ହୋଇଛି । ମାଧବ ବଡୁଆ ଆଦି ଐତିହାସିକଙ୍କ ମତରେ ଖାରବେଳ ନିଜ ରାଜ୍ୟରେ କୌଣସି ଉଚ୍ଚଶିକ୍ଷିତ ଲେଖକ ନ ପାଇ ଗୁଜୁରାଟ ଅଞ୍ଚଳରୁ ଜଣେ ପ୍ରାକୃତ ଭାଷା ବିଶେଷଜ୍ଞଙ୍କୁ ଅଣାଇ ସେହି ଅଭିଲେଖ ରଚନା କରାଇଥିଲେ ଏବଂ କଳିଙ୍ଗ ବାହାରର ଶିଳ୍ପୀଙ୍କ ଦ୍ୱାରା ତାହା ଉଦୟଗିରିର ହାତୀଗୁମ୍ଫାଠାରେ ଉତ୍କୀର୍ଣ୍ଣ କରାଇଥିଲେ । ଏହି ଅଭିମତ ଅମୂଳକ ଭିତ୍ତିରେ ଅଯୌକ୍ତିକ ରୂପେ ପ୍ରକାଶିତ ହୋଇଥିଲେ ମଧ୍ୟ ତାହାର ପ୍ରତିବାଦ ଆଜିଯାଏ କେହି ଚିନ୍ତାକରି ନ ଥିବା ଅତି ଦୁଃଖଦାୟକ । ଖାରବେଳଙ୍କ କାଳରେ କଳିଙ୍ଗ ଯେ ଏକ ଅସଭ୍ୟ ଓ




ବୀରା ତରୁଣୀ ସମ୍ମାନ ରକ୍ଷା ନିମନ୍ତେ ଯୁଦ୍ଧରତା, ମାତ୍ର ପରିଶେଷରେ ଅପହୃତା ।

ହାତୀଗୁମ୍ଫା ଅଭିଲେଖର ଐତିହାସିକ ଶୈଳୀ ଓ ପରିପାଟୀ ଭାରତର ଅନ୍ୟ କୌଣସି ଅଭିଲେଖରେ ଦେଖିବାକୁ ମିଳେ ନାହିଁ । ଅଶୋକଙ୍କର ଅଭିଲେଖମାନଙ୍କରେ ଧର୍ମନୀତି ତଥା ପ୍ରଶାସନ ସମ୍ପର୍କୀୟ ରାଜକୀୟ ଘୋଷଣା ପ୍ରକାଶିତ । ମାତ୍ର ହାତୀଗୁମ୍ଫା ସେହିପରି ରାଜକୀୟ ଅନୁଶାସନ ନୁହେଁ । ତାହା ସମ୍ପୂର୍ଣ୍ଣ ଐତିହାସିକ ପୃଷ୍ଠଭୂମିରେ ଅଙ୍କିତ ଜଣେ ମହାନ୍ ନରପତିଙ୍କର ଜୀବନ ଚରିତ । ସେହି ଅଭିଲେଖର ଭାଷା ଓ ଭାବ ପ୍ରକାଶ ଏପରି ପ୍ରାଣବନ୍ତ ଓ ବିକାଶଶୀଳ ଯେ ବହୁ ବିଶିଷ୍ଟ ପଣ୍ଡିତ ତାହା କଳିଙ୍ଗର କୌଣସି ଲେଖକଙ୍କ ଦ୍ୱାରା ରଚିତ ବା ଖୋଦିତ ହୋଇଥିବା ବିଶ୍ୱାସ କରି ପାରନ୍ତି ନାହିଁ । କାଶୀ ପ୍ରସାଦ ଜୟସ୍ୱାଲ, ରାଖାଲ ଦାସ ବେନର୍ଜୀ, ବେଣୀ

ଅନୁନ୍ନତ ରାଜ୍ୟ ଥିଲା ସେହି ଧାରଣା ଭାରତୀୟ ପଣ୍ଡିତ ଓ ଗବେଷକଙ୍କ ମନରେ ଏପରି ଦୃଢ଼ରୂପେ ଆରୋପିତ ହୋଇଅଛି ଯେ, ଡି. ଡି. କୋଶାମ୍ବିଙ୍କ ଭଳି ଶିକ୍ଷାବିତ୍ ଓ ଐତିହାସିକ ଖାରବେଳଙ୍କୁ ଜଣେ ଅସଭ୍ୟ ରାଜା (Barbarian King) ବୋଲି ଉଲ୍ଲେଖ କରି ଯାଇଅଛନ୍ତି ।

ବେଣୀମାଧବ ବଡୁଆ ୧୯୨୯ ସାଲରେ 'Old and Brahmi Inscriptions in Udayagiri Khandagiri Hills ' ନାମକ ପୁସ୍ତକ ପ୍ରକାଶ କରି ତହିଁରେ ହାତୀଗୁମ୍ଫା ଅଭିଲେଖର ପ୍ରମାଦପୂର୍ଣ୍ଣ ପାଠ ଏବଂ ଖାରବେଳଙ୍କ ସମ୍ପର୍କରେ ନାନାବିଧ ଭ୍ରମପୂର୍ଣ୍ଣ ତଥ୍ୟ ସନ୍ନିବେଶିତ କରିଥିଲେ । ପରେ ଅବଶ୍ୟ ସେ ଉକ୍ତ ଅଭିଲେଖର ସଂଶୋଧିତ ପାଠ,

ଯାହା ସେପରି ବିଶେଷ ପ୍ରମାଦଗ୍ରସ୍ତ ନୁହେଁ, 'Indian Historical Quarterly' (1938) ରେ ପ୍ରକାଶ କରିଅଛନ୍ତି । ମାତ୍ର ଓଡ଼ିଶାର ଐତିହାସିକ ଓ ଗବେଷକଗଣ ବରୁଆ ନିଜେ ପ୍ରତ୍ୟାଖ୍ୟାନ କରିଥିବା ତାଙ୍କର ଭ୍ରାନ୍ତିମୂଳକ ପାଠକୁ ଏପର୍ଯ୍ୟନ୍ତ ଠିକ୍ ଓ ନିର୍ଭରଯୋଗ୍ୟ ବୋଲି ଗ୍ରହଣ କରି ଆସିଛନ୍ତି । ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ପାଠ୍ୟପୁସ୍ତକଠାରୁ କଲେଜ ଓ ବିଶ୍ୱବିଦ୍ୟାଳୟ ସ୍ତର ଯାଏ ପ୍ରତି କ୍ଷେତ୍ରରେ ବେଣୀମାଧବ ବରୁଆଙ୍କ 'ପାଠ' ଆଜି ସୁଦ୍ଧା ପ୍ରଭାବ ବିସ୍ତାର କରିଅଛି । ବହୁ ଇଉରୋପୀୟ ଓ ଭାରତୀୟ ଲିପିବିଦ୍ ଓ ଐତିହାସିକ ଶ୍ରମ ସ୍ୱୀକାର କରି ଓଡ଼ିଶାକୁ ଆସି ହାତୀଗୁମ୍ଫା ଅଭିଲେଖର ପାଠୋଦ୍ଧାର କରି ଅଛନ୍ତି । ମାତ୍ର ଓଡ଼ିଶାର କେହି ଜଣେ ହେଲେ ଏହି ବିଖ୍ୟାତ ଅଭିଲେଖ ନିଜେ ପାଠ କରିବାପାଇଁ ଆଗ୍ରହ ପ୍ରକାଶ ନ କରିବା ଅତି ଦୁଃଖର କଥା । ଭାରତ ଇତିହାସର ଅଦ୍ୱିତୀୟ ବୀର ମହାଯଶା ଖାରବେଳଙ୍କ କାର୍ଯ୍ୟକଳାପ ଓଡ଼ିଆ ଜାତି ପକ୍ଷରେ ସବୁଠାରୁ ବଳି ଗୌରବମୟ । ମାତ୍ର ତାଙ୍କ ଜୀବନ ଓ କୀର୍ତ୍ତିର ବିବରଣ ଆମେ ସମ୍ପୂର୍ଣ୍ଣ ପରଙ୍କ ଦ୍ୱାରା ପାଠ କରି ଭବିଷ୍ୟତ ବଂଶଧରଙ୍କ ନିମନ୍ତେ ଭ୍ରାନ୍ତିପୂର୍ଣ୍ଣ ଇତିହାସ ପରିବେଷଣ କରିବା ଦୁର୍ଭାଗ୍ୟର ବିଷୟ ।



ଖାରବେଳଙ୍କ ମୃଗୟା ଏବଂ ତରୁଣୀଙ୍କ ଉଦ୍ଧାର

'ଖାରବେଳ' ଅର୍ଥ ହେଉଛି ସମୁଦ୍ର ବା ସମୁଦ୍ର-ବେଷ୍ଟିତ ରାଜ୍ୟ । ପରବର୍ତ୍ତୀକାଳରେ ଗୁପ୍ତବଂଶର ଜଣେ ପରାକ୍ରମୀ ନରପତି ମଧ୍ୟ ସମୁଦ୍ର ନାମରେ ଅଭିହିତ ହୋଇଥିଲେ । ଅତି ପ୍ରାଚୀନ କାଳରୁ ସମୁଦ୍ର ସହିତ କଳିଙ୍ଗ ରାଜ୍ୟର ଘନିଷ୍ଠ ସଂପର୍କ ଥିଲା ଏବଂ କଳିଙ୍ଗର ଲୋକେ ଏକ ସାମୁଦ୍ରିକ ଜାତି ରୂପେ ଖ୍ୟାତି ଅର୍ଜନ କରିଥିଲେ । ଖାରବେଳ ସିଂହାସନ ଆରୋହଣ କରିବା ସମୟରେ କଳିଙ୍ଗର ନୌବାଣିଜ୍ୟ ଓ ନୌଶକ୍ତି ଦୃଢ଼ ଭିତ୍ତିରେ ସଗଠିତ ହୋଇଥିଲା । ସେତେବେଳେ ଦକ୍ଷିଣ ଭାରତର ଚୋଳ, ପାଣ୍ଡ୍ୟ, କେରଳପୁତ୍ର ଓ ତାମ୍ରପର୍ଣ୍ଣୀ ଆଦି ରାଜ୍ୟ ଏକତ୍ର ଏକ ବଳିଷ୍ଠ ରାଷ୍ଟ୍ରସଂଘ ଗଠନ କରିଥିଲେ ଏବଂ ତାହା 'ଦ୍ରାମିଳ ସଂଘ' ନାମରେ ପରିଚିତ ଥିଲା । ଖାରବେଳଙ୍କର ତେରଶହ ବର୍ଷ ପୂର୍ବରୁ ସେହି ରାଷ୍ଟ୍ର ସଂଘ ସଂଗଠିତ ହୋଇ ଏକ ପ୍ରବଳ ପରାକ୍ରାନ୍ତ ନୌଶକ୍ତି ରୂପେ ଖ୍ୟାତିଲାଭ କରିଥିବା ହାତୀଗୁମ୍ଫା ଅଭିଲେଖରୁ ଜଣାଯାଏ । ମଗଧର ସମ୍ରାଟଗଣ ଉକ୍ତ ଦ୍ରାମିଳ ସଂଘ ସହିତ ସଦ୍‌ଭାବ ସ୍ଥାପନ କରିବାପାଇଁ ସଚେଷ୍ଟ କରି ଆସିଥିଲେ । ଅଶୋକଙ୍କ କଳିଙ୍ଗ ବିଜୟ ପରେ କଳିଙ୍ଗର ନୌବେଡ଼ା ଧର୍ମ ପ୍ରଚାରକଙ୍କ ନିମନ୍ତେ ବିଶେଷ ରୂପେ ବ୍ୟବହୃତ ହେଲା ଏବଂ ସମୁଦ୍ର ବାଣିଜ୍ୟ ଦ୍ରାମିଳ ସଂଘର ପ୍ରାୟ ଏକଚାଟିଆ ଅଧିକାରକୁ ଆସିଥିଲା । ମାତ୍ର କଳିଙ୍ଗରେ ମହାମେଘବାହାନ ବଂଶର ଶାସନ

ପ୍ରତିଷ୍ଠିତ ହେବା ପରେ କଳିଙ୍ଗର ନୌଶକ୍ତି ଓ ନୌବାଣିଜ୍ୟର ପୁନରୁତ୍‌ଥାନ ଘଟିଥିଲା ଏବଂ ଖାରବେଳଙ୍କ ସମୟରେ କଳିଙ୍ଗ ଓ ଦ୍ରାମିଳ ସଂଘ ମଧ୍ୟରେ ସମୁଦ୍ର ବକ୍ଷରେ ପ୍ରତିଦ୍ୱନ୍ଦିତା ତଥା ସଂଘର୍ଷ ତୀବ୍ର ରୂପେ ପ୍ରକାଶ ପାଇ-ଥିଲା ।

ତେଣେ ଭୂଭାଗରେ ସାତବାହନ ଏବଂ ମହାମେଘ-ବାହନ ରାଜବଂଶ ମଧ୍ୟରେ ରାଜନୈତିକ ପ୍ରତିଦ୍ୱନ୍ଦିତା ଓ ବିବାଦ ଘନେଇ ଉଠିଥିଲା । ମଗଧର ପତନପରେ ମହାରାଷ୍ଟ୍ର ଅଞ୍ଚଳରେ ସାତବାହନ ରାଜବଂଶ ଏବଂ କଳିଙ୍ଗରେ ମହାମେଘବାହନ ବଂଶ ପ୍ରାୟ ଏକ ସମୟରେ ରାଜତ୍ୱ



ତରୁଣୀଙ୍କ ଶରୀର ଉପଲକ୍ଷେ ଗୀତ ନୃତ୍ୟାଦି ଉତ୍ସବର ଆୟୋଜନ, ରାଣୀଗୁମ୍ଫା, ରାଣୀ ବାମ ପାର୍ଶ୍ୱରେ ଉପବିଷ୍ଟା ।

ପ୍ରତିଷ୍ଠା କରି ଶକ୍ତିଶାଳୀ ହୋଇ ମୁଣ୍ଡ ଟେକି ଥିଲେ । ଖାରବେଳ ସିଂହାସନ ଆରୋହଣ କରିବା ବେଳେ ତେଣେ ସାତବାହନ ରାଜା ସାତକର୍ଣ୍ଣୀ ଦାକ୍ଷିଣାତ୍ୟ (ଗୋଦାବରୀ ଓ କୃଷ୍ଣାନଦୀର ମଧ୍ୟ ଭାଗରେ ଥିବା ଅଞ୍ଚଳ) ନିଜ ରାଜନୈତିକ ପ୍ରଭାବ ବିସ୍ତାର କରି ନିଜକୁ 'ଦକ୍ଷିଣାପଥ ପତି' ବୋଲି ଘୋଷଣା କଲେ । ସାତ-କର୍ଣ୍ଣୀଙ୍କର ବର୍ଦ୍ଧିଷ୍ଣୁ ପ୍ରଭାବ ପ୍ରତିବେଶୀ ଓ ପ୍ରତିଯୋଗୀ କଳିଙ୍ଗ ପ୍ରତି ଏକ ବଳିଷ୍ଠ ଆହ୍ୱାନ ଥିଲା ।

ଉତ୍ତର ଭାରତରେ କଳିଙ୍ଗର ପାରମ୍ପରିକ ଶତ୍ରୁ ମଗଧ ଯେ କଳିଙ୍ଗ ରାଜ୍ୟର ସ୍ୱାଧୀନତା ଓ ଅଭ୍ୟୁତ୍‌ଥାନ ପ୍ରତି ନୀରବଦ୍ରଷ୍ଟା ହୋଇ ରହିବ ନାହିଁ ତାହା ସେତେବେଳେ ଉପଲବ୍ଧି କରଯାଉଥିଲା । ମଗଧ ଓ ସାତବାହନ ଶକ୍ତି ମଧ୍ୟରେ ରାଜନୈତିକ ମେଣ୍ଟ ପ୍ରତିଷ୍ଠିତ ହୋଇ କଳିଙ୍ଗର ସ୍ୱାଧୀନତା ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ଥିଲା । ମାତ୍ର ସେତେବେଳେ ଭାରତର ଉତ୍ତର-ପଶ୍ଚିମାଞ୍ଚଳରେ ଯବନ (Indo-Greek) ମାନଙ୍କର ଶକ୍ତି ଓ ପ୍ରଭାବ ଯେପରି ଭାବରେ ବୃଦ୍ଧି ପାଇବାକୁ ଲାଗିଲା ସେଥିରେ କୌଶାମ୍ବୀ ଓ ମଗଧର ଶାସକମାନେ ବିଶେଷ ବିଚଳିତ ହୋଇଥିଲେ ଏବଂ ସେହିକାରଣରୁ ଉତ୍ତର ଭାରତ ପକ୍ଷରୁ କଳିଙ୍ଗ ପ୍ରତି ବିପଦର ଆଶଙ୍କା ବିଶେଷ ନଥିଲା ।

ଖାରବେଳ ସିଂହାସନ ଆରୋହଣ ପରେ ଦେଖିଲେ ଯେ ସାତବାହନ ବଂଶର ଦାକ୍ଷିଣାତ୍ୟରେ ରାଜ୍ୟ ବିସ୍ତାର ଫଳରେ କଳିଙ୍ଗ ସଙ୍କଟପୂର୍ଣ୍ଣ ଅବସ୍ଥାରେ ପଡ଼ିଅଛି । ସେ ରାଜତ୍ୱର ଦ୍ୱିତୀୟ ବର୍ଷରେ କଳିଙ୍ଗର ଚତୁରଙ୍ଗ ସେନା ବାହିନୀ (ପଦାତିକ, ଅଶ୍ୱାରୋହୀ, ଗଜାରୋହୀ ଓ ରଥାରୋହୀ) ପଶ୍ଚିମ ଦିଗକୁ ସାତବାହନ ରାଜ୍ୟ ଅଭିମୁଖରେ ପ୍ରେରଣ କରିଥିଲେ । କଳିଙ୍ଗ ସେନା ସାତକର୍ଣ୍ଣୀଙ୍କ ପ୍ରତିରୋଧ ଶକ୍ତିକୁ ଭ୍ରୁକ୍ଷେପ ନକରି କୃଷ୍ଣାନଦୀ କୂଳରେ ଥିବା ଆସିକ ନଗର ପର୍ଯ୍ୟନ୍ତ ଅଗ୍ରସର ହୋଇ-ଥିଲେ । ଦାକ୍ଷିଣାତ୍ୟରେ ସାତକର୍ଣ୍ଣୀଙ୍କ ରାଜନୈତିକ ପ୍ରଭାବ ପ୍ରତିହତ କରିବା ସେହି ଅଭିଯାନର ଲକ୍ଷ୍ୟ ଥିଲା । ତାହା ପରେ ପରେ ସାତବାହନ ଶକ୍ତି ଧ୍ୱଂସ କରିବା-ପାଇଁ ଏକ ସୁଚିନ୍ତିତ ଯୋଜନା କରାଯାଇଥିଲା ଏବଂ ଆଟବିକ ରାଜ୍ୟର ଅଧିବାସୀମାନଙ୍କୁ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ କରି ଏକ ଶକ୍ତିଶାଳୀ ସେନା ପ୍ରସ୍ତୁତ କରାଯାଇଥିଲା । ମହାଭାରତ ଯୁଦ୍ଧ କାଳରୁ ଅଶୋକଙ୍କ କଳିଙ୍ଗ ଯୁଦ୍ଧଯାଏ ଆଟବିକ ରାଜ୍ୟ ଥିଲା କଳିଙ୍ଗର ପ୍ରଧାନ ସେନା ସଂଗ୍ରହ

ଭୂମି । ଅଟବୀ ସୈନ୍ୟଙ୍କୁ ଘେନି ଖାରବେଳ ରାଜତ୍ୱର ଚତୁର୍ଥ ବର୍ଷରେ ସାତବାହନ ରାଜ୍ୟ ଅଭିମୁଖରେ ଅଭିଯାନ କରିଥିଲେ । ସେତେବେଳେ ରାଜା ସାତକର୍ଣ୍ଣୀଙ୍କ ମୃତ୍ୟୁ ଘଟିଥିବା ଯୋଗୁ ଏବଂ ତାଙ୍କର ଦୁଇପୁତ୍ର ନାବାଳକ ଅବସ୍ଥାରେ ଥିବା ହେତୁ ବିଧବା ରାଣୀ ନାୟନିକା ରାଜ୍ୟର ଶାସନଭାର ନିଜେ ବହନ କରିଥିଲେ ଏବଂ ପ୍ରତିରକ୍ଷା ବ୍ୟବସ୍ଥାରେ ଶକ୍ତି ଓ ଶୃଙ୍ଖଳାର ଅଭାବ ପରିଲକ୍ଷିତ ହୋଇଥିଲା । ଖାରବେଳ ଅନାୟାସରେ ସାତବାହନ ରାଜ୍ୟର ପ୍ରଧାନ ରକ୍ଷକ ରୂପେ ବିବେଚିତ ହେଉଥିବା ରଠିକ ଓ ଭୋଜକମାନଙ୍କର ସେନା ମୁଖ୍ୟଙ୍କୁ ପରାସ୍ତ




ପଦ୍ମ ପୋଖରୀରେ ହସ୍ତୀଦଳ ସହିତ ସଂଘର୍ଷ, ସମ୍ମୁଖରେ ଦଣ୍ଡାୟମାନା ତରୁଣୀଙ୍କ ସାହସ ଉଲ୍ଲେଖ ଯୋଗ୍ୟ ।

କରି ସାତବାହନ ଶକ୍ତିକୁ ସମ୍ପୂର୍ଣ୍ଣ ରୂପେ ପରାଭୂତ କରିଥିଲେ ।

ତାହାପରେ ଛଅବର୍ଷ ଧରି ଆଉ କୌଣସି ଯୁଦ୍ଧର ଆବଶ୍ୟକତା ଦେଖା ଦେଇନଥିଲା । ମାତ୍ର ଉତ୍ତର ଭାରତରେ କେତେକ ରାଜନୈତିକ ପ୍ରତିକ୍ରିୟା ପ୍ରକାଶ ପାଇବା ଯୋଗୁଁ ଖାରବେଳ ରାଜତ୍ୱର ଅଷ୍ଟମ ବର୍ଷରେ ମଗଧ ଆକ୍ରମଣ କରିଥିଲେ । ସେ ମଗଧର ପ୍ରାଚୀନ ରାଜଧାନୀ ରାଜଗୃହ ଅଭିମୁଖରେ ସୈନ୍ୟ ଚାଳନ କରି ଗୋରଥଗିରି ଦୁର୍ଗ ଅଧିକାର କରିଥିଲେ ଏବଂ ତାହାକୁ ଭାଙ୍ଗି ଦେଇଥିଲେ । ସେହି ସମୟରେ ମଗଧର ଅବସ୍ଥା ଅତି ଜଟିଳ ଆକାର ଧାରଣ କରିଥିଲା କାରଣ ଜଣେ ଯବନ ରାଜା ବହୁ ସୈନ୍ୟ ଘେନି ପାଟଳୀପୁତ୍ର ଆଡ଼କୁ ମାଡ଼ି ଆସୁଥିଲେ । ମାତ୍ର ଖାରବେଳଙ୍କର ରାଜଗୃହ ଆକ୍ରମଣର ସମ୍ବାଦ ପାଇବା ପରେ ଯବନ ରାଜ ଆଉ ଅଗ୍ରଗତି ନକରି ଭୟରେ ମଥୁରା ଆଡ଼କୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଖାରବେଳ ମଗଧ ସହିତ ଯୁଦ୍ଧ କରିବା ଅପେକ୍ଷା ଯବନ ଶକ୍ତିକୁ ଜୈନକ୍ଷେତ୍ର ମଥୁରାରୁ ଅପସାରଣ କରିବା ବିଶେଷ ଜରୁରୀ ମନେ କରିଥିଲେ । ତେଣୁ ସେ ରାଜଗୃହ ଅବରୋଧ ପରିତ୍ୟାଗ କରି ଯବନ ରାଜାଙ୍କ ପଶ୍ଚାତ୍ ଧାବନ କରିଥିଲେ ଏବଂ ତାଙ୍କୁ ପରାସ୍ତ କରି ମଥୁରାରୁ ଯବନ ସୈନ୍ୟଙ୍କୁ ବିତାଡ଼ିତ କରିଥିଲେ । ସେହି ବିଜୟ ଉପରେ ଖାରବେଳ ବିଶେଷ ଗୁରୁତ୍ୱ ଆରୋପ କରିଥିଲେ ଏବଂ ତାହାର ସ୍ମାରକୀରୂପେ କଳିଙ୍ଗରେ ୩୮ ଲକ୍ଷ ମୁଦ୍ରା ବ୍ୟୟରେ ମହା ବିଜୟ ପ୍ରାସାଦ ନିର୍ମାଣ କରିଥିଲେ ।

ରାଜତ୍ୱର ଦଶମ ବର୍ଷରେ ମଧ୍ୟ ଖାରବେଳ ଉତ୍ତର ଭାରତ ଅଭିମୁଖରେ ସାମରିକ ଅଭିଯାନ କରିଥିଲେ । ମାତ୍ର ସେହି ବର୍ଷର ବିବରଣ ଅଭିଲେଖରେ ସଂପୂର୍ଣ୍ଣ ଅସ୍ପଷ୍ଟ ହୋଇ ଯାଇଅଛି । ସମ୍ଭବତଃ ଦଶମ ବର୍ଷଠାରୁ ଦ୍ରାମିଳ ସଂଘ ସହିତ କଳିଙ୍ଗର ଯୁଦ୍ଧ ଆରମ୍ଭ ହୋଇଥିଲା ଏବଂ ତାହାର ପରିସମାପ୍ତି ହେଲା ଏକାଦଶ ବର୍ଷର ଶେଷ ବେଳକୁ । ସେହି ଯୁଦ୍ଧ ଜଳ ଓ ସ୍ଥଳ ଉଭୟତ୍ର ଚାଲିଥିଲା ଏବଂ ସେଥିରେ ଖାରବେଳ ବିଜୟ ଲାଭ କରିଥିଲେ ମଧ୍ୟ କଳିଙ୍ଗକୁ ବହୁ 'ଅଦ୍ଭୁତ ଓ ଆଶ୍ଚର୍ଯ୍ୟ' ହସ୍ତୀ ଏବଂ ଜାହାଜ ହରାଇବାକୁ ପଡ଼ିଥିଲା । ଯୁଦ୍ଧର ପରିଣତିରେ ଦକ୍ଷିଣ ଭାରତର ଇତିହାସର ଗତି ବଦଳି ଯାଇଥିଲା ଏବଂ କଳିଙ୍ଗର ନୌବାଣିଜ୍ୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଦେଖା ଦେଇଥିଲା ।

ଦ୍ୱାଦଶ ବର୍ଷରେ ଖାରବେଳ ଉତ୍ତରାପଥ (ଆଧୁନିକ ପାକିସ୍ଥାନ ଅଞ୍ଚଳ) ଆକ୍ରମଣ କରି ସେହି ଅଞ୍ଚଳରେ ଯବନମାନଙ୍କର ସାମରିକ ଆଡ୍ଡାମାନ ଧ୍ୱଂସ କରି ଦେଇଥିଲେ ।



ଜୟ ବିଜୟ ଗୁମ୍ଫା ଦ୍ୱାରଦେଶରେ ଦଣ୍ଡାୟମାନା ନାରୀ ପ୍ରହରୀ

ଯବନଙ୍କର ପତନ ଫଳରେ ଶକ ଏବଂ ୟୁଚି (କୁଶାଣ) ଜାତିର ଭାରତକୁ ପ୍ରବେଶ କରିବା ପଥ ସୁଗମ ହୋଇଥିଲା ଏବଂ ଉତ୍ତର ଭାରତର ଇତିହାସରେ ନୂତନ ଅଧ୍ୟାୟ ସୃଷ୍ଟି ହୋଇଥିଲା । ଉତ୍ତରାପଥରୁ ପ୍ରତ୍ୟାବର୍ତ୍ତନ କରିବା ବେଳେ ବାଟରେ ମଗଧ ରାଜଧାନୀ ପାଟଳୀପୁତ୍ର ନିକଟରେ କଳିଙ୍ଗର ସେନା ବାହିନୀ ପହଞ୍ଚିବା ଦେଖି ତତ୍କାଳୀନ ମଗଧରାଜ ବୃହସ୍ପତି ମିତ୍ର ଭୀତତ୍ରସ୍ତ ହୋଇ ଖାରବେଳଙ୍କର ଶରଣାପନ୍ନ ହୋଇଥିଲେ । ଖାରବେଳ ମଗଧ ବିଜୟର ଫଳ ସ୍ୱରୂପ ମହାପଦ୍ମନନ୍ଦ କଳିଙ୍ଗରୁ ନେଇ ଆସିଥିବା କାଳିଙ୍ଗଜିନଙ୍କ ପ୍ରତିମୂର୍ତ୍ତି ପାଟଳୀପୁତ୍ରରୁ ଉଦ୍ଧାର କରି କଳିଙ୍ଗକୁ ଫେରାଇ ଆଣିଥିଲେ । କଳିଙ୍ଗର ପ୍ରାଚୀନ ରାଜଧାନୀ ପିଥୁଣ୍ଡ ନଗରଠାରେ ସେହିଦିନ ପ୍ରତିମାଙ୍କୁ ସମାରୋହରେ ପୁନଃ ପ୍ରତିଷ୍ଠା କରାଯାଇଥିଲା ।

ଖାରବେଳଙ୍କର ସାମରିକ କ୍ରିୟାକଳାପ ଯେ ଇତିହାସରେ ଅତୁଳନୀୟ ଏବଂ ଅତି ଗୌରବମୟ ତାହା ଏହି ସଂକ୍ଷିପ୍ତ ଆଲୋଚନାରୁ ସ୍ପଷ୍ଟ ଜଣାପଡ଼େ । କଳିଙ୍ଗର ସ୍ୱାଧୀନତା ଓ ରାଜନୈତିକ ଗୌରବର ସୁରକ୍ଷା ନିମନ୍ତେ ତାଙ୍କୁ ସାତ-ବାହନ ରାଜବଂଶର ଶକ୍ତି ପ୍ରତିହତ କରିବାକୁ ପଡ଼ିଥିଲା । ପୁଣି ସମୁଦ୍ର ବକ୍ଷରେ କଳିଙ୍ଗର ପ୍ରଭାବ ଅକ୍ଷୁର୍ଣ୍ଣ ରଖିବାପାଇଁ ଏବଂ ନୌବାଣିଜ୍ୟର ଅବାଧ ପ୍ରସାର ଉଦ୍ଦେଶ୍ୟରେ ତାଙ୍କୁ ଦ୍ରାମିଳ ସଂଘ ସହିତ ଭୟଙ୍କର ଯୁଦ୍ଧ କରିବାକୁ ହୋଇଥିଲା । କଳିଙ୍ଗର ନୌଶକ୍ତି ଓ ନୌବାଣିଜ୍ୟର ପରଂପରା ହେଉଛି ସେହି ଐତିହାସିକ ବିଜୟର ସୁଦୂର ବିସ୍ତାରୀ ପରିଣତି ।

ଜୈନ କ୍ଷେତ୍ର ମଥୁରା, ଆବୁ, ଶତ୍ରୁଞ୍ଜୟ ଆଦି ସ୍ଥାନ ଯବନଙ୍କ କବଳରୁ ମୁକ୍ତ କରିବାପାଇଁ ଏବଂ ସେହି ଯାବନିକ ଶକ୍ତିକୁ ଧ୍ୱଂସ କରିବା ନିମନ୍ତେ ସେ ଉତ୍ତର ଭାରତ ତଥା ଉତ୍ତରାପଥ ଅଭିଯାନରେ ବହୁଶକ୍ତି ଓ ଅର୍ଥ ବ୍ୟୟ କରିଥିଲେ ଏବଂ ତାଙ୍କର ମଗଧ ବିଜୟ ସେହି ଅଭିଯାନର ଏକ ଆନୁଷଙ୍ଗିକ ପରିଣତି ।

କଳିଙ୍ଗବାସୀଙ୍କର ଅଭୂତପୂର୍ବ ସ୍ୱାର୍ଥତ୍ୟାଗ ଓ ବୀରତ୍ୱପୂର୍ଣ୍ଣ କ୍ରିୟାକଳାପ ମୂଳରେ ରାଜ୍ୟର ଅର୍ଥନୈତିକ ବିକାଶ ଏବଂ ସାମାଜିକ ଉନ୍ନୟନ ବିଶେଷ ରୂପେ ଲକ୍ଷ୍ୟ କରାଯାଏ । ମୌର୍ଯ୍ୟ ଶାସନ କାଳରେ କଳିଙ୍ଗବାସୀଙ୍କୁ ବହୁ ନୀତି ନିୟମ ପାଳନ କରିବାକୁ ବାଧ୍ୟ କରାଯାଉଥିଲା । ରାଜ୍ୟରେ ବହୁକାଳରୁ ପ୍ରଚଳିତ ଥିବା ଉତ୍ସବ ସମାଜ ଓ ପର୍ବ ପର୍ବାଣୀ ବନ୍ଦ କରି ଦିଆଯାଇଥିଲା । ନୃତ୍ୟ, ଗୀତ, ବାଦିତ୍ର ଆଦି ଗାନ୍ଧର୍ବ କଳା ଚର୍ଚ୍ଚା ନିଷିଦ୍ଧ କରାଯାଇଥିଲା । କେବଳ ବୌଦ୍ଧ ଧର୍ମର ପ୍ରସାର ନିମନ୍ତେ ଯାହା ଆବଶ୍ୟକ ତାହା ଆଚରଣ କରିବାପାଇଁ ଉତ୍ସାହ ପ୍ରଦାନ କରାଯାଉଥିଲା । ଧାର୍ମିକ ଓ ଆଧ୍ୟାତ୍ମିକ ନୀତିର ନୈଷ୍ଠିକ ପ୍ରୟୋଗ ଦ୍ୱାରା ଜନସାଧାରଣଙ୍କ ମଧ୍ୟରେ କଳା, ସାହିତ୍ୟ ଓ ସ୍ୱାଧୀନ ଚିନ୍ତାଧାରା ଖର୍ବ ହୋଇଥିଲା ଏବଂ ସମାଜ ପଙ୍ଗୁ ହୋଇ-ପଡ଼ିଥିଲା । ମଗଧ ଶାସନ କବଳରୁ ମୁକ୍ତ ହେବା ପରେ ମହାମେଘବାହନ ରାଜତ୍ୱରେ କଳିଙ୍ଗର ସାମାଜିକ ଓ ନୈତିକ ଜୀବନରେ ଅଭୂତପୂର୍ବ ପରିବର୍ତ୍ତନ ଦେଖା-ଦେଲା । ହାତୀଗୁମ୍ଫା ଅଭିଲେଖ ପ୍ରକାଶ କରେ ଯେ ଖାରବେଳ ମୌର୍ଯ୍ୟ ରାଜତ୍ୱ କାଳରେ ନିଷିଦ୍ଧ ହୋଇଥିବା ଚଉଷଠି କଳା ବିଶିଷ୍ଟ ତୌର୍ଯ୍ୟତ୍ରିକ (ନୃତ୍ୟ, ଗୀତ, ବାଦିତ୍ର)ର ପୁନରୁଦ୍ଧାର କରି ତାହାର ବିଶେଷ ଉନ୍ନତି ବିଧାନ କରିଥିଲେ । ରାଜତ୍ୱର ତୃତୀୟ ବର୍ଷରେ ସେ ନୃତ୍ୟ, ଗୀତ, ଦର୍ପ, ଉତ୍ସବ, ସମାଜର ବିପୁଳ ଆୟୋଜନ କରି କଳିଙ୍ଗ ନଗରୀର ଅଧିବାସୀଙ୍କୁ ଏପରି ଆନନ୍ଦୋନ୍ମତ୍ତ କରିଥିଲେ ଯେ ଉକ୍ତ ରାଜଧାନୀ ନିଜେ କ୍ରୀଡ଼ା କରୁଥିବା ପରି ମନେ ହେଉଥିଲା । ରାଜତ୍ୱର ଷଷ୍ଠ ବର୍ଷରେ ସେ ବହୁ ପ୍ରକାର କର ଛାଡ଼ କରି ଉଭୟ ସହର ଓ ଜନପଦବାସୀଙ୍କୁ ଉନ୍ନତ ସୁଖମୟ ଜୀବନ ଯାପନ ପାଇଁ ସୁବିଧା ପ୍ରଦାନ କରିଥିଲେ । ସେ ଅଭିଷିକ୍ତ ହେବା ପ୍ରଥମ ବର୍ଷରେ ଝଡ଼ ତୋଫାନରେ ନଷ୍ଟ ହୋଇଥିବା ଉଦ୍ୟାନ, ତୋଟା ଓ ଉପବନଗୁଡ଼ିକର ସଂସ୍ଥାପନ କରି ଏବଂ ଶୀତଳ ତଡ଼ାଗଗୁଡ଼ିକ ପାବଚ୍ଛ ଶ୍ରେଣୀରେ ସୁଶୋଭିତ କରି ଜନସାଧାରଣଙ୍କର ଆନନ୍ଦ ବୃଦ୍ଧି କରିଥିଲେ । ପଞ୍ଚମ ବର୍ଷରେ ସେ ମହାପଦ୍ମନନ୍ଦ ଖୋଳାଇଥିବା କେନାଲର ଅଭିବୃଦ୍ଧି ସାଧନ କରି ତାହାକୁ ତୋଶାଳୀ ବାଟରେ କଳିଙ୍ଗନଗରୀ ପର୍ଯ୍ୟନ୍ତ ଅଣାଇଥିଲେ । ତାହା ଜଳସେଚନ ନିମନ୍ତେ ବ୍ୟବହୃତ ହେବା ସଙ୍ଗେ କଳିଙ୍ଗ ନଗରୀ ଦୁର୍ଗକୁ ଗଭୀର ପରିଖା ବେଷ୍ଟିତ କରିଥିଲା ।

ଖଣ୍ଡଗିରି ଓ ଉଦୟଗିରିର ଗୁମ୍ଫାଗୁଡ଼ିକରେ ଖୋଦିତ ଚିତ୍ରରାଜିରେ ଯେଉଁ ଉନ୍ନତ ସାମାଜିକ ଜୀବନ ପ୍ରତିଫଳିତ ହୋଇଅଛି ତାହା ସେକାଳର ଅର୍ଥନୈତିକ

ଓ ସାଂସ୍କୃତିକ ବିକାଶର ସୂଚନା ପ୍ରଦାନ କରେ । ରାଣୀ ଗୁମ୍ଫାର ତଳ ମହଲରେ ଏକ ସୁସଜ୍ଜିତ ରଙ୍ଗମଞ୍ଚରେ ଜଣେ ତରୁଣୀ ସୁନ୍ଦର ବେଶ ଭୂଷାରେ ସଜ୍ଜିତା ହୋଇ ନୃତ୍ୟ ପ୍ରଦର୍ଶନ କରୁଥିଲି ଏବଂ ଚାରିଜଣ ତରୁଣୀ, ବଂଶୀ, ମୃଦଙ୍ଗ, ସୁରଜ ଓ ବୀଣା ବାଦନ କରି ସଙ୍ଗୀତର ତାନ ସୃଷ୍ଟି କରୁଅଛନ୍ତି । ଉପର ମହଲରେ ସେହିପରି ଦୁଇଜଣ ତରୁଣୀ ନୃତ୍ୟ ପରିବେଷଣ କରୁଥିବା ଏବଂ ତିନିଜଣ ବାଦ୍ୟକାରୀ ବିଭିନ୍ନ ବାଦ୍ୟଯନ୍ତ୍ର ଦ୍ୱାରା ନୃତ୍ୟର ସଙ୍ଗୀତ ସୃଷ୍ଟି କରୁଥିବା ଚିତ୍ର ଖୋଦିତ ହୋଇଅଛି । ଖଣ୍ଡଗିରିର ଚତୁର୍ଥ ଗୁମ୍ଫାରେ ମଧ୍ୟ ବୀଣାର ସୁରରେ ଜଣେ ତରୁଣୀ ଉନ୍ନତ ସେଲନୃତ୍ୟ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳେ । ନାରୀମାନଙ୍କର ବେଶ ଭୂଷା, ଅଳଙ୍କାର ଓ କେଶ ବିନ୍ୟାସ ଅତି ଚିତ୍ତାକର୍ଷକ । ଜୟ-ବିଜୟ ଗୁମ୍ଫା ଦ୍ୱାର ଦେଶରେ ଯେଉଁ କ୍ଷୀଣାଙ୍ଗୀ ନାରୀ ପ୍ରହରୀ ପାଦ ଛନ୍ଦି ତ୍ରିଭଙ୍ଗୀରେ ଠିଆ ହୋଇଛି ଏବଂ କୌତୁକ ପ୍ରକାଶ କରି ଶୁକପକ୍ଷୀ ସହିତ କ୍ରୀଡ଼ା କରୁଛି , ତାହାର ଝୀନବାସ, ଅଳଙ୍କରଣ ଓ କେଶ ସଜ୍ଜାରେ ସେକାଳର ନାରୀଜୀବନର ଉନ୍ନତ ଚିତ୍ର ପ୍ରଦର୍ଶିତ ହୋଇଅଛି । ଆମେ ଦେଖିବାକୁ ପାଉ ନାରୀ ତରବାରୀ ଓ ଢ଼ାଲଧରି ଯୁଦ୍ଧ କରୁଛି, ହସ୍ତୀ ପୃଷ୍ଠରେ ବିଚରଣ କରୁଛି, ଯୁଦ୍ଧ ଅଭିଯାନରେ ବାହାରିଥିବା ସୈନିକଙ୍କୁ ଉତ୍ସାହବାଣୀ ଶୁଣାଉଛି ଏବଂ ରାଜଧାନୀକୁ ପ୍ରତ୍ୟାବର୍ତ୍ତନ କରିଥିବା ଦିଗ୍‌ବିଜୟୀ ରାଜାଙ୍କୁ ଅଭିବାଦନ ଜଣାଉଛି । ମୌର୍ଯ୍ୟ ଶାସିତ କଳିଙ୍ଗରେ ଏହି ପ୍ରକାର ନାରୀ ଚରିତ୍ର କଳ୍ପନାତୀତ ଥିଲା ।

ପୁରୁଷମାନଙ୍କର ସାମାଜିକ ଚରିତ୍ର ମଧ୍ୟ ଅତି ଉନ୍ନତ ରୁଚିର ପରିଚୟ ପ୍ରଦାନ କରେ ଏବଂ ସେମାନଙ୍କର କାର୍ଯ୍ୟକଳାପରେ କର୍ତ୍ତବ୍ୟ ପରାୟଣତା, ନିଷ୍ଠା ଓ ସାହସିକତା ପ୍ରକାଶିତ ହୁଏ । ବାଳକମାନେ ସିଂହଶାବକ ସହିତ କ୍ରୀଡ଼ା କରୁଥିବା ଏବଂ ବୃଷଭ ସହିତ କୌତୁକରେ ମତ୍ତେଇ କରୁଥିବା ଦୃଶ୍ୟ ଅତି ଚିତ୍ତାକର୍ଷକ । ଅରଣ୍ୟ ମଧ୍ୟରେ ବଣହାତୀ ସହିତ ବା ସିଂହ ସହିତ ଯୁଦ୍ଧ କରୁଥିବା ବୀରପୁରୁଷଙ୍କ ଶୌର୍ଯ୍ୟ ଓ ସାହସ ଏକ ସାମରିକ ଜାତିର ଶକ୍ତି ଓ ପୌରୁଷର ପରିଚାୟକ । ମୋଟ ଉପରେ ଖାରବେଳ ଶାସିତ କଳିଙ୍ଗରେ ନାରୀ ଓ ନାଗରିକମାନଙ୍କର ଯେଉଁ ଉନ୍ନତ ରୁଚି ସାହସିକତା ଓ ଆତ୍ମବିଶ୍ୱାସ ପ୍ରକାଶ ପାଉଥିଲା ତାହାହିଁ ପ୍ରତିଫଳିତ ହୋଇଛି ପାହାଡ଼ ଗାତ୍ରରେ ଖୋଦିତ ସଙ୍ଗୀତ ମୁଖର ଓ ପ୍ରାଚୁର୍ଯ୍ୟ ଭରା ସାମାଜିକ ଚିତ୍ରରେ । ଭାରତର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ଯାଏ ଖାରବେଳଙ୍କ ଦିଗ୍‌ବିଜୟ ଅଭିଯାନର ବଳିଷ୍ଠ ପୃଷ୍ଠଭୂମି ଥିଲା ସେହି ଅଗ୍ରଗାମୀ ସମାଜ ।

ଖାରବେଳ କଳିଙ୍ଗବାସୀଙ୍କ ଅର୍ଥନୈତିକ ଓ ସାମାଜିକ ଉନ୍ନତି ତଥା ସାଂସ୍କୃତିକ ବିକାଶ ପାଇଁ ସେ କେବଳ ପ୍ରଚେଷ୍ଟା କରିଥିଲେ ତାହା ନୁହେଁ, ସେ ଧାର୍ମିକ ଓ ଆଧ୍ୟାତ୍ମିକ ଉନ୍ନୟନ ନିମନ୍ତେ ବିଶେଷ ଭାବରେ ବ୍ରତୀ ଥିଲେ । ତାଙ୍କର ଉତ୍ତର ଭାରତ



ଧୋତି ପିନ୍ଧି ଖାଲି ପାଦରେ ଦଣ୍ଡାୟମାନ ଦ୍ୱାରପାଳ

ଅଭିଯାନ ମୂଳରେ ରାଜନୈତିକ କାରଣ ଅପେକ୍ଷା ଧାର୍ମିକ ପ୍ରେରଣା ଓ ଆଦର୍ଶ ନିହିତ ଥିବା ସ୍ପଷ୍ଟ ସୂଚନା ମିଳେ । ଜୈନପୀଠ ମଥୁରାକୁ ଯବନଙ୍କ କବଳରୁ ମୁକ୍ତ କରିଥିବା କାର୍ଯ୍ୟକୁ ସେ ଅତି ଗୌରବମୟ ଜ୍ଞାନ କରିଥିଲେ ଏବଂ ସେହି ବିଜୟ ଉତ୍ସବ ପାଳନ ନିମନ୍ତେ ସେଠାରେ ଥିବା କଳ୍ପବୃକ୍ଷର ଏକ ପଲ୍ଲବ ଭରା ଶାଖା ସାମରିକ ଶୋଭାଯାତ୍ରାରେ କଳିଙ୍ଗ ନଗରୀକୁ ଅଣାଇ ଥିଲେ । ରାଜତ୍ୱର ଦ୍ୱାଦଶ ବର୍ଷରେ ମଗଧ ବିଜୟ ପରେ ପାଟଳୀପୁତ୍ରଠାରୁ କାଳିଙ୍ଗଜିନ ପ୍ରତିମା ଉଦ୍ଧାର କରି କଳିଙ୍ଗର ପ୍ରାଚୀନ ରାଜଧାନୀ ପିଥୁଣ୍ଡ ନଗରଠାରେ ମହାସମାରୋହରେ ପ୍ରତିଷ୍ଠିତ କରିଥିଲେ । ତାହାର ପ୍ରାୟ ତିନିଶହ ବର୍ଷ ପୂର୍ବେ ମଗଧ ସମ୍ରାଟ ମହାପଦ୍ମନନ୍ଦ କଳିଙ୍ଗ ଜୟ କରି ତତ୍‌କାଳୀନ ରାଜଧାନୀ ପିଥୁଣ୍ଡକୁ ଧ୍ୱଂସ କରିଥିଲେ ଏବଂ କଳିଙ୍ଗ ରାଜ୍ୟର ଉପାସ୍ୟ ଠାକୁର କାଳିଙ୍ଗଜିନଙ୍କ ପ୍ରତିମା ବିଜୟର ସଙ୍କେତ ସ୍ୱରୂପ ନିଜ ରାଜଧାନୀ ପାଟଳୀପୁତ୍ରକୁ ନେଇ ଯାଇଥିଲେ । ତାହା କଳିଙ୍ଗବାସୀଙ୍କ ପ୍ରାଣରେ ଗଭୀର ଆଘାତ ଦେଇଥିବା ସ୍ୱାଭାବିକ । ସମ୍ରାଟ ଅଶୋକ କଳିଙ୍ଗ ପ୍ରତି ସହାନୁଭୂତିଶୀଳ ମନୋଭାବ ପ୍ରକାଶ କରି ଧର୍ମ-ନିରପେକ୍ଷ ନୀତି ଅବଲମ୍ବନ କରିଥିଲେ ହେଁ କଳିଙ୍ଗର ସେହି ଜିନ୍ ପ୍ରତିମା କଳିଙ୍ଗବାସୀଙ୍କୁ ଫେରାଇଦେଇ

ପାରିନଥିଲେ । ଖାରବେଳଙ୍କ ମଗଧ ବିଜୟ ପର୍ଯ୍ୟନ୍ତ କଳିଙ୍ଗର ଦୁଃଖ ଓ ଅସମ୍ମାନର ନିଦର୍ଶନ ରୂପେ ଉକ୍ତ ପ୍ରତିମାକୁ ପାଟଳୀପୁତ୍ରଠାରେ ରଖା ଯାଇଥିଲା । ପରାଜିତ ମଗଧରାଜ ବୃହସ୍ପତି ମିତ୍ର ଖାରବେଳଙ୍କର ଚରଣ ବନ୍ଦନା କରି ଜିନ ପ୍ରତିମା ସମର୍ପଣ କରିଥିବା ବିବରଣ ଗୌରବର ସହିତ ଅଭିଲେଖରେ ଉଲ୍ଲେଖ ପାଇଅଛି ।

ଖାରବେଳ ରାଜତ୍ୱର ନବମ ବର୍ଷଠାରୁ ଧର୍ମ ଭାବ ଧାରାରେ ବିଶେଷ ରୂପେ ଅନୁପ୍ରାଣିତ ହୋଇଥିବା ଜଣାପଡ଼େ । ଅଭିଲେଖର ଅଷ୍ଟମ ବର୍ଷର ବିବରଣୀରେ ତାଙ୍କୁ 'ଯତି' ରୂପେ ଉଲ୍ଲେଖ କରାଯାଇଥିବା ତାତ୍ପର୍ଯ୍ୟପୂର୍ଣ୍ଣ ମନେ ହୁଏ । ଖାରବେଳ ନିଜେ ଶ୍ୱେତାମ୍ବର ଜୈନ ସଂପ୍ରଦାୟର ସମର୍ଥକ ଥିଲେ । ସେ ଶ୍ୱେତ ବସ୍ତ୍ର ପରିଧାନ କରିଥିବା ଏବଂ ରାଜବୃତ୍ତି ଭୋଗ କରୁଥିବା ଜିନମାନଙ୍କର ଉପାସକ ବୋଲି ନିଜକୁ ବ୍ୟକ୍ତ କରି ଅଛନ୍ତି । ତାହା ହେଲେ ହେଁ, ଜୈନ ଧର୍ମର ଅନ୍ୟ ସଂପ୍ରଦାୟ ପ୍ରତି ତାଙ୍କର ଉଦାର ପୃଷ୍ଠପୋଷକତା ଥିଲା । ଉଦୟଗିରି ଓ ଖଣ୍ଡଗିରିଠାରେ ସଂସାର ତ୍ୟାଗୀ ଯାପଜ୍ଞାପକ ଅର୍ହତଙ୍କର ବର୍ଷାକାଳୀନ ବିଶ୍ରାମ ନିମନ୍ତେ ସେ ବହୁ ଗୁମ୍ଫା ଖନନ କରାଇଥିଲେ । ସେହି ଅର୍ହତ ଗଣ ଶ୍ୱେତାମ୍ବର ଓ ଦିଗମ୍ବର ପନ୍ଥୀଙ୍କ ମଧ୍ୟରେ ସଂଯୋଗ ରକ୍ଷାକାରୀ ଜୈନ ସଂପ୍ରଦାୟର ଅନ୍ତର୍ଭୁକ୍ତ ଥିବା ଜଣାଯାଏ । ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ବହୁ ଉଚ୍ଚ କର୍ମଚାରୀ, ରାଣୀ ଓ ରାଜପୁତ୍ର ଜୈନ ଅର୍ହତଙ୍କ ନିମନ୍ତେ ଗୁମ୍ଫାମାନ ଖନନ କରାଇ ଅଛନ୍ତି । ମହାମାତ୍ର ନାକୀୟ ଏବଂ ତାଙ୍କର ପତ୍ନୀ ବରିୟା ଉଭୟେ ଉଦୟଗିରିର ଜମ୍ବେଶ୍ୱର ଗୁମ୍ଫା ଖନନ କରିଥିଲେ । ସେହି ପାହାଡ଼ସ୍ଥ ବ୍ୟାଘ୍ର ଗୁମ୍ଫା ନଗର ବିଚାରପତି ଭୂତିଙ୍କ ଦ୍ୱାରା ଏବଂ ସର୍ପ ଗୁମ୍ଫା କର୍ମ ସଚିବ ଓ ତାଙ୍କ ପତ୍ନୀ କ୍ଷୀଣାଙ୍କ ଦ୍ୱାରା ଖୋଦିତ ହୋଇଥିବା ଜଣାପଡ଼େ । ଖଣ୍ଡଗିରିରେ ଥିବା ଉନ୍ନତ କଳାଯୁକ୍ତ ତତୋଆ ଗୁମ୍ଫା ପାଦମୂଳିକ କୁସୁମଙ୍କର କୀର୍ତ୍ତି । ଖାରବେଳଙ୍କର ଉତ୍ତରାଧିକାରୀ ମହାରାଜ କୁଦେପସିରି ମଞ୍ଚପୁରୀ ଗୁମ୍ଫାର ତଳ ମହାଲ ଖୋଦନ କରାଇଥିଲେ ଏବଂ ସେହି ମହାଲର ଡାହାଣ ପାର୍ଶ୍ୱସ୍ଥ ପ୍ରକୋଷ୍ଠଟି କୁମାର ବଡୁଖଙ୍କ ଦ୍ୱାରା ପରବର୍ତ୍ତୀ କାଳରେ ଯୋଗ କରାଯାଇଥିଲା ।

ଖାରବେଳଙ୍କର ଦୁଇଜଣ ରାଣୀ ଥିବା ଅଭିଲେଖ ତଥା ଖୋଦନ କଳାରୁ ଜଣାପଡ଼େ । ଅଗ୍ରମହିଷୀ 'ବଜିର ଘର ରାଣୀ' ଜଣେ ନିଷ୍ଠାପରା ଜୈନ ଉପାସିକା ଥିଲେ । ସେ କଳିଙ୍ଗର ଶ୍ରମଣଙ୍କ ନିମନ୍ତେ ମଞ୍ଚପୁରୀର ଉପର ମହାଲ ଖନନ କରାଇଥିଲେ । ମାତ୍ର ଦ୍ୱିତୀୟା ମହିଷୀ 'ସିଂହପଥ ରାଣୀ' ଥିଲେ ଜଣେ ଉଦାରମନା ନାରୀ । ସେ ସମସ୍ତ ଧର୍ମ ସଂପ୍ରଦାୟ ପ୍ରତି ସନମାନ ପ୍ରଦର୍ଶନ କରିବାପାଇଁ ଖାରବେଳଙ୍କୁ ପ୍ରବର୍ତ୍ତାଉ ଥିଲେ । ସେତେବେଳକୁ ଖଣ୍ଡଗିରିକୁ କେବଳ ଜୈନ ଶ୍ରମଣ ଓ ଯତି ନୁହନ୍ତି, ବ୍ରାହ୍ମଣ୍ୟ ଧର୍ମର ଋଷି ଓ ତପସ୍ୱୀ ଏବଂ ବୌଦ୍ଧ ଧର୍ମର ଭିକ୍ଷୁ ଓ ସଂଘାୟନ ବହୁ ସଂଖ୍ୟାରେ ତୀର୍ଥ ଯାତ୍ରାରେ ଆସୁଥିଲେ । କୁମାରୀ ପର୍ବତ (ଉଦୟଗିରି) ରେ ନିଜେ ମହାବୀର ବୀର ଚକ୍ର ପ୍ରବର୍ତ୍ତନ କରିଥିବା ହେତୁ ସେହିସ୍ଥାନ ସମଗ୍ର ଭାରତରେ ପ୍ରଖ୍ୟାତ ଥିଲା । ସେଠାକୁ ଆସୁଥିବା ବିଭିନ୍ନ ଧର୍ମ ସଂପ୍ରଦାୟର ଅତିଥିଙ୍କ ନିମନ୍ତେ ଏକ ବିଶ୍ରାମ ଗୃହ ନିର୍ମାଣ କରିବା ନିମନ୍ତେ ସିଂହ ପଥରାଣୀ ଖାରବେଳଙ୍କୁ ଅନୁରୋଧ କରିଥିଲେ ଏବଂ ତାଙ୍କ ଅନୁରୋଧ ରକ୍ଷା କରି ଖାରବେଳ ସେଠାରେ ଏକ ଲକ୍ଷ ପଞ୍ଚ ସହସ୍ର ମୁଦ୍ରା ବ୍ୟୟରେ ଏକ ବିରାଟ ହର୍ମ୍ୟ ନିର୍ମାଣ କରିଥିଲେ ।

ହାତୀଗୁମ୍ଫା ଅଭିଲେଖକୁ ଘେରି ଜୈନମାନଙ୍କର ଚାରିଗୋଟି ଧର୍ମ ସଂକେତ–ବଦ୍ଧ ମଂଗଳ, ନନ୍ଦିପଦ, ଶ୍ରୀବତ୍ସ ଓ ବୃକ୍ଷ ଚୈତ୍ୟ ଖୋଦିତ ହୋଇଅଛି, ଏବଂ ତାହା ସୂଚାଇ ଦେଉଛି ଯେ ଅଭିଲେଖର ବିଷୟ ବସ୍ତୁରେ ସତ୍ୟ ଓ ବାସ୍ତବତା ସନ୍ନିହିତ । ସେହି ଅଭିଲେଖ ଖାରବେଳଙ୍କର ଚତୁର୍ଦ୍ଦଶ ବର୍ଷ ରାଜତ୍ୱରେ ଉତ୍କୀର୍ଣ୍ଣ କରାଯାଇଥିଲା ଏବଂ ତହିଁରେ ତାଙ୍କର ତେର ବର୍ଷ ରାଜତ୍ କାଳର ବିବରଣୀ ଲିପିବଦ୍ଧ ହୋଇଥିବାର ପ୍ରମାଣ ମିଳେ । ମାତ୍ର ତାହାପରେ ଖାରବେଳ ଆଉ କେତେକାଳ ରାଜତ୍ୱ କରିଥିଲେ ଏବଂ କଣ ଅଧିକ କୀର୍ତ୍ତି ସଂପାଦନ କରିଥିଲେ ତାହା ଜାଣିବା ନିମନ୍ତେ ବିଶ୍ୱାସ ଯୋଗ୍ୟ ଉପାଦାନ କିଛି ମିଳିନାହିଁ । ତେଣୁ ରାଜତ୍ୱର ତ୍ରୟୋଦଶ ବର୍ଷ ପର୍ଯ୍ୟନ୍ତ ତାଙ୍କର ଗୌରବୋଜ୍ଜ୍ୱଳ ଘଟଣା ବହୁଳ ଜୀବନର ପର୍ଯ୍ୟାଲୋଚନା କରିବା ଛଡ଼ା ଅନ୍ୟ ଅଧିକ କହିବା ସମ୍ଭବ ନୁହେଁ । ଏହି ସ୍ୱଳ୍ପ କାଳ ମଧ୍ୟରେ ସେ ଧର୍ମ, ରାଜନୀତି, ସମର ନୀତି, କଳା ଓ ସଂସ୍କୃତି କ୍ଷେତ୍ରରେ ଯେଉଁ ଅନନ୍ୟ ସୁଲଭ ଅବଦାନ ଦେଇ ଯାଇଅଛନ୍ତି ଏବଂ ଯେଉଁ ଅଭୂତ ପୂର୍ବ କ୍ରିୟା କଳାପ ପ୍ରଦର୍ଶନ କରିଅଛନ୍ତି ତାହା କଳିଂଗ ତଥା ଭାରତର ଇତିହାସ ଓ ସଂସ୍କୃତିକୁ ବହୁ ଭାବରେ ପ୍ରଭାବିତ କରିଅଛି । ହାତୀଗୁମ୍ଫା ଅଭିଲେଖର ଭାଷାରେ–"ଗୁଣ ବିଶେଷ କୁଶଳ, ସର୍ବ ପାଷଣ୍ଡ ପୂଜକ, ସର୍ବଦେବାୟତନ ସଂସ୍କାର କାରକ, ଅପ୍ରତିହତ ଚକ୍ର ବାହନ ବଳ, ଚକ୍ରଧର, ଗୁପ୍ତ ଚକ୍ର, ପ୍ରବର୍ତ୍ତ ଚକ୍ର, ରାଜର୍ଷି, ବସୁକୁଳ ବିନିସୃତ, ମହା ବିଜୟ ରାଜା ଖାରବେଳ ସିରି" ଙ୍କ ଅନନ୍ତ ପ୍ରେରଣାରେ ଏ ଜାତି ଜାଗ୍ରତ ହେଉ ଏବଂ ନୂତନ ଚେତନାରେ ଉଦ୍‌ବୁଦ୍ଧ ହେଉ । ○○

# ଭାରତୀୟ ଶାସନରେ ରାଷ୍ଟ୍ରପତିଙ୍କର ଭୂମିକା

ଡକ୍ଟର ବୈଦ୍ୟନାଥ ମିଶ୍ର

ଭାରତରେ ଏକ ବ୍ୟବସ୍ଥାପକ ଶାସନ ପ୍ରଚଳିତ ହେଉଛି । ବ୍ୟବସ୍ଥାପକ ଶାସନରେ ମନ୍ତ୍ରୀମଣ୍ଡଳର କର୍ତ୍ତୃତ୍ୱ ଅଧିକ । ବ୍ରିଟେନରେ ଯେପରି ବ୍ୟବସ୍ଥାପକ ଶାସନ ଅଛି, ଭାରତରେ ମଧ୍ୟ ସେହିପରି । ସେଠାରେ ରାଣୀଙ୍କର ଶାସନରେ ବହୁତ ମର୍ଯ୍ୟାଦା ଅଛି, କିନ୍ତୁ କ୍ଷମତା ନାହିଁ । ସେଥିପାଇଁ କୁହାଯାଏ ଇଂଲଣ୍ଡର ରାଣୀ ରାଜତ୍ୱ କରନ୍ତି, କିନ୍ତୁ ଶାସନ କରନ୍ତି ନାହିଁ— She reigns, does not rule । ଆମେରିକା ଶାସନରେ ଜଣେ ପ୍ରେସିଡେଣ୍ଟ ଅଛନ୍ତି । ସେଠାରେ ବ୍ୟବସ୍ଥାପକ ଶାସନ ନାହିଁ । ତେଣୁ ସେଠାରେ ପ୍ରେସିଡେଣ୍ଟ ଶାସନ କରନ୍ତି । ଇଂଲଣ୍ଡରେ ଯେପରି ଶାସନରେ ମନ୍ତ୍ରୀମଣ୍ଡଳର କର୍ତ୍ତୃତ୍ୱ ଅଧିକ, ଭାରତରେ ସେହିପରି ମନ୍ତ୍ରୀମଣ୍ଡଳର କର୍ତ୍ତୃତ୍ୱ ଅଧିକ । ତେଣୁ ଭାରତରେ ମନ୍ତ୍ରୀମଣ୍ଡଳ ଶାସନ କରନ୍ତି ବୋଲି କହିଲେ ଭୁଲ ହେବନାହିଁ ।

ଆମର ଯେଉଁମାନେ ସଂବିଧାନ ପ୍ରଣୟନ କରିଥିଲେ ସେମାନେ ମଧ୍ୟ କହିଥିଲେ ଯେ ଭାରତୀୟ ଶାସନରେ ମନ୍ତ୍ରୀମଣ୍ଡଳ କର୍ତ୍ତୃତ୍ୱ ଅଧିକ ରହିବ । ସଂବିଧାନରେ ରାଷ୍ଟ୍ରପତିଙ୍କର ଭୂମିକା ଆଲୋଚନା କରି ଡକ୍ଟର ବି. ଆମ୍ବେଦକାର କହିଥିଲେ, The President of India "is the head of the state but not the executive. He represents the nation but does not rule the nation. He is the symbol of the nation." ଅର୍ଥାତ୍ ଭାରତୀୟ ରାଷ୍ଟ୍ରପତି ରାଷ୍ଟ୍ରର ମୁଖ୍ୟ, କିନ୍ତୁ ଶାସନ ମୁଖ୍ୟ ନୁହନ୍ତି । ସେ ରାଷ୍ଟ୍ରର ପ୍ରତିନିଧିତ୍ୱ କରନ୍ତି, କିନ୍ତୁ ଶାସନ କରନ୍ତି ନାହିଁ । ସେ ରାଷ୍ଟ୍ରର ସଙ୍କେତ । ଏଥିରୁ ଦେଖାଯିବ ଯେ ଭାରତୀୟ ଶାସନରେ ରାଷ୍ଟ୍ରପତିଙ୍କୁ ଅନେକ ମର୍ଯ୍ୟାଦା ଦିଆଯାଇଛି, କିନ୍ତୁ କ୍ଷମତା ଦିଆଯାଇନାହିଁ ।

ସଂବିଧାନର ବିଭିନ୍ନ ଧାରା ଆଲୋଚନା କଲେ ମଧ୍ୟ ଦେଖିବାକୁ ମିଳିବ ଯେ ରାଷ୍ଟ୍ରପତି ମନ୍ତ୍ରୀମଣ୍ଡଳର ପରାମର୍ଶ ଦ୍ୱାରା ପରିଚାଳିତ ହେବେ । ସଂବିଧାନରେ କୁହାଯାଇଛି ଯେ ରାଷ୍ଟ୍ରପତି ମନ୍ତ୍ରୀମଣ୍ଡଳର ସାହାଯ୍ୟ ଓ ପରାମର୍ଶ ଦ୍ୱାରା (Aid and Advice) ଶାସନ କାର୍ଯ୍ୟ ପରିଚାଳନା କରିବେ । ଯେଉଁ ପର୍ଯ୍ୟନ୍ତ ରାଷ୍ଟ୍ରରେ ଗୋଟିଏ ଆଇନ ସମ୍ମତ ସରକାର ଥିବ, ସେ ପର୍ଯ୍ୟନ୍ତ ରାଷ୍ଟ୍ରପତି ଏହି ସରକାର ଦ୍ୱାରା ପରିଚାଳିତ ହେବେ । ଅର୍ଥାତ୍ ରାଷ୍ଟ୍ରର ବିଧିବିଧାନ ଅନୁସାରେ ପାର୍ଲାମେଣ୍ଟପାଇଁ ନିର୍ବାଚନ ହୋଇଥିବ, ଏହି ନିର୍ବାଚନ ପରେ ଏକ ସଂଖ୍ୟାଗରିଷ୍ଠ ଦଳ ମନ୍ତ୍ରୀମଣ୍ଡଳ ଗଠନ କରିଥିବେ, ତାହାହେଲେ ରାଷ୍ଟ୍ରପତି ଏହି ମନ୍ତ୍ରୀମଣ୍ଡଳର ପରାମର୍ଶ ଅନୁଯାୟୀ କାମ କରିବେ । ଏହି ପରିପ୍ରେକ୍ଷୀରେ ମନ୍ତ୍ରୀମଣ୍ଡଳ ଓ ରାଷ୍ଟ୍ରପତିଙ୍କ ଭିତରେ ସଂଘର୍ଷ ହେବାର ସମ୍ଭାବନା ନାହିଁ । ରାଷ୍ଟ୍ରପତି ଏକ ବିକଳ୍ପ କ୍ଷମତାର କେନ୍ଦ୍ରବୋଲି ଧରିବା ଉଚିତ ନୁହେଁ, କାରଣ ଏହା ଫଳରେ ବ୍ୟବସ୍ଥାପକ ଶାସନର ଭିତ୍ତି دୋହଲି ଯିବ ।

ତା' ପରେ ୧୯୭୬ରେ ଯେତେବେଳେ ସଂବିଧାନର ୪୨ତମ ସାଂବିଧାନିକ ସଂଶୋଧନ କରାଯାଇଛି, ସେତେବେଳେ ରାଷ୍ଟ୍ରପତିଙ୍କ କ୍ଷମତାକୁ ଅଧିକ ନିଷ୍କ୍ରିୟ କରାଯାଇଛି । ସେଥିରେ କୁହାଯାଇଛି ଯେ ରାଷ୍ଟ୍ରପତି ମନ୍ତ୍ରୀମଣ୍ଡଳର ମତଦ୍ୱାରା ପରିଚାଳିତ ହେବାକୁ ବାଧ୍ୟ । ପୂର୍ବରୁ ଥିଲା ଯେ ରାଷ୍ଟ୍ରପତି ମନ୍ତ୍ରୀମଣ୍ଡଳର ସାହାଯ୍ୟ ଓ ପରାମର୍ଶ ନେଇ କାର୍ଯ୍ୟ କରିବେ । ୧୯୭୬ ପରେ ହେଲା ରାଷ୍ଟ୍ରପତିଙ୍କୁ ଯାହା ମନ୍ତ୍ରୀମଣ୍ଡଳ କହିବେ, ସେ ତାହା କରିବାକୁ ବାଧ୍ୟ । ଏଥିରେ ରାଷ୍ଟ୍ରପତିଙ୍କର କ୍ଷମତା କେତେ ସୀମିତ ହେଲା, ତାହା ସହଜରେ ଅନୁମେୟ । ୧୯୭୮ରେ ଯେତେବେଳେ ସଂବିଧାନର ୪୪ତମ ସଂଶୋଧନ କରାଗଲା, ସେତେବେଳେ ରାଷ୍ଟ୍ରପତିଙ୍କର କ୍ଷମତାର ପରିସର ବୃଦ୍ଧି ହେଲା ନାହିଁ, କେବଳ ଏତିକି କୁହାଗଲା ଯେ ଯଦି ରାଷ୍ଟ୍ରପତି ମନ୍ତ୍ରୀମଣ୍ଡଳର କୌଣସି ଏକ ନିଷ୍ପତ୍ତିକୁ ଗ୍ରହଣ କରିବାକୁ ଅସୁବିଧା ମନେ କଲେ, ତାହା ହେଲେ ସେ ଏହି ନିଷ୍ପତ୍ତିର ପୁନର୍ବିଚାର ପାଇଁ ମନ୍ତ୍ରୀମଣ୍ଡଳକୁ ଅନୁରୋଧ କରିବେ । ଏ ପର୍ଯ୍ୟନ୍ତ କୌଣସି ରାଷ୍ଟ୍ରପତି ଏହି କ୍ଷମତା ପ୍ରୟୋଗ କରି ନାହାନ୍ତି । କିନ୍ତୁ କୌଣସି ରାଷ୍ଟ୍ରପତି ଏହି କ୍ଷମତା ଯଦି ପ୍ରୟୋଗ କରନ୍ତି ଏବଂ ଏହି ନିଷ୍ପତ୍ତିର ପୁନର୍ବିଚାର ପାଇଁ ମନ୍ତ୍ରୀମଣ୍ଡଳ ପାଖକୁ ପଠାନ୍ତି, ତାହାହେଲେ ମନ୍ତ୍ରୀମଣ୍ଡଳ ତାର ପୁନର୍ବିଚାର କରିବେ । କିନ୍ତୁ ପୁନର୍ବିଚାର କଲାପରେ ଯଦି ମନ୍ତ୍ରୀମଣ୍ଡଳ ପୁଣି ନିଜର ନିଷ୍ପତ୍ତିକୁ କାଏମ୍ ରଖନ୍ତି, ରାଷ୍ଟ୍ରପତି ଏହି ନିଷ୍ପତ୍ତିକୁ

ମାନିନେବାକୁ ବାଧ୍ୟ । ଏଥିରୁ ଦେଖାଯିବ ଯେ ରାଷ୍ଟ୍ରପତି ମନ୍ତ୍ରୀମଣ୍ଡଳକୁ ପରାମର୍ଶ ଦେବେ, ମନ୍ତ୍ରୀମଣ୍ଡଳର ଶାସନ କାର୍ଯ୍ୟରେ ସାହାଯ୍ୟ କରିବେ । କିନ୍ତୁ ମନ୍ତ୍ରୀମଣ୍ଡଳ ଶାସନ କାର୍ଯ୍ୟ ପରିଚାଳନା କରିବେ । ସଂବିଧାନର ଏହି ଭିତ୍ତିକୁ କେହି ଭୁଲିଯିବା ଉଚିତ ନୁହେଁ । ମନ୍ତ୍ରୀମଣ୍ଡଳ ଉତ୍ତମ କାମ କରୁଛନ୍ତି କି ଭୁଲ କାମ କରୁଛନ୍ତି, ତାହା ଏଠାରେ ବିଚାର କରାଯାଉ ନାହିଁ । ଏଠାରେ କୁହା ଯାଉଛି ଯେ ଭାରତରେ ଯେଉଁ ବ୍ୟବସ୍ଥାପକ ବା ପାର୍ଲାମେଣ୍ଟ ଶାସନ ପ୍ରତିଷ୍ଠିତ ହୋଇଛି, ସେଥିରେ ଯେଉଁ ମନ୍ତ୍ରୀମଣ୍ଡଳ ନିର୍ବାଚନ ପଦ୍ଧତି ଓ ଶାସନ ଖସଡ଼ା ଅନୁସାରେ ଗଠନ କରାଯିବ, ସେମାନେ ଯେଉଁ ପର୍ଯ୍ୟନ୍ତ କ୍ଷମତାରେ ଥିବେ, ଅର୍ଥାତ୍ ସେମାନଙ୍କର ଲୋକସଭାରେ ଯେ ପର୍ଯ୍ୟନ୍ତ ସଂଖ୍ୟାଗରିଷ୍ଠତା ଥିବ, ସେମାନଙ୍କ ମତ ଓ ନୀତି ଅନୁଯାୟୀ ଦେଶର ଶାସନ କାର୍ଯ୍ୟ ପରିଚାଳିତ ହେବ ।


ଏଠାରେ ଅନ୍ୟ ଏକ କଥା ମଧ୍ୟ ଉଲ୍ଲେଖ କରାଯାଇ ପାରେ । ଯେତେବେଳେ ସଂବିଧାନ ପ୍ରଣୟନ କରାଗଲା, ସେତେବେଳେ ପ୍ରଶ୍ନ ଉଠିଲା ଯେ ରାଷ୍ଟ୍ରପତି ସିଧା ସଳଖ ଭୋଟରମାନଙ୍କର ଭୋଟ ଦ୍ୱାରା ନିର୍ବାଚିତ ହେବେ ବା ପରୋକ୍ଷ ଭାବରେ ପାର୍ଲାମେଣ୍ଟ ଓ ଆସେମ୍ବ୍ଲିର ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ନିର୍ବାଚିତ ହେବେ । ଏଥିରେ ବହୁତ ତର୍କ ବିତର୍କ ହେଲା । ଶେଷରେ ଦ୍ୱିତୀୟ ପନ୍ଥା ଗ୍ରହଣ କରାଗଲା । ଏଥିପାଇଁ ଯୁକ୍ତି ହେଲା ଯେ ରାଷ୍ଟ୍ରପତି ଯଦି ସିଧାସଳଖ ଭୋଟରମାନଙ୍କଦ୍ୱାରା ନିର୍ବାଚିତ ହେବେ, ତାହାହେଲେ ତାଙ୍କର କ୍ଷମତା ମନ୍ତ୍ରୀମଣ୍ଡଳଠାରୁ ଅଧିକ ହେବ । ସଂବିଧାନର ତାହା ଉଦ୍ଦେଶ୍ୟ ନୁହେଁ । ଭାରତରେ ଯେତେବେଳେ ପାର୍ଲାମେଣ୍ଟ ଶାସନ ପ୍ରତିଷ୍ଠିତ ହୋଇଛି, ସେତେବେଳେ ମନ୍ତ୍ରୀମଣ୍ଡଳକୁ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ ।

ମୋଟ କଥା ଆମେ ଇଂଲଣ୍ଡ ଶାସନ ପଦ୍ଧତିକୁ ଅନୁକରଣ କରି ଆମର ସଂବିଧାନ ପ୍ରସ୍ତୁତ କରିଛୁ । ଯେଉଁମାନେ ଶାସନ ଖସଡ଼ା ପ୍ରସ୍ତୁତ କରିଥିଲେ, ସେମାନେ ଇଂରେଜ ଶିକ୍ଷା ଓ ପରଂପରାଦ୍ୱାରା ପ୍ରଭାବିତ ହୋଇଥିଲେ । ଇଂଲଣ୍ଡରେ ରାଜା ଅଛନ୍ତି । ସେ ବଂଶାନୁକ୍ରମେ ରାଜତ୍ୱ କରୁଛନ୍ତି । ତାଙ୍କର କ୍ଷମତା ସଂକୁଚିତ କରାଯାଇଛି । ମନ୍ତ୍ରୀମଣ୍ଡଳ ଶାସନ କାର୍ଯ୍ୟ ପରିଚାଳନା କରିବେ ବୋଲି ଅଧିକାର ପାଇଛନ୍ତି । ଏହି ପ୍ରକାର ଶାସନକୁ ସୀମିତ ରାଜତନ୍ତ୍ର ଶାସନ (Limited monarchy) ବୋଲି କୁହାଯାଉଛି । ଭାରତରେ ତ ଆଉ ଜଣେ ରାଜା ସୃଷ୍ଟି କରାଯାଇ ନାହିଁ । ସେଥିପାଇଁ ରାଷ୍ଟ୍ରପତିଙ୍କୁ ସୃଷ୍ଟି କରାଯାଇଛି । ସେ ନିର୍ବାଚିତ ହେଉଛନ୍ତି, କିନ୍ତୁ ତାଙ୍କର କ୍ଷମତା ଇଂଲଣ୍ଡର ରାଜା ବା ରାଣୀଙ୍କ କ୍ଷମତା ଅନୁସାରେ ସ୍ଥିରୀକୃତ ହୋଇଅଛି । ସେଥିପାଇଁ କୁହାଯାଉଛି ଯେ ଇଂଲଣ୍ଡର ରାଜା ବା ରାଣୀ ରାଜତ୍ୱ କରନ୍ତି, କିନ୍ତୁ ଶାସନ କରନ୍ତି ନାହିଁ । ଆମେରିକାର ରାଷ୍ଟ୍ରପତି ଶାସନ କରନ୍ତି, କିନ୍ତୁ ଭାରତର ରାଷ୍ଟ୍ରପତି ରାଜତ୍ୱ କରନ୍ତି ନାହିଁ କି ଶାସନ କରନ୍ତି ନାହିଁ, କିନ୍ତୁ ତାଙ୍କ ନାମ ଅନୁସାରେ ଶାସନ କାର୍ଯ୍ୟ ପରିଚାଳିତ ହୁଏ ।

ଏଥିରୁ କେହି ବୁଝିବା ଉଚିତ ନୁହେଁ ଯେ ଭାରତୀୟ ରାଷ୍ଟ୍ରପତି ଦେଶ-ଶାସନରେ ତାଙ୍କର କିଛି ଅଧିକାର ନାହିଁ କି କ୍ଷମତା ନାହିଁ । ଆମେ ପୂର୍ବରୁ କହିଛୁ ଯେ ଭାରତୀୟ ବ୍ୟବସ୍ଥାପକ ଶାସନରେ ରାଷ୍ଟ୍ରପତିଙ୍କର ଅନେକ ମର୍ଯ୍ୟାଦା ଅଛି ଏବଂ ସେ ମଧ୍ୟ ଗଠନମୂଳକ ପ୍ରସ୍ତାବ ଦେଇ ସରକାରୀ ବା ମନ୍ତ୍ରୀମଣ୍ଡଳର କାର୍ଯ୍ୟରେ ଅନେକ ପରିବର୍ତ୍ତନ ଆଣି ପାରିବେ । ଏହା ତାଙ୍କର ବ୍ୟକ୍ତିତ୍ୱ ଉପରେ ନିର୍ଭର କରିବ । ସେ ଯଦି ବିରୋଧୀଦଳର ମୁଖପାତ୍ର ହେବେ, ତାହାହେଲେ ତାଙ୍କସହିତ ମନ୍ତ୍ରୀମଣ୍ଡଳର ସଂଘର୍ଷ ସୃଷ୍ଟି ହେବ । ଏହାଦ୍ୱାରା ତାଙ୍କର ସମ୍ମାନ ହାନି ହେବ । କାରଣ ମନ୍ତ୍ରୀମଣ୍ଡଳ ଯାହା ଚାହିଁବେ, ତାହା କରି ପାରିବେ । ରାଷ୍ଟ୍ରପତି ବିନା ପ୍ରତିବନ୍ଧକ ସୃଷ୍ଟି କରି ପାରିବେ, ମନ୍ତ୍ରୀମଣ୍ଡଳର ନିର୍ଦ୍ଦେଶକୁ ଅବମାନନା କରି ପାରିବେ ନାହିଁ । କିନ୍ତୁ ରାଷ୍ଟ୍ରପତି ଯଦି ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ପ୍ରତ୍ୟେକ ଜିନିଷର ଭଲ ମନ୍ଦ ବିଚାର କରି ମନ୍ତ୍ରୀମଣ୍ଡଳକୁ ପରାମର୍ଶ ଦେବେ, ମନ୍ତ୍ରୀମଣ୍ଡଳ ନିଶ୍ଚୟ ଏଥିରେ ପ୍ରଭାବିତ ହେବେ । ତେଣୁ ରାଷ୍ଟ୍ରପତିଙ୍କର କ୍ଷମତା ଓ ପ୍ରଭାବ ତାଙ୍କର ବ୍ୟକ୍ତିତ୍ୱ ଉପରେ ନିର୍ଭର କରିବ । ସେ ବିରୋଧୀ ଦଳର ମୁଖପାତ୍ର ହେବେ ନାହିଁ କି ଶାସକ ଗୋଷ୍ଠୀର ଆଜ୍ଞାବହ ହେବେ ନାହିଁ । ଅନ୍ୟ ଅର୍ଥରେ ରାଷ୍ଟ୍ରପତିଙ୍କର କ୍ଷମତା ରାଷ୍ଟ୍ରପତିଙ୍କ ଉପରେ ନିର୍ଭର କରିବ, ତାଙ୍କର ଜ୍ଞାନ, ବୁଦ୍ଧି ଓ ବିଚକ୍ଷଣତାଦ୍ୱାରା ସେ ଶାସନର ମୋଡ଼ ମୋଡ଼ି ପାରିବେ ।

ଏ ହେଉଛି ସାଧାରଣ ସମୟ କଥା । ଯେତେବେଳେ ପାର୍ଲାମେଣ୍ଟରେ ଗୋଟିଏ ଦଳର ସଂଖ୍ୟାଗରିଷ୍ଠତା ଅଛି ଏବଂ ସେହି ସଂଖ୍ୟାଗରିଷ୍ଠ ଦଳ ନିଜର ନେତା ବାଛି ମନ୍ତ୍ରୀମଣ୍ଡଳ ଗଠନ କରିଛନ୍ତି । ଅର୍ଥାତ୍ ଯେ ପର୍ଯ୍ୟନ୍ତ ମନ୍ତ୍ରୀମଣ୍ଡଳ ପ୍ରତି ପାର୍ଲାମେଣ୍ଟର ସମର୍ଥନ ଅଛି, ସେ ପର୍ଯ୍ୟନ୍ତ ରାଷ୍ଟ୍ରପତିଙ୍କର କ୍ଷମତା ନିୟନ୍ତ୍ରଣାଧୀନ । କିନ୍ତୁ ଯେତେବେଳେ ପାର୍ଲାମେଣ୍ଟରେ କୌଣସି ଦଳ ସଂଖ୍ୟାଗରିଷ୍ଠତା ଲାଭ ନ କରି ପାରିବେ, ସେତେବେଳେ ରାଷ୍ଟ୍ରପତି ଅନେକ କ୍ଷମତା ଜାହିର କରି ପାରିବେ । ଶ୍ରୀଯୁକ୍ତ ରେଡ୍ଡିଙ୍କ ସମୟରେ ଏହି ଘଟଣା ଘଟିଛି । ଯେତେବେଳେ ଶ୍ରୀଯୁକ୍ତ ମୋରାରଜୀ ଦେଶାଇ ଇସ୍ତଫା ଦେଲେ, ସେତେବେଳେ ତତ୍କାଳୀନ ରାଷ୍ଟ୍ରପତି ଶ୍ରୀଯୁକ୍ତ ରେଡ୍ଡି ଯଦି ଶ୍ରୀଯୁକ୍ତ ଚରଣ ସିଂହଙ୍କୁ ନ ଡାକି ଶ୍ରୀଯୁକ୍ତ ଜଗଜୀବନ ରାମଙ୍କୁ ମନ୍ତ୍ରୀମଣ୍ଡଳ ଗଢିବାକୁ ଡାକିଥାନ୍ତେ ଭାରତୀୟ ରାଜନୀତିର ଗତି ବଦଳି ଯାଇଥାନ୍ତା । ଶ୍ରୀଯୁକ୍ତ ରେଡ୍ଡି ଠିକ୍ କରିଥିଲେ କି ଭୁଲ କରିଥିଲେ, ସେକଥା ଆମେ ଆଲୋଚନା କରୁ ନାହୁଁ । ଏ ବିଷୟରେ ଅନେକ ଆଲୋଚନା ହୋଇଛି, ଏବେ ମଧ୍ୟ ହେଉଛି ।

ଆମର କହିବାର କଥା ହେଉଛି ଯେ ଯେତେବେଳେ ସଂବିଧାନରେ ସଂକଟ ସୃଷ୍ଟି ହୁଏ ଏବଂ କୌଣସି ଦଳ ସଂଖ୍ୟାଗରିଷ୍ଠତା ହାସଲ କରି ପାରନ୍ତି ନାହିଁ, ସେତେବେଳେ ରାଷ୍ଟ୍ରପତିଙ୍କର କର୍ତ୍ତୃତ୍ୱ ଅନେକ ବଢିଯାଏ ଏବଂ ସେ ଶାସନର ଦିଗ ନିୟନ୍ତ୍ରଣ କରିବାରେ ଯଥେଷ୍ଟ ଅଧିକାର ପାଆନ୍ତି, ତେଣୁ ରାଷ୍ଟ୍ରପତି ରବରଷ୍ଟାମ୍ପ ନୁହନ୍ତି । ଶାସନରେ କର୍ତ୍ତୃତ୍ୱ ବିସ୍ତାର କରିବାପାଇଁ ତାଙ୍କର ଯଥେଷ୍ଟ ଅଧିକାର ଅଛି ।





# ସିପାହୀ ବିଦ୍ରୋହର ଆଦ୍ୟପର୍ବ

ଡଃ ସତ୍ୟନାରାୟଣ ରାଜଗୁରୁ

ଖ୍ରୀଷ୍ଟୀୟ ଊନବିଂଶ ଶତକ ଆରମ୍ଭରୁ ଭାରତକୁ ବ୍ରିଟିଶ୍ ତାର ନାଗଫାଶ ବନ୍ଧନରେ ଆବଦ୍ଧ କରିବାକୁ ଚେଷ୍ଟା କଲା । ସେ ସୃଷ୍ଟି କଲା ଚତୁର୍ଦ୍ଦିଗରେ ଏକ ବିରାଟ ଆକାରର କୌଶଳ-ବଳୟ । ସେଥି ନିମନ୍ତେ ଭାରତର ମଧ୍ୟ ଅନୁକୂଳ ବାତାବରଣ ରହିଥିଲା, କାରଣ ସ୍ଥାନୀୟ ରାଜା, ମହାରାଜାମାନଙ୍କ ମଧ୍ୟରେ ଏକତାର ଅଭାବ, ପୁଣି ଲୋକଙ୍କର ଧର୍ମ ବିଶ୍ୱାସ ତଥା ରକ୍ଷଣଶୀଳ ମନୋଭାବ ସମେତ ଭାଷା, ଜାତି ଓ ରାଜନୈତିକ ଶୃଙ୍ଖଳାର ବିଚ୍ଛିନ୍ନତା ସମୂହ ଭାବେ ଏ ଦେଶର ଆଭ୍ୟନ୍ତରୀଣ ଶକ୍ତିକୁ କ୍ଷୁର୍ଣ୍ଣ କରିଥିଲା । ସର୍ବୋପରି ଭାରତର ଅଧିକାଂଶ ଅଞ୍ଚଳରେ ତତ୍କାଳୀନ ଉତ୍କୃଷ୍ଟ ଅସ୍ତ୍ରଶସ୍ତ୍ରର (ତୋପ, ବନ୍ଧୁକ ଇତ୍ୟାଦି) ବ୍ୟବହାର ସୈନ୍ୟମାନଙ୍କ ଅଜ୍ଞାତ ଥିଲା ।

ଭାରତରେ ବାଣିଜ୍ୟ କରିବା ଆଳରେ ଆସି ଯେତେବେଳେ ଇଂରାଜୀ ଓ ଫରାସୀମାନେ ରାଜ୍ୟ ପରେ ରାଜ୍ୟ ଅଧିକାର କରିବାକୁ ଲାଗିଲେ, ସେତେବେଳେ ଦେଶୀୟ ରାଜା-ମହାରାଜାମାନେ ସତର୍କ ହେଲେ । କିନ୍ତୁ ଏଥିର ବହୁପୂର୍ବରୁ ସେମାନେ ତାଙ୍କ କୌଶଳ-ବଳୟ ଭିତରକୁ ପଶି ଆସିଗଲେଣି । ତେଣୁ ଯୁଦ୍ଧ ଓ ସନ୍ଧି ଭିତରେ ହିଁ ଖ୍ରୀଷ୍ଟୀୟ ୧୮ଶ ଓ ୧୯ଶ ଶତାବ୍ଦୀର ଭାରତ ଇତିହାସ ପରିପୁଷ୍ଟ ହୋଇଛି କହିଲେ ଚଳେ । ତଥାପି ଭାରତୀୟ ସୈନ୍ୟମାନେ ତାଙ୍କ ଦେଶୀୟ ଅସ୍ତ୍ରଶସ୍ତ୍ର (କୃପାଣ, ଭଲ୍ଲ, ଢାଲ, ଧନୁଶର ପ୍ରଭୃତି) ସାହାଯ୍ୟରେ ଯୁଦ୍ଧ ଚଳାଇ ବହୁକାଳ ପର୍ଯ୍ୟନ୍ତ ରାଜ୍ୟର ସ୍ୱାଧୀନତା ରକ୍ଷା କରିବାକୁ ସମର୍ଥ ହୋଇଥିଲେ ।

ଯେଉଁ ସମୟରେ ଦକ୍ଷିଣ-ଭାରତର ମାନ୍ଦ୍ରାଜ ଅଞ୍ଚଳରେ ଇଂରାଜୀମାନେ ଦ୍ୱିତୀୟ ମହୀଶୂର-ଯୁଦ୍ଧ ସକାଶେ କୂଟ-ନୈତିକ କାର୍ଯ୍ୟକଳାପ ଚଳାଇ ଚତୁର ନବାବ ହାଇଦର ଅଲ୍ଲିଙ୍କ ପରି ଜଣେ ସୁପ୍ରସିଦ୍ଧ ରାଜନୈତିକ ବୀର-ଶାସକଙ୍କୁ କବଳିତ କରିବାକୁ ଚେଷ୍ଟା ଚଳାଇଥାନ୍ତି, ଠିକ୍ ସେତିକି-ବେଳେ ଦକ୍ଷିଣ-ଓଡ଼ିଶାରେ ପାରଳାଖେମୁଣ୍ଡିର ରାଜା ଗୌରଚନ୍ଦ୍ର ଗଜପତିଙ୍କ* ପାଇକ ସୈନ୍ୟ ସମେତ ମାଳ ଅଞ୍ଚଳର ଆଦିବାସୀ ଶବରମାନେ ଇଂରାଜୀମାନଙ୍କ ପ୍ରଭୁତ୍ୱ ବିରୁଦ୍ଧରେ ଘୋର ବିଦ୍ରୋହ ଆରମ୍ଭ କରିଦେଲେ ।

*ରାଜାଙ୍କର ଡାକ ନାମ ଥିଲା 'ଗଜପତି ଦେବ'

ଫଳତଃ ଇଷ୍ଟଇଣ୍ଡିଆ କଂପାନୀର ଶାସନ କାର୍ଯ୍ୟରେ ଘୋର ବାଧା ସୃଷ୍ଟି ହେଲା, ପାରଳାର ଅଧିକାଂଶ ଅଞ୍ଚଳ ଦୁର୍ଭେଦ୍ୟ ବନ ଜଙ୍ଗଲ ଓ ପର୍ବତମାନାରେ ପରିବେଷ୍ଟିତ ହୋଇ ଥିବାରୁ ତାହା ଭେଦ କରି ବିଦ୍ରୋହ ଦମନ କରିବା ସହଜସାଧ୍ୟ ନ ଥିଲା । ଇଂରାଜୀମାନେ ବାରମ୍ବାର ଚେଷ୍ଟା କରି ମଧ୍ୟ ପାର୍ବତୀୟ ଦୋରା ଓ ବିଶୋଇମାନଙ୍କୁ ଜବତ କରି ପାରିଲେ ନାହିଁ । ତେଣୁ ବହୁ ବର୍ଷ ପର୍ଯ୍ୟନ୍ତ ସେଠାରେ ଏବଂ ଗଞ୍ଜାମର ଅନ୍ୟାନ୍ୟ ଜମିଦାରୀ ଅଞ୍ଚଳରେ ବିଦ୍ରୋହ ଲାଗି ରହିଲା । ଓଡ଼ିଆ ରାଜା ଓ ଜମିଦାର-ମାନଙ୍କ ମଧ୍ୟରେ ପାରଳାଖେମୁଣ୍ଡିର ଗଜପତି ଓ ଘୁମୁସରର ଭଞ୍ଜ ରାଜାମାନେ ଜନ୍ମଭୂମିର ସ୍ୱାଧୀନତା ରକ୍ଷା ସକାଶେ ଯେଉଁ ବୀରତ୍ୱ ଓ ପରାକ୍ରମ ପ୍ରଦର୍ଶନ କରିଥିଲେ ତାହା ଭାରତରେ ପରବର୍ତ୍ତୀ "ସିପାହୀ ବିଦ୍ରୋହ"ର "ଆଦ୍ୟ ପର୍ବ" ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଗଞ୍ଜାମ ଓ ଦକ୍ଷିଣ-ଓଡ଼ିଶା ଇଂରାଜୀମାନଙ୍କ ଆଗମନ ପୂର୍ବରୁ ନାମକୁ ମାତ୍ର ହାଇଦରାବାଦ୍ ନିଜାମଙ୍କ କର୍ତ୍ତୃତ୍ୱାଧୀନ ଥିଲା । ସାମୟିକଭାବେ ସେମାନେ ଏ ଅଞ୍ଚଳରୁ ରାଜସ୍ୱ ଆଦାୟ କରିବାକୁ ବଳ ପ୍ରୟୋଗ କରୁଥିଲେ ମଧ୍ୟ ପାରଳାଖେମୁଣ୍ଡିର ରାଜା ତାଙ୍କ ମସ୍ତକ ଅବନତ କଲେ ନାହିଁ । ଫଳରେ ଏ ଅଞ୍ଚଳରୁ ବିଦ୍ରୋହର ଅବସାନ ହେଲା ନାହିଁ । ଉତ୍ତର-ସରକାରରେ ନିଜାମଙ୍କ ପକ୍ଷରୁ ଶ୍ରୀକା-କୁଲମ୍ ଓ ଇଛାପୁରଠାରେ ଦୁଇଟି ଶାସନ କେନ୍ଦ୍ର ରହିଥିଲେ ସୁଦ୍ଧା ସେଠା ଶାସକମାନେ ଅଧିକାଂଶ କ୍ଷେତ୍ରରେ ନିରୁପାୟ ଅବସ୍ଥାରେ ପଡ଼ୁଥିଲେ ।

ଏପରି ଅବସ୍ଥାରେ ଉତ୍ତର-ସରକାର ନିଜାମଙ୍କଠାରୁ ଇଂରାଜୀମାନେ ଗ୍ରହଣ କଲେ । ମସୁଲିପଟନ ଓ ବିଶାଖପଟ୍ଟନଠାରେ ତାଙ୍କର ଦୁଇଟି ମୁଖ୍ୟ ବନ୍ଦର ଓ ଶାସନ କେନ୍ଦ୍ର ପ୍ରତିଷ୍ଠିତ ହେଲା । ନୌବାଣିଜ୍ୟ ସଙ୍ଗେ ଜାହାଜରେ କଲିକତାରୁ ମାନ୍ଦ୍ରାଜ ପର୍ଯ୍ୟନ୍ତ ପଣ୍ୟଦ୍ରବ୍ୟ ସମେତ ସୈନ୍ୟ ଯୋଗାଣ କରିବାର ଆବଶ୍ୟକତା ଦୃଷ୍ଟିରୁ ଏ ଦୁଇଟି ବନ୍ଦର ମୁଖ୍ୟ ବିଶ୍ରାମକେନ୍ଦ୍ର ହୋଇଥିଲା ।

ଯେଉଁ ସମୟର କଥା କୁହାଯାଉଛି, ସେତେବେଳେ ସ୍ଥଳପଥରେ ପାର୍ବତୀୟ ବନ-ଜଙ୍ଗଲ ଦେଇ ସୁଦୂର ମହୀଶୂର-ଠାରୁ ଗଞ୍ଜାମର ମାଳ ଅଞ୍ଚଳ ଯାଏ ସ୍ଥାନୀୟ ଲୋକେ

ଯାତାୟାତ କରୁଥିଲେ । ତେଣୁ ଉଭୟ ଅଞ୍ଚଳ ମଧ୍ୟରେ ସାମରିକ ଓ ରାଜନୈତିକ ସମ୍ବନ୍ଧ ପୂର୍ବରୁ ରହିଥିଲା ।

ମହୀଶୂରର ନବାବ ହାଇଦର ଅଲିଙ୍କ ସଙ୍ଗେ ପାରଳାଖେମୁଣ୍ଡି ଗଜପତି ରାଜାଙ୍କର କେବେ ଓ କିପରି କୂଟନୈତିକ ବନ୍ଧୁତା ସୃଷ୍ଟି ହୋଇଥିଲା, ସେଥିର ଇତିହାସ ଅନ୍ଧକାରାଚ୍ଛନ୍ନ । ତଥାପି ଯେଉଁ ଇଂରାଜୀ ରେକର୍ଡ-ମାନଙ୍କରୁ ଏଥିର ସ୍ୱଳ୍ପ ସୂଚନା ମିଳିଛି, ତାହା ସଂକ୍ଷେପରେ ନିମ୍ନରେ ବର୍ଣ୍ଣିତ ହେଲା ।

ଇଂରାଜୀମାନେ ଦ୍ୱିତୀୟ-ମହୀଶୂର ଯୁଦ୍ଧପାଇଁ ପ୍ରସ୍ତୁତ ହେଉଥିଲେ । ଯେଉଁ ସମୟରେ ତାଙ୍କ ସୈନ୍ୟ ପଣ୍ଡିଚେରୀ ଅଧିକାର କରି ମାହୀ ବିରୁଦ୍ଧରେ ସୈନ୍ୟ ପ୍ରେରଣ କଲେ, ସେତେବେଳେ ମହୀଶୂର ନବାବ ହାଇଦର ଅଲି ଦେଖିଲେ ଯେ ତାଙ୍କ ପ୍ରତି ବିପଦ ଘନୀଭୂତ ହେଉଛି । ତେଣୁ ସେ କାଳବିଳମ୍ବ ନ କରି ସେଥିର ପ୍ରତିରୋଧ କଲେ । କିନ୍ତୁ ତାହା ବିଫଳ ହେଲା । ୧୭୮୯ରେ ମାହୀ ଇଂରାଜୀମାନଙ୍କ ଅଧିକାରଭୁକ୍ତ ହୋଇ-ଗଲା । ସେ ସମୟରେ ଉତ୍ତର-ସରକାର ସଂପର୍କରେ ଇଂରାଜୀମାନେ ତାଙ୍କ ପ୍ରତିଶ୍ରୁତି ଭାଙ୍ଗିଥିବାରୁ ହାଇଦ୍ରାବାଦ ନିଜାମ ମଧ୍ୟ ତାଙ୍କ ପ୍ରତି ଅସନ୍ତୁଷ୍ଟ ହୋଇଥିଲେ । ଏଣୁ ନିଜାମଙ୍କ ସଙ୍ଗେ ହାଇଦର ଅଲିଙ୍କ ବନ୍ଧୁତା ସୃଷ୍ଟି ହେଲା । ଠିକ୍ ସେହି ଅବସରରେ ଉତ୍ତର-ସରକାର କେତେକ ବିଦ୍ରୋହୀ ତଥା ସ୍ୱାଧୀନତା ପ୍ରେମୀ ରାଜାଙ୍କ ମଧ୍ୟରୁ ପାରଳାଖେମୁଣ୍ଡିର ରାଜା ଗଜପତି ଦେବଙ୍କ ସାହଚର୍ଯ୍ୟ ହାଇଦର ଅଲି ପାଇଥିବା ସମ୍ଭବ । କିନ୍ତୁ ସେଥିର କିଛି ସୁରାକ ପାଇ ଇଂରାଜୀମାନେ କୌଶଳକ୍ରମେ ଗଜପତି ଦେବଙ୍କୁ ବିଶ୍ୱାସରେ ଡ଼କାଇ ନେଇ ମସୁଲି-ପଟ୍ଟଣଠାରେ ଅଟକବନ୍ଦୀ କରି ରଖିଲେ । ଏଣେ ତାଙ୍କର ଜଣେ ସଂପର୍କୀୟ ଭାଇ ଜଗନ୍ନାଥ ଦେବଙ୍କୁ ରାଜା କରିଦେବାକୁ ମଧ୍ୟ ପ୍ରଲୋଭିତ କଲେ । କିନ୍ତୁ ଜଗନ୍ନାଥ ସେହି ପ୍ରଲୋଭନରେ ନ ପଡ଼ି ଗଜପତିଙ୍କ ରାଣୀଙ୍କ ସାହାଯ୍ୟରେ ରାଜ୍ୟସାରା ବିଦ୍ରୋହ ବହ୍ନି ପ୍ରଜ୍ୱଳିତ କରିଦେଲେ । ଶବର ସୈନ୍ୟଙ୍କ ସାହାଯ୍ୟରେ ବିଶୋଇ ଓ ଦୋରାମାନେ ମିଶି ରାଜ୍ୟ ଶାସନକୁ ଅଚଳ କରିଦେଲେ । ଏ ପରିସ୍ଥିତିରେ ଅନନ୍ୟୋପାୟ ହୋଇ ଇଂରାଜୀମାନେ ଗଜପତି ଦେବଙ୍କୁ ମସୁଲିପଟ୍ଟଣରୁ ଆଣି ବିଶାଖପାଟଣାରେ ରଖାଇଲେ । ତାଙ୍କୁ ସେଠାରେ ବୁଲାବୁଲି କରିବା ପାଇଁ ସ୍ୱାଧୀନତା ମିଳିଲା ସତ, କିନ୍ତୁ ନିଜ ରାଜ୍ୟକୁ ଯିବା ଅଧିକାରରୁ ବଞ୍ଚିତ କରାଗଲା ।

ଏ ପରିସ୍ଥିତିରେ ଗଜପତି ପାଟମହାଦେବୀ ନିଜେ ନେତୃତ୍ୱ ନେଇ ଶବର ସୈନ୍ୟମାନଙ୍କୁ ପ୍ରସ୍ତୁତ କଲେ । ମହେନ୍ଦ୍ରମାଳ, ଜିରାଙ୍ଗ, ଗୁମା, ଶେରଙ୍ଗ, ରାୟଗଡ଼, ନରସିଂହପୁର ପ୍ରଭୃତି ବିଶୋଇମାନେ ଏବଂ ୧୪ ଜଣ ଦୋରାମାନଙ୍କୁ ଏକତ୍ରିତ କରି ସବୁ ଅଞ୍ଚଳରେ ଥିବା ପାଇକ ସୈନ୍ୟଙ୍କୁ ନେଇ ଇଂରାଜୀଙ୍କ ସଙ୍ଗେ ଲଢ଼େଇ କରିବାକୁ ସେ ପ୍ରସ୍ତୁତ ହେଲେ । ବୀରାଙ୍ଗନା ଗଜପତି ପାଟମହାଦେଈଙ୍କ ଭୂମିକା ପରବର୍ତ୍ତୀ ସିପାହୀ ବିଦ୍ରୋହ ବେଳେ ଝାନ୍ସୀର ରାଣୀ ଲକ୍ଷ୍ମୀବାଈଙ୍କ ତୁଲ୍ୟ ପ୍ରଶଂସନୀୟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ପ୍ରଥମେ କୁହାଯାଉଛି, ହାଇଦର ଅଲି ଓ ନିଜାମଙ୍କ ସଙ୍ଗେ ଇଂରାଜୀଙ୍କ ବିରୁଦ୍ଧରେ ବନ୍ଧୁତା ହୋଇଥିଲା । ସେଥିରେ ନାଗପୁରର ଭୋଁସଲା ମଧ୍ୟ ଯୋଗ ଦେଲେ । ଏ ପରିସ୍ଥିତିରେ ମାଡ୍ରାଜରେ ଥିବା ଇଂରାଜୀମାନେ ବ୍ୟତି-ବ୍ୟସ୍ତ ହୋଇ ପଡ଼ିଲେ । ଅବିଳମ୍ବେ କଲିକତାକୁ ଖବର ଗଲା, ତତ୍କାଳ ସାମରିକ ସାହାଯ୍ୟ ପଠାଇବାକୁ । ଏ ଖବର ପାଇ ୱାରେନ୍ ହେଷ୍ଟିଂସ୍ (Warren Hastings) କେତେକ ଦେଶୀୟ ସୈନ୍ୟ ସଙ୍ଗେ ସାର ଆୟାରକୁଟ (Sir Eyre Coote)ଙ୍କୁ ଦାକ୍ଷିଣାତ୍ୟ ସୈନ୍ୟଙ୍କୁ ସୁନିୟନ୍ତ୍ରିତ କରି ହାଇଦର ଅଲିଙ୍କୁ ମୁକାବିଲା କରିବାକୁ ପଠାଇଲେ ।

ଇତିମଧ୍ୟରେ ହେଷ୍ଟିଂସ୍‌ଙ୍କର କୂଟନୈତିକ ଉପାୟ ହେତୁ ଭୋନ୍‌ସଲା, ନିଜାମ ଓ ପୁନାର ମରହଟ୍ଟାମାନଙ୍କ ସମର୍ଥନରୁ ହାଇଦର ଅଲି ବଞ୍ଚିତ ହେଲେ । ଯଦି ତାହା ହୋଇ ନଥାନ୍ତା, ତେବେ ଭାରତ ଇତିହାସରେ ଦ୍ୱିତୀୟ ବାବରଙ୍କ ପରି ହାଇଦର ଅଲି ସମଗ୍ର ଦାକ୍ଷିଣାତ୍ୟର ସ୍ୱାଧୀନତା ୧୭୯୦ ମସିହାରୁ ସ୍ଥାପନ କରି ପାରିଥାନ୍ତେ । କିନ୍ତୁ ଭାଗ୍ୟ ଅନୁକୂଳ ହେଲା ନାହିଁ । ମରହଟ୍ଟା, ନିଜାମ ଓ ମହୀଶୂର ମଧ୍ୟରେ ବିଚ୍ଛେଦ ଘଟିଲା । ତଥାପି ହାଇଦର ଅଲି ନିରୁତ୍ସାହିତ ନହୋଇ ପ୍ରବଳବେଗରେ ମାଡ୍ରାଜ ଅଞ୍ଚଳରେ ଏପରି ଭୟଭୀତ ସୃଷ୍ଟି କଲେ ଯେ, କର୍ଣ୍ଣାଟର ଅଧିକାଂଶ ଗ୍ରାମ ଓ ସହର ଭସ୍ମରେ ପରିଣତ ହେଲା । ମାଡ୍ରାଜ ସହରରୁ ଲୋକେ ଭୟରେ ପଳାୟନ କଲେ । କାଞ୍ଚି ସହର ଲୁଣ୍ଠିତ ହେଲା । କର୍ଣ୍ଣେଲ ବେଲି (Col. Baillie) ଓ କର୍ଣ୍ଣେଲ ଫ୍ଲେଚର (Col. Fletcher) ଭୟରେ ପଶ୍ଚାଦ୍ଧାବନ କଲେ । ଇଂରାଜୀ ସୈନ୍ୟଙ୍କର ପ୍ରଧାନ ସେନାପତି ( Commander-in-Chief ) ମୁନ୍‌ରୋ (Munro) ତାଙ୍କପାଖରେ ଥିବା ସମସ୍ତ ଅସ୍ତ୍ରଶସ୍ତ୍ର ଗୋଟିଏ ପୋଖରୀ ଭିତରେ ଫୋପାଡ଼ି ଦେଇ ପ୍ରାଣରକ୍ଷା ସକାଶେ ମାଡ୍ରାଜକୁ ପଳାୟନ କଲେ । ଏହାପରେ ହାଇଦର ଅଲି କର୍ଣ୍ଣାଟର ରାଜଧାନୀ ଆର୍କାଟ୍ ସହର ଅଧିକାର କଲେ ।

୧୮୦୦ ଖ୍ରୀଷ୍ଟାବ୍ଦରେ ହେଷ୍ଟିଂସ୍‌ଙ୍କ ନିର୍ଦ୍ଦେଶ କ୍ରମେ କିଛି ସିପାହୀ ସୈନ୍ୟଙ୍କୁ ବହନକରି ଯେତେବେଳେ ଗୋଟିଏ ଯୁଦ୍ଧଜାହାଜ ବିଶାଖାପାଟଣା ବନ୍ଦରରେ ପ୍ରବେଶ କଲା, ସେତେବେଳେ ସେଠାରେ ପାରଳାଖେମୁଣ୍ଡିର ଗଜପତି ଦେବ ନଜରବନ୍ଦୀ ହୋଇ ରହିଥାନ୍ତି । ତାଙ୍କୁ ସେଠାରୁ ଉଦ୍ଧାର କରି ପାରଳାଖେମୁଣ୍ଡିକୁ ଫେରାଇ ନେବା ସକାଶେ ତେଣେ ଗଜପତି ପାଟମହାଦେବୀ ସୈନ୍ୟସଂଗ୍ରହ କରିଥାନ୍ତି । ସେହି ସୈନ୍ୟମାନଙ୍କ ମଧ୍ୟରେ ଅଧିକାଂଶ ଆଦିବାସୀ ଦୁର୍ଦ୍ଧର୍ଷ–ଶବର, ଯେଉଁମାନେ କି ତାଙ୍କ ରାଜାଙ୍କ ପାଇଁ ପ୍ରାଣବଳୀ ଦେବାକୁ ଡାକେ ହେଲେ ପଶ୍ଚାତ୍‌ପଦ ନୁହନ୍ତି ।

ସେଦିନ କଲିକତାରୁ ଇଂରାଜୀ ଜାହାଜଟି ଆସି ବିଶାଖାପାଟଣା ବନ୍ଦରରେ ଲଗିଥାଏ । ସେଥିରେ ଅର୍ଦ୍ଧାଧିକ ହିନ୍ଦୁ ସିପାହୀଙ୍କ ସଙ୍ଗେ କେତେକ ଗୋରା ସୈନ୍ୟ ଓ କର୍ମଚାରୀ ମଧ୍ୟ ଆସିଥାନ୍ତି । ସେହି ୟୁରୋପିୟମାନଙ୍କୁ ଆପ୍ୟାୟିତ କରିବାପାଇଁ ବିଶାଖାପାଟଣାଠାରେ ନିଯୁକ୍ତ ଇଂରାଜୀ ଗଭର୍ଣ୍ଣର ଗୋଟିଏ ରାତ୍ରି ଭୋଜନର ଆୟୋଜନ କରିଥିଲେ । ସମୁଦ୍ର କୂଳରେ ଜାହାଜ ନଙ୍ଗର ପଡ଼ିଥାଏ । ନିକଟରେ କେତେକ ବସ୍ତାବାସରେ ସିପାହୀ ଓ ସେମାନଙ୍କ ଅସ୍ତ୍ରଶସ୍ତ୍ର ରକ୍ଷିତ ଥାଏ ।

ଯେତେବେଳେ ଗୋରା ସୈନ୍ୟମାନେ ମଦ୍ୟ-ମାଂସ ଭୋଜିରେ ବିଭୋର–ଠିକ୍ ସେତିକିବେଳେ ବାହାରେ ଭୀଷଣ କୋଳାହଳ ଶୁଣାଗଲା । ସମସ୍ତେ ଚମକି ଉଠିଲେ । "ସିପାହୀମାନେ ବିଦ୍ରୋହ କରିଛନ୍ତି" ଏ ବାର୍ତ୍ତା ମିଳିବା ସଙ୍ଗେ ସଙ୍ଗେ ଅସ୍ତବ୍ୟସ୍ତ ହୋଇ ଇଂରାଜୀ ଅଧ୍ୟକ୍ଷମାନେ ଦଉଡ଼ିଗଲେ ଘଟଣା କଣ ଜାଣିବାକୁ । ସେହି ଗଭୀର ରାତ୍ରିରେ ଅନ୍ୟଆଡ଼ୁ ଶବରମାନେ ବସ୍ତିରେ ନିଆଁ ଲଗାଇ ଘୋର କୋଳାହଳ ସୃଷ୍ଟିକରି ଦେଇଥିଲେ ।

ସିପାହୀମାନଙ୍କଠାରୁ ଗୁରୁଗମ୍ଭୀର କଣ୍ଠରେ ଆଦେଶ ମିଳିଲା...."Stand in line"....(ଧାଡ଼ିବାନ୍ଧି ଠିଆହୁଅ) । ଇଂରାଜୀ କର୍ମଚାରୀମାନେ ଏଥିରେ ତଟସ୍ଥ ହୋଇ ଧାଡ଼ିରେ ଠିଆହେଲେ । ବନ୍ଧୁକରୁ ଗୁଳି ବର୍ଷିତ ହେଲା । ପ୍ରତ୍ୟେକ ଗୋରା ସେଇଠି ଟଳି ପଡ଼ିଲେ । ଏହାପରେ ସିପାହୀମାନେ ଗଭର୍ଣ୍ଣରଙ୍କୁ ବନ୍ଦୀକରି ଟାଣିଇ ଚାଲିଇ ନେଲେ ବହୁଦୂର ଦେଶକୁ । ସେମାନଙ୍କ ପୃଷ୍ଠ ଦେଶରେ ପାରଳାଖେମୁଣ୍ଡିରୁ ଆସିଥିବା ସିପାହୀ (ପାଇକ) ଓ ଶବରମାନେ ମଧ୍ୟ କିଛି ବାଟ ଚାଲିଲେ ।

କିନ୍ତୁ ଗଜପତି ଦେବ ଏଥିରେ ବ୍ୟଥିତ ହେଲେ । କାରଣ ନିରସ୍ତ୍ର ସୈନ୍ୟଙ୍କୁ ହତ୍ୟା କରିବା ହିନ୍ଦୁଧର୍ମର ବିରୋଧ କର୍ମ । ସେ ଅବିଳମ୍ବେ ସିପାହୀମାନଙ୍କ ସମ୍ମୁଖକୁ ଯାଇ ତାଙ୍କୁ ସେହି ନୃଶଂସ କାର୍ଯ୍ୟରୁ ନିବୃତ କଲେ । କିନ୍ତୁ ସିପାହୀମାନେ ବିଶାଖାପାଟଣା ଗଭର୍ଣ୍ଣରଙ୍କୁ ଚଲାବାଟରେ ଟାଣିଇ ଟାଣିଇ ନେଇ ହାଇଦର ଅଲ୍ଲିଙ୍କୁ ସମର୍ପଣ କରିବା ଅଭିଳାଷ ପୋଷଣ କରିଥିଲେ । ଗଜପତିଙ୍କ ଅନୁରୋଧ ରକ୍ଷା କରି ତାଙ୍କୁ ସେଠାରେ ଛାଡ଼ି ଦେଲେ । ଏ ଘଟଣା ଜାଣିପାରି ଇଂରାଜୀମାନେ ଗଜପତି ଦେବଙ୍କୁ ବନ୍ଦୀକରି ରଖିବା ସମ୍ଭବ ନୁହେଁ ଭାବି ତାଙ୍କୁ ପାରଳାଖେମୁଣ୍ଡିର ରାଜା ରୂପେ ସ୍ୱୀକୃତି ଦେଇଥିଲେ ।

କିନ୍ତୁ ସମ୍ବାଦ ଅଛି ଯେ, ୟଙ୍ଗ୍‌ଷ୍ଟନ୍ (Youngston) ନାମକ ଜଣେ ଗୋରା ସେନାପତିଙ୍କୁ ବନ୍ଦୀକରି ଶବରମାନେ ଶେରଙ୍ଗ ନାମକ ପାର୍ବତୀୟ ଆଦିବାସୀ ଗ୍ରାମରେ ନଜରବନ୍ଦୀ କରି ରଖିଥିଲେ । ତାଙ୍କୁ ସେମାନେ ଯଥାସମ୍ଭବ ଉତ୍ତମ ଖାଦ୍ୟ ଦେଇ ସମ୍ମାନିତ ଅତିଥିରୂପେ ସେଠାରେ ରଖାଇଥିବା ପ୍ରସଙ୍ଗ ପରବର୍ତ୍ତୀ ବ୍ରିଟିଶ ଦପ୍ତରରେ ରକ୍ଷିତ ଥିବା ଶୁଣାଯାଏ । ଶେରଙ୍ଗର ଥଣ୍ଡା ଜଳବାୟୁ ସ୍ୱାସ୍ଥ୍ୟକର ପରିସ୍ଥିତି ଓ ଆଦିବାସୀ ଶବରମାନଙ୍କ ସରଳ-ସୌଜନ୍ୟତାପୂର୍ଣ୍ଣ ବ୍ୟବହାର ୟାଙ୍ଗ୍‌ଷ୍ଟନଙ୍କୁ ମୁଗ୍ଧ କରିଥିଲା । ଗଜପତି ଦେବଙ୍କୁ ମୁକ୍ତି ଦିଆଯିବାର ପଣ ସ୍ୱରୂପ ବନ୍ଦୀ କରିଥିବା ସାହେବ ୟାଙ୍ଗ୍‌ଷ୍ଟନଙ୍କୁ ମଧ୍ୟ ଶବରମାନେ ଛାଡ଼ିଦେଲେ ।

ଏ ଘଟଣାର ଅଧିକ ତଥ୍ୟ ଅନୁସନ୍ଧାନ ସାପେକ୍ଷ, କାରଣ ଏଥିର ପ୍ରାୟ ଅର୍ଦ୍ଧଶତାବ୍ଦୀ ପରେ ୧୮୫୭ ସାଲରେ ହୋଇଥିବା 'ସିପାହୀ ବିଦ୍ରୋହ'ର ଏ ହେଉଛି–"ଉଦ୍‌ଯୋଗ–ପର୍ବ" ।



ପୋଲିସ ଆସୋସିଏସନରେ ମୁଖ୍ୟମନ୍ତ୍ରୀ

# ଊନବିଂଶ ଶତାବ୍ଦୀର

# ବିସ୍ମୃତ ଶହୀଦ୍‌ଗଣ

ଶ୍ରୀ ପ୍ରଭାତ ମୁଖାର୍ଜୀ

ବ୍ରିଟିଶ ରାଜତ୍ୱର ଅବସାନ ଘଟାଇ ଆଜି ଭାରତ ସ୍ୱାଧୀନ ହୋଇଛି । ଊନବିଂଶ ଶତାବ୍ଦୀର କେତେ ଜଣ ଦେଶପ୍ରେମୀଙ୍କୁ ଆଜି ଆମେ ପାଶୋରି ଯାଉଛୁ । ତାର କାରଣ ସେମାନେ ସାମାନ୍ୟ ବ୍ୟକ୍ତି ଥିଲେ । ସ୍ମରଣୀୟ ହେବା ଭଳି ଆଭିଜାତ୍ୟ ସେମାନଙ୍କର ନ ଥିଲା ।

ପାଇକ ବିଦ୍ରୋହ—ପାଇକ ବିଦ୍ରୋହର ନେତା ବକ୍ସିଜଗବନ୍ଧୁ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ କରି ଶେଷରେ ଆତ୍ମ ସମର୍ପଣ କଲେ । ପେନ୍‌ସନ ପାଇ ସେ କଟକରେ ଅବଶିଷ୍ଟ ଜୀବନ ଅତିବାହିତ କଲେ । କିନ୍ତୁ ତାଙ୍କର ବହୁ ସହକର୍ମୀ ସଂଗ୍ରାମ ଚଳାଇ ଚରମ ଦୁଃଖ ଭୋଗ କଲେ । ଗୋପାଳ ଛୋଟରାୟ ଏବଂ ସଦାନନ୍ଦ ପଟ୍ଟନାୟକ ବ୍ରିଟିଶ ସରକାରଙ୍କର ଗୁପ୍ତଚର ଚରଣ ପଟ୍ଟନାୟକଙ୍କୁ ପ୍ରକାଶ୍ୟରେ ହତ୍ୟା କଲେ । ସେମାନଙ୍କୁ ବନ୍ଦୀ କରି ଫାଶୀ ଦିଆହେଲା । ବିଦ୍ରୋହୀ ବୀର କିଷ୍ଟୁ ପାଇକରାୟ, ରାମ ସିଂ, ନାଥ ପ୍ରଧାନ, ନରସିଂହ ପାଇକଖା ମଧ୍ୟ ଧରାପଡ଼ି ମୃତ୍ୟୁ ଦଣ୍ଡ ପାଇଲେ । ଓଡ଼ିଶାର ପ୍ରଥମ କେତୋଟି ସହିଦ ଗୋପାଳ ଛୋଟରାୟ ଓ ତାଙ୍କର ସଙ୍ଗିଜଣ ସାଥୀଙ୍କ ଉଦ୍ଦେଶ୍ୟରେ ଗୋଟିଏ ସ୍ମୃତି ଫଳକ ମଧ୍ୟ ନାହିଁ । ଦେଶପାଇଁ ସେମାନେ ଆତ୍ମଦାନ କରିଥିଲେ —ଦେଶବାସୀ ସେ କଥା ଭୁଲି ଯାଇଛନ୍ତି ।

ବିଦ୍ରୋହ ଦମନ ପରେ ବିଦ୍ରୋହର ଅନ୍ୟାନ୍ୟ ନେତାମାନେ ପିଣ୍ଡିକି ବାହୁବଳେନ୍ଦ୍ର, ପଦ୍ମନାଭ ଛୋଟରାୟ ପୀତବାସ ମଙ୍ଗରାଜଙ୍କୁ ଯାବଜ୍ଜୀବନ କାରାଦଣ୍ଡ ଦିଆହେଲା ଏବଂ ସେମାନଙ୍କର ସଂପତ୍ତି ବାଜ୍ୟାପ୍ତ କରାହେଲା ।

ଘୁମୁସର ବିଦ୍ରୋହ—୧୮୩୫ ଖ୍ରୀଷ୍ଟାବ୍ଦରେ ମାଡ୍ରାଜ ସରକାର ଘୁମୁସର ଅଧିକାର କଲେ । ଘୁମୁସରର ରାଜା ଧନଞ୍ଜୟ ଭଞ୍ଜ ପଳାଇ ଯାଇ କନ୍ଧମାନଙ୍କ ସାହାଯ୍ୟ ମାଗିଲେ । କନ୍ଧମାନଙ୍କ ନେତା ଥିଲେ ଦୋରା ବିଶୋଇ । 'ଦୋରା' କଥାର ଅର୍ଥ ସର୍ଦ୍ଦାର । ତାଙ୍କର ପ୍ରକୃତ ନାମ ଜଣା ପଡ଼ି ନାହିଁ । ଦୋରା ବିଶୋଇ ରାଜ୍ୟଚ୍ୟୁତ ରାଜା ଧନଞ୍ଜୟ ଭଞ୍ଜଙ୍କୁ ଆଶ୍ରୟ ଦେଲେ, ସମଗ୍ର ଘୁମୁସର ଅଞ୍ଚଳରେ କନ୍ଧମାନେ ବିଦ୍ରୋହ କଲେ । ବନ୍ଧୁକ ବିରୁଦ୍ଧରେ ତୀର ଧନୁ ନେଇ ସେମାନେ ବେଶୀ ଦିନ ଲଢ଼ି ପାରିଲେ ନାହିଁ । ଦୋରା ବିଶୋଇଙ୍କୁ ଧରାଇ ଦେଲେ ପାଞ୍ଚ ହଜାର ଟଙ୍କା ପୁରସ୍କାର ମିଳିବ, ଘୋଷଣା କରାହେଲା ।

"But wretched and poverty stricken though the people were not one in Khondistan was ready, in case of one of their chiefs to take the price of blood....of the khonds, numbers were shot like wild beasts, some were seized and hung upon the trees, their houses every where were laid into ashes. But no offer of money or presents could induce any of the commonest khonds to act as intermediaries."

ଦୋରା ବିଶୋଇ ଘୁମୁସର ଛାଡ଼ି ଅନୁଗୁଳ ରାଜ୍ୟରେ ଆଶ୍ରୟ ନେଲେ । ଅନୁଗୁଳର ରାଜା ସୋମନାଥ ସିଂହ ତାଙ୍କୁ ଧରାଇ ଦେଇ ପାଞ୍ଚ ହଜାର ଟଙ୍କା ପୁରସ୍କାର ପାଇଲେ । ଦୋରା ବିଶୋଇଙ୍କୁ ରାଜବନ୍ଦୀ କରି ରଖାହେଲା ।

କିନ୍ତୁ କନ୍ଧମାନେ ପରାଜୟ ସ୍ୱୀକାର କଲେ ନାହିଁ । ଦୋରା ବିଶୋଇଙ୍କ ପୁତୁରା ଚକ୍ର ବିଶୋଇ ବିଦ୍ରୋହୀ କନ୍ଧମାନଙ୍କ ନେତା ହେଲେ । ଘୁମୁସରଠାରୁ ଅନୁଗୁଳ ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳରେ ସେ ବହୁବର୍ଷ ଧରି ଇଂରେଜ ସରକାରଙ୍କ ସହିତ ସଂଘର୍ଷରେ ଲିପ୍ତ ଥିଲେ, ଇଂରେଜ ସରକାର ତାଙ୍କୁ ମାର୍ଜନା କରି ପେନ୍‌ସନ୍ ଦେବାର ଲୋଭ ଦେଖାଇଲେ, କିନ୍ତୁ ଘୁମୁସର ରାଜବଂଶ ପୁନର୍ବାର ପ୍ରତିଷ୍ଠିତ ନ ହେବା ଯାଏ ଏବଂ ଦୋରା ବିଶୋଇଙ୍କୁ ମୁକ୍ତି ନ ଦେବା ପର୍ଯ୍ୟନ୍ତ ସେ ଆତ୍ମ ସମର୍ପଣ କରିବାକୁ ଅସ୍ୱୀକାର କଲେ । ଚକ୍ର ବିଶୋଇ ନିଜର କୌଣସି ସ୍ୱାର୍ଥ ସିଦ୍ଧି ପାଇଁ ବିଦ୍ରୋହ କରି ନଥିଲେ । ଆତ୍ମ ସମର୍ପଣ କରି ସେ ସୁଖ ସ୍ୱାଚ୍ଛନ୍ଦ୍ୟରେ ଜୀବନର ଅବଶିଷ୍ଟ କାଳ ଅତିବାହିତ କରି ପାରିଥାନ୍ତେ । ବଡ଼ଲାଟ ଲର୍ଡ଼ ଡେଲହାଉସୀ ବିଲାତରେ ବୋର୍ଡ଼ ଅଫ୍ କଣ୍ଟ୍ରୋଲର ପ୍ରେସିଡେଣ୍ଟଙ୍କୁ ଲେଖିଲେ ଯେ ଚକ୍ର ବିଶୋଇ

ନିଶ୍ଚୟ ଦିନେ ଧରା ପଡ଼ିବ ବା ଆତ୍ମ ସମର୍ପଣ କରିବ କିନ୍ତୁ ତାଙ୍କର ଆଶା ପୂର୍ଣ୍ଣ ହେଇ ନାହିଁ । ଚକ୍ର ବିଶୋଇଙ୍କ ଶେଷ ଜୀବନ ସମ୍ବନ୍ଧରେ ଆମର ଜ୍ଞାନ ସୀମିତ । ଏହି ନଗଣ୍ୟ କନ୍ଧ ସର୍ଦ୍ଦାର ବନ୍ୟ ଜନ୍ତୁ ପରି ଜଙ୍ଗଲରେ ଲୁଚି ରହିଲେ; ତଥାପି ଧରା ଦେଲେ ନାହିଁ । ସେ ଜାଣିଥିଲେ ଇଂରେଜ ସରକାର ବିରୁଦ୍ଧରେ ଯୁଦ୍ଧରେ ପରାଜୟ, ଅନିବାର୍ଯ୍ୟ; କିନ୍ତୁ ସେ ନତି ସ୍ୱୀକାର କଲେ ନାହିଁ । ବକ୍ସିଜଗବନ୍ଧୁ ଏବଂ ସୁରେନ୍ଦ୍ର ସାଏଙ୍କର ନାମରେ କଲେଜ କରା ହୋଇଛି, କିନ୍ତୁ ଊନବିଂଶ ଶତାବ୍ଦୀର ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ ସ୍ୱାଧୀନତା ସଂଗ୍ରାମୀଙ୍କ ନାମ ଆଜି ଅଜ୍ଞାତ, ଚକ୍ର ବିଶୋଇ ସମ୍ବନ୍ଧରେ ଗବେଷଣା ମଧ୍ୟ ହୋଇ ନାହିଁ ।


**ପୋଡ଼ାହାଟ ବିଦ୍ରୋହ**—୧୮୫୭ ଖ୍ରୀଷ୍ଟାବ୍ଦରେ ଚଇବାସାର ସିପାହୀମାନେ ବିଦ୍ରୋହ କଲେ । ବ୍ରିଟିଶ ସେନାଧ୍ୟକ୍ଷ ଲେଫଟନାଣ୍ଟ ବାର୍ଟ ଚଇବାସା ଅଧିକାର କଲେ । ତାଙ୍କର ଧାରଣା ହେଲା ଯେ ପୋଡ଼ାହାଟର ରାଜା ଅର୍ଜୁନ ସିଂ ସିପାହୀମାନଙ୍କୁ ବିଦ୍ରୋହ କରିବାକୁ ପ୍ରରୋଚିତ କରିଥିଲେ । ସେ ଅର୍ଜୁନ ସିଂଙ୍କୁ ତାଙ୍କର ରାଜଧାନୀ ଚକ୍ରଧରପୁରରୁ ଚଇବାସା ଯିବାକୁ ଆଦେଶ କଲେ । ପୋଡ଼ାହାଟର ଦେଓ୍ୱାନ ଜଗୁ ସେହି ଆଦେଶ ଉପେକ୍ଷା କରି ଅର୍ଜୁନ ସିଂଙ୍କୁ ପୋଡ଼ାହାଟର ଅଧିବାସୀ କୋହ୍ ପ୍ରଜାମାନଙ୍କ ନେତୃତ୍ୱ ନେଇ ବିଦ୍ରୋହ କରିବାକୁ ପରାମର୍ଶ ଦେଲେ । ଲେଫଟନାଣ୍ଟ ବାର୍ଟ ଚକ୍ରଧରପୁର ଅଧିକାର କଲେ । ଅର୍ଜୁନ ସିଂ ପଳାୟନ କଲେ । ତାଙ୍କର ଆତ୍ମୀୟମାନେ ଜଗୁ ଦେଓ୍ୱାନଙ୍କୁ ଧରାଇଦେଲେ । ଜଗୁଙ୍କ ବିରୁଦ୍ଧରେ ଅଭିଯୋଗ ହେଲା , ସେ ଯୁଦ୍ଧ ପାଇଁ ଦେଶୀ ବନ୍ଧୁକ ତିଆରି କରାଇ କୋହ୍ ସର୍ଦ୍ଦାରମାନଙ୍କୁ ବିତରଣ କରିଥିଲେ । ଚକ୍ରଧରପୁରରେ ଅବସ୍ଥିତ ପୋଡ଼ାହାଟ ରାଜପ୍ରାସାଦର ସାମନାରେ ଗୋଟିଏ ଗଛରୁ ଗୋଡ଼ ଉପରେ ମୁଣ୍ଡ ତଳ ଅବସ୍ଥାରେ ଜଗୁ ଦେଓ୍ୱାନଙ୍କୁ ଫାଶୀ ଦିଆହେଲା । ୧୮୫୭ ଖ୍ରୀଷ୍ଟାବ୍ଦର, ବିଦ୍ରୋହର ଏହି ଓଡିଆ ସହିଦ ଓଡିଶାରେ ମଧ୍ୟ ବିସ୍ମୃତ । ଅର୍ଜୁନ ସିଂଙ୍କ ଶ୍ୱଶୁର ମୟୁରଭଞ୍ଜ ରାଜାଙ୍କ ଚେଷ୍ଟାରେ ଅବଶେଷରେ ଆତ୍ମ ସମର୍ପଣ କଲେ , ପୁରସ୍କାର ସ୍ୱରୂପ ମୟୁରଭଞ୍ଜ ରାଜାଙ୍କୁ ମହାରାଜା ଉପାଧି ଦିଆହେଲା ।

**କେନ୍ଦୁଝର ବିଦ୍ରୋହ**—ଏହା 'ମେଳି' ନାମରେ ପରିଚିତ । ୧୮୬୮ ଖ୍ରୀଷ୍ଟାବ୍ଦରେ କେନ୍ଦୁଝର ରାଜ୍ୟର ଭୂୟାଁ ସରଦାର୍‌ମାନେ ଇଂରେଜ ସମର୍ଥନ ପୁଷ୍ଟ କେନ୍ଦୁଝର ରାଜାଙ୍କ ବିରୁଦ୍ଧରେ ଯୁଦ୍ଧ କରିଥିଲେ । ଅପୁତ୍ରିକ କେନ୍ଦୁଝର ରାଜାଙ୍କ ମୃତ୍ୟୁ ପରେ କଟକର କମିସନର ରେଭେନ୍‌ସା ତାଙ୍କର ଅବୈଧ ପୁତ୍ର ଧନୁର୍ଜୟ ସିଂଙ୍କୁ ରାଜା ବୋଲି ଘୋଷଣା କଲେ । ବହୁ ଭୂୟାଁ ସର୍ଦ୍ଦାର-ମାନେ ଧନୁର୍ଜୟ ସିଂଙ୍କୁ ରାଜା ବୋଲି ସ୍ୱୀକାର କଲେ ନାହିଁ କିନ୍ତୁ ସେମାନଙ୍କର ଆପତ୍ତି ସତ୍ତ୍ୱେ ଧନୁର୍ଜୟ ରାଜା ହେଲେ । ତାଙ୍କର ଦେଓ୍ୱାନ ବିରୋଧୀ ପକ୍ଷର ଭୂୟାଁ ସର୍ଦ୍ଦାରମାନଙ୍କୁ ନିର୍ଯ୍ୟାତନା କଲେ । ଉତ୍ତେଜିତ ଭୂୟାଁ ପ୍ରଜାମାନେ ରତ୍ନା ସର୍ଦ୍ଦାରଙ୍କୁ 'ନାୟକ' ନିର୍ବାଚନ କରି କେନ୍ଦୁଝର ଗଡ଼ ଅବରୋଧ କଲେ । ରାଜା ଗଡ଼ ଛାଡ଼ି ପଳାୟନ କଲେ । ଦେଓ୍ୱାନ ଧରା ପଡ଼ିଲେ, ପରେ ତାଙ୍କୁ ହତ୍ୟା କରାହେଲା । ଛୋଟ ନାଗପୁର ଓ କଟକର କମିସନରମାନେ ବିଦ୍ରୋହ ଦମନପାଇଁ ସୈନ୍ୟ ପଠାଇଲେ । ସଶସ୍ତ୍ର ସୈନ୍ୟ ବିରୁଦ୍ଧରେ ଭୂୟାଁମାନେ ତୀର, ଧନୁ, ଖଣ୍ଡା ନେଇ ବେଶୀ ଦିନ ଲଢ଼ି ପାରିଲେ ନାହିଁ । କଟକ ଜେଲରେ ରତ୍ନା ନାୟକ ଏବଂ ତାଙ୍କ ତିନି ଜଣ ସହଯୋଗୀଙ୍କୁ ଫାଶୀ ଦିଆଗଲା । ୨୫ ଜଣ ବିଦ୍ରୋହୀଙ୍କ ଯାବଜ୍ଜୀବନ କାରାଦଣ୍ଡ ହେଲା । ଧନୁର୍ଜୟ ପ୍ରାୟ ୨୨ ବର୍ଷ କାଳ ନିରୁପଦ୍ରବରେ ରାଜତ୍ୱ କଲେ । ଧରଣୀଧର ଭୂୟାଁ କଟକ ସର୍ଭେ ସ୍କୁଲରେ ପଢ଼ି ଥିଲେ । ତାର ଭାଇ ମଧ୍ୟ ଓଡ଼ିଆ ପ୍ରାଥମିକ ସ୍କୁଲରେ ଶିକ୍ଷା ଲାଭ କଲେ । କେନ୍ଦୁଝର ଗଡ଼ରେ ପାଣିର ଅଭାବ ଯୋଗୁଁ ପାହାଡ଼ କାଟି ଗୋଟିଏ ଝରଣାରୁ ପାଣି ଆଣିବାର ବ୍ୟବସ୍ଥା କରାହେଲା । ଭୂୟାଁ ଯୁବକମାନଙ୍କୁ ପ୍ରତିଦିନ ଆଠ ଘଣ୍ଟା ବେଠି ଖଟିବାକୁ ବାଧ୍ୟ କରାହେଲା । ଏହି ଖଟ କାମରେ ଶିଥିଳତା ଦେଖାଇଲେ ପ୍ରହାର କରା ହେଉଥିଲା । ଧରଣୀଧରଙ୍କ ଭାଇ ରାଜ୍ୟରେ ଅତ୍ୟାଚାର ବିରୁଦ୍ଧରେ କରଦ ରାଜ୍ୟଗୁଡ଼ିକର ସୁପରିନ୍‌ଟେଣ୍ଡେଣ୍ଟ କଟକର କମିସନରଙ୍କୁ ଆବେଦନ କଲେ । ରାଜା ଧରଣୀଧରଙ୍କ ଭାଇ ଓ ଆଉ କେତେ ଜଣ ଭୂୟାଁଙ୍କୁ ଗିରଫ କରି ଜେଲରେ ରଖିଲେ । ଧରଣୀଧର ରାଜାଙ୍କର ଚାକିରି ଛାଡ଼ିଦେଇ ଭୂୟାଁ ବିଦ୍ରୋହର ନେତା ହେଲେ । ବିଦ୍ରୋହ ଦମନ ସକାଶେ କଟକରୁ ମିଲିଟାରୀ ପୁଲିସ୍ ପ୍ରେରିତ ହେଲ । କେନ୍ଦୁଝର ରାଜ୍ୟର ସହକାରୀ ଦେଓ୍ୱାନ୍ ଫକୀର ମୋହନ ସେନାପତିଙ୍କ ପରାମର୍ଶରେ ଧରଣୀଧର ଆନନ୍ଦପୁରରେ ମିଲିଟାରୀ ପୁଲିସ୍ ସୁପରିଟେଣ୍ଡେଣ୍ଟଙ୍କ ସହିତ ଦେଖା କରିବାକୁ ଗଲେ । ତାଙ୍କର ସରଳ ବିଶ୍ୱାସର ପ୍ରତିଦାନରେ ତାଙ୍କୁ ବନ୍ଦୀ କରା ହେଲ । କଟକ ଜେଲରେ ତାଙ୍କର ବିଚାର ହୋଇ ତାଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ ହେଲା କଟକର କମିଶନର ଧରଣୀ 'ମେଳି' ପାଇଁ କେନ୍ଦୁଝର ରାଜାଙ୍କର କୁଶାସନକୁ ଦାୟୀକରି ରିପୋର୍ଟ ଦେଲେ ଏବଂ ତାଙ୍କୁ ଗାଦିଚ୍ୟୁତ କଲେ । ମଧୁସୂଦନ ଦାସଙ୍କ ଚେଷ୍ଟାରେ ଧନୁର୍ଜୟ ରାଜ୍ୟ ଫେରି ପାଇଲେ, ମାତ୍ର ତାଙ୍କର କ୍ଷମତା ହ୍ରାସ କରାଗଲା । ୧୮୫୭ ଖ୍ରୀଷ୍ଟାବ୍ଦରେ ବିଦ୍ରୋହ ହୋଇ, ନ ଥିଲେ ଲର୍ଡ ଡ଼େଲହାଉସୀଙ୍କର 'ଡକଟ୍ରିନ୍ ଅଫ ଲାପସ୍' ଅନୁସାରେ କେନ୍ଦୁଝର ରାଜ୍ୟ ଇଂରେଜ ଶାସିତ ଓଡ଼ିଶାର ଅନ୍ତର୍ଭୁକ୍ତ ହୋଇଥାନ୍ତା ମାତ୍ର କେତୋଟି ବର୍ଷର ବ୍ୟବଧାନ ଯୋଗୁଁ ଏହା ସମ୍ଭବପର ହୋଇ ପାରିଲା ନାହିଁ ।

**ନୟାଗଡ ବିଦ୍ରୋହ**—୧୮୯୪ ଖ୍ରୀଷ୍ଟାବ୍ଦରେ ନୟାଗଡ଼ ରାଜାଙ୍କ ଅତ୍ୟାଚାର ବିରୁଦ୍ଧରେ ପ୍ରଜାମାନେ ଅର୍ଜୁନ ପାଇକରାୟଙ୍କ ନେତୃତ୍ୱରେ ବିଦ୍ରୋହ କଲେ । ଯଥାରୀତି କଟକରୁ ସୈନ୍ୟ ଯାଇ ବିଦ୍ରୋହ ଦମନ କଲେ । ଅର୍ଜୁନ ପାଇକରାୟଙ୍କୁ ଯାବଜ୍ଜୀବନ କାରାଦଣ୍ଡ ଦିଆହେଲା ।


# ସଂଗ୍ରାମର ସ୍ମରଣୀକାରୁ କେତେଜଣ


ଡବ୍ଲ୍ୟୁ. ସି. ବାନାର୍ଜି


ଦାଦାଭାଇ ନାରୋଜୀ


ବଦ୍ରୁଦ୍ଦିନ୍ ତ୍ୟାବ୍‌ଜୀ


ପଣ୍ଡିତ ମାଳବ୍ୟ


ଆଚାର୍ଯ୍ୟ କୃପାଳିନୀ


ମୋତିଲାଲ ନେହରୁ


ଡକ୍ଟର ଆନି ବେସାନ୍ତ


ଶ୍ରୀ ଅରବିନ୍ଦ


ମୌଲାନା ଅବୁଲ କଲମ୍ ଆଜାଦ୍



ମହାତ୍ମା ଗାନ୍ଧୀ



ସରୋଜିନୀ ନାଇଡୁ



ଜବାହରଲାଲ ନେହରୁ



ବାଲଗଙ୍ଗାଧର ତିଲକ



ସୁଭାଷ ବୋଷ



ଲଲ ଲଜପତ୍ ରାୟ



ଡକ୍ଟର ରାଜେନ୍ଦ୍ର ପ୍ରସାଦ



ସର୍ଦ୍ଦାର ବଲ୍ଲଭଭାଇ ପଟେ



ଦେଶବନ୍ଧୁ ଚିତ୍ତରଞ୍ଜନ


ଜିଲ୍ଲାପାଳ ସମ୍ମିଳନୀ।





# ବାତ୍ୟାଞ୍ଚଳରେ ମୁଖ୍ୟମନ୍ତ୍ରୀ:












# ବିପ୍ଳବୀ ବୀର

# ସୁରେନ୍ଦ୍ର ସାଏ

କୁମାରୀ ଚନ୍ଦ୍ରମା ସାହୁ

ଭାରତର ପ୍ରଖ୍ୟାତ ଦେଶପ୍ରେମୀ ସ୍ୱାଧୀନତା ସଂଗ୍ରାମୀଙ୍କ ମଧ୍ୟରେ ସୁରେନ୍ଦ୍ର ସାଏ ଅନ୍ୟତମ । ସେ ବ୍ରିଟିଶ ରାଜ ବିରୁଦ୍ଧରେ ଆଜୀବନ ସଂଗ୍ରାମ କରି ସର୍ବସ୍ୱ ତ୍ୟାଗ କରିଥିଲେ ଏବଂ ଅକଥନୀୟ ଦୁଃଖ ଦୁର୍ଦ୍ଦଶା ବରଣ କରିଥିଲେ । ତାଙ୍କର ଛଅ ଭାଇ–ଉଦନ୍ତ, ଧ୍ରୁବ, ଉଜଲ, ଛବିଳ, ଜଜ୍ଜାଲ ଓ ମେଦିନୀ ଏବଂ ଏକମାତ୍ର ପୁତ୍ର ମିତ୍ର ଭାନୁ ସମସ୍ତେ ତାଙ୍କର ଅଦମ୍ୟ ପ୍ରେରଣାରେ ଇଂରେଜ ବିରୁଦ୍ଧରେ ବିଦ୍ରୋହାଗ୍ନିରେ ଝାସ ଦେଇ ଦେଶର ଗୌରବ ରକ୍ଷା ନିମନ୍ତେ ବହୁ ନିର୍ଯାତନା ଭୋଗ କରିଥିଲେ । ସୁରେନ୍ଦ୍ର ଥିଲେ ସମ୍ବଲପୁର ରାଜ୍ୟର ଚୌହାଣ ରାଜବଂଶର ଦାୟାଦ । ସାହସ ଓ ବୀରତ୍ୱରେ ତଥା ଧୈର୍ଯ୍ୟ ଓ ସହନଶୀଳତାରେ ସେ ଅତି ମହନୀୟ ଥିଲେ । ଦେଶର ସ୍ୱାଧୀନତା ସଂଗ୍ରାମ ପାଇଁ ସେ ଯେଉଁ ଅବଦାନ ଦେଇଯାଇ ଅଛନ୍ତି ତାହା ଅତୁଳନୀୟ ।

ସମ୍ବଲପୁର ଚୌହାଣ ରାଜବଂଶର ଶେଷ ରାଜା ମହାରାଜ ସାଏ ୧୮୨୭ ସାଲରେ ଅପୁତ୍ରିକ ହୋଇ ମୃତ୍ୟୁମୁଖରେ ପଡ଼ିଲେ ଏବଂ ତାହାଫଳରେ ଏକ ଅନିଶ୍ଚିତ ଓ ଅରାଜକ ଅବସ୍ଥା ସୃଷ୍ଟି ହୋଇଥିଲା । ସେତେବେଳେ ସମ୍ବଲପୁରରେ ଇଂରେଜଙ୍କ ପ୍ରଭାବ ଏପରି ଶକ୍ତିଶାଳୀ ଥିଲା ଯେ ପରବର୍ତ୍ତୀ ରାଜା ମନୋନୀତ କରିବା ସେମାନଙ୍କ ଉପରେ ନିର୍ଭର କରୁଥିଲା । ୧୮ ବର୍ଷ ବୟସ ତରୁଣ ସୁରେନ୍ଦ୍ର ସାଏ ସମ୍ବଲପୁର ସିଂହାସନର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ହେଲେ ହେଁ ଇଂରେଜ ସରକାର ତାଙ୍କର ଦାବୀକୁ ଉପେକ୍ଷା କରି ବିଧବା ରାଣୀ ମୋହନ କୁମାରୀଙ୍କୁ ରାଜ୍ୟେଶ୍ୱରୀ ବୋଲି ଘୋଷଣା କରିଥିଲେ । ସେହି 'ମେରି ରାୟ' ନୀତି ରାଜ୍ୟ ସାରା ଅସନ୍ତୋଷ ଓ ବିଦ୍ରୋହ ମନୋବୃତ୍ତି ସୃଷ୍ଟି କରିଥିଲା । ସୁରେନ୍ଦ୍ର ସାଏଙ୍କ ପିତୃବ୍ୟ ବଳରାମ ସାଏ ଏବଂ ଝାରସୁଗୁଡ଼ା ଜମିଦାର ରଣଜିତ୍ ସିଂହଙ୍କ ପୁତ୍ର ଗୋବିନ୍ଦ ସିଂହ ବହୁ ସଂଖ୍ୟକ ଗଣ୍ଡ ଆଦିବାସୀଙ୍କୁ ନେଇ ମୋହନ କୁମାରୀଙ୍କ ବିରୁଦ୍ଧରେ ପ୍ରତିବାଦ ଜଣାଇ ବିଦ୍ରୋହ ଘୋଷଣା କରିଥିଲେ । ସେହି ବିଦ୍ରୋହ ରାଜ୍ୟ ସାରା ବ୍ୟାପିଯାଇଥିଲା ଏବଂ ଇଂରେଜ ସେନାପତି ହିଗିନ୍ସ୍ ଓ ୱିଲକିନ୍‌ସନ୍ ତାହା ଦମନ କରିବାରେ ଅସମର୍ଥ ହୋଇଥିଲେ । ପରିଶେଷରେ ୧୮୩୩ ସାଲରେ ରାଣୀ ମୋହନ କୁମାରୀଙ୍କୁ ରାଜଗାଦୀରୁ ଅନ୍ତର କରି ବରପାଲି ଜମିଦାର ବଂଶର ଦୁର୍ବଳ ବୃଦ୍ଧ ନାରାୟଣ ସିଂହଙ୍କୁ ସମ୍ବଲପୁରର ରାଜା ରୂପେ ମନୋନୀତ କରାଯାଇଥିଲା । ମାତ୍ର ରାଜ୍ୟର ବହୁ ସଂଖ୍ୟକ ଆଦିବାସୀ ଜମିଦାର ଓ ଗୌନ୍ତିଆ ନାରାୟଣ ସିଂହଙ୍କୁ ସମର୍ଥନ କରିବାରେ ଅସମ୍ମତି ପ୍ରକାଶ କଲେ ଏବଂ ସେମାନଙ୍କୁ ସଙ୍ଗଠିତ କରି ବଳରାମ ସାଏ ଓ ଗୋବିନ୍ଦ ସିଂହ ବିଦ୍ରୋହକୁ ପୁଣି ଉଜ୍ଜୀବିତ କରିଥିଲେ । ସେହି ଅବସରରେ ସୁରେନ୍ଦ୍ର ସାଏ ଲଖନ୍‌ପୁରର ଗଣ୍ଡ ଜମିଦାର ବଳଭଦ୍ର ଦେଓଙ୍କ ସହିତ ଦିବ୍ରୁଗଡ଼ଠାରେ ଅବସ୍ଥାନ କରୁଥିବାବେଳେ ନାରାୟଣ ସିଂହଙ୍କର ସୈନ୍ୟମାନେ ହଠାତ୍ ଉକ୍ତ ସ୍ଥାନ ଘେରାଉ କରି ବଳଭଦ୍ର ଦେଓଙ୍କୁ ହତ୍ୟା କରିଥିଲେ । ସୁରେନ୍ଦ୍ର ସାଏ କୌଶଳ କ୍ରମେ ପଳାୟନ କରି ଜୀବନ ରକ୍ଷା କରିଥିଲେ । ବଳଭଦ୍ର ଦେଓଙ୍କ ମୃତ୍ୟୁର ପ୍ରତିଶୋଧ ନେବା ନିମନ୍ତେ ନାରାୟଣ ସିଂହଙ୍କର ସମର୍ଥକ ରାମପୁର ଜମିଦାର ଦୁର୍ଜ୍ଜୟ ସିଂହଙ୍କୁ ହତ୍ୟା କରିବାପାଇଁ ମସୁଧା କରାଯାଇଥିଲା । ବିଦ୍ରୋହୀମାନେ ରାମପୁର ଦୁର୍ଗ ଧ୍ୱଂସ କରି ଦୁର୍ଜ୍ଜୟ ସିଂହଙ୍କର ବୃଦ୍ଧ ପିତା ଓ ନାବାଳକ ପୁତ୍ରକୁ ହତ୍ୟା କରିଥିଲେ । ମାତ୍ର ଦୁର୍ଜ୍ଜୟ ସିଂହ ହିମଗିରିକୁ ପଳାଇ ଯାଇ ବଞ୍ଚି ଯାଇଥିଲେ । ଏହି ଘଟଣାପରେ ଇଂରେଜମାନେ ବିଦ୍ରୋହର ମୁକାବିଲା କରିବାପାଇଁ କୃତ ସଂକଳ୍ପ ହୋଇଥିଲେ । ବଳରାମ ସାଏ, ସୁରେନ୍ଦ୍ର ସାଏ ଓ ଉଦନ୍ତ ସାଏଙ୍କୁ ଅତର୍କିତଭାବେ ବନ୍ଦୀ କରି ସେମାନଙ୍କୁ ରାମପୁର ଜମିଦାରୀ ହତ୍ୟାକାଣ୍ଡ ପାଇଁ ଦୋଷୀରୂପେ ସାବ୍ୟସ୍ତ କରାଯାଇଥିଲା ଏବଂ ସେହି ଅପରାଧରେ ଯାବତ୍ ଜୀବନ କାରାଦଣ୍ଡ ପ୍ରଦାନ କରାଯାଇଥିଲା । ସେମାନେ ହଜାରିବାଗ ଜେଲରେ କାରାବାସ ଦଣ୍ଡ ଭୋଗିଥିଲେ । ବଳରାମ ସାଏଙ୍କର ସେହି ଜେଲରେ ମୃତ୍ୟୁ ହୋଇଥିଲା ।

ସୁରେନ୍ଦ୍ର ସାଏ ହଜାରିବାଗ ଜେଲରେ ଥିବାବେଳେ ୧୮୪୯ ସାଲରେ ନାରାୟଣ ସିଂହ ଅପୁତ୍ରିକ ହୋଇ ମୃତ୍ୟୁ ମୁଖରେ ପଡ଼ିଲେ ଏବଂ ରାଜ୍ୟ ସତ୍ତ୍ୱ ଲୋପ ନୀତି ଅନୁସାରେ ସମ୍ବଲପୁର ରାଜ୍ୟ ଇଂରେଜଙ୍କର ପ୍ରତ୍ୟକ୍ଷ ଶାସନାଧୀନରେ ରହିଲା । ଇଂରେଜ ସରକାରଙ୍କ ଭୂରାଜସ୍ୱ ନୀତିରେ ଲୋକେ ବିଶେଷ ଉତ୍‌କ୍ଷିପ୍ତ ହୋଇ ଉଠିଲେ । ରାଜା ନାରାୟଣ ସିଂହଙ୍କ ଅମଳରେ ରାଜ୍ୟର ଭୂରାଜସ୍ୱ ଥିଲା ୮,୮୦୦ ଟଙ୍କା ମାତ୍ର ଇଂରେଜ ସରକାର ଶାସନ ଭାର ଗ୍ରହଣ କଲାପରେ ତାହା ୭୪,୦୦୦ଟଙ୍କାକୁ ବୃଦ୍ଧି ପାଇଲା । ଏହି ଶୋଷଣ ନୀତି ବିରୁଦ୍ଧରେ ଆଦିବାସୀମାନେ ବିଶେଷରୂପେ କ୍ରୁଦ୍ଧ ଓ ଆତଙ୍କିତ ହୋଇଥିଲେ ।

୧୮୫୭ ସାଲରେ ଇଂରେଜଙ୍କର ଅତ୍ୟାଚାର ଓ କୁଶାସନ ବିରୁଦ୍ଧରେ ଐତିହାସିକ ସିପାହୀ ବିଦ୍ରୋହ ଘଟିଥିଲା । ତାହା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ରୂପେ ବିବେଚିତ ହୁଏ । ସିପାହୀମାନେ ହଜାରିବାଗ ଜେଲ ପ୍ରାଚୀର ଭାଙ୍ଗି ବନ୍ଦୀମାନଙ୍କୁ ମୁକ୍ତ କରିଥିଲେ ଏବଂ ସୁରେନ୍ଦ୍ର ସାଏ ଓ ତାଙ୍କ ଭାଇ ଉଦନ୍ତ ସାଏ ସେହି ଅବସରରେ ଜେଲରୁ ମୁକ୍ତ ହୋଇ ସମ୍ବଲପୁରକୁ ଆସିଥିଲେ । ସେମାନଙ୍କୁ ଜନସାଧାରଣ ଆନ୍ତରିକ ସମର୍ଥନ ଜ୍ଞାପନ କରୁଥିବା ଦେଖି ସମ୍ବଲପୁରର କମିଶନର କେପେଟେନ୍ ଲେ ପ୍ରମାଦ ଗଣିଲେ । ସେ ଅବସ୍ଥାର ସମ୍ମୁଖୀନ ହେବାପାଇଁ କଟକରୁ ସୈନ୍ୟ ଆଣିବାର ବ୍ୟବସ୍ଥା କରିଥିଲେ । ସୁରେନ୍ଦ୍ର ସାଏ କେପ୍‌ଟେନ୍ ଲେ ଙ୍କ ସହିତ ଦେଖାକରି ଦାବୀ କଲେ ଯେ ତାଙ୍କ ବିରୁଦ୍ଧରେ ଥିବା ଅଭିଯୋଗମାନ ଉଠାଇ ନିଆଯାଉ ଏବଂ ତାଙ୍କୁ ସମ୍ବଲପୁରର ରାଜା ରୂପେ ସ୍ୱୀକାର କରାଯାଉ । କେପ୍‌ଟେନ୍ ଲେ ସୁରେନ୍ଦ୍ରଙ୍କ ସମର୍ଥକମାନଙ୍କର ସଂଖ୍ୟା ବୃଦ୍ଧିରେ ବିଚଳିତ ହୋଇ ତାଙ୍କୁ ଜଣାଇଲେ ଯେ ସେ ଯଦି ଇଂରେଜ ସରକାରଙ୍କ ବିରୁଦ୍ଧରେ ନ ଯାଇ ଶାନ୍ତିର ସହିତ ସମ୍ବଲପୁରରେ ଅବସ୍ଥାନ କରିବାପାଇଁ ରାଜି ହୁଅନ୍ତି ତେବେ ସେ ତାଙ୍କ ସପକ୍ଷରେ ସରକାରଙ୍କୁ ସୁପାରିଶ୍ କରିବେ ।

ମାତ୍ର ସମ୍ବଲପୁରରେ ସୁରେନ୍ଦ୍ର ସାଏଙ୍କୁ ଇଂରେଜମାନେ ରାଜନୈତିକ ବନ୍ଦୀରୂପେ ବ୍ୟବହାର କରି ତାଙ୍କ ବାସ-ସ୍ଥାନରେ ସୈନିକ ପ୍ରହରୀ ନିଯୁକ୍ତ କରିଥିଲେ । ସୁରେନ୍ଦ୍ର ସାଏ ଇଂରେଜଙ୍କ ମତିଗତି ବୁଝିନେଇ ଅକ୍‌ଟୋବର ୩୧ ତାରିଖ ରାତିରେ ସମ୍ବଲପୁର ଛାଡ଼ି ଗୁପ୍ତ ବେଶରେ ଅନ୍ୟତ୍ର ପଳାୟନ କଲେ । ସେହିଠାରୁ ତାଙ୍କର ବିଦ୍ରୋହର ସୂତ୍ରପାତ ହେଲା ଏବଂ ଅଗଣିତ ଲୋକ ତାଙ୍କ ସହିତ ବିଦ୍ରୋହରେ ଯୋଗଦାନ କରିଥିଲେ ।

ସୁରେନ୍ଦ୍ର ସାଏଙ୍କ ବିଦ୍ରୋହ ଥିଲା ସମ୍ବଲପୁର ରାଜ୍ୟର ଆଦିବାସୀଙ୍କର ବିପ୍ଳବ । ଘେସ୍, କୋଲାବିରା, ପାହାଡ଼ ସିରଗିଡ଼ା, ମଚିଦା, କୋଡ଼ାବଗା, ଲୋଇସିଙ୍ଗା,, ଲଖନ୍‌ପୁର, ଭେଡ଼େନ୍, ପାଟକୁଲୁଣ୍ଡା ଆଦିର ଆଦିବାସୀ ଜମିଦାର ନିଜ ନିଜ ଲୋକବଳ ଓ ସମ୍ବଳ ନେଇ ସୁରେନ୍ଦ୍ର ସାଏଙ୍କ ବିଦ୍ରୋହରେ ସହଯୋଗ କରିଥିଲେ । ବାସ୍ତବରେ ସୁରେନ୍ଦ୍ର ସାଏ ଏକ ଶକ୍ତିଶାଳୀ ଆଦିବାସୀ ବିପ୍ଳବର ନେତୃତ୍ୱ ନେଇ ଇଂରେଜ ବିରୁଦ୍ଧରେ ସଂଗ୍ରାମ କରିଥିଲେ ।

ସମ୍ବଲପୁର ସହିତ ବାହାରକୁ ଯୋଗ କରୁଥିବା ରାସ୍ତାରେ ଝରଘାଟି ଗିରିସଙ୍କଟ, ସମ୍ବଲପୁର-କଟକ ରାସ୍ତାରେ ଥିବା ବଡ଼ ଘାଟି ଗିରିସଙ୍କଟ ଏବଂ ସମ୍ବଲପୁର ଓ ରାୟପୁର (ନାଗପୁର) କୁ ଯୋଗ କରୁଥିବା ରାସ୍ତାରେ ସିଂଘୋଡ଼ା ଗିରିସଙ୍କଟ ବିଦ୍ରୋହୀମାନଙ୍କର ସଂପୂର୍ଣ୍ଣ ଅୟତ୍ତାଧୀନରେ ରହିଥିବା ଯୋଗୁଁ ଇଂରେଜମାନଙ୍କର ବିଶେଷ ଅସୁବିଧା ହୋଇଥିଲା । ତାହାଦ୍ୱାରା ସମ୍ବଲପୁର ବାହାର ଦୁନିଆଠାରୁ ଏକ ପ୍ରକାର ବିଚ୍ଛିନ୍ନ ହୋଇ ଯାଇଥିଲା । କଟକ କମିସନର କବ୍‌ବର୍ଣ୍ଣ ସମ୍ବଲପୁରକୁ ଡାକ୍ତର ମୁର ଓ ଡାକ୍ତର ହେନ୍‌ସନ୍‌ଙ୍କ ସହିତ ଗୋର୍ଖା ଫୌଜ ପଠାଇଥିଲେ ସେମାନେ ରେଢ଼ା-ଖୋଲ ପାରହେବା ପରେ ବିଦ୍ରୋହୀଙ୍କ ଦ୍ୱାରା ଆକ୍ରାନ୍ତ ହୋଇଥିଲେ ଏବଂ ଡାକ୍ତର ମୁରଙ୍କ ସହିତ ବହୁ ସଂଖ୍ୟକ ସୈନ୍ୟ ମୃତ୍ୟୁ ବରଣ କରିଥିଲେ । ତାହାପରେ କବ୍‌ବର୍ଣ୍ଣ ଅଧିକ ସଂଖ୍ୟକ ସୈନ୍ୟ ସମ୍ବଲପୁର ପଠାଇବା ପାଇଁ ଉଦ୍ୟମ କରିଥିଲେ । କେପ୍‌ଟେନ୍ ଉଡ୍, କେପ୍‌ଟେନ୍ ଉଡ୍‌ବ୍ରିଜ୍, କେପ୍‌ଟେନ୍ ନକର, କେପ୍‌ଟେନ୍ ସେକ୍‌ସପିୟର, କେପ୍‌ଟେନ୍ ସ୍ୱିନି, ଲେଫ୍‌ନାଣ୍ଟ ଭାଲନ୍‌ସ ଆଦି ଇଂରେଜ ସେନାପତି ସମ୍ବଲପୁରରେ ଉପସ୍ଥିତ ରହି ଦିନ ରାତି ସାମରିକ ଯୋଜନାରେ ବ୍ୟସ୍ତ ରହୁଥିଲେ । ୧୮୫୮ ସାଲ ଆରମ୍ଭରେ ଇଂରେଜ ସୈନ୍ୟ ଏବଂ ସୁରେନ୍ଦ୍ର ସାଏଙ୍କ ସୈନ୍ୟଙ୍କ ମଧ୍ୟରେ ବହୁ ସ୍ଥାନରେ ତୁମୁଳ ଯୁଦ୍ଧ ଲାଗିଥିଲା । ପଟଙ୍ଗା ପାହାଡ଼ ପାଖରେ ହୋଇଥିବା ଯୁଦ୍ଧରେ କେପ୍‌ଟେନ୍ ଉଡ୍ ନିହତ ହୋଇଥିଲେ ଏବଂ ସେହି ଯୁଦ୍ଧରେ କୁଦୋପାଲି ଗ୍ରାମ ମଧ୍ୟରେ ସୁରେନ୍ଦ୍ରଙ୍କ ଭାଇ ଛବିଳ ଶତ୍ରୁର ଗୁଳି ଦ୍ୱାରା ଆହତ ହୋଇ ପ୍ରାଣ ହରାଇଥିଲେ । ପାହାଡ଼ ସିରଗିଡ଼ା ନିକଟରେ ହୋଇଥିବା ଯୁଦ୍ଧରେ ଜନାର୍ଦ୍ଦନ ସିଂହଙ୍କ ଦ୍ୱାରା କେପ୍‌ଟେନ୍ ଉଡ୍‌ବ୍ରିଜ୍‌ଙ୍କ ପରାଜୟ ତଥା ,ପ୍ରାଣହାନୀ ଘଟିଥିଲା । ପାର୍ବତ୍ୟ ଯୁଦ୍ଧରେ କ୍ଳାନ୍ତ ହୋଇ ପ୍ରଧାନ ସେନାପତି ମେଜର ବେଟସ୍‌ଙ୍କ ସମ୍ବଲପୁରଠାରେ ମୃତ୍ୟୁ ହୋଇଥିଲା । ତାହା ପରେ ମାର୍ଚ୍ଚ ୧୮୫୮ ରେ କର୍ଣ୍ଣେଲ ଫରଷ୍ଟର ସମ୍ବଲପୁରର ସର୍ବୋଚ୍ଚ ସେନାପତି ଓ ପ୍ରଶାସକ ହୋଇ ଆସିଲେ । ସେ କଠୋର ନୀତି ଅବଲମ୍ବନ କରି ବିଭୀଷିକାମୟ ଶାସନ ଚଳାଇଲେ । ବହୁ ଲୋକଙ୍କୁ ବିନା ବିଚାରରେ ବନ୍ଦୀ କରି ନାନା ଅତ୍ୟାଚାର କରା ଯାଇଥିଲା ଏବଂ ଅନେକଙ୍କର ସଂପତ୍ତି ବାଜ୍ୟାପ୍ତ ହୋଇଥିଲା । ପାଟଣା ରାଜ୍ୟର ରାଜା ସୁରେନ୍ଦ୍ରଙ୍କର ଭାଇ ଉଜ୍ଜଳ ସାଏଙ୍କୁ ଆଶ୍ରୟ ଦେଇଥିବା ଅଭିଯୋଗ କରି ତାଙ୍କୁ ଏକହଜାର ଟଙ୍କା ଜରିମାନା କରାଗଲା । ମାତ୍ର ପରେ ଉଜ୍ଜଳ ସାଏ ଧରା ପଡ଼ି ଥିଲେ ଏବଂ ତାଙ୍କୁ ସଙ୍ଗେ ସଙ୍ଗେ ଫାଶି କାଠିରେ ଝୁଲାଇ ଦିଆ ଯାଇଥିଲା । କୋଲାବିରା, ଖରସଲ୍, ଘେସ ଜମିଦାର-ମାନଙ୍କୁ ମଧ୍ୟ ନିର୍ବିଘ୍ନର ଭାବରେ ଫାଶି ଦିଆ ଯାଇଥିଲା । ମାତ୍ର ଫର୍ଷ୍ଟରଙ୍କ ଦମନନୀତି ଦ୍ୱାରା ବିଦ୍ରୋହ ଆହୁରି ଅଧିକ ଭାବରେ ପ୍ରଜ୍ୱଳିତ ହେଲା ଏବଂ ସେ ଯେ ସମ୍ବଲପୁର ଭଳି ବିପ୍ଳବୀ ଅଞ୍ଚଳରେ ଉପଯୁକ୍ତ ପ୍ରଶାସକ ହୋଇ ପାରିବେ ନାହିଁ ତାହା ଇଂରେଜ ସରକାର ବୁଝି ପାରିଲେ ।

ଫର୍ଷ୍ଟରଙ୍କୁ ସମ୍ବଲପୁରରୁ କାଢ଼ିନେଇ ଏପ୍ରିଲ ୧୮୬୧ ରେ ମେଜର ଇଂପେଙ୍କୁ ସମ୍ବଲପୁରର ଡେପୁଟି କମିଶନର ରୂପେ ନିଯୁକ୍ତି ଦିଆ ଯାଇଥିଲା । ଇଂପେ ଦମନ ନୀତି ତ୍ୟାଗ କରି ବିଦ୍ରୋହୀମାନଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ଉଦାର ନୀତି ଅବଲମ୍ବନ କରିଥିଲେ । ସେସବୁ ବିଦ୍ରୋହୀଙ୍କୁ କ୍ଷମା ପ୍ରଦାନ କରାଗଲା ବୋଲି ସରକାରୀ ଘୋଷଣା ପ୍ରକାଶ କଲେ ଏବଂ ସମସ୍ତଙ୍କୁ ଶାନ୍ତିରେ ବସବାସ କରିବା ପାଇଁ ଆବେଦନ କରିଥିଲେ । ତାଙ୍କର ସେହି ଉଦାର ନୀତି ବହୁ ପରିମାଣରେ ଫଳବତୀ ହେଲା ଏବଂ ବହୁ ସଂଖ୍ୟକ ବିଦ୍ରୋହୀ ଅସ୍ତ୍ର ତ୍ୟାଗ କରି ନିଜ ନିଜ ଗ୍ରାମକୁ ଫେରି ଆସିଥିଲେ । ଏପରିକି ସୁରେନ୍ଦ୍ର ସାଏଙ୍କ ପୁତ୍ର ମିତ୍ରଭାନୁ

ଏବଂ ଭାଇ ଧ୍ରୁବ ସାଏ ଓ ଉଦନ୍ତ ସାଏ ଇଂପେଙ୍କ ଘୋଷଣାକୁ ସ୍ୱାଗତ ଜଣାଇ ଅସ୍ତ୍ର ତ୍ୟାଗ କରିଥିଲେ । ୧୮୬୨ ମେ ମାସ ୧୬ ତାରିଖ ଦିନ ଇଂପେ ସମ୍ବଲପୁର ନିକଟସ୍ଥ ଜଙ୍ଗଲ ମଧ୍ୟରେ ସୁରେନ୍ଦ୍ର ସାଏଙ୍କୁ ନିର୍ଜନରେ ଭେଟି ଶାନ୍ତି ସ୍ଥାପନ ନିମନ୍ତେ ଆବେଦନ କରିଥିଲେ ଏବଂ ସୁରେନ୍ଦ୍ର ସାଏ ଅବସ୍ଥା ଉପଲବ୍ଧି କରି ବିଦ୍ରୋହ ବନ୍ଦ କରିବା ନିମନ୍ତେ ସମ୍ମତ ହୋଇଥିଲେ । ତାଙ୍କୁ ବାର୍ଷିକ ୧୨୦୦ ଟଙ୍କା ଭତ୍ତା ଦେବା ପାଇଁ ଏବଂ ତାଙ୍କର ବାଜ୍ୟାପ୍ତ ହୋଇଥିବା ସଂପତ୍ତି ଫେରାଇ ଦେବା ପାଇଁ ଇଂରେଜ ସରକାର ରାଜି ହୋଇଥିଲେ । କୁଞ୍ଜଲ ସିଂହ ଓ କମଲ ସିଂହ ଇଂପେଙ୍କର ଆବେଦନ ଅଗ୍ରାହ୍ୟ କଲେ ମଧ୍ୟ ସମ୍ବଲପୁର ବିଦ୍ରୋହ ଶାନ୍ତ ହୋଇଥିଲା ଏବଂ ଇଂରେଜ ସରକାର ଏକ ପ୍ରକାର ଆଶ୍ୱସ୍ତି ପ୍ରକାଶ କରିଥିଲେ ।

ମାତ୍ର କେତେକ ଇଂରେଜ ଅଫିସର ଇଂପେଙ୍କର ଉଦାର ନୀତିରେ ସନ୍ତୁଷ୍ଟ ହୋଇ ନଥିଲେ । ମେଜର ଇଂପେ ୧୮୬୩ ଡ଼ିସେମ୍ବର ମାସରେ ସମ୍ବଲପୁରଠାରେ ଦେହ ତ୍ୟାଗ କଲେ ଏବଂ ତାଙ୍କ ସ୍ଥାନରେ କମ୍ବର ଲେଜ୍ ଡେପୁଟି କମିଶନର ହେଲେ । ସେ ଇଂପେଙ୍କର ଉଦାର ନୀତି ପରିବର୍ତ୍ତନ କରି ପୂର୍ବବତ୍ ଫର୍ଷ୍ଟରଙ୍କ କଠୋର ନୀତି ଅବଲମ୍ବନ କରିଥିଲେ । ସମ୍ବଲପୁରର ପୋଲିସ୍ ସୁପରିଣ୍ଟେଣ୍ଡେଣ୍ଟ ବେରିଲ୍ ତାଙ୍କୁ ଧାରଣା ଦେଲେ ଯେ ସୁରେନ୍ଦ୍ର ସାଏ ଗୁପ୍ତଭାବରେ ବିଦ୍ରୋହ ପାଇଁ ପ୍ରସ୍ତୁତ ହେଉଛନ୍ତି ଏବଂ କୁଞ୍ଜଲ ସିଂହ ଓ କମଲ ସିଂହଙ୍କୁ ସାହାଯ୍ୟ ଦେଉଛନ୍ତି । ୧୮୬୪ ଜାନୁଆରୀ ୨୩ ତାରିଖ ରାତିରେ ଅତର୍କିତ ଭାବେ ସୁରେନ୍ଦ୍ର ସାଏ, ତାଙ୍କର ଭାଇମାନଙ୍କୁ ଏବଂ ପୁତ୍ରଙ୍କୁ ତଥା ତାଙ୍କର ବହୁ ବନ୍ଧୁଙ୍କୁ ବନ୍ଦୀକରି ରାୟପୁର ପଠା-ଯାଇଥିଲା । ତାହା ଇଂରେଜ ସରକାରଙ୍କ ପକ୍ଷରେ ଯେ ଘୋର ବିଶ୍ୱାସଘାତକତା ତାହା ସମସ୍ତେ ଉପଲବ୍ଧି କରିଥିଲେ । ଛତିସ୍‌ଗଡ଼ କମିସନର ସେମାନଙ୍କର ବିଚାର କରି ସମସ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ସୁରେନ୍ଦ୍ର ସାଏ ଓ ଭାଇମାନଙ୍କୁ ଆଜୀବନ କାରାବାସ ଦଣ୍ଡ ପ୍ରଦାନ କରିଥିଲେ । ପରେ ସେମାନେ ଛତିସ୍‌ଗଡ଼ ଜୁଡ଼ିସିଏଲ୍ କମିସନରଙ୍କ ଅଦାଲତରେ ଅପିଲ୍ କରିଥିଲେ ଏବଂ ଜୁଡ଼ି-ସିଏଲ କମିସନର ସାର୍ଲେଟ୍ କେଂପ୍‌ବେଲ୍ ସମସ୍ତଙ୍କୁ ନିର୍ଦ୍ଦୋଷ ବୋଲି ଖଲାସ କରି ଦେବାକୁ ଆଦେଶ ଦେଇଥିଲେ । ମାତ୍ର ଇଂରେଜ ଅଫିସରମାନେ ସେହି ଆଦେଶ କାର୍ଯ୍ୟକାରୀ କରାଇ ଦେଲେ ନାହିଁ । ସୁରେନ୍ଦ୍ର ସାଏ ଓ ତାଙ୍କର ଭାଇମାନଙ୍କୁ ତଥା ତାଙ୍କ ପୁତ୍ର ମିତ୍ରଭାନୁଙ୍କୁ ୧୮୧୮ ସାଲର ୩ ନମ୍ବର ରେଗୁଲେସନ୍ ଅନୁସାରେ ନଜରବନ୍ଦୀ ରୂପେ ନାଗପୁରରେ ରଖା ଯାଇଥିଲା । ୧୮୬୬ ଏପ୍ରିଲରେ ସେମାନଙ୍କୁ ଆସିରଗଡ଼ ଦୁର୍ଗକୁ ସ୍ଥାନାନ୍ତରିତ କରାଗଲା । ସେହିଠାରେ ୧୮୬୬ ରେ ସୁରେନ୍ଦ୍ରଙ୍କର ଭାଇ ମେଦିନୀ ସାଏଙ୍କର ମୃତ୍ୟୁ ହେଲା । ଶେଷରେ ୧୮୭୯ ସାଲ ଜାନୁଆରୀ ପହିଲ ତାରିଖରେ ଧ୍ରୁବ ସାଏ ଏବଂ ମିତ୍ରଭାନୁ ସାଏଙ୍କୁ ମୁକ୍ତି ପ୍ରଦାନ କରାଯାଇଥିଲା । ସୁରେନ୍ଦ୍ର ସାଏ ମୃତ୍ୟୁ ପର୍ଯ୍ୟନ୍ତ ଆସିରଗଡ଼ ଦୁର୍ଗରେ ଅବରୁଦ୍ଧ ହୋଇ ରହିଲେ । ୧୮୮୪ ସାଲ ଫେବୃଆରୀ ୨୮ ତାରିଖ ରାତ୍ରୁ ୧ ଘଣ୍ଟା ସମୟରେ ସେହି ଦେଶପ୍ରେମୀ ବୀର ପୁରୁଷ ୯୦ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

ସୁରେନ୍ଦ୍ର ସାଏଙ୍କ ଦେଶ ପ୍ରେମ ଓ ବୀରତ୍ୱ ଅତୁଳନୀୟ । ତାଙ୍କର ମହାନ୍ ଆଦର୍ଶ ଚିରକାଳ ଦେଶବାସୀଙ୍କୁ ଉତ୍ସାହ ଓ ପ୍ରେରଣା ଯୋଗାଉଥିବ ଏବଂ ସେହି ବୀର ପୁରୁଷ ଅମର ହୋଇ ରହିଥିବେ ।



ସ୍ୱାସ୍ଥ୍ୟସେବା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ

# ଉଦିଗ୍ର ଶୁଭକାରିଣୀ

ଶ୍ରୀ ବିଭୂତି ଭୂଷଣ ସାହୁ

ଜାତିର ପିତା ମହାତ୍ମା ଗାନ୍ଧୀ ଦିନେ ରାମ ରାଜ୍ୟର ସ୍ୱପ୍ନ ଦେଖିଥିଲେ । ରଘୁପତି ରାଘବ ରାଜାରାମ ଥିଲେ ତାଙ୍କରି ସ୍ୱପ୍ନର ଆଧାର । ଅଯୋଧ୍ୟାର ରାଜା ରାମଚନ୍ଦ୍ରଙ୍କ ରାଜଧର୍ମକୁ ସେ ତାଙ୍କରି ଜୀବନର ଆଦର୍ଶ ବୋଲି ଗ୍ରହଣ କରିଥିଲେ । ବାସ୍ତବିକ୍ ଭାରତୀୟ ରାଜନୀତି ଓ ସଂସ୍କୃତି କ୍ଷେତ୍ରରେ ରାମଚନ୍ଦ୍ରଙ୍କପରି ଆଦର୍ଶ ଚରିତ୍ର ଅତି ବିରଳ । ଏହି ଅମଳିନ ଚରିତ୍ରକୁ ମହର୍ଷି ବାଲ୍ମୀକି ରାମାୟଣରେ ରୂପଦେଇ ଯାଇଛନ୍ତି । ଯୁଗ ଯୁଗ ଅତିବାହିତ ହୋଇଯାଇଥିଲେ ମଧ୍ୟ ରାଜା ରାମଚନ୍ଦ୍ରଙ୍କର ଚରିତ୍ର ଚିର ଭାସ୍ୱର ହୋଇ ରହିଅଛି ।

ପ୍ରଜାନୁରଞ୍ଜନ ଥିଲା ରାମଚନ୍ଦ୍ରଙ୍କର ରାଜଧର୍ମର ବ୍ରତ । ପ୍ରଜାମାନଙ୍କର ସମସ୍ତ ସ୍ୱାର୍ଥକୁ ସେ ରକ୍ଷା କରୁଥିଲେ । ପ୍ରଜାର ହିତପାଇଁ ନିଜର ସମସ୍ତ ସ୍ୱାର୍ଥକୁ ଜଳାଞ୍ଜଳି ଦେବାର ନମୁନା ଆଉ କାହାରିଠାରେ ଏପରି ଦେଖାଯାଏ ନାହିଁ । ଗୋଟିଏ ପ୍ରଜାର ସାମାନ୍ୟତମ ସ୍ୱାର୍ଥକୁ ରକ୍ଷା କରିବାକୁ ଯାଇ ପ୍ରାଣସମା ସୀତାଙ୍କୁ ମୁକ୍ତନ କରିଦେବାର ଯେଉଁ ଅପୂର୍ବ ଆଦର୍ଶ ତାହା ପୃଥିବୀର ଆଉ କୌଣସି ରାଜାଙ୍କ ଚରିତ୍ରରେ ଦେଖାଯାଇନାହିଁ ।

ସେ ଥିଲେ ନିରପେକ୍ଷ ରାଜା । ସମାଜବାଦ ଥିଲା ତାଙ୍କରି ଆଦର୍ଶ । ରାମଚନ୍ଦ୍ରଙ୍କର ସମ୍ମୁଖରେ ଛୋଟ ବଡ଼ର ପ୍ରଶ୍ନ ନ ଥିଲା । ପର ଆପଣାର ଭେଦ ନଥିଲା । ମଣିଷର ମଣିଷତ୍ୱକୁ ସେ ମୂଲ୍ୟଦେଇ ଜାଣିଥିଲେ । ତାଙ୍କ ସମ୍ମୁଖରେ ମଣିଷ ମଣିଷହିଁ ଥିଲା ।

ବନବାସପରେ ସେ ଯେତେବେଳେ ଅଯୋଧ୍ୟାର ସିଂହାସନ ଆରୋହଣ କରିଛନ୍ତି, ସେତେବେଳେ ସେ ଗିରିଜନମାନଙ୍କୁ ନିଜ ରାଜସଭାରେ ପ୍ରତିନିଧିତ୍ୱ କରିବାର ସୁଯୋଗ ଦେଇଥିଲେ । ଭାରତର ବନ ପ୍ରଦେଶରେ ଯେଉଁ ଶତଶତ ଗିରିଜନ ସଭ୍ୟତାର ଆଲୋକଠାରୁ ଥିଲେ ବହୁ ଦୂରରେ, ଯେଉଁମାନେ ଯୁଗଯୁଗଧରି କେବଳ ପଶୁବତ୍ ଜୀବନହିଁ ଅତିବାହିତ କରିଯାଇଥିଲେ, ସେମାନଙ୍କୁ ସାଙ୍ଗରେ ଆଣି ସେ ଯଥେଷ୍ଟ ସମ୍ମାନ ଦେଇଯାଇଛନ୍ତି । ଋକ୍ଷ ଜାମ୍ବବାନ କିମ୍ବା କପି ହନୁମାନ ଥିଲେ ସେହି ଗିରିଜନମାନଙ୍କର ପ୍ରତିନିଧି । ମନୁଷ୍ୟହୋଇ ମଧ୍ୟ ସେମାନଙ୍କୁ ତତ୍କାଳୀନ ସମାଜ ପଶୁବୋଲି ଅଭିହିତ କରିଥିଲା । ରାମଚନ୍ଦ୍ର ପ୍ରଥମେ ଏହି ବଣଜଙ୍ଗଲରେ ବାସକରି ରହିଥିବା ଅଧିବାସୀମାନଙ୍କର ସମସ୍ୟାକୁ ବିଶେଷ ରୂପେ ହୃଦୟଙ୍ଗମ କରି ପାରିଥିଲେ । ଏହାମଧ୍ୟ ସେ ଚିନ୍ତାକରିଥିଲେ ଯେ, ଏହି ଗିରିଜନମାନଙ୍କର ସହାୟତା ନନେଲେ କିମ୍ବା ସେମାନଙ୍କୁ ସମସ୍ୟାଠାରୁ ଦୂରେଇ ରଖିଦେଲେ କୌଣସି ନିର୍ମାଣମୂଳକ କାର୍ଯ୍ୟ ହୋଇ ପାରିବନାହିଁ । ଶତ୍ରୁକୁ ଜୟ କରିବା ଏକାବେଳକେ ଅସମ୍ଭବ ହୋଇ ପଡ଼ିବ । ରାଜ୍ୟର ଯେ କୌଣସି କାର୍ଯ୍ୟରେ ସେହି ଗିରିଜନମାନଙ୍କର ଗୁରୁତ୍ୱ ବିଶେଷରୂପେ ରହିଅଛି । ସେଥିପାଇଁ ରାମଚନ୍ଦ୍ର ସଦାସର୍ବଦା ସେମାନଙ୍କୁ ପାଖରେ ରଖି ସେମାନଙ୍କର ପରାମର୍ଶ ନେଉଥିଲେ ।

ଯେଉଁମାନେ ସାମାନ୍ୟ ଧନ କିମ୍ବା ବାହୁବଳରେ ନିଜକୁ ବଳବାନ ବୋଲି ମନେ କରୁଥିଲେ, ସେମାନେ ଅନ୍ୟମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରି ଚାଲିଥିଲେ । ନିଜର ବାହୁବଳରେ ଅନ୍ୟକୁ ଭୟଭୀତ କରାଇ ସମାଜକୁ ବହୁ ଭାବରେ ଶୋଷଣକରି ଚାଲିଥିଲେ । ଏହି ବର୍ଣ୍ଣ୍ୟନୀତିକୁ ରାମଚନ୍ଦ୍ର କେବେହେଲେ,ସ୍ୱୀକାର କରି ପାରି ନାହାନ୍ତି । ସେ ଯେଉଁଠି ଏହି ଅନ୍ୟାୟ ଓ ଅନୀତିର ସନ୍ଧାନ ପାଇଛନ୍ତି, ସେଇଠି ତାହାକୁ ଦୃଢ଼ ହସ୍ତରେ ଦମନକରିଛନ୍ତି ।

ଏକ ଶୋଷଣମୁକ୍ତ ସମାଜ ଗଠନ କରିବାଥିଲା ରାମଚନ୍ଦ୍ରଙ୍କର ମୂଳନୀତି । ସେଥିପାଇଁ ସେ ବାଳୀ କିମ୍ବା ରାବଣପରି ଚରିତ୍ରଗୁଡ଼ିକୁ ସ୍ୱୀକାର କରିପାରି ନାହାନ୍ତି । ସେ ସେମାନଙ୍କୁ ଦୃଢ଼ ହସ୍ତରେ ସଂହାରକରି ସୁଗ୍ରୀବ ଓ ବିଭୀଷଣପରି ଚରିତ୍ରମାନଙ୍କୁ ପ୍ରଶ୍ରୟ ଦେଇଛନ୍ତି । ସୁଗ୍ରୀବ ଓ ବିଭୀଷଣ ଥିଲେ ଶୋଷିତ ଶ୍ରେଣୀର ପ୍ରତୀକ । ସେମାନଙ୍କୁ ସମସ୍ତ ପ୍ରକାର ଶୋଷଣରୁ ମୁକ୍ତ କରିବା ଥିଲା ରାମଚନ୍ଦ୍ରଙ୍କର ଅନ୍ୟଏକ ଅନବଦ୍ୟ ରାଜନୀତି ।

ରାମଚନ୍ଦ୍ରଙ୍କ ଚରିତ୍ରରୁ ଏହି ଯେଉଁ ମହାନୁଭବତାର ପରିଚୟ ମିଳେ ତାହା ଭାରତୀୟ ସଂସ୍କୃତି ଓ ରାଜନୀତିର ମୂଳପିଣ୍ଡରୂପେ ପରିଗୃହିତ ହୋଇଆସିଅଛି । ଇତିହାସ ପାଠରୁ ଜଣାଯାଏ ଯେଉଁ ରାଜା ରାମଚନ୍ଦ୍ରଙ୍କର ଏହି ନୀତିକୁ

ସୁଦ୍ଧିକୁ କିଞ୍ଚିତ ପରିମାଣରେ ହେଲେ ଅନୁସରଣକରି ପାରିଛନ୍ତି ସେମାନଙ୍କର ନାମ ସ୍ୱର୍ଣ୍ଣଲିପିରେ ଲିଖିତହୋଇ ରହିଅଛି ।

ଧର୍ମାଶୋକ ଥିଲେ ସେହିପରି ଜଣେ ରାଜା । କଳିଙ୍ଗ ଯୁଦ୍ଧପରେ ସେ ଯେତେବେଳେ ବୁଝି ପାରିଲେ "ହିଂସାର ଜୟ କେବେହେଲେ ଜୟ ନୁହେଁ ; ଧର୍ମର ଜୟହିଁ ପ୍ରକୃତ ଜୟ" । ସେତେବେଳେ ସେ ନିଜର ଅହଂମନ୍ୟତାକୁ ପରିତ୍ୟାଗକରି ପାରିଥିଲେ । "ସମସ୍ତ ପ୍ରଜାହିଁ ମୋର ପୁତ୍ର" ଏହି ମହାନ ବାକ୍ୟ ସେହି ଅମର ଆତ୍ମାଦ୍ୱାରା ଉଦ୍‌ଘୋଷିତ ହୋଇ ପାରିଥିଲା । ରାଜା ଓ ପ୍ରଜା ମଧ୍ୟରେ ଏକାତ୍ମ ବୋଧଭାବ ସେହି ଅଶୋକଙ୍କଠାରେ ହିଁ ସମ୍ଭବ ହୋଇପାରିଥିଲା । ଏହି ସମାଜବାଦୀ ଆଦର୍ଶ ଦ୍ୱାରା ସେ କୋଟି କୋଟି ଜନତାର ହୃଦୟକୁ ଅକ୍ଳେଶରେ ଜୟକରି ପାରିଥିଲେ ।

ଭାରତବର୍ଷର ଇତିହାସରେ ଅନ୍ୟ ଯେଉଁ ଏକ ଅମ୍ଳାନ ଚରିତ୍ର ଏଦିଗରେ ଲିପିବଦ୍ଧହୋଇ ରହିଅଛି, ସେ ହେଉଛନ୍ତି ମୋଗଲ ସମ୍ରାଟ ଆକବର । ଆକବରଙ୍କର ରାଜନୀତି ଥିଲା ସେହିପରି ଉଦାର ଓ ମହନୀୟ । ସେ ହିନ୍ଦୁ-ମୁସଲମାନ କିମ୍ବା ଛୋଟବଡ଼ ଭେଦଭାବକୁ କେବେହେଲେ ଗୁରୁତ୍ୱ ଦେଇ ନାହାନ୍ତି । ଭାରତର ପୁଣ୍ୟପୀଠରେ ଧର୍ମନିରପେକ୍ଷ ଏକ ସମାଜବାଦୀ ସମାଜ ଗଠନ କରିଯିବାଥିଲା ତାଙ୍କର ଲକ୍ଷ୍ୟ । ମାତ୍ର ସମ୍ରାଟ ଆକବରଙ୍କପରେ ସେହି ମହାନଭାବ ସତେ ଯେପରି ଭାରତ ଭୂମିରୁ ଲୋପପାଇ ଯାଇଥିଲା । ହରିଜନ କିମ୍ବା ଗିରିଜନମାନଙ୍କ ସମସ୍ୟାପ୍ରତି ଧ୍ୟାନଦେବା, ଏକ ଶୋଷଣମୁକ୍ତ ସମାଜ ଗଠନକରିବା କିମ୍ବା ଧର୍ମ-ନିରପେକ୍ଷ ଭାବରେ ଦେଶକୁ ଦୃଢ଼ୀଭୂତ କରିଯିବାର ଯେଉଁ ଦୁଃସାହସ ତାହା ପରକ୍ଷଣରେ ଆଉ କେବେ ଓ ଏପରି ତ୍ୱରାନ୍ୱିତ ହୋଇପାରି ନଥିଲା । ରାମରାଜ୍ୟ ଏକ ସ୍ୱପ୍ନ, ଏକ କଳ୍ପନାର ବିଷୟବସ୍ତୁ ହୋଇ ରହିଗଲା ।

ମାତ୍ର ସେହି ସ୍ୱପ୍ନ, ସେହି କଳ୍ପନାର ବାସ୍ତବ ରୂପାୟନ ପୁଣିଥରେ ଏହି ଭାରତ ଭୂମିରେ ଦେଖାଦେଇଛି । ଯୁଗଯୁଗର ଅସ୍ତମିତ ସୂର୍ଯ୍ୟ ଆଜି ପୁଣି ନୂତନ ଆଲୋକ ଶିଖାରେ ଦେଦିପ୍ୟମାନ । ସୂର୍ଯ୍ୟର ତରଙ୍ଗପରି ସେହି ପ୍ରଜ୍ୱଳିତ ଶିଖା ବହୁଧାରାରେ ତରଙ୍ଗାୟିତ । ପୁରାଣଯୁଗର ରାମଚନ୍ଦ୍ର, ପ୍ରାଚୀନଯୁଗର ଅଶୋକ କିମ୍ବା ଇତିହାସ ଯୁଗର ସମ୍ରାଟ ଆକବର ଯେଉଁ ପ୍ରଜାନୁରଞ୍ଜନ ଯଜ୍ଞର ଶୁଭାରମ୍ଭ କରିଥିଲେ, ଆଜି ଲୋକାନାମ୍ ପ୍ରିୟା ପ୍ରିୟଦର୍ଶିନୀ ଶ୍ରୀମତୀ ଇନ୍ଦିରାଗାନ୍ଧୀ ସେହି ଯଜ୍ଞର ପୂର୍ଣ୍ଣାହୁତି ଦେବାକୁ ଯାଉଛନ୍ତି । ଆଜି ଭାରତର ପ୍ରତ୍ୟେକ ଜନତା ଅନ୍ୟର ଶୋଷଣରୁ ମୁକ୍ତ । ଆଜି ଭାରତର ପ୍ରତ୍ୟେକ ଗିରିଜନ, ହରିଜନ, ଆଦିବାସୀ, ଅନୁନ୍ନତ କିମ୍ବା ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକ ଉନ୍ନତିର ପଥରେ ଚଳମାନ । ଆଜି ଭାରତର ସମସ୍ତ ଧର୍ମ ଗୋଟିଏ ଗୋଲାପ ଗଛରେ ଫୁଟିଥିବା ଫୁଲପରି ସୁଶୋଭିତ ।

ଦୀର୍ଘ ପଞ୍ଚତ୍ରିଂଶ ବର୍ଷକାଳ ଆମେ କେବଳ ରାଜନୀତିକ ସ୍ୱାଧୀନତାକୁହିଁ ଭୋଗ କରିଗଲୁ । ଅର୍ଥନୀତିକ ସ୍ୱାଧୀନତା ଆମଠାରୁ ଦୂରରେ ରହିଥିଲା । ସାଧାରଣ ଜନଜୀବନକୁ ଅର୍ଥନୀତିକ ସ୍ୱାଧୀନତା ସ୍ପର୍ଶକରି ପାରିନଥାଏ । ଯେଉଁଠି ଦେଶର କୋଟି କୋଟି ଜନତାଙ୍କ ଜୀବନ ଧାରଣର ମାନ ଦାରିଦ୍ର୍ୟ ସୀମାରେଖାର ତଳେ ରହିଯାଇପାରେ ସେଠାରେ ରାଜନୀତିକ ସ୍ୱାଧୀନତାର ଅର୍ଥ କଣ ? ଏକଥାକୁ ଆମ ପ୍ରିୟ ପ୍ରଧାନମନ୍ତ୍ରୀ ବେଶ୍ ଉପଲବ୍ଧିକରି ପାରିଥିଲେ । ସେ ଦେଶର ଅର୍ଥନୀତିକୁ ଦୃଢ଼ୀଭୂତ କରିବାପାଇଁ ବିଂଶସୂତ୍ରୀ ଅର୍ଥନୀତିକ କାର୍ଯ୍ୟକ୍ରମକୁ ପ୍ରୟୋଗକଲେ । ଏହା ପ୍ରଥମେ ଜୁଲାଇ ଏକ ତାରିଖ ୧୯୭୫ ମସିହାରେ ଘୋଷଣା କରାଯାଇଥିଲା ।

ମାତ୍ର ସମୟର ରଥଚକ୍ର ସଦା ସର୍ବଦା ଘୂର୍ଣ୍ଣାୟମାନ ୧୯୭୫ ଓ ୧୯୮୨ର ଭାରତ ମଧ୍ୟରେ ବହୁ ଫରକ୍—ବହୁ ବ୍ୟବଧାନ । ଏହି ସାତଟି ବର୍ଷ ମଧ୍ୟରେ ଭାରତର ରାଜନୀତି କ୍ଷେତ୍ରରେ ବହୁ ଉତ୍‌ଥାନ ପତନ ହୋଇ ଯାଇଅଛି । ଆଭିମୁଖ୍ୟରେ ମଧ୍ୟ ବହୁ ପରିବର୍ତ୍ତନ ଦେଖାଯାଇଅଛି । ଫଳରେ ୧୯୮୨ର ଆଭିମୁଖ୍ୟ ଓ ଚାହିଦାକୁ ଚାହିଁ ଆମ ପ୍ରଧାନମନ୍ତ୍ରୀ ପୂର୍ବର ସେହି ବିଂଶସୂତ୍ରୀ କାର୍ଯ୍ୟକ୍ରମରେ କେତେକ ପରିବର୍ତ୍ତନ ଆଣିଲେ । ଏହି ନୂତନ କାର୍ଯ୍ୟକ୍ରମକୁ ସେ ଚଳିତ ୧୯୮୨ ମସିହା ଜାନୁଆରୀ ୧୪ ତାରିଖରେ ଘୋଷଣା କଲେ । ଏହାକୁ ଆଜି ଜାତୀୟ ସ୍ତରରେ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରାଯାଉଅଛି ।

ଗିରିଜନ, ହରିଜନ, ଆଦିବାସୀ, ଅନୁନ୍ନତ, ଦୁର୍ବଳ ଓ ସଂଖ୍ୟାଲଘୁ ସଂପ୍ରଦାୟର ଲୋକମାନେ ଏହାଦ୍ୱାରା ବହୁ ଭାବରେ ଉପକୃତ ହେଉଛନ୍ତି । ଅନ୍ୟ ପକ୍ଷରେ ଭାରତର ସମସ୍ତ ଶ୍ରେଣୀର ଲୋକମାନଙ୍କ ସମନ୍ୱିତ ବିକାଶପାଇଁ ପଥ ସୁଗମ ହୋଇ ଯାଉଅଛି । କୃଷି ଓ ଶିଳ୍ପର ବିକାଶ ତ୍ୱରାନ୍ୱିତ ହେଉଅଛି । ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ନୂତନ ଆଭିମୁଖ୍ୟ ଗ୍ରହଣ କରାଯାଉଅଛି । ବିଜ୍ଞାନ, କଳା, ସଂସ୍କୃତି କ୍ଷେତ୍ରରେ ଅଭୂତପୂର୍ବ ସାଫଲ୍ୟ ଦେଖା ଯାଉଅଛି । ବିକାଶମୁଖୀ ଗୋଟିଏ ରାଷ୍ଟ୍ରରେ ଏପରି ଏକ ଦ୍ରୁତ ପରିବର୍ତ୍ତନ ଯେ କୌଣସି ବୃହତ୍ ରାଷ୍ଟ୍ରର ଦୃଷ୍ଟି ଆକର୍ଷଣ କରିବା ସ୍ୱାଭାବିକ କଥା । ସେଥିପାଇଁ ପୃଥିବୀର ସମସ୍ତ ଦେଶ ଆଜି ଚମତ୍କୃତ । ଭାରତର ସାଫଲ୍ୟରେ ଆଜି ଆମର ଯଥେଷ୍ଟ ଗର୍ବ କରିବାର ଅଛି ।

ସେ ଯୁଗର ରାମରାଜ୍ୟ ନାହିଁ ସତ, ମାତ୍ର ଜାତିର ପିତା ମହାତ୍ମା ଗାନ୍ଧୀଙ୍କର କଳ୍ପିତ 'ରାମରାଜ୍ୟ' ଆଜି ଭାରତ ଭୂମିରେ ବାସ୍ତବ ରୂପ ନେବାକୁ ଯାଉଅଛି । ଭାରତ, ଆଜି ଆଉ ଅନ୍ଧକାରର ଭାରତ ନୁହେଁ, ଆଲୋକର ଭାରତ—ଯେଉଁ ଭାରତର ଗତି କେବଳ ଆଗକୁ ଆଗକୁ ।

ତମସୋ ମା ଜ୍ୟୋତିର୍ଗମୟ ।"

ଓଡ଼ିଆ ବିଭାଗ
କରଞ୍ଜିଆ ମହାବିଦ୍ୟାଳୟ
ମୟୂରଭଞ୍ଜ

# କୁଷ୍ଠରୋଗୀଙ୍କ ସେବାରେ ମହାତ୍ମା ଗାନ୍ଧୀ

ଶ୍ରୀ ଦେବଦୂତ

ପ୍ରଥମାବସ୍ଥାରେ ତାଙ୍କର ଭାରତ ଗସ୍ତବେଳେ ଯେତେବେଳେ ମାନ୍ଦ୍ରାଜରେ ଥିଲେ, ସେତେବେଳେ ଶୁଣିଲେ ଯେ ଭାରତୀୟ ଜାତୀୟ କଂଗ୍ରେସର ଜଣେ ପୁରୁଣା ସଭ୍ୟ କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ଏହା ଶୁଣିଲା ମାତ୍ରେ ସଙ୍ଗେ ସଙ୍ଗେ ସେ ଯାଇ ତାଙ୍କ ରୋଗ ଶଯ୍ୟାପାଖରେ ପହଞ୍ଚିଗଲେ । ଦେହ କିପରି ଅଛି ବୋଲି ସହୃଦୟ ପଚାରି ବୁଝୁଥିଲାବେଳେ ମହାତ୍ମା ଗାନ୍ଧି ରୋଗୀଙ୍କ କ୍ଷତ ସ୍ଥାନଗୁଡ଼ିକୁ ନିଜ ଲୁଗା କାନିରେ ପୋଛି ପକାଇଲେ ।

ମହାମାନ୍ୟ ଶ୍ରୀନିବାସ ଶାସ୍ତ୍ରୀ ସେତେବେଳେ ତାଙ୍କ ଗହଣରେ ସେଠାରେ ଉପସ୍ଥିତ ଥିଲେ । ଗାନ୍ଧିଜୀଙ୍କର ଏହି କ୍ଷତ ସ୍ଥାନ ପୋଛିବା ଘଟଣାରେ ସେ ସ୍ତମ୍ଭିତ ହୋଇଗଲେ । ନିମ୍ନମତେ ସେ ଏହି ଘଟଣା ବର୍ଣ୍ଣନ କରିଛନ୍ତି ।

"ତାଙ୍କର (ଗାନ୍ଧିଜୀଙ୍କର) ଟିକିଏମାତ୍ର ଭୟଭ୍ରାନ୍ତି ନଥିଲା । ଅନ୍ୟମାନଙ୍କୁ ଯାହା କରିବାକୁ ସେ ପରାମର୍ଶ ଦେଉଥିଲେ ସେସବୁକୁ ସେ ଏତେ ଟିକିଏ ସୁଦ୍ଧା ଓହରି ଆସୁନଥିଲେ । ପ୍ରକୃତ ପ୍ରସ୍ତାବରେ ପୀଡ଼ିତ ଓ ଦୁଃଖ କଷ୍ଟରେ କ୍ଳିଷ୍ଟମାନଙ୍କ ପ୍ରତି ତାଙ୍କ ପ୍ରେମ ଆଧ୍ୟାତ୍ମିକ କ୍ଷେତ୍ରରେ ଆଗେଇ ଯିବା ପାଇଁ ଏକ ସୋପାନ ଭଳି ଥିଲା । ଠିକ୍ ସମୁଦ୍ର ପରି ତାଙ୍କ କରୁଣା ଓ କୋମଳତାର ଅନ୍ତକୂଳ ନଥିଲା । ନିଜର ପିନ୍ଧିଲା ପୋଷାକରେ ସେ ଯେତେବେଳେ ରୋଗୀର କ୍ଷତ ସ୍ଥାନମାନ ପୋଛୁଥିଲେ ସେତେବେଳେ ଏହି ଲେଖକ ତାଙ୍କ ପାଖରେ ଠିଆ ହୋଇ ରହିଥିଲେ ।"

୧୯୨୨ରେ ଗାନ୍ଧିଜୀ ପୁରୁଲିଆ (ବଙ୍ଗଳା)ର କୁଷ୍ଠାଶ୍ରମ ପରିଦର୍ଶନରେ ଯାଇଥିଲେ । ଆଶ୍ରମରେ ରହୁଥିବା ସାଢେ ତିନି ଶହ ରୋଗୀ ଗାନ୍ଧିଜୀଙ୍କ ଭାଷଣ ଶୁଣିବା ପାଇଁ ତାଙ୍କ ଆଗରେ ଧାଡ଼ି ବାନ୍ଧି ବସିଲେ । ଗାନ୍ଧିଜୀ ତାଙ୍କ ଭାଷଣ ଆରମ୍ଭ କରିବାକୁ ଯାଇ କହିଲେ— "ଭାଇ ଓ ଭଉଣୀମାନେ........" । କିନ୍ତୁ କିଛି ନକହି ହଠାତ୍ ବନ୍ଦ ହୋଇଗଲେ ।

କୁଷ୍ଠାଶ୍ରମର ଦାୟିତ୍ୱରେ ଥିବା ଅଧ୍ୟକ୍ଷ (ଫାଦର)ଙ୍କୁ ଡକାଇ କହିଲେ—"ସେମାନଙ୍କୁ ଭାଇ ଓ ଭଉଣୀ ବୋଲି ସମ୍ବୋଧନ କରିବାର କି ଅଧିକାର ମୋର ଅଛି........ । ଅନୁଗ୍ରହ କରି ଆପଣ ଜଣ ଜଣ କରି ସେମାନଙ୍କୁ ମୋତେ ଚିହ୍ନାଇ ଦିଅନ୍ତୁ ।

ତିନିଶହ ପଚାଶ ଜଣଯାକ ରୋଗୀଙ୍କ ସହ ଅଧ୍ୟକ୍ଷ ଚିହ୍ନା ପରିଚୟ କରାଇଦେଲେ ଏବଂ ଗାନ୍ଧିଜୀ ସେମାନଙ୍କ ସହିତ ପରିଚିତ ହେଲାବେଳେ ପ୍ରତ୍ୟେକ ରୋଗୀର ହାତ ସହିତ ହାତ ମିଳାଇଲେ । ଏହାପରେ ସେ ତାଙ୍କ ଭାଷଣ ଆରମ୍ଭ କରି କହିଲେ—"କର୍ମୀମାନେ ମୁଁ ଆପଣମାନଙ୍କୁ ମୋର ଭାଇ ଓ ଭଉଣୀ ବୋଲି ସମ୍ବୋଧନ କରିପାରିବି............" ।

ଦକ୍ଷିଣ ଆଫ୍ରିକାର ଡରବାନ୍‌ରେ ରହୁଥିଲାବେଳେ ୧୮୯୮ ମସିହାରେ ଦିନେ ଅଧରାତି ବେଳେ ଗାନ୍ଧିଜୀ ରହୁଥିବା ଘରର ଦରଜାରେ କେହି ଜଣେ ଠକ୍ ଠକ୍ ଶବ୍ଦ କଲା । ଗାନ୍ଧିଜୀ ଦରଜା ଖୋଲି ଦେଲେ । ସାମନାରେ ସେ ଦେଖିଲେ ଜଣେ କୁଷ୍ଠ ରୋଗୀ ତାଙ୍କ ଆଗରେ ଠିଆ ହୋଇଛି । ସଙ୍ଗେ ସଙ୍ଗେ ସେ ତାକୁ ଘର ଭିତରକୁ ନେଇ ଆସିଲେ ଏବଂ ତାଙ୍କ ଚିକିତ୍ସାର ସବୁ ବ୍ୟବସ୍ଥା କରିଦେଲେ ।

ନିଜର ସହକର୍ମୀମାନଙ୍କ ସହିତ ଗାନ୍ଧିଜୀ ଡର୍ବାନ ସହରର ରାସ୍ତାରେ ବୁଲି ଯାଉଥିଲେ । ଗୋଟିଏ ଗଛ ତଳେ ଦଳେ କୁଷ୍ଠ ରୋଗୀ ଏକାଠି ବସିଥିବାର ତାଙ୍କ ନଜରରେ ପଡ଼ିଲା । ଗାନ୍ଧିଜୀ ସଙ୍ଗେ ସଙ୍ଗେ ସେମାନଙ୍କ ପାଖକୁ ଯାଇ ସେମାନଙ୍କ ସହିତ କଥାବାର୍ତ୍ତା କଲେ । ପରେ ଏଥିପାଇଁ ତାଙ୍କ ସହକର୍ମୀମାନେ ଯେତେବେଳେ ତାଙ୍କର ଏ ପ୍ରକାର କାର୍ଯ୍ୟରେ କାହିଁକି ନିଜର ସମୟ ନଷ୍ଟ କରୁଛ ବୋଲି ପ୍ରତିବାଦ ଜଣାଇଲେ ଗାନ୍ଧିଜୀ ସେମାନଙ୍କୁ ତିରସ୍କାର କଲେ ।

## ବ୍ୟକ୍ତିଗତ ସେବା

ଗାନ୍ଧିଜୀ ବ୍ୟକ୍ତିଗତ ଭାବରେ କୁଷ୍ଠ ରୋଗୀମାନଙ୍କର କିପରି ସେବା କରୁଥିଲେ, ତାର ବହୁ ପ୍ରମାଣ ରହିଛି । ସେଥିରୁ କେତୋଟିର ଦୃଷ୍ଟାନ୍ତ ଏଠାରେ ଦିଆଯାଉଛି: କୁଷ୍ଠ ରୋଗୀଙ୍କ କ୍ଷତ ଓ ଘାକୁ ସେ ଧୋଇ ସଫା କରିଦେଉଥିଲେ । ନିଜ ଘରେ ସେମାନଙ୍କୁ ସେ অଭ୍ୟର୍ଥନା କରୁ-

ଥିଲେ । ନିର୍ଭୟରେ ସେମାନଙ୍କ ସହିତ ସେ ମିଳାମିଶା କରୁଥିଲେ । ଏବଂ ଭାଇ ସଙ୍ଗେ ଭାଇ ମିଶିଗଲା ପରି ମିଶି ଯାଉଥିଲେ ।

କିନ୍ତୁ କୁଷ୍ଠ ସେବା କ୍ଷେତ୍ରରେ ଏହାଠାରୁ ସେ ଆହୁରି ଉପରକୁ ବଡ ବଡ ସେବାରେ ହାତ ଦେଉଥିଲେ । ଜାତୀୟ ପୁର୍ନଗଠନ ପାଇଁ ଗାନ୍ଧିଜୀ ଯେଉଁ ଯୋଜନା କରିଥିଲେ ସେଥିରେ କୁଷ୍ଠ ସେବା କାମକୁ ମୂଳ ଅଗ୍ରାଧିକାର ଦିଆଯାଇଥିଲା । ଜାତୀୟ ପୁନର୍ଗଠନ ଓ ନବୀକରଣର ଏକ ବଡ ଅଙ୍ଗ ରୂପେ ୧୯୪୫ରେ ଗାନ୍ଧିଜୀ ରଚନାତ୍ମ କାର୍ଯ୍ୟକ୍ରମ ତିଆରି କରିଥିଲେ । ସେଥିରେ କୁଷ୍ଠ ସେବା କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରାଯାଇଥିଲା ।

"ଗାନ୍ଧିଜୀଙ୍କ କଳନା ଅନୁସାରେ କେନ୍ଦ୍ର ଆଫ୍ରିକା ପଛକୁ ଭାରତ ସମ୍ଭବତଃ କୁଷ୍ଠ ରୋଗୀମାନଙ୍କ ଘର । ତଥାପି ଆମ ଭିତରେ ଯେଉଁମାନେ ଉଚ୍ଚସ୍ତରରେ ଥାଇ ସବୁଠାରୁ ବଡ ମଣିଷ ହୋଇଛନ୍ତି, ସେମାନେ ଲୋଡ଼ୁ ନଥିଲେ ସୁଦ୍ଧା ସବୁ ମନଧ୍ୟାନ ଓ ଦୃଷ୍ଟି ଆମେ ସେହିମାନଙ୍କ ଉପରେ ପକାଇଥାଉ । ମାତ୍ର ଯେଉଁମାନେ ସେମାନଙ୍କ ତଳେ ଅଛନ୍ତି ଏବଂ ଆମର ମନଧ୍ୟାନ ଓ ଦୃଷ୍ଟି ଯେଉଁମାନେ ଲୋଡୁଛନ୍ତି ସେମାନେ ଅବହେଳିତ ହେଉଛନ୍ତି ।"

କେବଳ ଏତିକି ନୁହେଁ ଗାନ୍ଧିଜୀ ଭାବୁଥିଲେ ଯେ ସ୍ୱାଧୀନତା ହାସଲ ଆଗରୁ କୁଷ୍ଠ ରୋଗୀମାନଙ୍କ ସେବା ଓ ଯତ୍ନ ତାର ପୂର୍ବ ପସ୍ତୁତ ରୂପେ ଆମର ଆବଶ୍ୟକ । ଜୋର ଦେଇ ସେ କହୁଥିଲେ ସତ୍ୟ ଓ ଅହିଂସା ମାର୍ଗରେ ଶୀଘ୍ର ସ୍ୱାଧୀନତା ଲଭ ପାଇଁ ଯଦି ପ୍ରକୃତ ପ୍ରସ୍ତାବରେ ଆମର ଆନ୍ତରିକତା ଥାଏ ତେବେ ଭାରତରେ ଜଣେ ହେଲେ କେହି ଭିକାରୀ ବା କୁଷ୍ଠ ରୋଗୀ ଯେପରି ଅନାସ୍ଥା ଓ ଅଯତ୍ନରେ ରହିବେ ନାହିଁ, ତାହା ଆମକୁ ଦେଖିବାକୁ ହେବ ।

ଗାନ୍ଧିଜୀ ଜଣେ ଚିକିତ୍ସା ବିଜ୍ଞାନୀ ବା ଡାକ୍ତର ନଥିଲେ ଏବଂ ସବୁବେଳେ ସମାଜ ସେବା ଓ ସ୍ୱାଧୀନତା ସଂଗ୍ରାମରେ ନିଜକୁ ନିୟୋଜିତ କରି ରଖିଥିଲେ । ଏହା ସତ୍ତ୍ୱେ ସେ କୁଷ୍ଠ ରୋଗ ନିରାକରଣ ଓ କୁଷ୍ଠ ରୋଗୀଙ୍କ ସେବା କ୍ଷେତ୍ରରେ ଆଗୁଆ ହୋଇ ବାହାରି ଯେଉଁଭଳି ଆଧୁନିକ ଆଭିମୁଖ୍ୟ ଗ୍ରହଣ କରିଥିଲେ, ତାହା ଦେଖିଲେ ଆମ ଭିତରୁ ଅନେକ ବିସ୍ମିତ ନ ହୋଇ ରହିପାରିବେ ନାହିଁ ।

## ଏକ ନୂତନ ଆଭିମୁଖ୍ୟ

କୁଷ୍ଠ ରୋଗୀକୁ ନିୟନ୍ତ୍ରଣ କରିବାରେ ଏବଂ କୁଷ୍ଠ ରୋଗୀଙ୍କ ସେବା ଓ ଚିକିତ୍ସା ବ୍ୟାପାରରେ ଗାନ୍ଧିଜୀଙ୍କ ଅପୂର୍ବ ଅବଦାନକୁ ଗାନ୍ଧିବାଦ ଦର୍ଶନର ଅନୁଧ୍ୟାନକାରୀ ବିଦ୍ୱାନ ଓ ଗାନ୍ଧିଜୀଙ୍କ ଜୀବନୀ ଲେଖକମାନେ ଅଜଣା କେତେକ କାରଣରୁ ଏଡେଇ ଦେଇ ଯାଇଛନ୍ତି କିମ୍ବା ଦେଖିପାରିନାହାନ୍ତି । ଭାରତଭଳି ଏକ ଗ୍ରାମ ବହୁଳ ଦେଶରେ କୌଣସି ଏକ ସଂସ୍ଥା ମାରଫତରେ କୁଷ୍ଠ ରୋଗୀମାନଙ୍କ ସେବା ଓ ଚିକିତ୍ସା ପାଇଁ ଗାନ୍ଧିଜୀ ଏକ ବୈଜ୍ଞାନିକ ଓ ସମନ୍ୱିତ ଆଭିମୁଖ୍ୟ ବାହାର କରିବାକୁ ବର୍ଷ ବର୍ଷ ଧରି ଲାଗିପଡିଥିଲେ । ପ୍ରକୃତ ପ୍ରସ୍ତାବରେ ଏ କ୍ଷେତ୍ରରେ ଭଏନ୍‌ସି ବେଲିଙ୍କ ପଛକୁ ସେ ଥିଲେ ଜଣେ ଅଗ୍ରଣୀ । ଏଠାରେ ସ୍ମରଣ କରାଇ ଦିଆଯାଇ-ପାରେ ଯେ ବେଲି ୧୮୭୩ରେ କୁଷ୍ଠ ରୋଗୀମାନଙ୍କୁ ଅନ୍ୟ ସୁସ୍ଥ ଲୋକଙ୍କଠାରୁ ଅଲଗା କରି ଆଣି ଅନ୍ୟତ୍ର ଏକ କଲୋନିରେ ରଖାଇବା ଧାରଣା ଦେଇଥିଲେ । କିନ୍ତୁ ତାଙ୍କର ଏହି ଆଭିମୁଖ୍ୟକୁ ଗାନ୍ଧିଜୀ ଗ୍ରହଣ ନକରି ପ୍ରତ୍ୟାଖ୍ୟାନ କରି ଦେଇଥିଲେ । ତଥାପି ବିଂଶ ଶତାବ୍ଦୀର ପ୍ରଥମ ପାଦ ପର୍ଯ୍ୟନ୍ତ ତାଙ୍କର ଏହି ଧାରଣା ଚଳି ଆସିଥିଲା ଏବଂ ଆଗୁଆ ଅବସ୍ଥାରେ ପହଞ୍ଚିଥିବା ଅନ୍ୟମାନଙ୍କଠାରୁ ଅଲଗା କରି ସ୍ୱତନ୍ତ୍ର କଲୋନିରେ ରଖାଯାଉଥିଲା । ମାତ୍ର ଗାନ୍ଧିଜୀ ଏହି ଦୃଷ୍ଟିକୋଣକୁ ବଦଳାଇ ଛଅ ଦଫା ସମ୍ବଳିତ ଏକ ଆଭିମୁଖ୍ୟ ଗ୍ରହଣର ସୂଚନା ଦେଲେ । ଏହି ଛଅଦଫା ମଧ୍ୟରୁ ଅତି ଗୁରୁତ୍ୱପୂର୍ଣ୍ଣ ଓ ପ୍ରଧାନ ଦଫାଟି କୁଷ୍ଠ ରୋଗ ଓ କୁଷ୍ଠ-ରୋଗୀଙ୍କ ପ୍ରତି ଜନସାଧାରଣଙ୍କ ଯେଉଁ ମନୋଭାବ ରହିଛି, ସେଥିରେ ପରିବର୍ତ୍ତନ ଆଣିବା । ସେ (ଗାନ୍ଧିଜୀ) କହିଲେ, "ସମାଜରେ କୁଷ୍ଠରୋଗୀମାନଙ୍କୁ ଯେଉଁ ସ୍ଥାନ ଦିଆଯାଉଛି, ତାହା ସେମାନଙ୍କ ସାମାଜିକ ମୃତ୍ୟୁ ସଙ୍ଗେ ସମାନ । କାରଣ ସେ ସ୍ଥାନରେ ରହିଲେ ସମାଜରେ କୌଣସି କାମ କରିବାରେ ସେମାନଙ୍କର କୌଣସି ଭୂମିକା ରହିବ ନାହିଁ ।" ତେଣୁ ଯେଉଁମାନେ କୁଷ୍ଠ-ରୋଗରେ ଆକ୍ରାନ୍ତ ହୋଇ ସମାଜ ଚକ୍ଷୁରେ କଳଙ୍କ ଓ ନିନ୍ଦାର ପାତ୍ର ହୋଇଛନ୍ତି, ସେଥିରୁ ସେମାନଙ୍କୁ କିପରି ମୁକ୍ତ କରାଯିବ ତାରି ଉପରେ ସେ ତାଙ୍କର ମନଧ୍ୟାନ ସବୁ ରୁଜୁ କଲେ ।

ଦ୍ୱିତୀୟତଃ ଗାନ୍ଧିଜୀ କହିଥିଲେ, ଚିକିତ୍ସା କରିଆରେ ମେଡିକାଲ ରିଲିଫ ଦେବାକୁ ଆମେ ଯାଉନାହୁଁ କୁଷ୍ଠରୋଗର ପ୍ରତିଷେଧ ଯେପରି କରାଯାଇ ପାରିବ, ତାହା ହେଉଛି ଆମର ଲକ୍ଷ୍ୟ । ତେଣୁ ନିର୍ମଳ ପରିବେଶ ଓ ସ୍ୱାସ୍ଥ୍ୟରକ୍ଷା ଉପରେ ସବୁ ମନଧ୍ୟାନ ଆମେ ରୁଜୁ କରୁଛୁ । (ହରିଜନ ୨୯ । ୩ । ୩୫)

## ପ୍ରତିଷେଧ ପୁଣି ଦୁଇ ପ୍ରକାରର— ପ୍ରାଥମିକ ଓ ଗୌଣ ବା ଦ୍ୱିତୀୟ ପର୍ଯ୍ୟାୟ

ପ୍ରାଥମିକ ପ୍ରତିଷେଧକ ବ୍ୟବସ୍ଥା ହେଉଛି, ରୋଗ ସଂକ୍ରମଣ ଯେପରି ନ ହେବ, ସେ ଦୃଷ୍ଟିରୁ ନିଜର ଦେହକୁ ସୁସ୍ଥ ଓ ସବଳ ରଖିବା ପାଇଁ ବିଭିନ୍ନ ଅଂଶ ଗ୍ରହଣ ପାଇଁ ଗୌଣ ବା ମାଧ୍ୟମିକ ପର୍ଯ୍ୟାୟର ପ୍ରତିଷେଧ ହେଉଛି ଆକ୍ରାନ୍ତ ହୋଇଥିବା ରୋଗୀକୁ ଯଥାସମ୍ଭବ ଆଗୁ ପର୍ଯ୍ୟାୟ ଖୋଜି ଠାବ କରିବା ଏବଂ ସେହି ପର୍ଯ୍ୟାୟରେ ତାର ଚିକିତ୍ସା ବ୍ୟବସ୍ଥା କରିବା । ତାହେଲେ ରୋଗର ଅଗ୍ରଗତିକୁ ରୋକି ଦିଆଯାଇ ପାରିବ ଏବଂ ତାହା ଅଙ୍ଗ ଅଚଳ ପାରିବ ନାହିଁ ।

ଥରେ ଗୋଟିଏ କୁଷ୍ଠ ହାସପାତାଳ ଉଦ୍‌ଘାଟନ କରିବା ପାଇଁ ଗାନ୍ଧିଜୀଙ୍କୁ ନିମନ୍ତ୍ରଣପତ୍ର ଆସିଥିଲା । ତାର ଉତ୍ତରରେ ଗାନ୍ଧିଜୀ ଲେଖିଥିଲେ—"ହାସପାତାଳ ଉଦ୍‌ଘାଟନ କରିବାକୁ ଆଉଜଣେ କାହାକୁ ଦେଖ । ଗୋଟାଏ ହାସପାତାଳ ଉଦ୍‌ଘାଟନ କରିବା ବଡ କଥା ନୁହେଁ, ମାତ୍ର ତାହା ବନ୍ଦ ହୋଇ ଆସିଲା ବେଳେ ମୁଁ ଯାଇ ପହଞ୍ଚିବି ।

ତୃତୀୟତଃ ଆକାର ଆୟତନରେ ଆମ ଦେଶ ଭଳି ଏକ ବଡ ଦେଶରେ ଆମକୁ ଅଗଣିତ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ପାଣିର ଅଭାବ ଏବଂ କର୍ମକର୍ତ୍ତାଙ୍କ ଅଭାବ ଆମର ରହିଛି । ବଡ କଥା ହେଉଛି, ବଡ ବଡ ସଂସ୍ଥାମାନ ପ୍ରତିଷ୍ଠା ନକରି ଆମକୁ ସମସ୍ୟାଗୁଡିକୁ ନେଇ ଆଣି ଥୋଇବାକୁ ହେବ । ତାଙ୍କ କର୍ମୀମାନଙ୍କୁ ସେ କହୁଥିଲେ ଗ୍ରାମାଞ୍ଚଳକୁ ଯାଅ । ସେଠାରେ ସବୁ ତଥ୍ୟ ସଂଗ୍ରହ କର ଏବଂ ରୋଗୀମାନଙ୍କ ଚିକିତ୍ସା ସେମାନଙ୍କ ଘରେ କର ।

ଲୋକଙ୍କୁ ନିଜ ନିଜ ସ୍ୱାସ୍ଥ୍ୟର ସୁରକ୍ଷା ଦେବା ସମ୍ପର୍କରେ ଶିକ୍ଷା ଦେବାଠାରୁ ଉତ୍ତମ ଆଉ କୌଣସି ମେଡିକାଲ ରିଲିଫ୍ ନାହିଁ । ବିଶେଷତଃ ସ୍ୱାସ୍ଥ୍ୟ ଏବଂ ଘର ଓ ବାହାରର ପରିଚ୍ଛନ୍ନତା ସମ୍ପର୍କରେ ଲୋକଙ୍କୁ ଶିକ୍ଷା ଦେବା ଓ ସଚେତନ କରାଇବାଠାରୁ ବଳି ଆଉ କିଛି ବଡ଼ ମେଡିକାଲ ରିଲିଫ୍ ନାହିଁ । କର୍ମୀମାନେ ଗାଁକୁ ଯାଇ ସେଠାରେ ଲୋକେ କାହିଁକି ବିଶେଷ ବିଶେଷ ରୋଗବ୍ୟାଧିର ଶୀକାର ହେଉଛନ୍ତି ତାହା ସେମାନଙ୍କୁ ବୁଝାଇ, କିପରି ସେସବୁକୁ ଏଡ଼ାଯାଇ ପାରିବ, ସେ ବିଷୟରେ ପରାମର୍ଶ ଦେବା ଉଚିତ ।

ପଞ୍ଚମତଃ ଲୋକଙ୍କ ସୀମିତ ସମ୍ବଳକୁ ଚାହିଁ ଅଳ୍ପ ଖର୍ଚ୍ଚ ସାପେକ୍ଷ ଏକ ଚିକିତ୍ସା ସେବା ସେ ଚାହୁଁଥିଲେ ।

ଷଷ୍ଠତଃ ଅଳ୍ପ ବ୍ୟୟସାପେକ୍ଷ ଚିକିତ୍ସା ବ୍ୟବସ୍ଥା ସହିତ ଗାଁଗହଳର ରୋଗୀମାନଙ୍କ ଥଇଥାନ ପାଇଁ ଏଭଳି ଏକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ଯହିଁରେ ରୋଗୀ ଆତ୍ମନିର୍ଭରଶୀଳ ହେବ ଏବଂ ସମାଜରେ ଅନ୍ୟ ପାଞ୍ଚଜଣଙ୍କ ସହିତ ମିଳିମିଶି ରହିପାରିବ ।

## କୁଷ୍ଠସେବା ରଚନାତ୍ମକ କାର୍ଯ୍ୟକ୍ରମର ଏକ ଅଙ୍ଗ ।

ଏବେ ଆଧୁନିକ ଆଭିମୁଖ୍ୟ ଯାହା ହେଲାଣି, ସେଥିରେ କୁଷ୍ଠରୋଗୀମାନଙ୍କ ସେବା ଓ ଚିକିତ୍ସାକୁ କୁଷ୍ଠାଶ୍ରମ ବା କଲୋନି ସ୍ଥାପନ କରି ତାରି ଭିତରେ ସୀମାବଦ୍ଧ କରି ରଖିବା ଠିକ୍ ନୁହେଁ ବୋଲି କୁହାଯାଉଛି । ଏହାର ନୂତନ ଆଭିମୁଖ୍ୟକୁ ଏସ. ଇ. ଟି. ଅର୍ଥାତ୍ ଧାରାବାହିକ ସର୍ଭେ ବା ତଥ୍ୟ ସଂଗ୍ରହ, ଶିକ୍ଷା ନାମରେ ଅଭିହିତ କରାଯାଉଛି । ୱାର୍ଦ୍ଧା ନିକଟରେ ଦତ୍ତପୁରଠାରେ ୧୯୩୬ରେ ମହାରୋଗୀ ସେବାସମିତି ପ୍ରତିଷ୍ଠାନକୁ ଉତ୍ସାହିତ କରି ଗାନ୍ଧିଜୀ ସମର୍ଥନ କରିଥିଲେ । ଏହି ସେବା ସମିତି ଏକାଧାରରେ କୁଷ୍ଠରୋଗୀମାନଙ୍କ ପାଇଁ ଚିକିତ୍ସା, ଉତ୍ପାଦନ ଓ ଶିକ୍ଷାର ଏକ କେନ୍ଦ୍ର ହୋଇଥିଲା । ରଚନାତ୍ମକ କାର୍ଯ୍ୟର ଯେଉଁ ଆଦର୍ଶ ଗାନ୍ଧିଜୀ କଳ୍ପନା କରିଥିଲେ, ମୋଟା-ମୋଟି, କୁଷ୍ଠରୋଗୀମାନଙ୍କର ଡାକ୍ତରୀ ଚିକିତ୍ସାକୁ ତାର ଏକ ଅବିଚ୍ଛେଦ୍ୟ ଅଙ୍ଗ ରୂପେ ଗ୍ରହଣ କରାଯାଇଥିଲା । ୧୯୫୧ରେ ୱାର୍ଦ୍ଧାଠାରେ ଗାନ୍ଧି ମେମୋରିଆଲ ଲେପ୍ରସି ଫାଉଣ୍ଡେସନ ପ୍ରତିଷ୍ଠା କରାଯାଇଥିଲା । ସାରା ପୃଥିବୀରେ ଏ ଅନୁଷ୍ଠାନକୁ କୁଷ୍ଠ ସେବା କ୍ଷେତ୍ରରେ ଏକ ସୁପ୍ରସିଦ୍ଧ ସଂସ୍ଥା ବୋଲି କୁହାଯାଇପାରେ । କୁଷ୍ଠ ରୋଗ ପ୍ରତି ଗାନ୍ଧିଜୀଙ୍କ ଆଭିମୁଖ୍ୟ ଯାହା, ଏ ଅନୁଷ୍ଠାନଟି ପୂରାପୂରି ତଦ୍ଦ୍ୱାରା ହିଁ ପ୍ରଭାବିତ ହୋଇଥିଲା ।

## ଅମଣିଷଙ୍କ ପାଇଁ ଚିନ୍ତା

ଗାନ୍ଧିଜୀ କୁଷ୍ଠରୋଗ ପ୍ରତି ଯେଉଁ ଆଭିମୁଖ୍ୟ ଗ୍ରହଣ କରିଥିଲେ, ତାହା ହେଉଛି ଜୀବନ ଦର୍ଶନର ଏକ ନିର୍ଦ୍ଦିଷ୍ଟ ପରିପ୍ରକାଶ ଏବଂ ସାମାଜିକ ପୁନର୍ଗଠନର ଏକ ସୁସମ୍ବଦ୍ଧ ଆଭିମୁଖ୍ୟ ।

ଗାନ୍ଧିଜୀ ବିଶ୍ୱାସ କରୁଥିଲେ —

"ସ୍ୱାଧୀନ ସର୍ବନିମ୍ନ ସ୍ତରରୁ ଆରମ୍ଭ ହେବ ।

..............................................................

..............................................................

..............................................................

..............................................................

ଆମ ଦେଶରେ ସଂଖ୍ୟାଲଘୁ ରୂପେ ଆମର ନିକାଞ୍ଚନ ଓ ରାସ୍ତାଘାଟ ନଥିବା ବିଜନ ପ୍ରାନ୍ତରେ ଯେଉଁ ଦେଶବାସୀ ପଡ଼ି ରହିଛନ୍ତି, ସର୍ବନିମ୍ନ ସ୍ତରରେ ଥିବା ସେହିମାନଙ୍କ ସ୍ୱାଧୀନତାକୁ ସ୍ୱରାଜ କହିଲେ ମୁଁ ବୁଝେ ।

ତେଣୁ ଅମଣିଷ ସ୍ତରରେ ଯେଉଁ ଲକ୍ଷଲକ୍ଷ ମଣିଷ ରହିଛନ୍ତି ଏବଂ ସୁସଙ୍ଗଠିତ ସମାଜ ବାହାରେ ଥାଇ ଖାଇପିଇ ବଞ୍ଚିବାର ଶେଷ ସୀମାରେ କୌଣସି ମତେ ଦେହ ଧରି ରହିଛନ୍ତି, ସେହିମାନଙ୍କ ପରିବର୍ତ୍ତନ ଓ ରୂପାନ୍ତରୀକରଣ ଥିଲା ଗାନ୍ଧିଜୀଙ୍କ କର୍ମକୌଶଳର ମୁଖ୍ୟ କଥା । ଏହି ଅମଣିଷମାନଙ୍କୁ ସଙ୍ଗଠିତ ସମାଜର ସମ୍ମାନ ଓ ମର୍ଯ୍ୟାଦା ଭିତରେ କିପରି ଆମ ସମାଜର ପ୍ରବାହ ଧାରାକୁ ଅଣାଯାଇ ପାରିବ ଏବଂ ସେମାନେ କିପରି ମଣିଷ ପଣିଆ ହାସଲ କରିବାକୁ ସମର୍ଥ ହେବେ, ତାହାହିଁ ଥିଲା ଗାନ୍ଧିଜୀଙ୍କ ଜୀବନର ପ୍ରଧାନ ଆକର୍ଷଣ ।

ତେଣୁ ସଙ୍ଗଠିତ ସମାଜ ବାହାରେ (୧) ହରିଜନ, ଆଦିବାସୀ, କୁଷ୍ଠରୋଗୀ ଏବଂ (୨) ଭୂମିହୀନ, କାରିଗର ଓ ବେକାର ରୂପେ ଅଜାଡିଆ ହୋଇ ବୁଲୁଛନ୍ତି, ସେହି-ମାନଙ୍କ ଭାଗ୍ୟର ପରିବର୍ତ୍ତନ ଓ ଉନ୍ନତିକୁ ସେ ଅଗ୍ରାଧିକାର ଦେଉଥିଲେ । ସେ ଯେଉଁ ରଚନାତ୍ମକ କାର୍ଯ୍ୟକ୍ରମ ବାହାର କରିଥିଲେ, ସେସବୁ ସମାଜର ଏହି ଅମଣିଷ, ଅଜାଡିଆ, ଏବଂ ଅତି ଦରିଦ୍ରମାନଙ୍କ ଭାଗ୍ୟ ପରିବର୍ତ୍ତନ ପାଇଁ ବିଶେଷ ଭାବରେ ଉପଯୋଗୀ ଥିଲା । କାରଣ ସେ ବୁଝିଥିଲେ ଯେ, ସାଧାରଣ ଯେଉଁ ସବୁ କାର୍ଯ୍ୟକଳାପ ଓ ସଂଗଠନ ଭିତରେ ଆଉ ଅନ୍ୟମାନେ ଉନ୍ନତି ବାଟରେ ଧା'ଇଁଛନ୍ତି, ଏତେ ଭଲ ଓ ଆଗୁଆ ଯେ, ଏହି ଅଗଣିତ ସମାଜ ବିଚ୍ୟୁତ ଅମଣିଷଙ୍କ ପାଇଁ ତାହା ଆଦୌ ଉପଯୋଗୀ ନୁହେଁ । କୁଷ୍ଠରୋଗ ଓ ରୋଗୀଙ୍କ ପ୍ରତି ଗାନ୍ଧିଜୀ ଏହି ଆଭିମୁଖ୍ୟ ଗ୍ରହଣ କରିଥିଲେ ।





# ଜୁଆଙ୍ଗ ଜୀବନ

ଶ୍ରୀ ଫଣୀଭୂଷଣ ଦାସ

ନଭେମ୍ବର ୧୯୮୦ ମସିହାର ଏକ ଅପରାହ୍ନରେ କେନ୍ଦୁଝର ଜିଲ୍ଲାରେ ଆଦିବାସୀମାନଙ୍କ ପାଇଁ ହୋଇଥିବା ଉନ୍ନୟନ କାର୍ଯ୍ୟକ୍ରମର ପ୍ରଗତି ନିରୀକ୍ଷଣ କରୁ କରୁ ଜୁଆଙ୍ଗମାନଙ୍କ ସମସ୍ୟା ବିଷୟକୁ ନିଆଯାଇଥିଲା । ଜାଣିଥିଲି ଯେ, ସେମାନଙ୍କ ଗ୍ରାମଗୁଡ଼ିକ ଦୁର୍ଗମ ପାହାଡ଼ ଭିତରେ ଅବସ୍ଥିତ ଯେଉଁଠାକୁ କେବଳ ଚାଲି ଚାଲି ପହଞ୍ଚି ହେବ । ଯେଉଁ ଲୋକମାନେ ସଭ୍ୟତାଠାରୁ ବହୁ ଦୂରରେ ରହିଛନ୍ତି ଏବଂ ଯେଉଁମାନଙ୍କୁ ଦେଖିବାକୁ ହେଲେ ଦୁର୍ଗମ ଗିରିପଥ ଅତିକ୍ରମ କରିବାକୁ ପଡ଼େ, ତାଙ୍କର ରାତ୍ରି ଜୀବନ କିପରି ତାହା ଜାଣିବାକୁ ମନରେ ପ୍ରବଳ ଆଗ୍ରହ ଜନ୍ମିଲା । ମିଟିଂ ସରିଗଲା ପରେ ଆମ ଜୁଆଙ୍ଗ ସଂସ୍ଥାର ସୀତାରାମ ବାବୁ ଏବଂ ଅନ୍ୟ କେତେକ ସହକର୍ମୀଙ୍କୁ ନେଇ ଗୋନାସିକା ବାହାରି ପଡ଼ିଲୁ । ସେଠାରେ ପହଞ୍ଚି ସବୁଠାରୁ ଅଗମ୍ୟ ଜୁଆଙ୍ଗ ଗ୍ରାମକୁ ଯିବାଲାଗି ଠିକ୍ କଲୁ । ଜିପ୍ ୩।୪ କିଲୋମିଟର ଯାଇ ଆଉ ଯାଇ ପାରିଲାନାହିଁ । ଚାଲିବାକୁ ଆରମ୍ଭ କରିବା ସମୟରେ ଆକାଶରେ ସନ୍ଧ୍ୟାତାରା ଫୁଟି ଉଠିଥିଲା ଏବଂ ଅନ୍ଧକାର ମାଡ଼ି ଆସୁଥିଲା । କେତେଜଣ ସହକର୍ମୀ ଅନ୍ଧକାରରେ ନଯିବା ପାଇଁ ପରାମର୍ଶ ଦେଇଥିଲେ । କିନ୍ତୁ ଯେତେବେଳେ ଜୁଆଙ୍ଗମାନେ ଏ ଅନ୍ଧକାର ଭିତରେ ରହି ପାରିଛନ୍ତି, ସେଇ ମଣିଷ ହୋଇ ଆମେ କାହିଁକି ଅନ୍ଧକାରରେ ଯାଇପାରିବା ନାହିଁ । ଆମେ ଆଗେଇ ଚାଲିଥିଲୁ ଅଗମ୍ୟ ଗିରିପଥ ଅତିକ୍ରମ କରି । ପାହାଡ଼ରୁ ଝରି ଆସିଥିବା ଜଳଧାରାର କୁଳୁ କୁଳୁ ଶବ୍ଦ ଏବଂ ବନ୍ୟଜନ୍ତୁମାନଙ୍କର ବିଭିନ୍ନ ରକମର ଚିତ୍କାର ରାତ୍ରିର ନିସ୍ତବ୍ଧତାକୁ ଭଙ୍ଗ କରୁଥିଲା । ପ୍ରାୟ ଅଧଘଣ୍ଟା ଚାଲିବା ପରେ ଅନତି ଦୂରରେ ଗୋଟିଏ କ୍ଷୀଣ ଆଲୋକ ଶିଖା ପରିଦୃଷ୍ଟ ହୋଇଥିଲା । ଅଳ୍ପ ସମୟ ପରେ ଆଲୋକ ଶିଖା ପାଖରେ ପହଞ୍ଚି ଜାଣିଲୁ ସେହି ଗ୍ରାମଟିର ନାମ "କଦଳୀବାଡ଼ି" । ଗ୍ରାମବାସୀମାନେ ଆମମାନଙ୍କୁ ଏପରି ଏକ ଅସମୟରେ ଦେଖି ତଟସ୍ଥ ହୋଇଗଲେ । ଆମେ ଆମର ପରିଚୟ ଦେଲା ପରେ ସେମାନେ ଆମମାନଙ୍କୁ ତାଙ୍କର ମଣ୍ଡଘରକୁ ପାଛୋଟି ନେଇଥିଲେ । ଗ୍ରାମଟିରେ ମଣ୍ଡଘର ବ୍ୟତୀତ କାହାରି ଘରେ ଆଲୁଅ ନଥିଲା । ଆମକୁ ଦେଖି ଗ୍ରାମର ଲୋକମାନେ ମଣ୍ଡଘରେ ଏକତ୍ରିତ ହୋଇଥିଲେ ଏବଂ ଆମେ ଏହାର ସୁବିଧା ନେଇ ତାଙ୍କର ବିଭିନ୍ନ ସମସ୍ୟାର ଆଲୋଚନା କରିଥିଲୁ । ତାଙ୍କ ଗାଁରେ ଯେଉଁମାନେ ବାର୍ଦ୍ଧକ୍ୟ ଭତ୍ତା ପାଇଁ ବିବେଚିତ ହୋଇଥିଲେ ସେମାନଙ୍କର ନାମ ପଢ଼ି ଶୁଣାଇ ଦିଆଯାଇଥିଲା । ଏହି ନାମଗୁଡ଼ିକ ଭିତରେ ରସମାଳୀ ବେଓ୍ୱା ନାମ ମଧ୍ୟ ଥିଲା । ମୁଁ କହି ସାରିଲା ପରେ କାଳିଆ ଜୁଆଙ୍ଗ କହିଲା, ରସମାଳୀ ହେଉଛି ମୋର 'ମା' ଏବଂ ମୁଁ ଯେତେଦିନ ପର୍ଯ୍ୟନ୍ତ ରୋଜଗାର କରିପାରୁଛି ମୋର 'ମା' ଭିକ୍ଷା ଗ୍ରହଣ କରିବ ନାହିଁ । ଏହା ଶୁଣି ମୋ ମନରେ ଜୁଆଙ୍ଗ ଲୋକମାନଙ୍କ ପ୍ରତି ଯେଉଁ ଧାରଣା ଥିଲା ତାହା ସମ୍ପୂର୍ଣ୍ଣ ବଦଳିଗଲା । ବୋଧହୁଏ ଏପରି ମନୋଭାବର ଲୋକ ଆଜିକାଲି ଦୁନିଆରେ ବିରଳ । ଏହି ଗୋଟିଏ ନୁହେଁ, ଏହିପରି ଅନେକ ଦୃଷ୍ଟାନ୍ତ ନଜରକୁ ଆସିଲା, ଯେଉଁଗୁଡ଼ିକ କି ଜୁଆଙ୍ଗମାନଙ୍କ ଜୀବନ ପ୍ରତି ମନୋଭାବ ଏବଂ ଭାବଭଙ୍ଗୀର ପରିଚୟ ଦେଇଥିଲା ।

'ଜୁଆଙ୍ଗମାନଙ୍କର ବର୍ତ୍ତମାନର ଜୀବନ ପ୍ରତି ମନୋଭାବ ନଷ୍ଟ ନ କରି ସେମାନଙ୍କ ସର୍ବାଙ୍ଗୀନ ଉନ୍ନତି କରିବା ଆମର ମୂଳ ଅଭିମୁଖ୍ୟ । ଏହାକୁ ଆଖି ଆଗରେ ରଖି ପ୍ରକୃତିର ବିଭବକୁ ଉପଯୋଗ କରିବାର ଯୋଜନା କରି ସେମାନଙ୍କ ସାମାଜିକ, ଅର୍ଥନୈତିକ ଉନ୍ନୟନ କାର୍ଯ୍ୟକ୍ରମ ଠିକ୍ କରାଯାଇଛି । ଏହି କାର୍ଯ୍ୟକ୍ରମ ପ୍ରକୃତିର ବିଭବକୁ ସଂରକ୍ଷିତ କରିବା ସଙ୍ଗେ ସଙ୍ଗେ ଜୁଆଙ୍ଗ ମଣିଷର ସର୍ବବିଧ ଉନ୍ନତି ସାଧନ କରିବାରେ ସାହାଯ୍ୟ କରିବ ।

ଜୁଆଙ୍ଗମାନଙ୍କର କୃଷି, ବାର୍ଷିକ ଆୟ, ସାମାଜିକ ଜୀବନର ମାନ ଓ ସ୍ୱାସ୍ଥ୍ୟ ସଂପଦର ଅଭିବୃଦ୍ଧି ପାଇଁ ଯେଉଁସବୁ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି, ତାହାର ଏକ ସଂକ୍ଷିପ୍ତ ବିବରଣୀ, ଏ ବିଷୟରେ ନିର୍ଦ୍ଦିଷ୍ଟ ଆଲୋକପାତ କରିବାକୁ ସମର୍ଥ ହେବ । କୃଷିର ଉନ୍ନତି କଲେ, ପ୍ରତ୍ୟେକ ଜୁଆଙ୍ଗ ପରିବାରକୁ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଅଢ଼େଇ ଏକର ଲେଖାଏଁ ଜମି ଯୋଗାଇ ଦେବା ସଙ୍ଗେ ସଙ୍ଗେ ଖରିଫ ଓ ରବି ପାଇଁ ଚାଷୀକୁ ଆଗତୁରା ସାର, ଔଷଧ ଓ ଋଣ ଯୋଗାଇ ଦେବା, କେଉଁ ଜମି କେତେ ପାଣି ଦରକାର କରେ, ତାର ସମୀକ୍ଷା କରି ଜଳସେଚନର ସୁବିଧା

କରିବା, ହଳ ଲଙ୍ଗଳ ଆଦି ଉପକରଣ ଯୋଗାଇ ଦେବା, ପରିବାର ପିଛା ୫୦ଟି ଲେଖାଏଁ ଫଳଗଛ ଯୋଗାଇ ଦେବାର ବ୍ୟବସ୍ଥା କରାଯିବାର କାର୍ଯ୍ୟକ୍ରମ ସମ୍ବନ୍ଧରେ ପଦକ୍ଷେପ ନିଆଯାଇଛି । ଏହା ବ୍ୟତୀତ ପ୍ରତି ପରିବାରରୁ ଜଣକୁ ଟସରରୁ ସୂତା ବାହାର କରିବା ପାଇଁ ତାଲିମ ଦେବା ଓ କଞ୍ଚା ଟସର ଯୋଗାଇ ଦେବା ଦ୍ୱାରା ପରିବାରର ଆୟ ମାସକୁ ପ୍ରାୟ ଦୁଇଶତ ଟଙ୍କାରୁ ତିନିଶତ ଟଙ୍କା ପର୍ଯ୍ୟନ୍ତ ବର୍ଦ୍ଧିତ କରିବା ପାଇଁ ପଦକ୍ଷେପ ନିଆଯାଇଛି ।

ଜୁଆଙ୍ଗ ଅଧ୍ୟୁଷିତ ଗ୍ରାମଗୁଡ଼ିକୁ ମଟର ଗାଡ଼ି ଚଳାଚଳ ରାସ୍ତା ନିର୍ମାଣ, ଅଧ କିଲୋମିଟର ଦୂରତ୍ୱ ଭିତରେ ପାନୀୟ ଜଳ ଯୋଗାଣ, ଝୁଡୁରା ବିକ୍ରୟ କେନ୍ଦ୍ର ସ୍ଥାପନ ଓ ସୁଲଭ ମୂଲ୍ୟରେ କିଣାବିକା ଇତ୍ୟାଦି ପାଇଁ ହାଟ ବଜାରର ସ୍ଥାନ ଗୁଡ଼ିକ ଚିହ୍ନିତ କରିବା, ମଧ୍ୟସ୍ଥ ଲାଭଖୋର ଲୋକମାନଙ୍କୁ ଅପସାରଣ କରିବା, ପ୍ରତ୍ୟେକ ପରିବାର ପାଇଁ ପୋଷ୍ଟ ଅଫିସରେ ସଞ୍ଚୟ ପାସ ବହି ଖୋଲିବା, "ଜ୍ଞାନ ମନ୍ଦିର" ମାନ ଆରମ୍ଭ କରିବା, ସେମାନଙ୍କର ଚିକିତ୍ସା ପାଇଁ ସେମାନଙ୍କ ପାଖକୁ ଡାକ୍ତରମାନଙ୍କୁ ପଠାଇବା, ପ୍ରତ୍ୟେକ ପରିବାରର ଅନ୍ତତଃ ଜଣେ ଲେଖାଏଁ ସମର୍ଥ ଲୋକଙ୍କୁ ଯୋଜନା କାର୍ଯ୍ୟରେ ନିଯୁକ୍ତ କରିବା ଦିଗରେ ମଧ୍ୟ ପଦକ୍ଷେପ ନିଆଯାଇଛି ।

ଏସବୁ କାର୍ଯ୍ୟକ୍ରମ ସତ୍ତ୍ୱେ ସେମାନଙ୍କର ସରଳ ଓ ସାଧୁ ମନୋବୃତ୍ତି ଯେପରି ନଷ୍ଟ ନ ହୁଏ ଓ ସେମାନେ ଯେପରି ଫିକିରି ପାଇଁ ଲାଳାୟିତ ନ ହୁଅନ୍ତି, ସେଥିପାଇଁ ସେମାନଙ୍କୁ ଆବଶ୍ୟକୀୟ ସାମାଜିକ ଶିକ୍ଷା ଓ ନୀତି ଶିକ୍ଷା ଦେବା ଦିଗରେ ମଧ୍ୟ ଦୃଷ୍ଟିଦିଆଯାଉଛି ।

ଏହି ଚିନ୍ତାଧାରାରେ କାର୍ଯ୍ୟକ୍ରମଗୁଡ଼ିକ ବର୍ଷେ ହେବ ଆରମ୍ଭ ହୋଇଛି । ଜୁଆଙ୍ଗମାନଙ୍କର ବିପୁଳ ଉନ୍ମାଦନା ଏହି କାର୍ଯ୍ୟକ୍ରମଗୁଡ଼ିକୁ ଆଗେଇ ନେବାକୁ ଆମକୁ ବହୁତ ପ୍ରେରଣା ଦେଉଛି । ତାଙ୍କ ଜୀବନର ସ୍ରୋତକୁ ପ୍ରଖର କରିବା ପାଇଁ ଆବାଳବୃଦ୍ଧବନିତା ସ୍ତ୍ରୀ, ପୁରୁଷ ନିର୍ବିଶେଷରେ ସମସ୍ତେ ଆଗେଇ ଆସିଛନ୍ତି । ବର୍ତ୍ତମାନର କାର୍ଯ୍ୟକ୍ରମକୁ ଏକ ପଦ୍ଧତି ( System ) ରେ ପରିଣତ କରିବାକୁ ବିଭିନ୍ନ ପଦକ୍ଷେପମାନ ନିଆଯାଉଛି । ଏଥିଲାଗି ଗ୍ରାମବାସୀମାନଙ୍କୁ ତାଲିମ ଦିଆଯାଇ ତାଙ୍କର ମନୋଭାବ ଠିକ୍ ରୂପେ ଗଢ଼ା ଯାଉଛି, ଯେପରିକି ସେମାନେ ନିଜେ ପଦ୍ଧତିକୁ ( System ) ସରକାରୀ ସାହାଯ୍ୟ ବିନା ପରିଚାଳନା କରିପାରିବେ । ଏହି ସୋପାନରେ ଜୁଆଙ୍ଗମାନଙ୍କୁ ପହଞ୍ଚାଇ ପାରିଲେ ଆମର ଦାୟିତ୍ୱ ସଂପୂର୍ଣ୍ଣ ହୋଇପାରିବା ସଙ୍ଗେ ସଙ୍ଗେ ଆମ ଉଦ୍ଦେଶ୍ୟର ସଫଳ ରୂପାୟନ ହୋଇପାରିବ ଏବଂ ଜୁଆଙ୍ଗମାନଙ୍କ ଜୀବନରେ ଏହି ନୂତନ ଦିଗ୍ ଦର୍ଶନ ସେମାନଙ୍କୁ ସମାଜରେ ଗୋଟିଏ ଆଦର୍ଶ ଗୋଷ୍ଠୀ ରୂପେ ଗଢ଼ିପାରିବ । ○

ଜିଲ୍ଲାପାଳ, କେନ୍ଦୁଝର



# ଗାଈ ମୁହଁରେ ଦୁଗ୍ଧ

ଶ୍ରୀ କେ. ବିଶ୍ୱନାଥମ୍

"ଗାଈ ମୁହଁରେ ଦୁଗ୍ଧ"—ଏହି ଉକ୍ତିର ଯଥାର୍ଥତା ହେଲାଯେ ଗୋଟିଏ ଗାଈକୁ ଯଥେଷ୍ଟ ପରିମାଣରେ ଖାଇବାକୁ ଦେଲେ ତାଠାରୁ ଅଧିକ ଦୁଗ୍ଧ ମିଳିଥାଏ । ମାତ୍ର ଗୋଟିଏ ଗାଈର ଦୁଗ୍ଧ ପ୍ରଦାୟିକା ଶକ୍ତି, ତାର ବଂଶଗତ ଗୁଣ ଉପରେ ନିର୍ଭର କରେ । ଗୋଟିଏ ଦେଶୀ ଗାଈଠାରୁ ଯେତିକି ଦୁଗ୍ଧ ମିଳିବ, ଗୋଟିଏ ସଂକର ଗାଈଠାରୁ ତଦପେକ୍ଷା ବହୁ ଅଧିକ ପରିମାଣ ଦୁଗ୍ଧ ମିଳିପାରିବ । କିନ୍ତୁ ଗୋଟିଏ ସଂକର ଗାଈକୁ ତାର ଆବଶ୍ୟକ ପରିମାଣ ଖାଦ୍ୟ ଖାଇବାକୁ ନଦେଲେ, ତାର ପ୍ରକୃତ ଦୁଗ୍ଧ ପ୍ରଦାୟିକାଶକ୍ତି ହ୍ରାସ ପାଇଥାଏ । ଅନ୍ୟପକ୍ଷରେ ତାକୁ ଆବଶ୍ୟକତାଠାରୁ ଅଧିକ ପରିମାଣରେ ଖାଇବାକୁଦେଲେ, ତାର ଉତ୍ପାଦିକା ଶକ୍ତି ତଥା ଦୁଗ୍ଧ ପ୍ରଦାନ ଶକ୍ତିରେ ବ୍ୟାଘାତ ଘଟିଥାଏ ।

ତେଣୁ ଖାଦ୍ୟହିଁ ଦୁଗ୍ଧ ପ୍ରଦାନର ମୂଳ ଉହା ଉପଯୁକ୍ତ ପରିମାଣ ଖାଦ୍ୟ ନଦେଲେ, ଗାଈ ପାଳନକରି ଜଣେ ଚାଷୀ ବିଶେଷ ଲାଭବାନ୍ ହୋଇପାରିବନାହିଁ । ଗାଈ-ମାନଙ୍କପାଇଁ ଦୁଇପ୍ରକାରର ଖାଦ୍ୟ ଆବଶ୍ୟକ ହୋଇଥାଏ । ଗୋଟିଏ ହେଲା—ସୂକ୍ଷ୍ମ ଖାଦ୍ୟ ଓ ଅନ୍ୟଟି ଘାସ ଓ ନଡ଼ା ଜାତୀୟ ଖାଦ୍ୟ । କେବଳ ସୂକ୍ଷ୍ମ ଖାଦ୍ୟ ଦେଇ, ମାତ୍ର ନଡ଼ା ବା ସବୁଜ ଘାସ ଜାତୀୟ ଖାଦ୍ୟ ନଦେଇ, ଗାଈଠାରୁ ଅଧିକ ଉତ୍ପାଦନ ମିଳି ପାରିବନାହିଁ । ଅପର ପକ୍ଷରେ ପରୀକ୍ଷାରୁ ପ୍ରମାଣିତ ହୋଇଛି ଯେ ମିଶ୍ରିତ ସବୁଜ ଘାସ (ଛୁଇଁ ଜାତୀୟ+ଧାନଜାତୀୟ) ଦୈନିକ ୪୦ କିଲୋସହ ୧/୨ କେ. ଜି. ବାଦାମ ପିଡ଼ିଆ ଓ ଅଳ୍ପ ପରିମାଣ ଧାତବ ମିଶ୍ରଣ ଦେଲେ, ଦୈନିକ ୬ ଲିଟର ପର୍ଯ୍ୟନ୍ତ ଦୁଗ୍ଧ ଦେଉଥିବା ଗାଈକୁ ଦାନା ଦେବାକୁ ପଡ଼ିବନାହିଁ ।

ଅଧିକ ଦୁଗ୍ଧ ପାଇବାପାଇଁ ଘାସଚାଷ ଉପରେ ଚାଷୀଭାଇମାନଙ୍କୁ ଗୁରୁତ୍ୱ ଦେବାକୁ ପଡ଼ିବ । ଚାଷୀ-ଭାଇମାନେ ନିଜ ବାଡ଼ିରେ 'ବା' ଜମିର କିଛି ଅଂଶରେ ଉନ୍ନତ ଘାସଚାଷକରି ଗାଈକୁ ଖୁଆଇଲେ, ଦାନା କିଣିବା ବାବଦ ଖର୍ଚ୍ଚରୁ ରକ୍ଷା ମିଳିବ । ଅଧିକନ୍ତୁ ଗାଈଠୁଁ ଠିକ୍ ସେହି ପରିମାଣ ଦୁଗ୍ଧ ପାଇବା ଫଳରେ, ଦୁଗ୍ଧ ଉତ୍ପାଦନ ବାବଦ ଖର୍ଚ୍ଚ ବହୁତ କମ୍ ପଡ଼ିବ । ଏପରିକି ସୂକ୍ଷ୍ମ ଖାଦ୍ୟପାଇଁ ଗୋଟିଏ ଗାଈପିଛା ଯେତିକି ଖର୍ଚ୍ଚ ପଡ଼ିବ, ସବୁଜଘାସ, ପିଡ଼ିଆ ଓ ଧାତବ ମିଶ୍ରଣ ଦେଲେ ତା ଅପେକ୍ଷା ଅଧା ଖର୍ଚ୍ଚ କମ୍ ପଡ଼ିବ ।

ତେଣୁ ଚାଷୀଭାଇମାନଙ୍କୁ ଘାସଚାଷ କରିବାକୁହିଁ ପଡ଼ିବ । ଏଥିପାଇଁ ପଶୁପାଳନ ବିଭାଗ ତରଫରୁ ଘାସଚାଷର ବହୁଳ ପ୍ରସାରପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ରାଜ୍ୟରେ ଘାସଚାଷପାଇଁ ମଞ୍ଜିର ଅଭାବ ମେଣ୍ଟାଇବା ଉଦ୍ଦେଶ୍ୟରେ ଅନୁଗୁଳ ନିକଟସ୍ଥ ପଞ୍ଚମହଲଠାରେ, କେନ୍ଦୁଝର ଜିଲ୍ଲାର ଖାଲପଡାଠାରେ, ବୌଦ୍ଧ ନିକଟସ୍ଥ ଲଣ୍ଡିବନ୍ଧଠାରେ ଓ ସମ୍ବଲପୁରର ଚିପିଲିମାଠାରେ ମୋଟ ୨୭୦ ଏକର ଜମିରେ ଘାସ ମଞ୍ଜି ଉତ୍ପାଦନ ଫାର୍ମ ପ୍ରତିଷ୍ଠା କରାଯାଇଛି । ଏହା ବ୍ୟତୀତ ଏକାଦିକ୍ରମେ ୨୦ ଏକର ଗୋଚର ଜମିଥିବା ୨୮ଟି ପ୍ଲଟରେ ଗୋଚର-ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରାଯାଇଛି । ଏଥିରୁ ଉତ୍ପାଦିତ ଉନ୍ନତ ସବୁଜଘାସକୁ ଅଳ୍ପମୂଲ୍ୟରେ ଗ୍ରାମପଞ୍ଚାୟତରେ ଗୋ-ପାଳକମାନଙ୍କୁ ବିକ୍ରୀ କରାଯିବାର ବ୍ୟବସ୍ଥା ରହିଛି । ମରୁଡ଼ି ପ୍ରପୀଡ଼ିତ କଳାହାଣ୍ଡି ଜିଲ୍ଲାରେ ଦୁଇଟି ଚାରଣଭୂମି ଉନ୍ନୟନ ଯୋଜନା ୪୫୬ ଏକର ଜମିରେ କାର୍ଯ୍ୟକାରୀ କରାଯାଇଛି । ଏଥିରେ ମରୁଡ଼ିସହଣି ଘାସମଞ୍ଜି ବୁଣାଯାଇଛି । ସେ ଅଂଚଳର ଗୋରୁଗାଈଙ୍କୁ ଏଥିରେ ଚରିବାର ସୁବିଧା ଦିଆଯିବ । ସଡ଼କକଡ଼ ନୟନଜୋରିରେ ବନ୍ୟା ଓ ପାଣି ସହଣି ଉନ୍ନତ ପାରାଘାସ ଚାଷ କରାଯାଉଛି । ପ୍ରାୟ ୩୮ ଏକର ଜମିରେ ଏପରି ଘାସ ଚାଷ କରାଯାଉଛି । ଏହି ଘାସକୁ ପାଖ ଗାଁରେ ଗୋରୁଗାଈମାନେ ବିନା-ମୂଲ୍ୟରେ ଖାଇବାର ସୁବିଧା ପାଉଛନ୍ତି ।

ଚାଷୀଭାଇମାନଙ୍କୁ ନିଜ ଜମିରେ ଉନ୍ନତ ଘାସଚାଷ କରିବାପାଇଁ ସମସ୍ତପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି । ସେମାନଙ୍କୁ ବିନାମୂଲ୍ୟରେ ଉନ୍ନତ ଘାସ ମଞ୍ଜି, ଘାସମୂଳ ‚ ତଥା ଗୋଖାଦ୍ୟ ଗଛଯୋଗ ଯ ଦିଆଯାଉଛି । ଏହାଛଡ଼ା ଭାରତ ସରକାରଙ୍କ ତରଫରୁ ମିଳୁଥିବା ବିହନମୁଣା ମିନିକିଟ୍ ଗୁଡ଼ିକୁ (ପ୍ରତ୍ୟେକ ପୁଡ଼ିଆ, ମଞ୍ଜି ଓ ସାରଥିବା ଥଳି) ଆଗ୍ରହୀ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଛି । ପଶୁପାଳନ ବିଭାଗ ତରଫରୁ ବିଭିନ୍ନ

ସ୍ଥାନରେ ଅବସ୍ଥାପିତ ହୋଇଥିବା ଘାସଚାଷ ସଂପ୍ରସାରଣ କର୍ମଚାରୀମାନେ ଚାଷୀଭାଇମାନଙ୍କୁ ବୈଷୟିକ ପରାମର୍ଶ ଦେଉଛନ୍ତି । ପ୍ରତିବର୍ଷ ଘାସଚାଷ ସପ୍ତାହପାଳନ କରାଯାଇ, ଚାଷୀଭାଇମାନଙ୍କୁ ଉନ୍ନତ ଘାସଚାଷ ପ୍ରଣାଳୀ ସମ୍ବନ୍ଧରେ ତାଲିମ୍ ଦିଆଯାଉଛି । ପଶୁପାଳନବିଭାଗ ସଂବାଦ ସରବରାହ ସଂସ୍ଥା ତରଫରୁ ଘାସଚାଷ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟାବଳୀ ପୁସ୍ତିକାକାରରେ ଛପାଯାଇ ଚାଷୀମାନଙ୍କୁ ବଣ୍ଟନ କରାଯାଉଛି ।

ମୋଟ ଉପରେ ଉନ୍ନତ ଘାସଚାଷର ବହୁଳ ପ୍ରସାର ଓ ପ୍ରଚାରପାଇଁ, ପଶୁପାଳନ ବିଭାଗ ତରଫରୁ ବିଭିନ୍ନ ବ୍ୟବସ୍ଥାମାନ ଗ୍ରହଣ କରାଯାଇଛି । ଚାଷୀଭାଇମାନେ ଏହାର ସଦୁପଯୋଗ କଲେ "ଗାଈ ମୁହଁରେ ଦୁଗ୍ଧ" ଉକ୍ତିର ଯଥାର୍ଥତା ପ୍ରମାଣିତ ହୋଇପାରିବ । ଶ୍ୱେତ-ବିପ୍ଳବର ସଫଳ ରୂପାୟନପାଇଁ, ଘାସଚାଷର ଯେ ଯଥେଷ୍ଟ ଗୁରୁତ୍ୱ ରହିଛି, ତାହା ଆମରାଜ୍ୟର ଅଗଣିତ ଚାଷୀଭାଇ ହୃଦୟଙ୍ଗମ କରିବେ ବୋଲି ମୋର ଏକାନ୍ତ ଆଶା ଓ ବିଶ୍ୱାସ ।

ନିର୍ଦ୍ଦେଶକ, ପଶୁପାଳନ, ଦୁଗ୍ଧ ଉତ୍ପାଦନ ଓ ପଶୁ ଚିକିତ୍ସା, ଓଡ଼ିଶା, କଟକ ।



"ଆଶାର ବଉଦ"

ଫଟୋ ▸ ଶକ୍ତି ପ୍ରସାଦ ମିଶ୍ର




# ଦିନରେ ମଧ୍ୟ ବର ରୋଷଣୀ ହେଉଛି

※ ହିଁ ଏବେ ଏକ ବଢ଼ିଆ ପ୍ରଥା ପ୍ରଚଳିତ ହୋଇଛି । ଖାଲି ମିଛ ରୋଷଣୀ ଝିଲିମିଲି ଏବଂ ବିଦ୍ୟୁତ୍‌ଶକ୍ତିର ଅପଚୟ କାହିଁକି ? ଏହା ପୁଣି କି ବୁଦ୍ଧିମତାର କାମ । କୌଣସି କନ୍ୟା ପିତା ବିଚରା ଯେତେବେଳେ ଯୌତୁକ ଫାଶୀ କାଠରେ ଚଢ଼ୁଛି ସେତେବେଳେ ବିଜୁଳୀ ଆଲୁଅର ଫୁଆରା ଓ ଲିଟୁର ଝଲକ ବିଛାର ନାହୁଡ଼ ପରି ତାଙ୍କ ଦେହରେ ବିନ୍ଧି ଦେଉଥିବ ।

※ ଆମେ ଯୌତୁକକୁ ପାପ ବିଚାର କରୁଁ । ତେବେ ବି ଲୋକ ଲୁଚାଛପା ଯୌତୁକ ନେଉଛନ୍ତି । କିନ୍ତୁ ଏହି ଦେଖାଇହେବା ବି ବନ୍ଦ ହେବା ଦରକାର । ସମାଜ ପାଇଁ ବିଦ୍ୟୁତ୍‌ଶକ୍ତିର ଯେପରି ଆବଶ୍ୟକତା ରହିଛି, ଯେପରି ଆମ ଶରୀରରେ ରକ୍ତର ଆବଶ୍ୟକତା ରହିଛି । କଣ କେହି ନିଜର ରକ୍ତର ସୁଅ ଛୁଟାଇ ପାରେ କି ?

※ ୧୯୮୦-୮୧ ବର୍ଷରେ ଆମ ଦେଶରେ ୧୧୮ ଅର୍ବୁଦ ୫୬ କୋଟି ୟୁନିଟ ବିଦ୍ୟୁତ୍‌ଶକ୍ତି ଉତ୍ପନ୍ନ ହୋଇଥିଲା । ୧୯୮୧-୮୨ ବର୍ଷରେ ମଧ୍ୟ ୧୩୦ ଅର୍ବୁଦ ୟୁନିଟ୍ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । କିନ୍ତୁ ଏବେ ଆମକୁ ବହୁଦୂର ପଥ ଅତିକ୍ରମ କରିବାକୁ ଅଛି । ସାମାଜିକ କୁସଂସ୍କାର ଲୋପ ତଥା ଦେଶ ହିତକର କାର୍ଯ୍ୟଲାଗି କଠୋର ପରିଶ୍ରମ କରିବା ଆମର ପରମ କର୍ତ୍ତବ୍ୟ ଅଟେ ।

**କୋଡ଼ିଏ ଦଫା କାର୍ଯ୍ୟକ୍ରମ ସମ୍ବନ୍ଧରେ ବିଶେଷ ଜାଣିବା ପାଇଁ ନିମ୍ନଲିଖିତ କୁପନଟି ବ୍ୟବହାର କରନ୍ତୁ ।**

..........................................................................................

ଉପନିର୍ଦ୍ଦେଶକ,
ମାସ ମେଲିଂ ୟୁନିଟ,
ବିଜ୍ଞାପନ ଓ ଦୃଶ୍ୟ ପ୍ରଚାର ନିର୍ଦ୍ଦେଶାଳୟ,
ବି—ବ୍ଲକ, କସ୍ତୁରବା ଗାନ୍ଧୀ ମାର୍ଗ
ନୂଆ ଦିଲ୍ଲୀ—୧୧୦୦୦୧

ନୂଆ ୨୦ ଦଫା କାର୍ଯ୍ୟକ୍ରମ ସମ୍ବନ୍ଧରେ ବିସ୍ତୃତ ବିବରଣୀ ଲାଗି ଦୟାକରି ମୋ ନିକଟକୁ ହିନ୍ଦୀ ବା ଇଂରାଜୀ ପୁସ୍ତିକା ପଠାନ୍ତୁ ।

ନାମ..........................................................................

ଠିକଣା......................................................................

........................ପିନକୋଡ଼ ସଂଖ୍ୟା.................................

..........................................................................................

ନୂଆ ୨୦ ଦଫା କାର୍ଯ୍ୟକ୍ରମ


ଡି. ଏ. ଭି. ପି. ୮୧/୩୮୩

# ଇନସାଟ୍-୧ଏ


ଶ୍ରୀ ପଦ୍ମଚରଣ ମହାନ୍ତ

ମହାକାଶକୁ ଉପଗ୍ରହ ପ୍ରେରଣ ଓ ସଂସ୍ଥାପନ କ୍ଷେତ୍ରରେ ଭାରତବର୍ଷ ଅନ୍ୟାନ୍ୟ ଉନ୍ନତଶୀଳ ରାଷ୍ଟ୍ରମାନଙ୍କ ସହ ସମକକ୍ଷ ହେବା ପାଇଁ ଆପ୍ରାଣ ଉଦ୍ୟମ ଚଳାଇଛି । ଭାରତୀୟ ବିଜ୍ଞାନୀ ଓ ଇଞ୍ଜିନିୟରମାନଙ୍କ ସଫଳ ଉଦ୍ୟମର ଫଳ ସ୍ୱରୂପ ଇନ୍‌ସାଟ୍-୧ଏ (Indian National Satellite-1A) (Insat-1A) ଗତ ଅପ୍ରେଲ ମାସ ୧୦ ତାରିଖ ଦିନ, ଆମେରିକା ଯୁକ୍ତରାଷ୍ଟ୍ରର କେପ୍-କାନାଭେରାଲ ଉତ୍କ୍ଷେପଣ କେନ୍ଦ୍ରରୁ "ନାସା" ସଂସ୍ଥା ସହାୟତାରେ ମହାଶୂନ୍ୟକୁ ପ୍ରେରଣ କରାଯାଇଛି ଏବଂ ଆମ ଦେଶର କର୍ଣ୍ଣାଟକ ରାଜ୍ୟ ଅନ୍ତର୍ଗତ "ହାସାନ" ଭୂପୃଷ୍ଠ ନିୟନ୍ତ୍ରଣ କେନ୍ଦ୍ର ଏହି ଉପଗ୍ରହର ନିୟନ୍ତ୍ରଣ ଦାୟିତ୍ୱ ଉତ୍କ୍ଷେପଣ ସମୟର ଠିକ୍ ଏକ ଘଣ୍ଟା ମଧ୍ୟରେ ଗ୍ରହଣ କରିଛି । ଇନ୍‌ସାଟ-୧ଏ, ୭୪° ପୂର୍ବ-ଦ୍ରାଘିମା ଭାରତବର୍ଷ ଉପରେ, ୩୫,୭୮୪ କିଲୋମିଟର ଦୂରରେ ଅବସ୍ଥାନ କରିବା ସଂଗେ ସଂଗେ ତାର କକ୍ଷ ସହ ଏପରି ଭାବେ ସଂରକ୍ଷିତ ଯେ ପୃଥିବୀ ଚତୁଃପାର୍ଶ୍ୱରେ ଉପଗ୍ରହର ଗତି, ପୃଥିବୀର ନିଜ ଅକ୍ଷର ଚତୁଃପାର୍ଶ୍ୱର ଗତି ସହ ସମାନ । ଏଣୁ ଏହା ପୃଥିବୀ ସହ ସମଗତିରେ ଘୂରେ । ଏହି ଉପଗ୍ରହ ତାର ଜୀବନ କାଳ ମଧ୍ୟରେ ସଦାସର୍ବଦା ଭାରତବର୍ଷ ଆଡ଼କୁ ସମ୍ମୁଖୀନ ଅବସ୍ଥାରେ ଶୂନ୍ୟରେ ଅବସ୍ଥାନ କରୁଛି ଓ ଏହା ଆମ ଦେଶ ନିମନ୍ତେ ଏକ ଭୂ-ସ୍ଥିର ଉପଗ୍ରହ ।

ଇନ୍‌ସାଟ-୨ଏ ଏକ ବହୁମୁଖୀ ଯୋଗାଯୋଗ ଉପଗ୍ରହ । ଏହା ମୁଖ୍ୟତଃ ତାରଯୋଗାଯୋଗ, ପାଣିପାଗ ଓ ପାଣିବିଜ୍ଞାନ ସଂକ୍ରାନ୍ତରେ ଭବିଷ୍ୟତବାଣୀ




ପ୍ରସ୍ତର ଏବଂ ଟେଲିଭିଜନ ଓ ରେଡ଼ିଓ କାର୍ଯ୍ୟକ୍ରମର ସଂକେତ ପ୍ରେରଣ ନିମନ୍ତେ ଅଭିପ୍ରେତ । ମହାକାଶ ବିଭାଗର ଭୂ-ସ୍ଥିର କକ୍ଷ ମଧ୍ୟରେ ଦୁଇଟି ସମପ୍ରକାରର କୃତ୍ରିମ ଉପଗ୍ରହ ରହିବ । ତନ୍ମଧ୍ୟରୁ ଗୋଟିଏ କାର୍ଯ୍ୟକ୍ଷମ ଓ ଅନ୍ୟଟି ଅତିରିକ୍ତ । ପ୍ରଥମ ଉପଗ୍ରହ ଇନ୍‌ସାଟ-୧ଏ ବର୍ତ୍ତମାନ ମହାକାଶରେ କାର୍ଯ୍ୟରତ ଓ ଦ୍ୱିତୀୟ ଉପଗ୍ରହ ଇନ୍‌ସାଟ-୧ବି ଆସନ୍ତା ୧୯୮୩ ମସିହା ଜୁଲାଇ ମାସରେ ମହାଶୂନ୍ୟକୁ କ୍ଷେପଣ କରାଯିବ । ପ୍ରଥମଟିର ଅଚଳ ଅବସ୍ଥାରେ ଇନ୍‌ସାଟ-୧ବି କାର୍ଯ୍ୟ ସଂପାଦନ କରିବ । ଇନ୍‌ସାଟ-୧ବି ପୂର୍ବ ୯୪୦ ଦ୍ରାଘିମା ଉପରେ ଅବସ୍ଥାପିତ ହେବ । ଏହି ଉପଗ୍ରହଗୁଡ଼ିକର ନିର୍ମାଣ କୌଶଳରେ ସ୍ୱାତନ୍ତ୍ର୍ୟତା ପରିଲକ୍ଷିତ ହୁଏ । କାରଣ ଏହା ଭାରତୀୟ ଆବଶ୍ୟକତା ତଥା ବର୍ତ୍ତମାନର ପ୍ରୟୋଜନୀୟତା ଉପରେ ଆଧାରିତ । ଏ ଧରଣର ବହୁମୁଖୀ ଯୋଗାଯୋଗ ଉପଗ୍ରହ ହାସଲ କରିବାରେ ଭାରତବର୍ଷ ପୃଥିବୀରେ ଷଷ୍ଠ ଦେଶ । ଅନ୍ୟାନ୍ୟ ଦେଶ ହେଲେ—ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ, କାନେଡ଼ା, ଇଣ୍ଡୋନେସିଆ ଓ ଜାପାନ ।




SATELLITE CONFIGURATION
SATELLIG

ମହାକାଶ ଉପଗ୍ରହ ପ୍ରେରଣ କ୍ଷେତ୍ରରେ ଭାରତ ଏହାପୂର୍ବରୁ କେତେକ ପଦକ୍ଷେପ ନେଇଥିଲା । ଏହି ପ୍ରକଳ୍ପର ପ୍ରଥମ ସ୍ୱପ୍ନ ଦେଖିଥିଲେ ସ୍ୱର୍ଗୀୟ ବୈଜ୍ଞାନିକ ଡକ୍ଟର ବିକ୍ରମ ସାରାଭାଇ । ୧୯୬୭ ମସିହାରେ ତାଙ୍କ ନିର୍ମିତ ପ୍ରଥମ ଯୋଜନାର ଫଳ ସ୍ୱରୂପ ଭାରତବର୍ଷ ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ୍ ଦେଶ ସହ ଏ ସଂକ୍ରାନ୍ତରେ ସହଯୋଗ କରି ଆବଶ୍ୟକ କାରିଗରୀ ବିଜ୍ଞାନ ଆହରଣ କରିବାରେ ସଫଳ ହୋଇପାରିଛି । ସୋଭିଏତ୍ ଦେଶର ସହାୟତାରେ ଭାରତ ୧୯୭୫ ମସିହାରେ ଆର୍ଯ୍ୟଭଟ୍ଟ ମହାଶୂନ୍ୟକୁ ନିକ୍ଷେପଣ କରିବା ଫଳରେ କୃତ୍ରିମ ଉପଗ୍ରହ ଯୁଗରେ ପ୍ରଥମେ ପଦାର୍ପଣ କଲା । ପରେ ପରେ ୧୯୭୮ ମସିହାରେ ଭାସ୍କର-୧ ଓ ୧୯୮୧ ମସିହା ନଭେମ୍ବର ମାସରେ ଭାସ୍କର-୨ ରୁଷ ସହାୟତାରେ ନିକ୍ଷେପଣ କରାଯାଇଥିଲା । ଏହି ଉପଗ୍ରହ ଦ୍ୱୟ ମୁଖ୍ୟତଃ ପାଗ-ବିଜ୍ଞାନ ଓ ଭୂ-ପୃଷ୍ଠସ୍ଥିତ ବିଭିନ୍ନ ପଦାର୍ଥର ଅନୁସନ୍ଧାନ ନିମନ୍ତେ ନିୟୋଜିତ ହୋଇଥିଲେ । କିନ୍ତୁ ୧୯୭୫-୭୬ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକା ସହ ଚୁକ୍ତି ବଦ୍ଧ କାର୍ଯ୍ୟକ୍ରମ ସ୍ୱରୂପ ଏ: ଟି: ଏସ୍-୬ ଉପଗ୍ରହ ମାଧ୍ୟମରେ "ସାଇଟ୍" (Satellite Instructional Television Experiment) କାର୍ଯ୍ୟକ୍ରମ ସାରା ଦେଶରେ ଚହଳ ପକାଇ ଦେବା ସଂଗେ ସଂଗେ କୃତ୍ରିମ ଉପଗ୍ରହ ମାଧ୍ୟମରେ କିପରି ଟେଲିଭିଜନ କାର୍ଯ୍ୟକ୍ରମ ଗାଁ ଗହଳରେ ପରିପ୍ରସାର ହୋଇପାରେ ତାହା ସଫଳତାର ସହ ସଂପାଦନ କରିପାରିଥିଲା । 'ସାଇଟ୍' କାର୍ଯ୍ୟକ୍ରମ

# ଟେଲିଭିଜନ ପ୍ରସାରିତ ଅଂଚଳ




ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଜାତୀୟ ସଂହତି ଇତ୍ୟାଦି ବିଭିନ୍ନ ଉପାଦେୟ କାର୍ଯ୍ୟକ୍ରମ ସାରା ଦେଶରେ ୬ଟି ପ୍ରଦେଶର ୨୦ଟି ଜିଲ୍ଲାରେ ୨,୩୩୦ ଟି ଗ୍ରାମକୁ ସଂପ୍ରସାରିତ ହୋଇ ପାରିଥିଲା । ଅବଶ୍ୟ ଏହି କାର୍ଯ୍ୟକ୍ରମ ବର୍ଷକ ପାଇଁ ଥିଲା ।

ଆପେଲ (ଏରିନେ ପାସେଞ୍ଜର ପେ ଲୋଡ଼ ଏକ୍ସ-ପେରିମେଣ୍ଟ) ଉପଗ୍ରହ ଭାରତୀୟ ପାରଦର୍ଶିତାର ଅନ୍ୟ ଏକ ନିଦର୍ଶନ ଯାହା କି ଶୂନ୍ୟ-ଭିତ୍ତିକ ଯୋଗାଯୋଗ ବିଜ୍ଞାନ ପରିକଳ୍ପନା କରିବାରେ ସକ୍ଷମ ହୋଇ ପାରିଛି । ଫ୍ରାନ୍ସ ଦେଶର ସହାୟତାରେ ଆପେଲ ଉପଗ୍ରହ ୧୯୮୧ ମସିହା ଜୁନ୍ ମାସରେ ମହାଶୂନ୍ୟକୁ ନିକ୍ଷେପଣ କରାଯାଇଥିଲା. ଆପେଲ ଉପଗ୍ରହ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ୧୯୮୧ ମସିହା ଅଗଷ୍ଟ ମାସ ୧୫ ତାରିଖ ଦିନ ଦିଲ୍ଲୀସ୍ଥ ଲାଲକିଲ୍ଲାରୁ ଦେଶର ସର୍ବତ୍ର ଟେଲିଭିଜନ ଜରିଆରେ ପରିପ୍ରସାର କରାଯାଇଥିଲା ।

ଉପରୋକ୍ତ ମହାକାଶ ଉପଗ୍ରହ ପ୍ରକ୍ଷେପଣର ସଫଳ ରୂପାୟନ, ବହୁମୁଖୀ ଫଳାଫଳ ଇନ୍‌ସାଟ୍-୧ଏରୁ ମିଳିପାରିବ ବୋଲି ବିଜ୍ଞାନୀ ଓ ଇଞ୍ଜିନିୟରମାନେ ବିଶ୍ୱାସ ରଖି ଏହାର ପ୍ରସ୍ତୁତି ପଥରେ ଆଗେଇ ଗଲେ ଓ ଏହି ପ୍ରକଳ୍ପର ସଦ୍ୟଫଳ ଆମ ଦେଶବାସୀ ଚଳିତବର୍ଷ ଆସ୍ୱାଦନ କରିପାରିବେ ବୋଲି ଆଶା ରଖି ଏହାର ନିର୍ମାଣ କାର୍ଯ୍ୟରେ ଲାଗିପଡ଼ିଲେ । ଏଣୁ ଇନ୍‌ସାଟ୍-୧ଏର କାର୍ଯ୍ୟକ୍ରମ ଷଷ୍ଠ ପଞ୍ଚବାର୍ଷିକ ଯୋଜନା ତଥା ୧୯୮୪-୮୫ ମସିହା ସୁଦ୍ଧା, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ବିହାର, ମଧ୍ୟପ୍ରଦେଶ, ଗୁଜୁରାଟ ଓ ଉତ୍ତରପ୍ରଦେଶ ଏହିପରି ୬ଟି ରାଜ୍ୟକୁ ସଂପ୍ରସାରିତ ହେବ ଓ ଚଳିତ ବର୍ଷ କେବଳ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶରେ ପ୍ରଥମେ ଟେଲିଭିଜନ କାର୍ଯ୍ୟକ୍ରମ ଆରମ୍ଭ ହେବ । ଏହି ସୀମିତ ସମୟ ମଧ୍ୟରେ ପ୍ରାୟ ୪୦୦୦ ସର୍ବସାଧାରଣ ଦର୍ଶନୀୟ ଟେଲିଭିଜନ ସେଟ୍ ଛଅଟି ରାଜ୍ୟକୁ ଯୋଗାଇ ଦିଆଯିବ । ଏହା ମଧ୍ୟରୁ ୨୦୦୦ ଟେଲିଭିଜନ ସେଟ୍ ଦୂରଦର୍ଶନ କାର୍ଯ୍ୟକ୍ରମ ସିଧାସଳଖ ଉପଗ୍ରହରୁ ପ୍ରତ୍ୟକ୍ଷ ସେଟ୍ ମାଧ୍ୟମରେ ଗ୍ରହଣ କରିପାରିବ ଓ ଅବଶିଷ୍ଟ ସେଟ୍ ଆଞ୍ଚଳିକ ପୁନଃ-ପ୍ରସାର ପ୍ରଣାଳୀ ଦ୍ୱାରା ଉପକୃତ ହେବ ।

ଇନ୍‌ସାଟ୍-୧ଏ ମାଧ୍ୟମରେ ଟେଲିଭିଜନ କାର୍ଯ୍ୟକ୍ରମ ଆସନ୍ତା ଅଗଷ୍ଟ ମାସ ୧୫ ତାରିଖରୁ ପ୍ରଥମେ ଆରମ୍ଭ କରାଯିବା ପାଇଁ ବ୍ୟାପକ ବ୍ୟବସ୍ଥା ହେଉଛି । ଯେହେତୁ ଇନ୍‌ସାଟ୍-୧ଏ ଉପଗ୍ରହର ଟେଲିଭିଜନ କାର୍ଯ୍ୟକ୍ରମ ନିମନ୍ତେ ଦୁଇଟି ପ୍ରସାରକ ବ୍ୟବସ୍ଥା ବା ପଥ ଅଛି, ଏକ ସମୟରେ ଦୁଇଟି ଟେଲିଭିଜନ କାର୍ଯ୍ୟକ୍ରମ ପ୍ରସାର କରିବା ଏହା ପକ୍ଷରେ ସମ୍ଭବପର ହେବ । ପ୍ରତ୍ୟେକ ଦିନ ସକାଳେ ୪୫ ମିନିଟ ନିମନ୍ତେ ବିଦ୍ୟାଳୟ ପିଲାମାନଙ୍କ ପାଇଁ ଦୁଇଟି କାର୍ଯ୍ୟକ୍ରମ ପ୍ରସାରିତ ହେବ । ପ୍ରଥମ ୨୦ ମିନିଟ୍ ୫ରୁ ୮ବର୍ଷ ବୟସ ସୀମା ପିଲାଙ୍କ ନିମନ୍ତେ ଓ ଦ୍ୱିତୀୟ ୨୦ ମିନିଟ ୯ବର୍ଷରୁ ୧୨ ବର୍ଷ ବୟସ ସୀମା ପିଲାଙ୍କ ନିମନ୍ତେ ଉଦ୍ଦିଷ୍ଟ । ଉଭୟ ବୟସ ସୀମା ପିଲାମାନଙ୍କର କାର୍ଯ୍ୟକ୍ରମ ପରିବର୍ତ୍ତନ ସମୟ ତଥା ଶ୍ରେଣୀ ସାଜସଜା ନିମନ୍ତେ ୫ ମିନିଟ୍ ବିରତି ରଖାଯାଇଛି । ଏହି କାର୍ଯ୍ୟକ୍ରମ ଛୁଟି ଦିନ ବ୍ୟତୀତ, ଶନିବାରକୁ ବାଦ ଦେଲେ ପ୍ରତ୍ୟେକ କାର୍ଯ୍ୟ ଦିବସରେ ପ୍ରସାରିତ ହେବ ଓ ଶନିବାରଦିନ କେବଳ ଶିକ୍ଷକମାନଙ୍କ ନିମନ୍ତେ କାର୍ଯ୍ୟକ୍ରମ ପରିପ୍ରସାର ହେବ । ସନ୍ଧ୍ୟାରେ ୨୦ ମିନିଟ୍ ସାଧାରଣ କାର୍ଯ୍ୟକ୍ରମ ଜାତୀୟ ସ୍ତରରେ ପରିପ୍ରସାର କରାଯିବ । ଏହା ମୁଖ୍ୟତଃ କୃଷି, ପରିବାର କଲ୍ୟାଣ, ଅଣଆନୁଷ୍ଠାନିକ ଶିକ୍ଷା ଓ ଜାତୀୟସଂହତି ଇତ୍ୟାଦି ବିଷୟ ବସ୍ତୁ ଉପରେ ଆଧାରିତ ହେବ । ଏତଦ୍‌ବ୍ୟତୀତ ଇଂରାଜୀ ଓ ହିନ୍ଦିରେ ୩୦ ମିନିଟ ସମ୍ବାଦ ପରିବେଷଣ କରାଯିବ ।

ଆମ ଦେଶର ଅନୁନ୍ନତ, ଅଗମ୍ୟ ତଥା ପ୍ରାକୃତିକ ପ୍ରତିବନ୍ଧକ ଦ୍ୱାରା ବିଚ୍ଛିନ୍ନ ରହିଯାଇଥିବା ଅଞ୍ଚଳ ଯେଉଁଠାରେ କି ସରକାରଙ୍କର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସହଜରେ ଅନ୍ୟ କୌଣସି ଗଣ-ମାଧ୍ୟମ ଦ୍ୱାରା ପ୍ରବେଶ କରିପାରୁ ନାହିଁ କିମ୍ବା ବ୍ୟୟବହୁଳ ଆଞ୍ଚଳିକ ଟେଲିଭିଜନ ପ୍ରସାର ଦ୍ୱାରା ସମ୍ଭବପର ହୋଇ ପାରୁ ନାହିଁ, ତାହା ଇନ୍‌ସାଟ୍-୧ଏ ଦ୍ୱାରା ସମ୍ଭବପର ହୋଇ ପାରିବ ବୋଲି ଆଶା ପୋଷଣ କରାଯାଏ । ପରନ୍ତୁ ସରକାର ଦେଶରେ ଥିବା 'ମାଇକ୍ରୋ-ଓଏଭ୍' କରିଆରେ ଇନ୍‌ସାଟ୍-୧ଏ କାର୍ଯ୍ୟକ୍ରମ ପ୍ରସାର କରାଯାଇ ପାରିବ ବୋଲି ଏକ ଉଚ୍ଚ କ୍ଷମତା ସଂପନ୍ନ କମିଟି ମାଧ୍ୟମରେ ପରୀକ୍ଷା କରି ଦେଖିବେ ବୋଲି ସ୍ଥିର କରିଛନ୍ତି । ଏହା ସମ୍ଭବ ହେଲେ ଆମ ଦେଶ ଉପଗ୍ରହ ମାଧ୍ୟମରେ ଟେଲିଭିଜନ କାର୍ଯ୍ୟକ୍ରମର ପରିପ୍ରସାର ସହଜରେ କରିପାରିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଉନ୍ନତ ଦେଶର ସମକକ୍ଷ ହୋଇ ପାରିବ ।

ଏହି ପରିପ୍ରେକ୍ଷୀରେ ଆମ ରାଜ୍ୟ ଓଡ଼ିଶାର ୩ଟି ଜିଲ୍ଲା ଯଥା—ଢେଙ୍କାନାଳ, ସମ୍ବଲପୁର ଓ ବଲାଙ୍ଗୀରରେ ଇନ୍‌ସାଟ୍-୧ଏ ଭିତ୍ତିକ ଟେଲିଭିଜନ କାର୍ଯ୍ୟକ୍ରମ ୩୪୦ଟି ପ୍ରତ୍ୟକ୍ଷ ଗ୍ରହଣକ୍ଷମ ଟେଲିଭିଜନ ସେଟ୍ ଓ ୨୬୦ଟି ଆଞ୍ଚଳିକ ପୁନଃ ପରିପ୍ରସାର ସେଟ୍ ମାଧ୍ୟମରେ କରାଯିବାର ବ୍ୟବସ୍ଥା ଅଛି । ୧୨୦୦ ଶିକ୍ଷକ-ତତ୍ତ୍ୱାବଧାରକ ଓ ୧୦୦ ପରିଦର୍ଶନ କର୍ମଚାରୀ ଟେଲିଭିଜନ ସେଟ୍‌ର ରକ୍ଷଣା ଓ ଶିକ୍ଷାକାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ଅଗଷ୍ଟ ପ୍ରଥମ ସପ୍ତାହରେ ତାଲିମ ପାଇବାର ବ୍ୟବସ୍ଥା କରାଯାଇଛି । ଏହି ତତ୍ତ୍ୱାବଧାରକ ଶିକ୍ଷକମାନଙ୍କୁ ତାଲିମ ଦେବା ନିମନ୍ତେ ୨୪ ଜଣ ଅଫିସର ଦିଲ୍ଲୀରୁ ତାଲିମ ପାଇ ଆସିଛନ୍ତି । ଏତଦ୍‌ବ୍ୟତୀତ ଭୁବନେଶ୍ୱରଠାରେ କେବଳ ଶିକ୍ଷା କାର୍ଯ୍ୟକ୍ରମ ପ୍ରସ୍ତୁତି ନିମନ୍ତେ ଏକ ଷ୍ଟୁଡ଼ିଓ ବା ଉତ୍ପାଦନ କେନ୍ଦ୍ର ନିର୍ମାଣ ବ୍ୟବସ୍ଥା ହେଉଛି । ଏଥି ନିମନ୍ତେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବହୁଳ ଅର୍ଥ ବ୍ୟୟର ବ୍ୟବସ୍ଥା କରୁଛନ୍ତି ।

ଇନ୍‌ସାଟ୍-୧ ଏକ ବ୍ୟୟ ବହୁଳ ବ୍ୟବସ୍ଥା । ଏହାର ଉପଯୋଗ ଟେଲିଭିଜନ ଭଳି ଏକ ଗଣମାଧ୍ୟମ କରିଆରେ କରାଯାଇ ପାରିବ ବୋଲି ଆଶା କରାଯାଏ । ଏଣୁ ଆମ ଦେଶର ଅଗଣିତ ଶିଶୁ, ଗାଁ ସହରର ନରନାରୀମାନେ ଏହି ମାଧ୍ୟମର ସଫଳ ବିନିଯୋଗ କରିପାରିଲେ ଦେଶ ଉନ୍ନତି କ୍ଷେତ୍ରରେ ନିଶ୍ଚୟ ଆଗେଇ ଯିବା ସଙ୍ଗେ ସଙ୍ଗେ ବିଜ୍ଞାନୀ ଓ ଇଞ୍ଜିନିୟରମାନେ ଭବିଷ୍ୟତରେ ଆହୁରି ଉନ୍ନତ ଧରଣର କାର୍ଯ୍ୟକ୍ରମ ଉପଗ୍ରହ କରିଆରେ ଦେଶବାସୀଙ୍କ ନିମନ୍ତେ ପରିକଳ୍ପନା କରିପାରିବେ ବୋଲି ବିଶ୍ୱାସ କରାଯାଏ । ○

ଶିକ୍ଷା ଉଦ୍ୟୋଗ ବିଭାଗ, ଏସ୍: ସି: ଇ: ଆର: ଟି:, ଭୁବନେଶ୍ୱର ।

# ସଂଗ୍ରାମର ସ୍ମୃତି ସୁରଭି



ଲେ· ନବଦେବ ମହାପାତ୍ର.
ଅଙ୍କ।. ଶକ୍ତି ପ୍ରସାଦ ମିଶ୍ର.



# ତାମା ଦୋରା

ରାଧାମୋହନ ଗଡ଼ନାୟକ

"କୋଇୟା ଜାତିର ଭାଇମାନେ ମୋର,
କଥଣ କରୁଚ ଆଜି,
ଜାଣି ପାରୁ ନାହିଁ ବଣ ଜଂପାଇ
କଥଣ ଉଠୁଚି ବାଜି ?

ସାତ ସମୁଦର ତେର ନଈ ପାରୁଁ
ଆସି ଇଂରେଜି ଜାତି
ଦଖଲ କରୁଚି ଦେଶ ପରେ ଦେଶ
ବଣ ପାହାଡ଼ର ଛାତି ।

କଥଣ କହୁଚି ସିଲେରୁ ନଈ ଏ
ଶବରୀ ପିଟେରୁ ମେଳେ,
ମୁକ୍ତିର ବୀଜ ମନ୍ତ୍ର କହୁଚି
ଆଜି ଏ ବିପଦ ବେଳେ ।

ବାଘ ହାତୀ ବଣ- ଜନ୍ତୁ ସାଥିରେ
ଘୁରୁଚ ଦିବସ ରାତି,
ଡ଼ାଉଆ ଢ଼େଉରେ ଲଇ ତୁମ ଲହୁ,
ପାହାଡ଼ରେ ଗଢ଼ା ଛାତି ।

ଦେଶର ବଇରୀ ସମୁଖେ ଆଜି
ଲଢ଼ି ପାରିବନି ଆରେ,
ଏତେ ଦୂରୁ ଯିଏ ଉଡ଼ି ଆସିଅଛି
ତଡ଼ି ପାରିବନି ତାରେ ?

ଭାବନା କାହିଁକି ? ସଙ୍କଟେ ଆଜି
ଜୀବନକୁ କର ପଣ,
ମାଟିର ସକାଶେ, ଜାତିର ସକାଶେ
ସାର୍ଥକ କର ରଣ ।

ସ୍ୱାଗତ ତୁମକୁ ଜଣାଉଚି ଏଇ
ସକାଳର ଲଲ ସୂର୍ଯ୍ୟ,
ଅଭିଯାନ ପଥେ ବାହାରି ପଡ଼ରେ
ବଜାଇ ତୁମର ତୂର୍ଯ୍ୟ ।"

ଅମିତ କଣ୍ଠ ଗର୍ଜି ଉଠିଲା–
"ରକତ ଆମର ତାଜା,
ମାଲକାନ୍ ଗିରି ଆମର ରାଇଜ,
ତାମା ଦୋରା ଆମ ରାଜା ।"

(୨)

ବାହାର ହୋଇଲେ କୋଇୟା ଫଉଜ
ଦେଶର ମୁକ୍ତି ଲାଗି,
କୁରାଢ଼ି ଫାର୍ଶା ଧନୁ ଶର ଧରି
ଦର୍ପେ ଉଠିଲେ ଜାଗି ।

ମୁକ୍ତ ଗଗନେ ମୁକ୍ତ ପବନେ
ଉଡ଼ାଇ ଉଡ଼ାଇ ବାନା,
ଜନ କୋଳାହଳେ ଦଖଲ କରିଲେ
ପାଡ଼ୁଆ ପୋଲିସ ଥାନା ।

ବାଧା ଦେଲେ ତେବେ ପୋଲିସ ଦାରୋଗା
ଯେତୋଟି ପୋଲିସ ଥିଲେ,
ଆଖିର ପଲକେ ଗୋଟି ଗୋଟି ହୋଇ
ଲୋଟିଗଲେ ଧରଣୀରେ ।

ହରଷର ରୋଳ ଉଚ୍ଛୁଳି ପଡ଼ିଲ
ପଥ–ପ୍ରାନ୍ତର–ମୟ,
"ମାଲକାନ୍ ଗିରି ରାଇଜର ଜୟ,
କୋଇୟା ନେତାର ଜୟ ।"

ମାଛକୁଣ୍ଡର ଧାର ପାର ହୋଇ
ଚଳିଲେ ଫଉଜ ଦଳ,
ଜଙ୍ଗଲ ପଥେ ରବି କର ଯହିଁ
ଛୁଏଁ ନାହିଁ ଭୂଇଁତଳ ।

ବାଘ–ଗର୍ଜନ, ହନୁ–ହୁଙ୍କାର
ମିରିଗ -କୁତୁରା–ସ୍ୱର,
ଚଳ ଫଉଜର ଜନ କୋଳାହଳେ,
ଲୁଚିଗଲ ଚଞ୍ଚଳ ।

ଉପନଦୀ ଜଳେ ନଦୀ-ଧାର ଯଥା
ହୁଅଇ ବିଶାଳତର
ଗତିପଥେ ତହୁଁ ଗିରିଜନ ଆସି
ବଢ଼ାଇଲେ ଦଳ ବଳ ।

ମାଲକାନ୍ ଗିରି ଆନା ସାମନାରେ
ଫଉଜ ମିଳିଲେ ଯାଇ,
ଦେଖିଲେ ସେଠାଁଇ ଚଉପାଶେ ତାର
ଜଗୁଆଳ କେହି ନାହିଁ ।

ଉଲ୍ଲାସଭରେ ଆନାର ଉପରେ
ପତାକା ଉଡ଼ାଇ ଦେଇ
ଟାମା ଦୋରା ତାର ଘୋଟକ ଉପରୁ
ଶୁଣାଏ ହୃଦୟ ଫେଇ—

"ଭାଇମାନେ ମୋର ଆଜିକ ବିରାମ,
ଆଜିକ ବିରାମ କର,
କାଲି ପ୍ରଭାତରୁ ମୋଟୁ-ଅଭିମୁଖେ
ଜଲ୍ଦି ବାହାରି ପଡ଼ ।"
ଅମିତ-କଣ୍ଠ ଗର୍ଜି ଉଠିଲା,
"ରକତ ଆମର ତାଜା,
ମାଲକାନ୍ ଗିରି ଆମର ରାଇଜ,
ଟାମା ଦୋରା ଆମ ରାଜା ।"

(୩)

ବହୁଦୂରେ ଯାଇ ଶୁଭିଲା ସେ ନାଦ
ଶୁଭିଲା ସେ ସମାଚାର
ହାଇଦରାବାଦ ଶିବିରେ ସଜାଗ
କଲୋନେଲ୍ ମ୍ୟାକ୍‌ଓ୍ବାର୍ଡ୍ ।

ଦଳ ବଳ ଘେନି ବାହାରି ପଡ଼ିଲା,
ସିଲେରୁ ହୋଇଲା ପାରି,
ନଜର କରିଲା ଶିଖରୀ ଉପରେ
କିଏ ସବୁ ଧ୍ୱଜାଧାରୀ ।

ଫିରିଂ ଫଉଜ ତେଣୁ ଯେତେବେଳେ
ମେଲିଲା ଅନଳ ବାଣ,
ଶିଖର ଭାଗରୁ ଗୋଟା ଗୋଟା ଏଣୁ
• ଖସିଲା ପଥରମାନ ।
ଶିଳା ଆଘାତରେ କେତେ ହତ ହେଲେ
କେତେ ଯେ ଆହତ ହେଲେ,
ପ୍ରାଣ ଘେନି ତହୁଁ ଛାଡ଼ି ପଳାଇଲେ
ବିଷମ ବିପଦ ବେଳେ ।
ଅମିତ-କଣ୍ଠ ଗର୍ଜି ଉଠିଲା—
"ରକତ ଆମର ତାଜା"
ମାଲ୍‌କାନ ଗିରି ଆମର ରାଇଜ
ଟାମା ଦୋରା ଆମ ରାଜା ।"

(୪)

ରାତି ପାହି ନାହିଁ, ଅଳପ ଅଳପ
ରହିଛି ଅନ୍ଧକାର,
ଗହନ ନିଦରୁ ଜାଗି ଉଠିନାହିଁ
ଗହନ ପାହାଡମାଳ ।

ଗୁଡୁମ ଗୁଡୁମ ଫୁଟିଲା ଗୁଳି ରେ
ଫୁଟିଲା ବହୁତ ଗୋଳା,
ଝଡର ଲହଡା ପରାଯେ ଉଠିଲେ
ବହୁତ ଫିରିଂ ଗୋରା ।

ମୁହାଁ ମୁହିଁ ହେଲେ ଫିରିଂ ଫଉଜ
କୋଇୟା ଫଉଜ ଦଳ,
ମୋଟୁ-ଅଞ୍ଚଳ ଘନ ଜଙ୍ଗଲ
କମ୍ପିଲା ଥରହର ।

ଶବରୀ ଯେମିତି ସିଲେରୁ ଯେମିତି,
ଛାଡୁଚି ଭୀଷଣ ରଡ଼ି,
ଘୋର ରଡ଼ି ଛାଡ଼ି ମାତିଲେ କୋଇୟା
ଜୀବନ ମୂର୍ଚ୍ଛା କରି ।

ଭରା ବନ୍ଧୁକ ଉଠାଇଲେ ଦୋରା
ଗୋରା ସେନାନୀର ମୁଖେ,
କଅଣ ଆଘାତେ ପଡ଼ିଗଲା ତାହା
ସେଇଠି ମାଟିର ବୁକେ ।

ହାଇରେ ବିଧାତା ସେଇ ବିପ୍ଳବୀ
ଅବସାଦ ଭରା ମନେ,
ଘୋଟକ ଛୁଟାଇ ଲୁଚିଗଲେ ଯାଇ
ରଂପା ଗହନ ବନେ ।

(୫)

ବିଜୟ-ଯୁଦ୍ଧ ହୋଇଅଛି ଏବେ
ଗୋରା ସେନାନୀର ଫନ୍ଦି,
କୋଇୟା ଜାତିର ବିପ୍ଳବୀ ନେତା
ଟାମା ଦୋରା ଆଜି ବନ୍ଦୀ ।

"ଇଂରେଜ ତୋର ରାଜା ଏବେ କହ,
ଜୀବନ ଯେବେ ରେ ଚାହୁଁ"
"ଇଂରେଜ ମୋର ରାଜା ନୁହେଁ ମୋର,
ତୁମର ଶିକ୍ଷା ଥାଉ ।"

"ମୃତ୍ୟୁ ତେବେ ରେ ନିଶ୍ଚିତ ତୋର
ବନ୍ଧୁକ ଅଛେ ଚାହଁ ।"
"ମୃତ୍ୟୁହିଁ ଏକା କାମ୍ୟ ମୋହର
ସେଇ ମୋର ଶେଷ ରାହା

ମୃତ୍ୟୁ ବରିଲେ ମୋ ଦେଶର ଜନ
ମୃତ୍ୟୁ ପାରିବେ ବରି,
ପରାଧୀନ ଦେଶ ସ୍ୱାଧୀନ କରିବେ
ଆଜିର ପନ୍ଥା ଧରି ।"

ବନ୍ଧୁକ ଏଇ ଫୁଟିଲା ଏଠାରେ
ଗର୍ଜିଲା ଅବିରାତ୍ ,
ଆଖିର ପଲକ ପଡୁ ନ ପଡୁଣୁ
ଡାମା ଦୋରା ଭୂମିସାତ୍ ।

ଗୋଟିଏ ଆତ୍ମା ଟଳି ପଡ଼ିଥିଲା
ସେଦିନ ସେ ବନଭାଗେ,
କୋଟିଏ ଜୀବନେ ସ୍ମୃତି ଆଜି ତାର
ଝଲୁଚି ରକ୍ତ ରାଗେ ।

ଉଦେ ୧୮୮୦ ମସିହା କଥା । ଆଦିବାସୀ ନେତା ଡାମା ଦୋରା ଇଂରେଜ ଶାସନ ବିରୁଦ୍ଧରେ ବିଦ୍ରୋହ କରି ସହିଦ ହୋଇଥିଲେ । ଆଜିର ପୁଣ୍ୟାହରେ "ଉତ୍କଳ ପ୍ରସଙ୍ଗ" ତାଙ୍କୁ ଅର୍ଘ୍ୟ ଦେବାର ସୁଯୋଗ ପାଇଅଛି ।

(ମୁଖ୍ୟ ସଂପାଦକ)



ଫଟୋ- ଶକ୍ତି ପ୍ରସାଦ ମିଶ୍ର

ଅନ୍ଧାର ଚିରି
ଆଲୋକ ଆଣିବି...

# ଅତୀତର ସ୍ମୃତି

ଶ୍ରୀ ଶ୍ରୀନାଥ ମହାନ୍ତି

ସେ ଦିନ ଥିଲା ୧୯୪୨ ମସିହା ସେପ୍ଟେମ୍ବର ମାସ ୬ ତାରିଖ । ପୂର୍ବ ରାତିରେ ଆମ ଅଞ୍ଚଳର ସଅଁରା କୋଠି, ଏରସମା ଥାନା ପ୍ରଭୃତି ପୋଡ଼ା ହୋଇଥାଏ । ବଢ଼ିରୋଗରୁ ସଅଁରା କୋଠି ପୋଡ଼ା ଖବର ପାଇ ମୁଁ ମୋ ବଡ଼ ପୁଅ ସଚ୍ଚିଦାନନ୍ଦକୁ କାନ୍ଧରେ ବସାଇ ଦେଖିବାକୁ ଗଲି । ସେଠି ଆମ ଅଞ୍ଚଳର କେତେକ ବ୍ୟକ୍ତିଙ୍କର ବିଦ୍ରୂପ ପରିହାସ କଥା ଶୁଣି ଘରକୁ ଫେରିଲି । ସେତେବେଳକୁ ମୋ ମୁଣ୍ଡ କୁମ୍ଭାର ଚକ ପରି ଘୂରୁଥାଏ, ଏତିକିବେଳେ ଦଶ ପନ୍ଦର ଜଣ ମିଲିଟାରୀ ଫଉଜ ବନ୍ଧୁକ ଧରି ସଅଁରା କୋଠିଠାରେ ପହଞ୍ଚିଗଲେ । ଏ ଖବର ପାଇ ମୁଁ ଆମ ବ୍ରାହ୍ମଣ ସାହି ବଣରେ ଗୋଟିଏ ଆମ୍ବ ଗଛରେ ଛପି ରହି ସେମାନଙ୍କର ଗତି ବିଧି ଲକ୍ଷ୍ୟ କଲି । ତା'ପରେ ସେମାନେ ଆମ ଘରକୁ ଆସିଲେ । ମୋତେ ଖୋଜିଲେ । ମୋତେ ନ ପାଇ ମୋ ବଡ଼ ଭାଇକୁ ବହୁତ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କଲେ ଓ ତାଙ୍କୁ ସାଂଗରେ ଧରି ମତେ ଖୋଜି ବାହାରିଲେ । ସେତେବେଳର ମୋ ମନର ଅବସ୍ଥା କେବଳ ଅନୁଭବୀ ବ୍ୟତୀତ କେହି ଜାଣି ପାରିବେ ନାହିଁ । ତା'ପରେ ମୁଁ ଆପେ ଯାଇ ସଅଁରା କୋଠିରେ ପହଞ୍ଚିଲି । ସେଠାରେ ଥିବା ବଂଗୀୟ ଡ଼ି: ଏସ୍: ପି କୁ ମୋର ପରିଚୟ ଦେଲି । ସେ ମୋତେ ସାଂଗେ ସାଂଗେ ଗିରଫ କଲେ । ପ୍ରାୟ ଦୁଇ ଘଣ୍ଟା ମଧ୍ୟରେ ଆମ ଅଞ୍ଚଳର ପ୍ରାଣକୃଷ୍ଣ ରଥ, ବୈତରଣୀ ମିଶ୍ର ପ୍ରଭୃତିଙ୍କୁ କେତେକ ଫଉଜ ଗିରଫ କରି ଆଣି ସେଠାରେ ପହଞ୍ଚିଲେ । ଆମ ସମସ୍ତଙ୍କୁ ଗୋଟିଏ ଯାନରେ ଜଗତସିଂହପୁରକୁ ନିଆଗଲା । ସେଠାରୁ ତା' ପରଦିନ ଆମମାନଙ୍କୁ କଟକ ଜେଲକୁ ନିଆଗଲା । ତା' ପରଦିନ ମୋର ପୁତୁରା ସୋମନାଥକୁ ତିର୍ତ୍ତୋଲର ଏକ ବାଉଁଶ ବଣରୁ ଗିରଫ କରି କଟକ ଜେଲକୁ ଅଣାଗଲା । ସେତେବେଳକୁ ପ୍ରାଣକୃଷ୍ଣ ପଡ଼ିହାରୀ, ଗୌରୀଶ୍ୟାମ ନାୟକ, ଦିବାକର ପ୍ରଧାନ, ସୁରେନ୍ଦ୍ର ପଟ୍ଟନାୟକ ପ୍ରଭୃତି ବହୁ ବ୍ୟକ୍ତିଙ୍କୁ ଗିରଫ କରି ଅଣାଯାଉଥାଏ । ଏପରିକି ଗୋବିନ୍ଦପୁର ଥାନା ବାଉଣି ମୌଜା ଅନ୍ତର୍ଗତ ବାସେନ୍ଦ୍ରା ଗ୍ରାମର ଶ୍ରୀ ବଳରାମ ମହାନ୍ତିଙ୍କୁ ତାଙ୍କ ମୃତ୍ୟୁଶଯ୍ୟା ରାତିରେ ଗିରଫ କରି ଅଣାଯାଉଥାଏ ।

କଟକ ଜେଲରେ ପନ୍ଦର ଦିନ ରହିବା ପରେ ଆମ-ମାନଙ୍କୁ ବରହମ୍ପୁର କେନ୍ଦ୍ର ଜେଲକୁ ପଠାଗଲା । ସେଠାରେ ଓଡ଼ିଶାର ବିଶିଷ୍ଟ ସତ୍ୟାଗ୍ରହୀ ଶ୍ରୀ ବିଶ୍ୱନାଥ ଦାଶ, ଡ଼ଃ ହରେକୃଷ୍ଣ ମହତାବ, ଗୋପବନ୍ଧୁ ଚୌଧୁରୀ, ପବିତ୍ର ମୋହନ ପ୍ରଧାନ, ସଦାଶିବ ତ୍ରିପାଠୀ, ପ୍ରାଣକୃଷ୍ଣ ପଡ଼ିହାରୀ, ନୀଳମଣି ପ୍ରଧାନ, ବୀରେନ ମିତ୍ର ପ୍ରମୁଖ ବନ୍ଦୀ ଥିଲେ । ଜେଲ ଭିତରେ ଆମ ଜୀବନ କଠୋର ଶୃଂଖଳାରେ ଅତିବାହିତ ହେଲା ।

ଏହି ସ୍ୱାଧୀନତା ଆନ୍ଦୋଳନ ଦେଶର ଚାରିଆଡ଼େ ବ୍ୟାପିଥାଏ । ସତ୍ୟାଗ୍ରହୀମାନଙ୍କୁ ଦମନ କରିବାପାଇଁ ଗୋରା ସରକାର ଯଥେଷ୍ଟ ନିର୍ଯାତନା କରୁଥାନ୍ତି । ପୋକ ମାଛି ପରି ବ୍ୟବହାର କରୁଥାନ୍ତି । ୧୯୪୩ ମସିହା ମାର୍ଚ୍ଚ ମାସ ୨୯ ତାରିଖ ମଂଗଳବାର ଦିନ ବରହମ୍ପୁର ଜେଲରେ କୋରାପୁଟ ଜିଲ୍ଲା ଟେଣ୍ଟୁଲି ଗ୍ରାମର ଲକ୍ଷ୍ମଣ ନାୟକଙ୍କୁ ଫାଶୀ ଦିଆଗଲା ।

୧୯୪୪ ମସିହା ଜାନୁଆରୀ ମାସ ୨୬ ତାରିଖ ଦିନ ଜେଲରେ ପତାକା ପୂଜା ହେଲା । ତତ୍କାଳୀନ କଲେକ୍ଟର ହାସନ୍ ସାହେବ ପତାକା ପୂଜା ପାଇଁ ସମ୍ମତି ପ୍ରଦାନ କରି କିଛି ସମୟପରେ ଲାଠି ଚାର୍ଜ ଆଦେଶ ଦେଲେ । ଲାଠି ଧାରୀ ପୁଲିସମାନେ ଆମ-ମାନଙ୍କୁ ଅତି ନିର୍ମମ ଭାବରେ ମାଡ଼ ଦେଲେ । ମାତ୍ର ଏଥିରେ କେହି ଡରି ଯାଇ ନଥିଲେ । ସ୍ୱର୍ଗତ ପଡ଼ିହାରୀ ମାଡ଼ ଖାଇ ସାରିବା ପରେ ପୁଣି ପତାକାକୁ ହାତରେ ଧରି ଠିଆ ହୋଇ ସମସ୍ତଙ୍କୁ ଶପଥ ପାଠ କରାଇଲେ । ମାତ୍ର ଶପଥ ପାଠ ଆରମ୍ଭ ମାତ୍ରେ କଲେକ୍ଟରଙ୍କ ଆଦେଶାନୁ-ଯାୟୀ ପୁଣି ଦ୍ୱିତୀୟ ଥର ଲାଠି ଚାର୍ଜ ହେଲା । ଏଥିରେ ଉତ୍କ୍ଷିପ୍ତ ହୋଇ ବିଶ୍ୱନାଥ ଦାଶ କଲେକ୍ଟରଙ୍କୁ ବହୁତ ଗାଳି ଦେଲେ । ଫଳରେ କଲେକ୍ଟର ସେଥିରୁ କ୍ଷାନ୍ତ ହେଲେ । ଏହି ଲାଠି ମାଡ଼ରେ ମୁଁ ଆହତ ହେଲି ଏବଂ ଫାଇଲେରିଆ ଜ୍ୱରରେ ଆକ୍ରାନ୍ତ ହେଲି । ଏବେ ସୁଦ୍ଧା ରୋଗ ଭୋଗୁଛି ।

ଏହିପରି କିଛି ଦିନ ଜେଲ ଭୋଗିବା ପରେ ମତେ ତା ୨୮-୬-୧୯୪୪ ରେ ମୁକ୍ତ କରାଗଲା । ସେତେବେଳେ କାରାବରଣ କରିଥିବାରୁ ବର୍ତ୍ତମାନ ମୁଁ କେନ୍ଦ୍ର ସରକାରଙ୍କ ଠାରୁ ତାମ୍ରପତ୍ର ପଦକ ପାଉଛି ଏବଂ ମାସିକ ୩୦୦ଙ୍କା ବୃତ୍ତି ମଧ୍ୟ ପାଉଛି ।

ଦେଶ ମାତୃକାପାଇଁ କ୍ଳେଶ ସହିବା କମ୍ ସୌଭାଗ୍ୟର କଥା ନୁହେଁ । ତେଣୁ ସେହି କଥାକୁ ମନେ ପକାଇଲେ ଆଖିରେ ଆନନ୍ଦର ଲୁହ ଭରିଉଠେ ।

ସ୍ୱାଧୀନତା ସଂଗ୍ରାମୀ
ସା : । ପୋ: ସଅଁରା, ତିର୍ତ୍ତୋଲ ।

# ଉତ୍କଳରେ ଗାନ୍ଧିଜୀଙ୍କ ପ୍ରଥମ ପଦାର୍ପଣ

ଶ୍ରୀ ରାମପ୍ରସାଦ ସିଂହ

୬୧ ବର୍ଷ ତଳର କଥା । ସେତେବେଳର ଘଟଣାବଳୀ ସ୍ମରଣ କରିବାପାଇଁ ବା ସେ ଯୁଗର ସ୍ୱାଧୀନତା ସଂଗ୍ରାମର ଅନୁଭୂତି ଲିପିବଦ୍ଧ କରିବାପାଇଁ ଆଜି ଓଡ଼ିଶାରେ ବେଶି ଲୋକ ନାହାନ୍ତି । ଅନେକେ ଦୁଃଖ ଦାରିଦ୍ର୍ୟ ଭୋଗି ଭୋଗି ପରପାରକୁ ଗଲେଣି । ମୁଷ୍ଟିମେୟ ଅନ୍ୟ ଯେ କେତେଜଣ ଏବେ ମଧ୍ୟ ଜୀବିତ, ସେମାନଙ୍କ ସ୍ମୃତି ଶକ୍ତି କ୍ରମେ କ୍ରମେ କ୍ଷୀଣ ହୋଇ ଆସୁଛି, ଅନୁଭୂତିର ତୀବ୍ରତା ମଧ୍ୟ ମ୍ଳାନ ହୋଇ ଯାଉଛି । ତଥାପି ଆଜି ମଧ୍ୟ ସେମାନଙ୍କ ମଧ୍ୟରେ ଏପରି ଅନେକ ଅଛନ୍ତି, ସ୍ୱରାଜ୍ୟ ସଂଗ୍ରାମର ବିଶେଷ ବିଶେଷ ଘଟଣା ସେମାନଙ୍କ ସ୍ମୃତି ସାଗରକୁ ଉଦ୍‌ବେଳିତ କରିଥାଏ, ମୁହୂର୍ତ୍ତକ ପାଇଁ ହେଲେ ମଧ୍ୟ ସେମାନଙ୍କ ନିଷ୍ପ୍ରଭ ନୟନକୁ ପୂର୍ବ ଜ୍ୟୋତିର କ୍ଷୀଣ ରେଖା ଫେରାଇ ଆଣିଥାଏ ।

ଉତ୍କଳରେ ଗାନ୍ଧିଜୀଙ୍କ ପ୍ରଥମ ପଦାର୍ପଣ ସେହିପରି ଗୋଟିଏ ଘଟଣା । ୧୯୨୧ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ମାସ ୨୩ ତାରିଖ । ସେଦିନ ଦୋଳ ପୂର୍ଣ୍ଣିମା । ଆକାଶରେ ପୂର୍ଣ୍ଣଚନ୍ଦ୍ର । କଟକର ନାଲି ସଡକର କଡେ କଡେ ସ୍ଥାନେ ସ୍ଥାନେ ଗୋଟାଏ ଗୋଟାଏ ମ୍ୟୁନିସିପାଲଟିର ବତି ଖୁଣ୍ଟ । ସେଥିରୁ କିରାସିନି ଡିବିରି କ୍ଷୀଣ ମଳିନ ଆଲୋକ ବିତରଣ କରୁଥାଏ ।

ରାତି ପ୍ରାୟ ଦୁଇଟା । କଟକ ରେଳ ଷ୍ଟେସନରେ ମାନ୍ଦ୍ରାଜ ମେଲରୁ ଗାନ୍ଧିଜୀ ଅବତରଣ କଲେ । ସାଙ୍ଗରେ କସ୍ତୁରବା, ପୁଅ ଦେବଦାସ, ସେକ୍ରେଟାରୀ ମହାଦେବ ଦେଶାଇ ଓ ଆଉ କେତେଜଣ ।

ଷ୍ଟେସନ ବାହାରେ ବିରାଟ ଜନ ସମୁଦ୍ର । ଷ୍ଟେସନ ଭିତରେ ମଧ୍ୟ ଜନ ଗହଳି । ସ୍ୱେଚ୍ଛାସେବକମାନେ ଶୃଙ୍ଖଳା ରକ୍ଷାପାଇଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁ ଥାଆନ୍ତି । ପ୍ଲାଟ୍‌ଫର୍ମ ଭିତରକୁ ଯିବାପାଇଁ ପ୍ଲାଟ୍‌ଫର୍ମ ଟିକଟ ଦରକାର । କିନ୍ତୁ ଦେଉଛି କିଏ । କିଣୁଛି କିଏ, ଷ୍ଟେସନରେ ଜଣେ ଗୋରା ଷ୍ଟେସନ ମାଷ୍ଟର ଥାଆନ୍ତି । ସେ ମଧ୍ୟ ଦର୍ଶନକାରୀଙ୍କ ମଧ୍ୟରୁ ଜଣେ ହୋଇଯାଇ ଥାଆନ୍ତି । ସେ ନାଲି ନେଳି ରେଲବାଇ ଲଣ୍ଠନଟାଏ ହାତରେ ଧରି ପ୍ଲାଟ୍‌ଫର୍ମର ଏମୁଣ୍ଡ ସେମୁଣ୍ଡ ବୁଲୁ ଥାଆନ୍ତି ।

ଗାନ୍ଧିଜୀ ଟ୍ରେନରୁ ଅବତରଣ କରିବା ସଙ୍ଗେ ସଙ୍ଗେ ହଜାର ହଜାର କଣ୍ଠରୁ ଧ୍ୱନିତ ହେଲା 'ମହାତ୍ମା ଗାନ୍ଧୀଜି ଜୟ' । ତୁମୁଳ ଠେଲା ଠେଲି ମଧ୍ୟରେ ସ୍ୱେଚ୍ଛାସେବକମାନେ ଗାନ୍ଧିଜୀ ଓ ତାଙ୍କର ସହଯାତ୍ରୀମାନଙ୍କ ପାଇଁ ବାଟକରି ଦେଲେ । ସେମାନେ ଯାଇ ମଟରରେ ବସିଲେ । ସେତେବେଳେ କଟକରେ ତିନିଚାରି ଖଣ୍ଡ ମୋଟର ଗାଡ଼ି ଥାଏ । ତହିଁ ମଧ୍ୟରୁ ଖଣ୍ଡେ ସ୍ୱର୍ଗୀୟ ଗଣେଶଲାଲ ପଣ୍ଡିତଙ୍କର । ଗାନ୍ଧିଜୀଙ୍କୁ ଷ୍ଟେସନରୁ ଆଣିବା ପାଇଁ ସେ ତାହା ଯୋଗାଇ ଦେଇ ଥାଆନ୍ତି । ଏହା ଅଳ୍ପ ସାହାସର କଥା ନୁହେଁ ।

ପଟୁଆର ଷ୍ଟେସନଠାରୁ ରାଣୀହାଟ, ବକ୍‌ସିବଜାର ଚୌଧୁରୀବଜାର, ବାଲୁବଜାର ବାଟେ ସାହେବଜାଦା ବଜାରରେ ଥିବା ସ୍ୱରାଜ୍ୟ ଆଶ୍ରମ ଆଡକୁ ଚାଲିଲା । ସେ ଯୁଗରେ କଟକରେ ବିଜୁଳିବତୀ କଥା କଳ୍ପନାରେ ମଧ୍ୟ ନଥିଲା । ବୋଧହୁଏ ପେଟ୍ରୋମାକ୍‌ସ ଲାଇଟ ମଧ୍ୟ ଆବିଷ୍କୃତ ହୋଇ ନଥିଲା । ପଟୁଆରରେ ଥିବା ଲୋକେ କିଏ କେଉଁଠାରୁ ଗୋଟାଏ ଗୋଟାଏ କାର୍ବାଇଡ୍ ଗ୍ୟାସ୍ ବତୀ ଧରି ପଟୁଆରରେ ଚାଲି ଥିଲେ ।

ଆଜିକାଲି ଆମେ ନାନା ଢଙ୍ଗ ନାନା ରଙ୍ଗର ପଟୁଆର ଦେଖୁଛୁ । କଥା କଥାକେ ପଟୁଆର ହେଉଛି । ଗାଁ ଗଣ୍ଡାରୁ ଶହେ ଖଣ୍ଡେ ଲୋକଙ୍କୁ ଡାକି ଆଣି ମାଇଲିଏ ଲମ୍ବ ପଟୁଆର ହେଉଛି । ଏହା ସେ ଧରଣର ପଟୁଆର ନଥିଲା । ଏହା ଥିଲା ଜନସମୁଦ୍ରର ସ୍ୱାଭାବିକ ଭାବରେ ପ୍ରାକୃତିକ ଅଭିବ୍ୟକ୍ତି । ଜନସାଧାରଣଙ୍କ ଆତ୍ମାର ସ୍ଫୁରଣ ।

କଟକ ସେ ସମୟର ଓଡ଼ିଶାର ରାଜଧାନୀ । ଏହାର ଜନସଂଖ୍ୟା ୭୫ହଜାରରୁ ବେଶୀ ନଥିଲା । ବର୍ଷରେ ଦୁଇଥର ଏ ସହରରେ ବଡ଼ ପଟୁଆର ଦେଖା ଦେଉଥିଲା—ଦଶରା ଓ ମୋହରମ । ସେଥିରେ ଜନତାର ଆକର୍ଷଣ, କିନ୍ତୁ ଗାନ୍ଧିଜୀଙ୍କ ଆଗମନ ଉପଲକ୍ଷେ ରେଳ-ଷ୍ଟେସନଠାରୁ ରାଣୀହାଟ ଛକ ପର୍ଯ୍ୟନ୍ତ ଯେଉଁ ପଟୁଆର ଲମିଥିଲା, ତାହା ଥିଲା, ଜନସମୁଦ୍ରଙ୍କ ଆନ୍ତରିକ ଅଭିବ୍ୟକ୍ତି ।

ଯେଉଁଠାରେ ପରାଧୀନତା ସେହିଠାରେହିଁ ବିଦ୍ରୋହର ଦୁର୍ବାର ଶକ୍ତି ମୁଣ୍ଡ ଟେକି ଉଠିଥାଏ । ଯେଉଁଠାରେ

ଅତ୍ୟାଚାରର ସେହିଠାରେହିଁ ପ୍ରତିରୋଧ ଜନ୍ମଲାଭ କରିଥାଏ । ପ୍ରକାଣ୍ଡ ବ୍ରିଟିଶ ସାମ୍ରାଜ୍ୟ । ଯେଉଁଠିରେ ସୂର୍ଯ୍ୟ ଅସ୍ତମିତ ହୁଅନ୍ତି ନାହିଁ । ଆମର କବିବର ରାଧାନାଥ ଏହା ଜଗତରେ ଅଜେୟ ବୋଲି ଲେଖିଥିଲେ । ସେହି ସାମ୍ରାଜ୍ୟ ବିରୁଦ୍ଧରେ ଭାରତବାସୀଙ୍କ ବିଦ୍ରୋହ । ସେହି ବିଦ୍ରୋହର ମୂର୍ତ୍ତିମାନ ବିଗ୍ରହ ଗାନ୍ଧିଜୀ । ସେ କିଏ, ତାଙ୍କର ପିତାମାତା କିଏ, ତାହା ହୁଏତ ସେ ସମୟରେ ଲୋକେ ଜାଣି ନଥିଲେ । କିନ୍ତୁ ତାଙ୍କ କଣ୍ଠରୁ ବିପ୍ଳବର ଯେଉଁ ଆହ୍ୱାନ କୁରୁକ୍ଷେତ୍ରର ଶଙ୍ଖନାଦ ପରି ଆକୁମାରୀ ହିମାଚଳରେ ପ୍ରତିଧ୍ୱନିତ ହେଉଥିଲା ତାହାହିଁ ତାଙ୍କ ପ୍ରତି ଭାରତବାସୀଙ୍କୁ ଆକର୍ଷିତ କରୁଥିଲା । ପରାଧୀନ ଦେଶରେ ଏହାହିଁ ଥିଲା ସେମାନଙ୍କ ପକ୍ଷରେ ଗୋଟାଏ ନୂଆ ଅନୁଭୂତି ।

ଗାନ୍ଧିଜୀ ସ୍ୱରାଜ୍ୟ ଆଶ୍ରମର ଉପର ମହଲରେ ରହିଲେ । ସେ ଛେଳି ଦୁଧ ଖାଆନ୍ତି । ଗୋପୀ ପୁଷ୍ଟି ଛକର ଏକୁ ମିଆଁ ସ୍ୱତଃପ୍ରବୃତ୍ତ ହୋଇ ତାର ଛେଳିପଲ ଭିତରୁ ଦୁଇଟା ଦୁଧିଆଳୀ ଛେଳି ବାନ୍ଧି ଦେଇଗଲା । ଗାନ୍ଧିଜୀଙ୍କ ମୁଣ୍ଡନ ପାଇଁ ବାଖରାବାଗର ଗନ୍ଧର୍ବ ମାହାନା ଉପସ୍ଥିତ ହେଲା । ସେ କମିସନର ସାହେବଙ୍କ ବାରିକ ।

ପ୍ରାର୍ଥନା ସଭା ପରେ ପରେ ପଣ୍ଡିତ ଗୋପବନ୍ଧୁ ଦାଶ, ଓ କର୍ମୀମାନଙ୍କ ସହିତ ଅସହଯୋଗ ଆନ୍ଦୋଳନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା ଚାଲିଲା ।

ସନ୍ଧ୍ୟା ସମୟରେ ହାତୀଗଡ଼ା ଘାଟରେ ଥିବା କାଠଯୋଡ଼ି ନଦୀ ବାଲିରେ ସଭା ହେଲା । ଏଥିରେ ଅନ୍ତତଃ ଦଶହଜାର ଲୋକ ଯୋଗ ଦେଇଥିଲେ । ତତ୍‌ପୂର୍ବରୁ ଗାନ୍ଧିଜୀ ବିନୋଦବିହାରୀରେ ମହିଳାମାନଙ୍କ ଓ ଜୁମା ମସଜିଦରେ ମୁସଲମାନମାନଙ୍କ ସଭାରେ ଯୋଗଦାନ କରିଥିଲେ । ତାଙ୍କ ଭାଷଣର ମୂଳସୂତ୍ର ସତ୍ୟ ଓ ଅହିଂସା । ଅସହଯୋଗ କାର୍ଯ୍ୟକ୍ରମ ଅନୁସାରେ ବ୍ରିଟିଶ ସରକାରଙ୍କଠାରୁ ସର୍ବପ୍ରକାର ସହଯୋଗ ପ୍ରତ୍ୟାହାର । ଏଥିପାଇଁ କୋର୍ଟକଚେରୀ ବର୍ଜନ, ବ୍ରିଟିଶ ସରକାରଙ୍କ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନ ବର୍ଜନ, ବିଦେଶୀ ବର୍ଜନ, ନିଶାଦ୍ରବ୍ୟ ବର୍ଜନ ଆଦି । ତା ସହିତ ଗଠନମୂଳକ କାର୍ଯ୍ୟ—ଗ୍ରାମ ସଂଗଠନ, ପଞ୍ଚାୟତ ସ୍ଥାପନ, ଚରଟ ପ୍ରଚାର, ହିନ୍ଦୁ-ମୁସଲମାନ ଏକତା ପ୍ରତିଷ୍ଠା ।

ଏସବୁ କାର୍ଯ୍ୟ ଭାରତୀୟ ଜାତୀୟ କଂଗ୍ରେସ ଜରିଆରେ ସଂଗଠିତ କରିବାକୁ ହେବ । ସେଥିପାଇଁ କଂଗ୍ରେସକୁ ଶକ୍ତିସଂପନ୍ନ କରି ଗଢ଼ିବାକୁ ହେବ । ସେତେବେଳେ ଭାରତର ଜନସଂଖ୍ୟା ୩୦ କୋଟି । ସେମାନଙ୍କ ମଧ୍ୟରୁ ବର୍ଷକ ମଧ୍ୟରେ ଏକକୋଟି କଂଗ୍ରେସ ସଭ୍ୟ ଓ ଲୋକମାନ୍ୟ ତିଳକଙ୍କ ନାମରେ ପ୍ରତିଷ୍ଠିତ ତିଳକ ସ୍ୱରାଜ୍ୟ ପାଣ୍ଠି ଲାଗି ଏକ କୋଟି ଟଙ୍କା ସଂଗ୍ରହ କରିବାକୁ ପଡ଼ିବ । ଯେଉଁମାନେ କଂଗ୍ରେସ ସଭ୍ୟ ହେବେ ସେମାନଙ୍କୁ କଂଗ୍ରେସର ମୂଳ ଉଦ୍ଦେଶ୍ୟ ଗ୍ରହଣ କରିବାକୁ ପଡ଼ିବ । ତାହା ହେଲା—ଶାନ୍ତିପୂର୍ଣ୍ଣ ଓ ନ୍ୟାୟସଂଗତ ଉପାୟରେ ଭାରତବାସୀଙ୍କ ଦ୍ୱାରା ସ୍ୱରାଜ୍ୟ ପ୍ରାପ୍ତି ।

୧୯୨୦ ଡିସେମ୍ବର ମାସରେ ନାଗପୁର କଂଗ୍ରେସ । ସେଠାରୁ ଫେରି ପଣ୍ଡିତ ଗୋପବନ୍ଧୁ ଦାଶ କଟକରେ ପହଞ୍ଚିଲେ । ସେତେବେଳେ ଆଜି ଯେଉଁଠାରେ ସ୍ୱରାଜ୍ୟ ଆଶ୍ରମ ସେଠାରେ ସତ୍ୟବାଦୀ ମେସ୍ ଥାଏ । ତାହାର ପୂର୍ବ ପାଖକୁ ଖଣ୍ଡେ ଛୋଟ ଚାଳଘର । ତାହା ବର୍ତ୍ତମାନ ନାହିଁ, ଭାଙ୍ଗି ଦିଆଯାଇଛି । ସେହିଘରେ ଓଡ଼ିଶାରେ ଭାରତୀୟ ବିପ୍ଳବର ପ୍ରଥମ ଆଲୋଚନା ଅନୁଷ୍ଠିତ ହୋଇଥିଲା ।

ଜାନୁୟାରୀ ମାସର ତୃତୀୟ ସପ୍ତାହ । ଘଟଣା ପରମ୍ପରା ତୀବ୍ର ଭାବରେ ଗତିକଲା । ଧର୍ମାନନ୍ଦ ପଟ୍ଟନାୟକ, ଭାଗୀରଥି ମହାପାତ୍ର, ପୁରୀର ଜଗବନ୍ଧୁ ସିଂହ ପ୍ରମୁଖ ଓକିଲାତି ଛାଡ଼ି ଆସିଲେ; ଯଦୁମଣି ମଙ୍ଗରାଜ, ହରେକୃଷ୍ଣ ମହତାବ ପ୍ରମୁଖ କଲେଜ ଛାତ୍ରମାନେ ସ୍କୁଲ କଲେଜ ଛାଡ଼ି ଆସିଲେ; ନିରଞ୍ଜନ ପଟ୍ଟନାୟକ, ବ୍ରଜବନ୍ଧୁ ଦାସ, ନନ୍ଦ କିଶୋର ଦାସ କଲିକତାରୁ ଓକିଲାତି ପଢ଼ା ଛାଡ଼ି ଆସିଲେ । ପାଟନାର ମଦନ ମୋହନ ପଟ୍ଟନାୟକ, ଦୁଃଖୀଶ୍ୟାମ ମିଶ୍ର ଆଦି ଇଂଜିନିୟରିଂ ପାଠ ଛାଡ଼ି ଆସିଲେ; ଡାକ୍ତରୀ କାମ ଛାଡ଼ି ଆସିଲେ ଡକ୍ଟର ଅଟଳ ବିହାରୀ ଆଚାର୍ଯ୍ୟ । ଗୋପବନ୍ଧୁ ଚୌଧୁରୀ ଡେପୁଟି ମାଜିଷ୍ଟ୍ରେଟ୍ କାମ ଛାଡ଼ି ଆସିଲେ । ବୀର କିଶୋର ଦାସ ଆଦି ସରକାରୀ ଚାକିରି ଛାଡ଼ି ସ୍ୱରାଜ୍ୟ ସଂଗ୍ରାମରେ ଝାସ ଦେଲେ । ଆଉ ଆସିଲେ ସନ୍ନ୍ୟାସୀ ଦୁଇଜଣ—ବାବାଜୀ ରାମଦାସ ଓ ସ୍ୱାମୀ ପୂର୍ଣ୍ଣାନନ୍ଦ । ଏମାନେ ସମସ୍ତେ ସ୍ୱରାଜ୍ୟ ଆଶ୍ରମରେ ଏକତ୍ରିତ ହେଲେ ।

ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ଗଠିତ ହେଲା । ପଣ୍ଡିତ ଗୋପବନ୍ଧୁ ଦାଶ ଏହାର ସଭାପତି ଓ ଭାଗୀରଥି ମହାପାତ୍ର ସଂପାଦକ ହେଲେ । ପ୍ରଦେଶ କଂଗ୍ରେସ କମିଟି ଅଫିସ ସ୍ୱରାଜ୍ୟାଶ୍ରମରେ ରହିଲା । ସେତେବେଳେ ଓଡ଼ିଶା ବିହାର—ଓଡ଼ିଶା ପ୍ରଦେଶର ଗୋଟାଏ ଡିଭିଜନ ଥିଲା । ଜଣେ କମିସନର ଏହାର ଶାସନ ଦାୟିତ୍ୱରେ ରହୁଥିଲେ । ମାନଚିତ୍ରରେ ଓଡ଼ିଶାର ନାମ ମଧ୍ୟ ନଥିଲା । ଜଗନ୍ନାଥଙ୍କ ଯୋଗୁଁ ଏ ଅଞ୍ଚଳ ଭାରତରେ ତଥା ବିଶ୍ୱରେ ପରିଚିତ ଥିଲା । ଭାରତ ଜାତୀୟ କଂଗ୍ରେସ ସର୍ବପ୍ରଥମେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶରୂପେ ସ୍ୱୀକୃତି ପ୍ରଦାନ କରିଥିଲା । ଭାଷା ସୂତ୍ରରେ ପ୍ରଦେଶ ଗଠନ ନୀତି ଏହିଠାରୁ ପ୍ରବର୍ତ୍ତିତ ହୋଇଥିଲା ।

ଦିନ କେତୋଟା ମଧ୍ୟରେ ସ୍ୱରାଜ୍ୟ ଆଶ୍ରମରେ ପ୍ରାୟ ଦୁଇଶହ କର୍ମୀ ସମବେତ ହୋଇଗଲେ । ସେମାନଙ୍କ ଖାଦ୍ୟ ବନ୍ଦୋବସ୍ତ ଆୟୋଜନ କରାଯିବା ଆବଶ୍ୟକ । ଘରେ ଘରେ ମୁଷ୍ଟିଭିକ୍ଷା ପାଇଁ ବ୍ୟବସ୍ଥା କରାଗଲା । ସ୍ୱେଚ୍ଛାସେବକମାନେ ଘରେ ଘରେ ବୁଲି ମୁଠି ଚାଉଳ ସଂଗ୍ରହକରି ଆଣନ୍ତି । ସେହି ପଞ୍ଚବର୍ଣ୍ଣ ଚାଉଳର ଭାତ, ଡାଲି ଓ ପରିବା ମିଶି ସିଝା ହୋଇଥିବା ଡାଲମା କର୍ମୀମାନଙ୍କର ଏକମାତ୍ର ଖାଦ୍ୟ । ଯେଉଁଦିନ ଚେଞ୍ଚୁଲି ଟିକିଏ, ଲଙ୍କାମରିଚ ଗୋଟାଏ ମିଳେ ସେଦିନ ବିରାଗର

ଭୋଜିପରି ଲାଗେ । ଏହି କର୍ମୀମାନେ ଉଟା ଖଣ୍ଡେ ଖଣ୍ଡେ ମୁଣ୍ଡରେ ଦେଇ ଗାମୁଛା ଖଣ୍ଡେ ଖଣ୍ଡେ ପାରି ବା ଖାଲି ଭୂଇଁରେ ଶୋଇ ପଡ଼ନ୍ତି । ବଡ଼ଠାରୁ ସାନ ପର୍ଯ୍ୟନ୍ତ ସମସ୍ତେ ଗୋଟାଏ ପରିବାରର ଲୋକପରି ଚଳନ୍ତି ।

ଘର ଛାଡ଼ି, ଶିକ୍ଷା ଛାଡ଼ି, ଚାକିରି ଛାଡ଼ି ଏହି ଯେଉଁ କର୍ମୀମାନେ ସ୍ୱାଧୀନତା ଅନଳରେ ପତଙ୍ଗ ପରି ଝାସ ଦେଇ-ଥିଲେ ସେମାନଙ୍କ ଆଗରେ ଥିଲା କଅଣ ? ଅନ୍ଧକାରମୟ ଅନିଶ୍ଚିତ ଭବିଷ୍ୟତ, ନିରବଚ୍ଛିନ୍ନ ଅତ୍ୟାଚାର, ଜେଲ, ଜୋରିମାନା , ଠେଙ୍ଗା ଓ ଗୁଳି ମାଡ଼ । ଭବିଷ୍ୟତରେ ସମସ୍ତ ଆଶା, ସମସ୍ତ ଭରସାକୁ ଭୁଲି ସେମାନେ ସେ ସତ୍ୟ, ଅହିଂସା ଓ ତ୍ୟାଗର ହୋମାନଳ ମଧ୍ୟକୁ ଡେଇଁ ପଡ଼ିଥିଲେ, ଅତି ସାଧାରଣଲୋକ ହୋଇ ମଧ୍ୟ ଅସାଧ୍ୟ ସାଧନ କରିପାରିଥିଲେ, ଆଜି ୬୧ବର୍ଷ ଧରି ଏହି କଥାହିଁ ଭାବୁଛି । ଇତିହାସ ଏହାର କୌଣସି ଯୁକ୍ତିଯୁକ୍ତ କାରଣ ନିର୍ଦ୍ଦେଶ କରି ପାରୁନାହିଁ । କେଉଁ ଅଦୃଶ୍ୟଶକ୍ତି ଦ୍ୱାରା ପରିଚାଳିତ ହୋଇ ଲକ୍ଷ ଲକ୍ଷ ଲୋକ ଅହିଂସା ସଂଗ୍ରାମରେ ଯୋଗ ଦେଇ ଥିଲେ । ଅର୍ଦ୍ଧଶତାବ୍ଦୀରୁ ଅଧିକ ଅତୀତ ହେଲେ ମଧ୍ୟ ତାହାର ବିଶ୍ଳେଷଣ ସମ୍ଭବ ହେଉନାହିଁ । ମନେ ହେଉଛି, ଦିନେ ନା ଦିନେ ତାହା ଆବିଷ୍କୃତ ହେବ, ତାହାହେଲେ ହୁଏତ ଭାରତ—କେବଳ ଭାରତ ନୁହେଁ, ସମଗ୍ର ମାନବ ସମାଜ ଆଣବିକ ଆତ୍ମହତ୍ୟା କବଳରୁ ନିଷ୍କୃତି ପାଇବ । ଏହି ଆଶାକୁ ପାଥେୟକରି ଏ ଅଶୀ ବର୍ଷର ବୁଢ଼ା ବଞ୍ଚିଛି ।



# ନାଗପୁର ଝଣ୍ଡା ସତ୍ୟାଗ୍ରହ

ଶ୍ରୀ ଚନ୍ଦ୍ରଶେଖର ନାୟକ

୧୯୪୨ ଅଗଷ୍ଟ ୮ ତାରିଖରେ ଭାରତରୁ ଇଂରେଜ ଶାସନର ଚୂଡ଼ାନ୍ତ ଅପସାରଣ ଦାବୀ କରି ଯେଉଁ ଜାତୀୟ କଂଗ୍ରେସ "ଭାରତ ଛାଡ଼" ଆହ୍ୱାନ ଦେଇଥିଲେ, ସେହି କଂଗ୍ରେସର ସ୍ଥାପନା ମୂଳରେ ଜଣେ ସ୍ୱାଧୀନଚେତା ବ୍ରିଟିଶ୍ ପ୍ରଶାସକ ମିଃ ହ୍ୟୁମ୍‌ଙ୍କର ପ୍ରେରଣା ଥିଲା, ଏହା ବାସ୍ତବିକ ବଡ଼ ବିଚିତ୍ର ମନେହୁଏ । ତାଙ୍କରି ପ୍ରେରଣାରେ ୧୮୮୫ ଡିସେମ୍ବର ୨୮ ତାରିଖରେ ବମ୍ବେ ନଗରୀରେ ୭୨ ଜଣ ପ୍ରତିନିଧିଙ୍କୁ ନେଇ ଶ୍ରୀ ଉମେଶ ଚନ୍ଦ୍ର ବାନାର୍ଜିଙ୍କ ସଭାପତିତ୍ୱରେ ଅଖିଳ ଭାରତ ଜାତୀୟ କଂଗ୍ରେସ ଜନ୍ମ ଲାଭ କରିଥିଲା । ସ୍ୱାଧୀନତା ନୁହେଁ, ଉଚ୍ଚ ଚାକିରୀରେ ଭାରତୀୟଙ୍କ ପ୍ରବେଶାଧିକାର ଥିଲା କଂଗ୍ରେସର ଲକ୍ଷ୍ୟ । ତେଣୁ, କଂଗ୍ରେସର ନିଜର ବୋଲି କୌଣସି ଜାତୀୟ ପତାକାର ପରିକଳ୍ପନା ନ ଥିଲା । ବିଜିତ ଦେଶର ପତାକା ୟୁନିୟନ ଜ୍ୟାକ୍‌କୁ ନିଜର ପତାକା ରୂପେ କଂଗ୍ରେସ ବରଣ କରିନେଇ ଥିଲେ ।

ସବଶାକ୍ରମେ ବହୁ ସ୍ୱାଧୀନତା ଲିପ୍ସୁ ନବ ଯୁବକ କଂଗ୍ରେସରେ ଯୋଗ ଦେଇ ସ୍ୱାଧୀନତା ପ୍ରାପ୍ତି ଲକ୍ଷ୍ୟରେ କଂଗ୍ରେସ ଆଭିମୁଖ୍ୟର ପରିବର୍ତ୍ତନ କରିଥିଲେ ସତ, ମାତ୍ର ୟୁନିୟନ ଜ୍ୟାକ୍‌କୁ କଂଗ୍ରେସ ଛାଡ଼ି ପାରିଲା ନାହିଁ ।

## ସ୍ୱତନ୍ତ୍ର ପତାକା ପାଇଁ ବାପୁଜୀ

ବିଧାତାର ନିର୍ଦ୍ଦେଶରେ ଭାରତର ଅଗଣିତ ମୂକ ଦରିଦ୍ର ଜନସାଧାରଣଙ୍କ ଆଶା ଆକାଂକ୍ଷାର ପ୍ରତୀକ ରୂପେ ଭାରତ ରାଜନୈତିକ ଗଗନରେ ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ ରୂପେ ଉଦ୍‌ଭାସିତ ହେଲେ ଆମର ପରମ ପ୍ରିୟ ବାପୁଜୀ—ମହାତ୍ମା ଗାନ୍ଧୀ । ଦୃଷ୍ଟି ତାଙ୍କର ଥିଲା ସୁଦୂର ପ୍ରସାରୀ, ସହରରୁ ଗ୍ରାମ୍ୟାଭିମୁଖୀ । ଭାରତର ସାଢ଼େ ୭ ଲକ୍ଷ ଗାଁ ଗହଳ କଂଗ୍ରେସ ମଣ୍ଡରେ ସଂଗଠିତ ନ ହେଲେ ଦୁର୍ଦ୍ଧର୍ଷ ଇଂରେଜ ଶାସନକୁ ହଟାଇବା ଅସମ୍ଭବ । ଏହି ଲକ୍ଷ୍ୟରେ ସେ କଂଗ୍ରେସକୁ ରୂପ ଦେବା ପାଇଁ ବଦ୍ଧ ପରିକର ହେଲେ । ଆମ ଗାଁ ଗହଳର କୋଟି କୋଟି ଜନତା କଂଗ୍ରେସ କଥା ବୁଝିବେ । କଂଗ୍ରେସ ମଧ୍ୟବର୍ତ୍ତିତାରେ ଜନନୀ ଜନ୍ମଭୂମିକୁ ଚିହ୍ନିବେ ଓ ଜନ୍ମଭୂମିର ଦେବତ୍ତି ପ୍ରତିମା ରୂପେ ଏକ ସ୍ୱତନ୍ତ୍ର ପତାକା ଉଡ଼ାଇବେ—ତେବେ ଯାଇ କଂଗ୍ରେସ ସ୍ୱାଧୀନତା ଯୁଦ୍ଧ ଜିଣିବାର ପଥ ସୁଗମ ହେବ ।

## ପରମ୍ପରା ପ୍ରତି ସମ୍ମାନ

ସୁତରାଂ ସର୍ବାଦୌ ଲୋଡ଼ା ପଡ଼ିଲା ଏକ ଜାତୀୟ ପତାକା । ୟଂ ଇଣ୍ଡିଆ ଜରିଆରେ ମହାତ୍ମାଜୀ ଜନମତ ଲୋଡ଼ିଲେ । ଶିଳ୍ପୀ, କଳାକାର, ଐତିହାସିକ ଓ ଦେଶ ଭକ୍ତମାନଙ୍କୁ ପତାକାର ରୂପରେଖ ଦେବାକୁ ଆହ୍ୱାନ କଲେ । ୧୮୫୭ ମସିହା ସିପାହୀ ବିଦ୍ରୋହର ସବୁଜ ଧ୍ୱଜା, ୧୯୦୮ ଅଗଷ୍ଟ ୧୮ ତାରିଖରେ ଜର୍ମାନ ରାଜଧାନୀ ବର୍ଲିନ ନଗରୀ ଷ୍ଟୁଟ୍‌ଗାଟ୍ ଠାରେ ଅନୁଷ୍ଠିତ ଏକ ଆନ୍ତର୍ଜାତିକ ସମାଜବାଦୀ କଂଗ୍ରେସରେ ମ୍ୟାଡ଼ାମ୍ କମା ଓ ସ୍ୱାମୀଜୀ କୃଷ୍ଣ ବର୍ମାଙ୍କ ପ୍ରେରଣା ବଳରେ ଆତ୍ମପ୍ରକାଶ କରିଥିବା ପ୍ରବାସୀ ଭାରତୀୟମାନଙ୍କର ସର୍ବପ୍ରଥମ ତ୍ରିରଙ୍ଗ ଝଣ୍ଡା, ବଙ୍ଗ ଭଙ୍ଗ ବିପ୍ଳବରେ ବ୍ୟବହୃତ ତ୍ରିରଙ୍ଗ ପତାକା ଓ ହୋମ୍‌ରୁଲ୍ ଆନ୍ଦୋଳନରେ ଡକ୍ଟର ଶ୍ରୀମତୀ ଆନିବେଶାନ୍ତଙ୍କ ଦ୍ୱାରା ବ୍ୟବହୃତ ନବପଟ୍ଟୀଯୁକ୍ତ ଧ୍ୱଜାଗୁଡ଼ିକୁ ଅନୁଧ୍ୟାନକୁ ନିଆଗଲା ।

## ମନଲକ୍ଷି ପତାକା ତ୍ରିରଙ୍ଗ ଝଣ୍ଡା

ପରିଶେଷରେ ସବୁଦିଗରୁ ମନଲକ୍ଷି ହେଲାଭଳି ଏକ ତ୍ରିରଙ୍ଗ ଝଣ୍ଡା ସ୍ୱାଧୀନତା ସଂଗ୍ରାମର ସାର୍ବଜନୀନ ଅହିଂସକ ଆୟୁଧ ଚରଖାକୁ ବକ୍ଷରେ ଧାରଣ କରି କଂଗ୍ରେସ ପତାକା ରୂପେ ସ୍ୱୀକୃତି ଲାଭ କଲା । ଏହି ପତାକାର ନିମ୍ନ ଭାଗରେ ଥିଲା ନାଲି, ମଧ୍ୟ ଭାଗରେ ସବୁଜ ଓ ଶୀର୍ଷ ଭାଗରେ ଶ୍ୱେତ । ଏହି ରଙ୍ଗଗୁଡ଼ିକ ଯଥାକ୍ରମେ ହିନ୍ଦୁ, ମୁସଲମାନ ଓ ଇତର ସଂଖ୍ୟା ଲଘିଷ୍ଠ ଗୋଷ୍ଠୀଙ୍କର ପ୍ରତୀକ ଥିଲା । ଏହି ପ୍ରତ୍ୟେକ କପଡ଼ାର ଲମ୍ବ ଓସାର ସମାନ ଥିବାରୁ ଓ ପ୍ରତ୍ୟେକ ପ୍ରସ୍ଥ ପରସ୍ପର ସୀବନସୂତ୍ରରେ ସଂଶ୍ଳିଷ୍ଟ ଥିବାରୁ ଭାରତୀୟମାନଙ୍କର ଘନିଷ୍ଠ ସାଂପ୍ରଦାୟିକ ଏକତା ଓ ସମାନ ନାଗରିକ ଅଧିକାର ସୂଚିତ ଥିଲା ।

## ଇଉନିୟନ୍ ଜ୍ୟାକ୍‌ର ଅପସାରଣ

୧୯୨୦ ଡିସେମ୍ବର ୨୭ ତାରିଖ । କଂଗ୍ରେସକୁ ୩୬ବର୍ଷ ପୂରିଯାଇଥାଏ । କଂଗ୍ରେସର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହେଉଥାଏ ଅହମଦାବାଦରେ । ଏହି ଅଧିବେଶନରେ ପ୍ରଥମ ହୋଇ ଉତ୍ତୋଳିତ ହେଲା କଂଗ୍ରେସର

ନବ-ପ୍ରସୂତ ଚରଖା ଲାଞ୍ଛିତ ତ୍ରିରଙ୍ଗ ଝଣ୍ଡା । ଦୀର୍ଘ ୩୬ ବର୍ଷ ଧରି ଉଡ଼ି ଆସିଥିବା ୟୁନିୟନ୍ ଜ୍ୟାକ୍‌କୁ କଂଗ୍ରେସରୁ ହଟାଇ ଦିଆଗଲା । କଂଗ୍ରେସ ଇତିହାସରେ ଆରବ୍ଧ ହେଲା ଏକ ସ୍ୱତନ୍ତ୍ର ଅଧ୍ୟାୟ ।

## ସରକାରଙ୍କ ପ୍ରମାଦ

ଏହି ଐତିହାସିକ ଘଟଣାର ମହତ୍ତ୍ୱ ଜନସାଧାରଣ ଉପଲବ୍ଧି କରିବା ପୂର୍ବରୁ ପତାକା ବିଷୟରେ ଚେତନଶୀଳ ଇଂରେଜ ସରକାର ସ୍ୱାଧୀନତା ଆନ୍ଦୋଳନରେ ସ୍ୱତନ୍ତ୍ର ପତାକାର ସୁଦୂର ପ୍ରସାରୀ ପ୍ରଭାବ ଶୀଘ୍ର ହୃଦୟଙ୍ଗମ କରି-ନେଲେ । କଂଗ୍ରେସ ତଥା କଂଗ୍ରେସର ଏହି ତ୍ରିରଙ୍ଗ ଝଣ୍ଡା ଯେପରି ଜନସାଧାରଣଙ୍କ ଭିତରେ ପ୍ରବେଶ ଲାଭ କରି ନ ପାରେ ସେଥିପାଇଁ ନାନାଭାବରେ ନାନାସ୍ତରରେ ସରକାରୀ ଦମନଲୀଳା ଓ ଅପପ୍ରଚାର ଆରମ୍ଭ କରି ଦିଆଗଲା ।

## ଏକ ସଂଗଠିତ ପ୍ରତିରୋଧ

ଏଥିରେ କଂଗ୍ରେସର ତେଜବୀର୍ଯ୍ୟ ବଢ଼ିଲା ସିନା, କମିଲାନାହିଁ । ସତ୍ୟାଗ୍ରହୀ କଂଗ୍ରେସ କର୍ମୀମାନେ ପତାକାର ମହତ୍ତ୍ୱ ରକ୍ଷାପାଇଁ କେଉଁଠି ବ୍ୟକ୍ତିଗତ ଭାବରେ କେଉଁଠିବା ସାମୂହିକ ଭାବରେ ନାନା ଅନ୍ୟାୟ ଅତ୍ୟାଚାର ଓ ନିର୍ଯ୍ୟା-ତନାର ସମ୍ମୁଖୀନ ହେବାକୁ ଲାଗିଲେ । ନାଗପୁର ଝଣ୍ଡା ସତ୍ୟାଗ୍ରହ ସେହିପରି ଏକ ସଂଗଠିତ ପ୍ରତିରୋଧ ।

୧୯୨୩ ମଇ ଏକ ତାରିଖ । ମଧ୍ୟପ୍ରଦେଶ ରାଜଧାନୀ ନାଗପୁର ସହରର ଏକ ସାଧାରଣ ମାର୍ଗ (ସିଭିଲ ଲାଇନ୍) ମଧ୍ୟଦେଇ ଦଳେ ସ୍ୱୟଂସେବକ ତ୍ରିରଙ୍ଗ ଝଣ୍ଡା ହସ୍ତରେ ଶୋଭାଯାତ୍ରାକରି ଯାଉଥାନ୍ତି । ସହରରେ ବହୁ ଗୋରା ଲୋକଙ୍କର ବସତିଥାଏ । ଏହି ଗୋରା ବସ୍ତି ଦେଇ ଝଣ୍ଡା ଶୋଭାଯାତ୍ରା ପରିଚାଳିତ ହେଲେ ସ୍ୱାଧୀନଚେତା ଶ୍ୱେତାଙ୍ଗମାନଙ୍କ ହୃଦୟରେ ଆଲୋଡ଼ନ ସୃଷ୍ଟି ହୋଇପାରେ ଏହି ଆଶଙ୍କାରେ ସରକାରୀ କର୍ତ୍ତୃପକ୍ଷ ଶୋଭାଯାତ୍ରାକୁ ବେଆଇନ ଘୋଷଣାକରି ସଂପୃକ୍ତ ଅଂଚଳରେ ଦଣ୍ଡବିଧି ଆଇନର ୧୪୪ଧାରା ଜାରି କରିଦେବାରୁ ସ୍ୱୟଂସେବକମାନେ ତହିଁର ପ୍ରତିରୋଧ କଲେ । ଏହି ଶୋଭାଯାତ୍ରାକାରୀ ସତ୍ୟାଗ୍ରହୀ ମାନଙ୍କୁ ପୋଲିସ ଗିରଫ କରିନେଲେ ।

## କଂଗ୍ରେସ କମିଟିର ଦୃଷ୍ଟି ଆକର୍ଷଣ

ନାଗପୁର କଂଗ୍ରେସ କମିଟି ଏଘଟଣାକୁ ଏତିକିରେ ବନ୍ଦକରି ଦେବାକୁ ଠିକ୍ କେନୋଚିତ ମଣିଲେନାହିଁ । ଜାତୀୟ ପତାକାର ପ୍ରଚଳନ ନୂଆ ହେଉଥିବାରୁ ଏହି ଘଟଣାରେ ଆଖିବୁଜିଦେଲେ ଅନ୍ୟତ୍ର ଅନୁରୂପ ନିଷେଧାଜ୍ଞା ଜାରି କରିବାରେ ସରକାରୀ ହିମ୍ମତ ବଢ଼ିଯିବ ବିଚାରି ଏହି ନିଷେଧାଜ୍ଞାକୁ ଅମାନ୍ୟ କରିବାକୁ ନିଷ୍ପତ୍ତିକଲେ । ଏଥିପାଇଁ ଏକ ଦଫାଦାରୀ ସତ୍ୟାଗ୍ରହୀଙ୍କ ନାମ ତାଲିକାଭୁକ୍ତ କରାଗଲା ।

## ପ୍ରଥମ ସତ୍ୟାଗ୍ରହୀ ଶ୍ରୀମତୀ ସୁଭଦ୍ରା

ଏଲ୍‌ହାବାଦ ସରକାରୀ ସ୍କୁଲରେ ଅଧ୍ୟାପନା କରୁଥିଲେ ଶ୍ରୀମତୀ ସୁଭଦ୍ରା ଦେବୀ । ଅସହଯୋଗ ଆନ୍ଦୋଳନର ଆହ୍ୱାନରେ ସେ ପଢ଼ାଛାଡ଼ି ବନାରସ ବ୍ରହ୍ମବିଦ୍ୟା ପ୍ରଶିକ୍ଷଣ ସଂସ୍ଥାରେ ଯୋଗ ଦେଇଥିଲେ । ଏତିକିବେଳେ ଝଣ୍ଡା ସତ୍ୟାଗ୍ରହର ବାର୍ତ୍ତା ତାଙ୍କ ପାଖେ ପହଞ୍ଚିଲା । ସେ ନିଜକୁ ପ୍ରଥମ ସତ୍ୟାଗ୍ରହୀ ତାଲିକାରେ ନାମଦେଇ ନାଗପୁର ଆସିଲେ । ଏକ ଶୁଭ ମୁହୂର୍ତ୍ତରେ ଶ୍ରୀମତୀ ସୁଭଦ୍ରା ବିଜୟ ଟୀକା ଗ୍ରହଣକରି ଏକାକିନୀ ଜାତୀୟ ପତାକା ହସ୍ତରେଧରି ବୀର ଦର୍ପରେ ନିଷିଦ୍ଧାଞ୍ଚଳରେ ପ୍ରବେଶ କରନ୍ତେ ତାଙ୍କୁ ଗିରଫକରି ନିଆଗଲା ।

## ରାଜାଜୀଙ୍କ ଆହ୍ୱାନ

ଏହି ଝଣ୍ଡା ସତ୍ୟାଗ୍ରହ ପ୍ରତି ଜନସମର୍ଥନ ଗ୍ରହଣ କରିବା ପାଇଁ ବଡ଼ବଡ଼ ସଭା ସମିତିମାନ ଅନୁଷ୍ଠିତ ହେବାକୁ ଲାଗିଲା । ୧୯୨୩ ମଇ ୩୧ । ପ୍ରବୀଣ ରାଜନୀତିଜ୍ଞ, ପ୍ରାଜ୍ଞ ଚକ୍ରବର୍ତ୍ତୀ ରାଜଗୋପାଳଚାରୀ ନାଗପୁର ଆସି ଝଣ୍ଡା ସତ୍ୟାଗ୍ରହର ମହତ୍ତ୍ୱ ବୁଝାଇ ଏକ ଜ୍ୱାଳାମୟୀ ଭାଷଣରେ ନାଗପୁର ତଥା ଭାରତୀୟ ଜନସାଧାରଣଙ୍କ ବିଚାରଧାରା ବଦଳାଇ ଦେଇଥିଲେ । ତାଙ୍କ ବିଶ୍ଳେଷଣର ସାରମର୍ମ ରହିଛି—

## ପତାକାକୁ ସାମାନ୍ୟ କନା ବିଚାର ନାହିଁ

"ଜାତୀୟ ପତାକା" ସାମାନ୍ୟ କନା କେତୋଟିର ସମଷ୍ଟି ନୁହେ । ଏହା ଆମ ଜାତୀୟତାର ପ୍ରତୀକ । ଏକଥା ଆମେ ସ୍ୱୀକାର କରୁ ବା ନକରୁ ପ୍ରତିପକ୍ଷ ଏହା ସ୍ୱୀକାର କରିଯାଇଛନ୍ତି । ତେଣୁ ଆମ ବିଚାରର ଏହି ସାମାନ୍ୟ କନାଟି ପାଇଁ ଏତେବଡ଼ ଯୁଦ୍ଧର ସୃଷ୍ଟି ହୋଇଛି ଓ ମୋଟା ବେତନଭୋଗୀ କର୍ମଚାରୀମାନେ ନ ଖାଇ ନ ପିଇ ଦିନରାତି ଆସି ଜଗି ରହିଛନ୍ତି ।

## ଆଇନର ବ୍ୟଭିଚାରୀଙ୍କୁ ଉଚିତ ଶିକ୍ଷା ଦିଅ

"ସରକାର ନିଜ ହାତରେ ଯେଉଁ ଆଇନ ଗଢ଼ିଛନ୍ତି ବେଳ ପଡ଼ିଲେ ତହିଁର ବ୍ୟଭିଚାର (ପ୍ରୋସ୍‌ଟିଚ୍ୟୁସନ୍) କରିବାକୁ ପଛାଉ ନାହାନ୍ତି । ୧୪୪ଧାରା ଆଇନରେ ଅଛି ଯେ ଦୁଇ ବା ତତୋଧିକ ବ୍ୟକ୍ତି ନିଷିଦ୍ଧାଞ୍ଚଳରେ ସମବେତ ହେଲେ ତାହାକୁ ଦୋଷାବହ ବିବେଚନା କରାଯାଏ । ମାତ୍ର ଏକାକିନୀ ଯାତ୍ରା କରିଥିବା ସୁଭଦ୍ରାଦେବୀଙ୍କୁ ଗିରଫ କରାଯିବା ଦ୍ୱାରା ସରକାରହିଁ ଏ ଆଇନର ଶିଳପ୍ ' ⌋ କରିଛନ୍ତି । ଯେଉଁମାନଙ୍କ ବସ୍ତି ଦେଇ ଏ ସତ୍ୟାଗ୍ର ଚାଲିଛି, ସେହି ଗୋରାମାନଙ୍କ ମଧ୍ୟରେ କେତେଜଣଙ୍କୁ ଆଣି ନ୍ୟାୟାଳୟର ସାକ୍ଷୀଧଡ଼ାରେ ଛିଡ଼ା କରାଗଲେ ସେମାନେ ନିଶ୍ଚୟ ଏହାର ସତ୍ୟତା ସ୍ୱୀକାର କରିବେ ।

## ଜାତୀୟ ସଂହତି ରକ୍ଷାକର

"ଅସଲକଥା ହେଉଛି ଏ ପତାକାରେ ଜାତି ଧର୍ମର ମିଳନକୁ ସରକାର ବରଦାସ୍ତ କରିପାରୁନାହିଁ । ଯଦି ହିନ୍ଦୁ, ମୁସଲମାନ, ପାର୍ଶି, ଇହୁଦୀ ନିଜର ସ୍ୱତନ୍ତ୍ର ପତାକାଟି-ମାନଧରି ପରସ୍ପର ବିରୁଦ୍ଧରେ ଗ୍ଲୁଲିଥାନ୍ତେ ତେବେ ଦଣ୍ଡ-ଭେଦ ନୀତିର ସମର୍ଥକ ଇଂରେଜ ସରକାରକୁ ବଡ଼ ସୁହାଇଥାନ୍ତା । ମାତ୍ର ଆମ ଜାତୀୟ ପତାକାରେ ଜାତୀୟ ସଂହତିକୁ ଦେଖି ସରକାର ପ୍ରମାଦ ଗଣିଲେଣି ।

## ଚରଖାର ଦବ୍ୟଦୃଷ୍ଟି

"ଆମ ଜାତୀୟ ପତାକାରେ ଚରଖାର ଛବି ଅଛି । ଏହା ବଦଳରେ ବାଘ, ସିଂହ, କିମ୍ବା ବନ୍ଧୁକର ଛବିଥିଲେ ସରକାର ଆପତ୍ତି କରି ନ ଥାନ୍ତେ । ମାତ୍ର ୩୦ କୋଟି ଲୋକଙ୍କ ହାତରେ ୩୦ କୋଟି ଚରଖାକୁ ଶକ୍ତି ପ୍ରୟୋଗକରି ଦମନ କରିବା ଅସମ୍ଭବ " । ପ୍ରବଳ ପରାକ୍ରାନ୍ତ ବିଦେଶୀ ସରକାରକୁ ଅର୍ଥନୈତିକ ବାସନପାଇଁ ଏଥିରେ ଯେଉଁ ବ୍ୟବସ୍ଥା ରହିଛି ସେହିସବୁ ରହସ୍ୟ ଉପଲବ୍ଧିକରି ଜାତୀୟ ପତାକାର ଟେକ ବଜାୟ ରଖିବା ପାଇଁ ଆଇନର ବ୍ୟାରିସ୍ଟର ପାଖରେ ମଥା ନତ ନ କରିବା ପାଇଁ ସେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ ।

## କଂଗ୍ରେସର ସ୍ୱୀକାର

ଏହି ଉଦ୍‌ବୋଧନର ଉଦ୍ଦେଶ୍ୟ ବ୍ୟର୍ଥ ହେଲନାହିଁ । ଜୁଲାଇ ୮,୯,୧୦ ତାରିଖ ମାନଙ୍କରେ ନିଖିଳ ଭାରତ କଂଗ୍ରେସ କମିଟି ନାଗପୁରଠାରେ ବସି ଝଣ୍ଡା ସତ୍ୟାଗ୍ରହକୁ ଏକ ମହାଭାରତୀୟ ସତ୍ୟାଗ୍ରହ ରୂପ ପ୍ରଦାନ କଲେ । କଂଗ୍ରେସର ଏହି ଆହ୍ୱାନରେ ଭାରତର ଚାରିଆଡୁ ସତ୍ୟା-ଗ୍ରହୀମାନେ ତ୍ରିରଙ୍ଗ ଝଣ୍ଡା ହସ୍ତରେ ଧରି ନାଗପୁର ଆସି ସତ୍ୟାଗ୍ରହ ସମରରେ ଝାସ ଦେଲେ । ଆମ ଓଡ଼ିଶାରୁ ଯାଇଥିଲେ ସମ୍ବଲପୁରର ସ୍ୱନାମଧନ୍ୟ ସତ୍ୟାଗ୍ରହୀ ସ୍ୱର୍ଗତ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର । ସର୍ଦ୍ଦାର ବଲ୍ଲଭ ଭାଇଙ୍କ ବଡ଼ଭାଇ ଭିଟଲ ଭାଇଙ୍କୁ ୧୦-୭-୨୩ରୁ ଏହି ମହା-ଭାରତୀୟ ସତ୍ୟାଗ୍ରହର ନେତୃତ୍ୱ ନେବା ପାଇଁ ଆହ୍ୱାନ କରାଗଲା । କାର୍ଯ୍ୟତଃ ପଟେଲ ଭାଇ ଦ୍ୱୟଙ୍କ ନେତୃତ୍ୱରେ ଝଣ୍ଡା ସତ୍ୟାଗ୍ରହ ପରିଚାଳିତ ହେଲା । ଅଖିଳ ଭାରତ କଂଗ୍ରେସ କାର୍ଯ୍ୟକାରୀ କମିଟି ବେଜୱାଡ଼ାଠାରେ ବସି ପଟେଲ ଭାଇଦ୍ୱୟଙ୍କ ନେତୃତ୍ୱକୁ ବିଶେଷ ପ୍ରଶଂସା କରିଥିଲେ ।

ଏହି ସତ୍ୟାଗ୍ରହରେ ଅନ୍ୟତମ ସତ୍ୟାଗ୍ରହୀ ରୂପେ ଗିରଫ ହୋଇଥିଲେ ଶେଠ୍ ଯମୁନାଲାଲ ବଜାଜ । ତାଙ୍କ ଉପରେ କରା ଯାଇଥିବା ୩ ହଜାର ଟଙ୍କା ଜୋରିମାନା ବାବଦ ତାଙ୍କ ମଟରଗାଡ଼ିକୁ ଜବତ କରାଗଲା । ମାତ୍ର ସ୍ମରଣ ରଖିବାର କଥା ଯେ ଏହି ଗାଡ଼ି ନିଲମ ଧରିବାକୁ ନାଗପୁର ବା ବ୍ରିଟିଶ ଭାରତରେ କେହି ଜଣେହେଲେ ମିଳିଲେ ନାହିଁ । ଶେଷରେ ଗାଡ଼ିଟିକୁ ସୁଦୂର କାଠିଆବାଡ଼ ନିଆଯାଇ ଇଂରେଜଶାସନର ପଦଲେହନ କରୁଥିବା ସେଠା ନରପତିଙ୍କୁ ଧରାଇ ଦିଆଯାଇ ଜରିମାନା ଟଙ୍କା ତାଙ୍କଠାରୁ ଆଦାୟ କରାଯାଇଥିଲା ।

## ଗାନ୍ଧୀ ଦିବସ ପାଳନ ଓ ସତ୍ୟାଗ୍ରହର ସଫଳତା

ଅସହଯୋଗ ଆନ୍ଦୋଳନ ସଂଗ୍ରାମରେ ମହାତ୍ମାଗାନ୍ଧୀ ଗିରଫ ହୋଇ ୧୯୨୩ ମାର୍ଚ୍ଚ ୧୮ ତାରିଖରେ ୬ ବର୍ଷ ଶ୍ରମ କାରାଦଣ୍ଡରେ ଦଣ୍ଡିତ ହୋଇଥିବାରୁ ଗାନ୍ଧୀଜୀଙ୍କ ମୁକ୍ତି ଦାବୀ କରି ପ୍ରତି ମାସର ୧୮ ତାରିଖକୁ ଗାନ୍ଧୀ ଦିବସ ରୂପେ ଦେଶବାସୀ ପାଳନ କରୁଥିଲେ । ଝଣ୍ଡା ସତ୍ୟାଗ୍ରହ ବାର୍ତ୍ତାର ବ୍ୟାପକ ପ୍ରସାର ଉଦ୍ଦେଶ୍ୟରେ ପରବର୍ତ୍ତୀ ଜୁଲାଇ ୧୮ ତାରିଖ ଗାନ୍ଧୀ ଦିବସକୁ ପତାକା ଦିବସ ରୂପେ ପାଳନ କରିବା ପାଇଁ ଅଖିଳ ଭାରତ କଂଗ୍ରେସ କମିଟି ଦେଶବାସୀଙ୍କୁ ଆହ୍ୱାନ କଲେ । ତଦନୁଯାୟୀ ଭାରତର ଚାରିଆଡ଼େ ତ୍ରିରଙ୍ଗ ପତାକାର ବ୍ୟାପକ ବ୍ୟବହାର ଓ ଉତ୍ତୋଳନ ଉତ୍ସବମାନ ଅନୁଷ୍ଠିତ ହେବାକୁ ଲାଗିଲା । ଭାରତର ଗଗନ ପବନ ସତେ ଯେପରି ପତାକା ବନ୍ଦନାରେ ଝଂକୃତ ହୋଇ ଉଠିଲା । ପଟେଲଜୀ ବଜ୍ର ଗମ୍ଭୀର ସ୍ୱରରେ ଘୋଷଣା କଲେ ଯେ ନାଗପୁରରେ ସମବେତ ସମସ୍ତ ସତ୍ୟାଗ୍ରହୀ ଜାତୀୟ ପତାକା ହସ୍ତରେ ଧରି ଏହି ଗାନ୍ଧୀ ଦିବସରେ ସମୂହ ଭାବରେ ନିଷିଦ୍ଧାଞ୍ଚଳରେ ପ୍ରବେଶ କରିବେ । ଏହି ଅଟଳ ଆହ୍ୱାନରେ ନାଗପୁର ଶାସନ-କର୍ତ୍ତୃପକ୍ଷ ବଡ଼ ପ୍ରମାଦ ଗଣିଲେ । ୧୯୨୩ ଜୁଲାଇ ୧୮ ର ସେହି ଶୁଭ ମୁହୂର୍ତ୍ତ । ଶାସନ କର୍ତ୍ତୃପକ୍ଷ ୧୪୪ ଧାରା ଉଠାଇବାକୁ ବାଧ୍ୟ ହେଲେ । ଏକ ବିରାଟ ପତାକା ଶୋଭାଯାତ୍ରା ବିନା ବାଧାରେ ନିଷିଦ୍ଧାଞ୍ଚଳରେ ପ୍ରବେଶ କଲା । ଝଣ୍ଡା ସତ୍ୟାଗ୍ରହ ସଫଳ ହେଲା । ସେହି ବର୍ଷ ମୌଲନା ଆଜାଦଙ୍କ ସଭାପତିତ୍ୱରେ ଦିଲ୍ଲୀଠାରେ ଅନୁଷ୍ଠିତ କଂଗ୍ରେସର ଏକ ବିଶେଷ ଅଧିବେଶନରେ ଏହି ଝଣ୍ଡା ସତ୍ୟାଗ୍ରହ ତଥା ସତ୍ୟାଗ୍ରହୀଙ୍କ ପ୍ରତି ସଶ୍ରଦ୍ଧ ସମ୍ମାନ ଜ୍ଞାପନ କରାଗଲା ।

**ପରିଣତି**

## *ଜାତୀୟ ପତାକାର ବହୁଳ ପ୍ରସାର

ଝଣ୍ଡା ସତ୍ୟାଗ୍ରହର ଅବସରରେ ଜାତୀୟ ପତାକାର ମହତ୍ତ୍ୱ ଓ ତାହାର ଇଜ୍ଜତ ରକ୍ଷା ପାଇଁ ଆତ୍ମ ବଳିଦାନର ଆବଶ୍ୟକତା ଚାରିଆଡ଼େ ବିଶେଷ ଚର୍ଚ୍ଚା ହେବାର ସୁଯୋଗ ମିଳିଲା । ପତାକା ସତ୍ୟାଗ୍ରହରେ ଯୋଗଦେବା ପାଇଁ ଭାରତର ଅଭିକନ୍ଦିରୁ ସତ୍ୟାଗ୍ରହୀ ସମାବେଶ ଓ ସେମାନଙ୍କର କାରାବାସ ଘଟଣା ସମ୍ବାଦପତ୍ରରେ ବହୁଳ ପ୍ରସାରିତ ହେବାରୁ ନୂତନ ଜନ୍ମ ପରିଗ୍ରହ କରିଥିବା ତ୍ରିରଙ୍ଗ ପତାକା ଅତି ଅଳ୍ପ ସମୟ ମଧ୍ୟରେ ଭାରତବାସୀଙ୍କ ଜାତୀୟ ପତାକା ରୂପେ ସେମାନଙ୍କ ହୃଦୟରେ ଏକ ସମ୍ମାନାସ୍ପଦ ଆସନ ଲାଭ କଲା ।

## ❊ହିନ୍ଦୁସ୍ଥାନୀ ସେବାଦଳର ଜନ୍ମ

ନାଗପୁର ବନ୍ଦୀଶାଳାରେ ଭାରତର ଗୁରିଆଡୁ ଆସିଥିବା ନେତୃସ୍ଥାନୀୟ ବ୍ୟକ୍ତିମାନେ ସମବେତ ହେବାର ସୁଯୋଗରେ ଜାତୀୟ ପତାକାର ମହତ୍ତ୍ୱ ରକ୍ଷା ତଥା ଆନୁଷ୍ଠାନିକ ଝଣ୍ଡାଭିବାଦନର ତାଲିକା ପାଇଁ ଏକ ଶୃଙ୍ଖଳିତ ସ୍ୱୟଂ ସେବକ ବାହିନୀ ଗଠନର ପରିକଳ୍ପନା କଲେ

କାରାମୁକ୍ତି ପରେ ଡଃ ଏନ୍. ଏସ୍. ହାର୍ଡିଙ୍କର ଏହି ପରିକଳ୍ପନାକୁ ରୂପାୟିତ କରିବାକୁ ଯାଇ ଦିଲ୍ଲୀ କଂଗ୍ରେସରେ ସ୍ୱୟଂ ସେବକମାନଙ୍କର ଏକ ପ୍ରାରମ୍ଭିକ ଅଧିବେଶନ ଆହ୍ୱାନ କରିଥିଲେ । ପରବର୍ତ୍ତୀ କାକିନଡ଼ା କଂଗ୍ରେସ ଅଧିବେଶନରେ ଏକ ଅଖିଳ ଭାରତ ସ୍ୱୟଂ ସେବକ ସମ୍ମେଳନ ଅନୁଷ୍ଠିତ ହୋଇ ହିନ୍ଦୁସ୍ଥାନୀ ସେବାଦଳର ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଗ୍ରହଣ କରାଗଲା । ଏହିପରି ଭାବରେ ୧୯୨୩ ଡିସେମ୍ବରରେ ହିନ୍ଦୁସ୍ଥାନୀ ସେବାଦଳ ନାମରେ ଏକ କଂଗ୍ରେସ ସ୍ୱୟଂ ସେବକ ସଂସ୍ଥା ଜନ୍ମ ଲାଭ କଲା ।

ପଣ୍ଡିତ ଜବାହରଲାଲ ସେବାଦଳର ପ୍ରଥମ ଅଧ୍ୟକ୍ଷ । ମୌଲନା ସୌକତ ଅଲ୍ଲୀ ଓ ଶ୍ରୀ ସୁଭାଷଚନ୍ଦ୍ର ମଧ୍ୟ ସେବାଦଳର ଅଧ୍ୟକ୍ଷତା କରିଛନ୍ତି । ଡଃ ହାର୍ଡିଙ୍କର ପ୍ରାରମ୍ଭରୁ ସେବାଦଳର ପ୍ରଧାନ ମନ୍ତ୍ରିତ୍ୱ କରି ଆସିଛନ୍ତି । ୧୯୩୧ରେ ଦଳର ଏକ ଅନ୍ତିମ ସମ୍ମେଳନ ମହାତ୍ମା-ଗାନ୍ଧୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇ ତାଙ୍କରି ଆଦେଶ-କ୍ରମେ ଏହା ଜାତୀୟ କଂଗ୍ରେସର ଏକ ଅଂଶରେ ପରିଣତ ହୋଇଛି ।

କଂଗ୍ରେସ ସେବାଦଳ ଏକ ସ୍ୱୟଂ ସେବକ ସଂସ୍ଥା । ୧୯୨୭ରେ ସେବାଦଳ ଚୀନକୁ ଏକ ଚିକିତ୍ସକ ଦଳ ପଠାଇ ଆନ୍ତର୍ଜାତିକ ସେବକ ଭାବରେ ନିଜକୁ ପ୍ରମାଣିତ କରାଇ ପାରିଥିଲେ ।

## ସେବାଦଳ ଓ ଜାତୀୟ ପତାକା

ଜାତୀୟ ପତାକାର ବହୁଳ ପ୍ରଚାର କରିବା ହିନ୍ଦୁସ୍ଥାନୀ ସେବାଦଳର ଆଭିମୁଖ୍ୟ ପ୍ରଶଂସନୀୟ । ବେଲଗାଁଓ କଂଗ୍ରେସରେ ଏଥିପାଇଁ ଏକ ବିଧିବଦ୍ଧ ବ୍ୟବସ୍ଥା ମଧ୍ୟ ପ୍ରଣୀତ ହୋଇଥିଲା । ୧୯୨୮ କଲିକତା କଂଗ୍ରେସରେ ସେବାଦଳର ଏକ ସମ୍ମେଳନ ଅନୁଷ୍ଠିତ ହୋଇ ପ୍ରତି ଶାଖା ସମିତି ଓ କଂଗ୍ରେସ କମିଟିକୁ ପରାମର୍ଶ ଦିଆଯାଇଥିଲା ଯେ ପ୍ରତି ମାସର ଶେଷ ରବିବାର ସକାଳ ୮ଟା ବେଳେ ନିୟମିତ ଝଣ୍ଡା ଅଭିବାଦନ ଉତ୍ସବ ପାଳନ କରନ୍ତୁ । ଏହି ପରମ୍ପରା ରକ୍ଷା କରିବା ପାଇଁ ଏବେ ଝଣ୍ଡା ଉତ୍ତୋଳନ ଉତ୍ସବ ଅନୁଷ୍ଠାନର ସମୟ ସକାଳ ୮ଟା ମଧ୍ୟରେହିଁ ରଖା ଯାଇଛି ।

ସ୍ୱାଧୀନତା ସଂଗ୍ରାମକାଳୀନ ମହାଭାରତୀୟ ଜାତୀୟ କଂଗ୍ରେସ ଇତିହାସର ପୃଷ୍ଠା ଏହିପରି ବହୁ ରୋମାଞ୍ଚକର ଘଟଣାରେ ପରିପୂର୍ଣ୍ଣ ।

ସ୍ୱାଧୀନତା ଲାଭ ପରେ ଘଟଣାକ୍ରମେ କଂଗ୍ରେସ ବହୁ ଗୋଷ୍ଠୀରେ ବିଭକ୍ତ ହୋଇ ନିଜର ମୌଳିକତା ହରାଇ ବସିଛି । ବହୁ ରାଜନୈତିକ ଦଳ ମଧ୍ୟ ସୃଷ୍ଟି ହୋଇଛନ୍ତି ଓ ହେବାରେ ଲାଗିଛନ୍ତି । ମାତ୍ର ସ୍ୱାଧୀନତା ସଂଗ୍ରାମୀ କଂଗ୍ରେସ ସମସ୍ତଙ୍କର ଓ ସମସ୍ତେ ତାହାଠାରୁ ଜାତ ।

ଏହି ଦୃଷ୍ଟିରୁ ସମସ୍ତ ରାଜନୈତିକ ସଂସ୍ଥା ଜାତୀୟ ପର୍ବ ପାଳନ ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମ ଇତିହାସ ଯଥାର୍ଥ ଆଲୋଚନା, ପର୍ଯ୍ୟାଲୋଚନା ଓ ଅନୁଶୀଳନ ନ କଲେ କାଳକ୍ରମେ ଆମ ସ୍ୱାଧୀନତା ସଂଗ୍ରାମର ରୋମାଞ୍ଚକର ଘଟଣା ଓ ଆତ୍ମବଳିଦାନର କାହାଣୀ ବିସ୍ମୃତି ଗର୍ଭକୁ ଚାଲିଯିବ । ଭବିଷ୍ୟତ ବଂଶଧରଙ୍କ ପାଇଁ ଏହା ଅଶୁଭ ସଂକେତ ।

---

୨୨-୬-୧୯୮୨

ସ୍ୱାଧୀନତା ସଂଗ୍ରାମୀ
ଓ ଅବସରପ୍ରାପ୍ତ
ଲୋକ ସଂପର୍କ ଅଫିସର, ପୁରୀ


କୌଣସି ଏକ ଶ୍ରେଷ୍ଠ ଜାତିର ଭାଗ୍ୟରେ ଅବହେଳା ଓ ଅବଜ୍ଞା ବେଶୀ ଦିନ ରହେ ନାହିଁ । ସେଥିପାଇଁ କବିମାନେ ଭାଗ୍ୟକୁ ଚକ୍ରର ସହିତ ତୁଳନା କରିଥାନ୍ତି । ବ୍ୟକ୍ତିର ଭାଗ୍ୟପରି ଜାତିର ଭାଗ୍ୟ ମଧ୍ୟ ପରିବର୍ତ୍ତନଶୀଳ ।

ଜାନକୀ ବଲ୍ଲଭ ପଟ୍ଟନାୟକ

# ସେମାନେ ଫେରିଗଲେ

ଶ୍ରୀ ଗଦାଧର ମହାପାତ୍ର

> "ଗଡ଼ଜାତ ହେବ ମୋଗଲବନ୍ଦି
> ଛେଳି ପାଲଟିବେ ବାଘ" ।

ଆମ ଦେଶକୁ ସ୍ୱାଧୀନତା ମିଳିବାକୁ ଆହୁରି ଅନେକ ଦିନ ବାକୀଥାଏ । ସେତେବେଳେ କଟକରୁ 'ଗଡ଼ଜାତ ତାର' ନାମରେ ଗୋଟିଏ ଖବର କାଗଜ ବାହାରୁଥିଲା । ଏବର ଓଡ଼ିଶାରେ ୨୪ଟି ଗଡ଼ଜାତ ମିଶି ଯାଇଛି । ଷଢ଼େଇକଳା ଏବଂ ଖରସୁଆଁ ବିହାର ରାଜ୍ୟରେ ମିଶିଗଲା । ପ୍ରତ୍ୟେକ ଗଡ଼ଜାତରେ ଜଣେ ଜଣେ ରଜା ରାଜୁତି କରୁଥିଲେ । ପୁରୀ, କଟକ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ, କୋରାପୁଟ ଜିଲ୍ଲାମାନଙ୍କୁ ମୋଗଲବନ୍ଦି କୁହାଯାଉଥିଲା । ଅନୁଗୁଳ ଅଞ୍ଚଳଟି କଟକ ଜିଲ୍ଲା ଠାରୁ ଦୂରରେ ଥିଲେ ସୁଦ୍ଧା କଟକ ଜିଲ୍ଲା ଅନ୍ତର୍ଗତ ଥିଲା । ଗଡ଼ଜାତମାନଙ୍କର ହାଲଚାଲ ଗଡ଼ଜାତ ତାରରେ ବାହାରୁଥିଲା ।

ଉପରୋକ୍ତ ଶିରୋନାମାରେ କବିତାଟି ପଢି ଆମ କିଶୋରମାନସରେ ସେତେବେଳେ ଯେଉଁ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା ତାହା ଆଜି ଭାଷାରେ ବର୍ଣ୍ଣନା କରି ହେବନି । ଗଡ଼ଜାତ ମୋଗଲବନ୍ଦି ହେବ—ଆମେ ସବୁ ଛେଳିମାନେ ବାଘ ପାଲଟି ଯିବୁ—ଦେଶ ସ୍ୱାଧୀନ ହେବ—ଏହି ସବୁ କଥା ଚିନ୍ତାକରି କଳ୍ପନାରେ ଆମେ ଆତ୍ମହରା ହୋଇ ଉଠୁଥିଲୁ । ସ୍ୱାଧୀନତାର ସ୍ପଷ୍ଟ ରୂପରେଖ ପରିବର୍ତ୍ତେ ମନରେ ଅନେକ କିମ୍ଭୁତକିମାକାର ଧାରଣା ସୃଷ୍ଟି ହେଉଥିଲା ।

ମୁକ୍ତି ଆନ୍ଦୋଳନ ପାଇଁ ପ୍ରତି ଗଡ଼ଜାତରେ 'ପ୍ରଜା ମଣ୍ଡଳ ସମିତି' ଗଢ଼ା ହୋଇଥାଏ । ମହାତ୍ମା ଗାନ୍ଧୀଙ୍କର ନେତୃତ୍ୱରେ ଅନୁପ୍ରାଣିତ କଂଗ୍ରେସ କର୍ମୀମାନେ ଖଦଡ଼ ପିନ୍ଧନ୍ତି—ବିଦେଶୀ ଜିନିଷ ବର୍ଜନ କରିବାକୁ ଲୋକଙ୍କୁ ପ୍ରବର୍ତ୍ତନା ଦିଅନ୍ତି—ନିଶା ନିବାରଣ ପାଇଁ ଅଫିମ ଗଞ୍ଜେଇ ଦୋକାନ ଆଗରେ ପିକେଟିଂ କରନ୍ତି—ଗାଁକୁ ଗାଁ ଯାଇ ଲୋକଙ୍କୁ ବସେଇ ସଭା କରନ୍ତି—ସେଇ ସଭାରେ ଇଂରେଜ ସରକାର ଆଉ ରଜା ରାଜୁଡ଼ାଙ୍କର ଅତ୍ୟାଚାର କଥା ଲୋକଙ୍କ ଆଗରେ କୁହାଯାଏ । ମହାତ୍ମା ଗାନ୍ଧୀ କି ଜୟ—ଜହର ଲାଲ କି ଜୟ— ସୁବାଷ ବୋଷ କି ଜୟ ନାଦରେ ଗାଁ ଭୂଇଁ କମ୍ପି ଉଠେ । ଆମ୍ଭମାନଙ୍କ ଉପରେ ଏହାର ଗଭୀର ପ୍ରଭାବ ପଡୁଥିଲା । ଖେଳିଲା ବେଳେ ବାଳକମାନେ ସଭାରେ ସ୍ଲୋଗାନ ଦେଲାପରି ସ୍ଲୋଗାନ ଦେଉଥିଲେ, ମହାତ୍ମା ଗାନ୍ଧୀ କି ଜୟ, ଚାରି ପାଞ୍ଚ ଜଣ ଏକାଠି ହେଲେ ଗାନ୍ଧୀ—ଜହର-ସୁବାଷଙ୍କ ଚଢ଼ା । ପଡ଼େ । ସେମିତି ସବୁ ଗାଁରେ ପ୍ରତି ରବିବାର ଦିନ ମୁଠି ଚାଉଳ ପାଇଁ ସଂକୀର୍ତ୍ତନ ସ୍ୱରରେ ଗୀତ ଗାଇ ଖୋଳ କରତାଳ ବଜେଇ ସ୍ୱେଚ୍ଛାସେବକ କର୍ମୀମାନେ ମୁଷ୍ଟି ଭିକ୍ଷା ମାଗୁଥାଆନ୍ତି । ସ୍ୱରାଜ ପାଣ୍ଠିକି ମୁଠାଏ ଚାଉଳ ଦେବାକୁ କେହି କାର୍ପଣ୍ୟ କରନ୍ତି ନାହିଁ । ଆଜି ବୟାଳିଶ ବର୍ଷ ପରେ ସେ ଗୀତର ପଦେ ମନେ ପଡୁଛି—

"ଉଠ କାଳମାଳ ଭାଇ
ଆଉ କେତେ କାଳ ଥିବ ଶୋଇ ହେ
ଉଠ କାଳ ମାଳ ଭାଇ ।"

ଆମ ଗାଁ କାଳମାଳ ପ୍ରଗଣା ଅନ୍ତର୍ଗତ—ଆମ ନୟାଗଡ଼ ଗଡ଼ଜାତର ବଡ଼ଦେଶ ଗଣ୍ଡିବେ ଗୋଟିପଲ୍ଲୀ ସୁନାମୁହିଁ ଆଦି ପ୍ରଗଣାମାନଙ୍କରେ ଲୋକମାନଙ୍କ ମନରେ ମୁକ୍ତି ଆନ୍ଦୋଳନପାଇଁ ଚେତନା ଜାଗ୍ରତ ହୋଇସାରିଥିଲା । କାଳମାଳ ପ୍ରଗଣାର ଲୋକମାନଙ୍କ ମନରେ ରାଜନୈତିକ ଚେତନା ଦୃଢ଼ କରିବାପାଇଁ ଏ ପ୍ରକାର ରଚନା ବୋଲି ମନେ କରିବା କଥା ।

ସେତେବେଳକୁ ୨ୟ ବିଶ୍ୱ ମହାଯୁଦ୍ଧ ଲାଗି ଯାଇଥାଏ । ଆକାଶରେ ପକ୍ଷୀ ଉଡ଼ିଲା ପରି ଏରୋପ୍ଲେନ ଚାଲିଗଲେ ଦେଖେ ଗାଁର ସମସ୍ତେ ଘରୁ ବାହାରକୁ ବାହାରି ଆସନ୍ତି । କିଏ କହେ ବଡ଼ ମାଛ ପରି ଦିଶୁଛି—କିଏ କହେ ପକ୍ଷୀ ପରି ଉଡ଼ୁଛି । ଦିନେ ଦିନେ ଧାଡ଼ି ହୋଇ ସାତ ଆଠ ଏରୋପ୍ଲେନ ଆକାଶ ମାର୍ଗରେ ଉଡ଼ିଯାଆନ୍ତି । ଲୋକେ ସେଇଥିରୁ ବୁଝନ୍ତି ଘମାଘୋଟ ଲଢ଼େଇ ଲାଗିଛି । ଜିନିଷପତ୍ରର ଦରଦାମ ହୁ—ହୁ— ହୋଇ ବଢ଼ିଲା—ପଚାରିବାରୁ ଉତ୍ତର ମିଳେ—'ଯୁଦ୍ଧ ଲାଗିଛି' ଯୁଦ୍ଧ ଲାଗିବା ପୂର୍ବରୁ ଅର୍ଥାତ୍ ୧୯୩୯ ମସିହା ବେଳକୁ ଯେତିକି ଦ୍ରବ୍ୟ ସହିତ ପରିଚିତ ଥିଲା ତାହାର ଗୋଟିଏ ମୂଲ୍ୟସୂଚୀ

ଦେଉଛି ହୁଏତ ଆଜି ଅନେକ ଲୋକ ବିଶ୍ୱାସ କରିବେନି ସେତେବେଳେ ଟ୧–୨୪ ପଇସା ଥିଲା ।

ସେତେବେଳେ ମିଳୁଥିଲା ପିସ୍ତଲ ମାର୍କା ବା ବନ୍ଧୁକ ମାର୍କା ଧୋତି । ଖଣ୍ଡକୁ ଟ୧ ବା ଏକ ଟଙ୍କା ପଚିଶ ପଇସା । ସେ ଲୁଗା ଅଭିଜାତ ଗୋଷ୍ଠୀଙ୍କ ପାଇଁ ଉଦ୍ଦିଷ୍ଟ । ସାଧାରଣ ଲୋକ ଟ୦୫ (ପାଞ୍ଚଶ ପଇସା)ରେ ଖଣ୍ଡେ ଲୁଗା କିଣି ପାରୁଥିଲେ । ଗୁଆ ଡସେର (ଏକ କେଜିରୁ ଅଧିକ) ଟ ୧୨ ହୋଇଗଲା ବୋଲି ସେତେବେଳେ ଅନେକ ଲୋକ ପାନ ଛାଡ଼ି ଦେଲେ ଏବେ ସେର ଟ ୨୫ ହେଲେ ବି ପାନ ଖାଇବା ଲୋକଙ୍କ ସଂଖ୍ୟା ବଢୁଛି ସିନା କମୁନି ।

ନବାତ, ଚିନି, କିରୋସିନି, ଶାଢ଼ୀ, ଧୋତି, କପଡ଼ା ପ୍ରଭୃତି ମିଳୁନି । ଗ୍ରେଟବ୍ରିଟେନରୁ ଲୁଗା ଆସି ପାରିଲାନି–ଏ ଦେଶରେ ଲୁଗା ମିଳୁନି । ଆମ ଝଡ଼କାତରେ ବେସରକାରୀ ଲୋକଙ୍କ ପାଖରେ ମହଜୁଦ୍ ଥିବା ସାଇକେଲଗୁଡ଼ାକ ସରକାର ଜବତ କରି ନେଲେ । ମଟର ଗାଡ଼ି, ଟ୍ରକ, ମଟର ସାଇକେଲ କାହାରି ନଥିଲା । ରଜାଘର ଦୁଇ ତିନିଟା ମୋଟର ଗାଡ଼ି ଥାଏ–ମିଲିଟାରୀ ପୋଲିସ୍‌ଙ୍କର ଦୁଇଟା ନାଲିଆ ଲରି ଥାଏ । ଖୋର୍ଦ୍ଧା ରୋଡ଼ରୁ ଦୁଇଟା ଲରି ଯାତ୍ରୀମାନଙ୍କୁ ନବା ଆଣିବା କରୁଥାଏ । ସାଇକଲ ଜବତ ହେବା ସଂପର୍କରେ ନାନା ଗୁଜବ ପ୍ରଚାରିତ ହେଉଥାଏ । କାଳେ ଜାପାନୀ ସୈନ୍ୟମାନେ ତାଁ ଗହଳକୁ ଆସି ସାଇକେଲ୍‌ରେ ଗାଁରୁ ଗାଁ ଯିବାକୁ ସୁବିଧା ହୋଇଯିବ, ସେଥିପାଇଁ ସରକାର ଯୋଜନା କରିଛନ୍ତି । କେଜାଣି ହୋଇଥିବ ପରା–କେହି କଥାଟାକୁ ଅବିଶ୍ୱାସ କରି ନାହାନ୍ତି । ତହିଁକି ଗାଁରୁ ଗାଁ ଯୁଦ୍ଧ ଗୁଦା ନଗା ହେଉଥାଏ । ଯେଉଁମାନେ ଯୁଦ୍ଧ ଗୁଦା ପ୍ରଚୁର ପରିମାଣରେ ଦେଉଥାନ୍ତି ସରକାର ସେମାନଙ୍କୁ ଖୁବ୍ ଖାତିର କରୁଥାନ୍ତି ।

ଥରେ ଦୈନିକ ସମ୍ବାଦ ପତ୍ରରେ ବାହାରିଲା– "ଆମର ସୈନ୍ୟମାନେ ବୀରତ୍ୱର ସହିତ ପଛଘୁଞ୍ଚା ଦେଉଛନ୍ତି" । କିଶୋର ଚେତନାରେ ତାହା ଅନେକ କାଳ ଧରି କୌତୁହଳ ସୃଷ୍ଟି କରିଥିଲା–ପଛଘୁଞ୍ଚା ତାହା ପୁଣି ବୀରତ୍ୱର ସହିତ ? ପ୍ରତି ଗାଁରେ ଟ୍ରେଞ୍ଚ ଖୋଳା ହୋଇଥାଏ । ଶିକ୍ଷା ହୋଇଥାଏ ଯେଉଁମାନେ ବାହାରେ ଥିବେ ବୋମାବର୍ଷୀ ଉଡ଼ାଜାହାଜ ଆସିଲେ ସେମାନେ ଟ୍ରେଞ୍ଚ ଭିତରେ ପଶିଯିବେ । ହେଲେ ଯୁଦ୍ଧ ସରିଗଲା ସିନା ବୋମାବର୍ଷୀ ଉଡ଼ାଜାହାଜ ଆସିଲାନି ।

୧୯୪୨ ମସିହା–ମହାତ୍ମା ଗାନ୍ଧୀ ଅସହଯୋଗ ଆନ୍ଦୋଳନର ଡାକରା ଦେଲେ । ଇଂରେଜ ସରକାର ଭାରତର ସବୁ ନେତୃ ସ୍ଥାନୀୟ ବ୍ୟକ୍ତିଙ୍କୁ କାରାରୁଦ୍ଧ କଲେ । ଆନ୍ଦୋଳନ କ୍ର.ମଶଃ ଗୁରୁତର ଆକାର ଧାରଣ କଲା । ଆମ ରାଜ୍ୟରେ ଯେଉଁମାନେ ସ୍ୱାଧୀନତାପାଇଁ ସଂଗ୍ରାମ କରୁଥିଲେ କଙ୍ଗ୍ରେସ ପତାକା ତଳେ ଏକାଠି ହୋଇ ନାନା ଦୁଃଖ ଦାରିଦ୍ର୍ୟ ଏବଂ ଯନ୍ତ୍ରଣା ଭୋଗ କରୁଥିଲେ ସେମାନଙ୍କୁ ଜେଲ୍‌ରେ ରଖାଗଲା । ଯେଉଁ କର୍ମୀମାନେ ବାହାରେ ରହିଗଲେ ସେମାନେ ଦବିଲେନି, ଦୁଇଗୁଣ ଉତ୍ସାହରେ ଆନ୍ଦୋଳନ ଚଳାଇଲେ । ସବୁ କାଳରେ ଅହିଂସାତ୍ମକ ଆନ୍ଦୋଳନ ଭିତରେ କାହାରି କାହାରି ଭିତିରି ଚକ୍ରାନ୍ତ ଫଳରେ ହିଂସା ଆତ୍ମ ପ୍ରକାଶ କରେ । ଏବେ ମଧ୍ୟ ଠିକ୍ ସେହିକଥା, ଧରନ୍ତୁ ଶୋଭାଯାତ୍ରା ଶାନ୍ତି ପୂର୍ଣ୍ଣ ଭାବରେ ସହର ପରିକ୍ରମା କରୁଅଛି କିଏ କେଉଁଠି ଜାଣିଶୁଣି ଗଣ୍ଡଗୋଳ ସୃଷ୍ଟି କରିବାକୁ ପୋଲିସ ଉପରକୁ ଟେକା ପଥର, ସୋଡ଼ା ବୋତଲ ପ୍ରଭୃତି ଫୋପାଡ଼ନ୍ତି, କ୍ରମଶଃ ଅବସ୍ଥା ଅସମ୍ଭାଳ ହୁଏ ! ପୋଲିସ ଲୁହ ବୁହା ଗ୍ୟାସ୍ ଫୋପାଡ଼ନ୍ତି, ଲାଠି ଚାଳନା କରନ୍ତି ତା'ପରେ ଗୁଳି ଚାଲେ, ଜନତା ବେଆଇନ୍ ଘୋଷିତ ହୁଏ–ରକ୍ତର ସୁଅ ଛୁଟେ, ଜୀବନ ବିପନ୍ନ ହୁଏ ! କାହାର ଭିତିରି ହାତ କାହା ପାଇଁ କ'ଣ କରେ ଅନେକ ସମୟରେ ବୁଝି ହୁଏ ଏବଂ ବୁଝି ହୁଏନି ।

ଠିକ୍ ସେହିପରି ୧୯୪୨ ମସିହାରେ ଗଡ଼ଜାତ ଆନ୍ଦୋଳନ ବେଳେ ଅହିଂସାତ୍ମକ ଆନ୍ଦୋଳନ ମଧ୍ୟରେ ହିଂସା ଆତ୍ମ ପ୍ରକାଶ କଲା । ଆନ୍ଦୋଳନକାରୀମାନେ ଥାନା ଘର ପୋଡ଼ିଦେଲେ–ଟେଲିଫୋନ୍ ଟେଲିଗ୍ରାମ ଲାଇନ କାଟିଦେଲେ, ଥାନା ଉପରେ ଆକ୍ରମଣ କଲେ । ଢେଙ୍କାନାଳରେ ବାଜୀ ରାଉତ ସହିଦ ହେବାର ସମ୍ବାଦ ଓଡ଼ିଶାରେ ଭାରି ଉତ୍ତେଜନା ସୃଷ୍ଟି କରିଥାଏ । ଶୋଭାଯାତ୍ରା ଗଲାବେଳେ ଆମ ଅଞ୍ଚଳରେ ସ୍ଲୋଗାନ ଉଠୁଥାଏ–

ବାଜୀ ରାଉତ କରେ ପୁକାର–ଇନକିଲାବ ଜିନ୍ଦାବାଦ ! ନୟାଗଡ଼ରୁ ପଶ୍ଚିମରେ ବାର ମାଇଲ ଦୂରରେ ନୂଆଗାଁ ଥାନା, ନିବିଡ଼ ଅରଣ୍ୟ ଅଧ୍ୟୁଷିତ ଅଞ୍ଚଳ ! ସ୍ଥାନୀୟ କର୍ମୀମାନେ ଆଦିବାସୀ କର୍ମୀମାନଙ୍କ ସହିତ ଏକତ୍ର ହୋଇ ଶୋଭାଯାତ୍ରାରେ ଯାଇ ଥାନା ପାଖରେ ପହଞ୍ଚିଲେ । ପୋଲିସ୍ ଥାନା ଭିତରେ ଦୁଆର ଝରକା ବନ୍ଦ କରି ରହିଲେ । ସେତେବେଳେ ଗୋଟିଏ ଥାନାରେ ଜଣେ ଦାରୋଗା, ଜଣେ ମୁନ୍‌ସି, ଜଣେ ଜମାଦାର ଏବଂ ଛଅ ଜଣ ସିପେହି ରହୁଥିଲେ । ବିପୁଳ ଜନତାର ମୁହାଁ ମୁହିଁ ହେବାକୁ ସେମାନେ ସାହସ କଲେନି । ତା, ପରେ ପରିସ୍ଥିତି କେଉଁ ସ୍ତରରେ ଯାଇ ପହଞ୍ଚିଲା କେଜାଣି ପୋଲିସ୍ ଆତ୍ମରକ୍ଷା କରିବାପାଇଁ ଘର ଭିତରୁ ଗୁଳି ଚଳାଇଲେ । ଘଟଣାସ୍ଥଳରେ କଣ୍ଟ ତାଳୁଆ ଗୁଳିମାଡ଼ ଖାଇ ଟଳି ପଡ଼ିଲେ । ରାଜଦରବାରଙ୍କ ସଂପୃକ୍ତ ଦାରୋଗା 'ବୀରବର' ଉପାଧି ପାଇଲେ ।

ପରବର୍ତ୍ତୀ କାଳରେ ଦେଶ ତାଙ୍କୁ ସହିଦ ବୋଲି ପୂଜା କଲେ । ସେଇ ନିଃସ୍ୱାର୍ଥପର ଜୀବନକୁ ସ୍ମରଣୀୟ କରିବା ନିମିତ୍ତ ଦେଶ ସ୍ୱାଧୀନ ହେବା ପରେ କାହାର ଝୋଲରେ କର୍ଣ୍ଣ ତାଳୁଆ ଡାକ୍ତରଖାନା ଉଦ୍‌ଘାଟନ

କରିଥିଲେ ତତ୍କାଳୀନ ଶିକ୍ଷାମନ୍ତ୍ରୀ ପଣ୍ଡିତ ଲିଙ୍ଗରାଜ ମିଶ୍ର । ଡାକ୍ତରଖାନା ସେହି କାଳରୁ କର୍ଣ୍ଣ ଡାକ୍ତରଙ୍କ ନାମ ବହନ କରିଅଛି । କର୍ଣ୍ଣ ଡାକ୍ତର ସେହି ମୁଖରେ ବର୍ଣ୍ଣ ରହିଛନ୍ତି ଏବଂ ରହିବେ । କବିଙ୍କ ଭାଷାରେ 'ମରି ଆଜି ସେତ ମରଣଜୟୀ' ।

ଆମ ଗଡ଼ଜାତର ଦକ୍ଷିଣ ପଶ୍ଚିମ ଅଞ୍ଚଳ ନିବିଡ଼ ଅରଣ୍ୟରେ ପରିପୂର୍ଣ୍ଣ ଥିଲା । ଏବେ ବହୁ ଅଞ୍ଚଳରୁ ଜଙ୍ଗଲ ଲୋପ ପାଇଲାଣି । ଘଞ୍ଚ ଜଙ୍ଗଲ ମଧ୍ୟରେ ଅନେକ କନ୍ଧ ଗାଁ । କର୍ମୀମାନେ ଅରଣ୍ୟ ଅଞ୍ଚଳ ମଧ୍ୟରେ ଗାଁକୁ ଗାଁ ବୁଲି ମୁକ୍ତି ଆନ୍ଦୋଳନପାଇଁ ସେମାନଙ୍କ ମନରେ ବିଶ୍ୱାସ ଏବଂ ଅନ୍ତରଙ୍ଗତା ସୃଷ୍ଟି କଲେ । ପ୍ରୋକ୍ତ ଅଞ୍ଚଳରେ ପ୍ରଚାର କାର୍ଯ୍ୟ ସହରାଞ୍ଚଳ ଅପେକ୍ଷା ସହଜ ଏବଂ ନିରାପଦ ମଧ୍ୟ । କନ୍ଧମାନେ ସରଳ ବିଶ୍ୱାସୀ, ଥରେ ଯାହା ବୁଝିଲେ ଏବଂ ବିଶ୍ୱାସ କଲେ ଜୀବନ ଯିବା ପର୍ଯ୍ୟନ୍ତ ସେଇକଥା ମନରେ ଦୃଢ଼ ହୋଇ ରହିବ । କଂଗ୍ରେସ କର୍ମୀମାନେ କନ୍ଧମାନଙ୍କୁ ସାଙ୍ଗରେ ଧରି ଆନ୍ଦୋଳନ କରିବାକୁ ବାହାରି ପଡ଼ିଲେ ।

ନୟାଗଡ଼ ଦକ୍ଷିଣ ପଶ୍ଚିମ ଦିଗରେ ଅଠର ମାଇଲ ଦୂରକୁ ଓଡଗାଁ ଅବସ୍ଥିତ । ଶ୍ରୀ ରଘୁନାଥଙ୍କ ବିଜେସ୍ଥଳୀ ହେତୁ ଓଡ଼ିଶାରେ ସୁପରିଚିତ । ୧୯୪୨ ମସିହାରେ ସେଠାରେ ମାଇନର ସ୍କୁଲ ଖୋଲିଲା । ଉ: ପ୍ରା: ସ୍କୁଲର ଗୃହ ଘରେ ମାଇନର ସ୍କୁଲ ପ୍ରଥିଲା—୬ଷ୍ଠ ଶ୍ରେଣୀ ଖୋଲିଥାଏ । ମୁଁ ସେତେବେଳେକୁ ୬ଷ୍ଠ ଶ୍ରେଣୀର ଛାତ୍ର—ଆମେ ୨୫ ଜଣ ଛାତ୍ର ନାମ ଲେଖାଇ ଥାଉ । ରାଜ୍ୟ ସରକାର ପରିଚାଳିତ ନୟାଗଡ଼ କୁଟୀର ଶିଳ୍ପରୁ ନୂଆତଉକୀ, ବେଞ୍ଚ, ଡେକ୍ସ୍, ଟେବୁଲ, ଆଲମିରା ପ୍ରଭୃତି ସରକାର ଯୋଗାଇ ଦେଇଥାନ୍ତି । ଶରଣକୁଳ ଉଚ୍ଚ ଇଂରାଜୀ ସ୍କୁଲର ସ୍କୁଲ ଉଠିଗଲାପରେ ସଂପୃକ୍ତ ସ୍କୁଲର ଲାଇବ୍ରେରୀରେ ଥିବା ସବୁବହି ଏବଂ ଆଲମିରା ଗୋରୁ ଗାଡ଼ିରେ ଲଦା ହୋଇ ଆମ ସ୍କୁଲରେ ଆସି ପହଞ୍ଚି ଯାଇଥାଏ । ନୂଆ ସ୍କୁଲ, ନୂଆ ଶିକ୍ଷକ, ନୂଆ ଆସବାବପତ୍ର, ଲାଇବ୍ରେରୀ, ଛାତ୍ରାବାସ, ଚିହ୍ନା ଅଚିହ୍ନା ପିଲଙ୍କର ସମାବେଶ, ସ୍କୁଲର ପରିବେଶଟାକୁ ଭାରି ସୁନ୍ଦର କରିଦେଇଥାଏ । ସମସ୍ତେ ଆପଣାକୁ ଏକ ପରିବାରଭୁକ୍ତ ବୋଲି ମନେ କରୁଥାଉ ।

ହଠାତ୍ ଦିନେ ସନ୍ଧ୍ୟାରେ ବିନା ମେଘରେ ବଜ୍ରପାତ ହେଲା ଭଳି ଗୋଟାଏ ଘଟଣା ଘଟିଲା । ତାରିଖଟା ଠିକ୍ ମନେ ପଡୁନାହିଁ—ସେଦିନ ବୋଧହୁଏ ରବିବାର—ସବୁଦିନପରି ଆକାଶରେ ସଞ୍ଜ ନଇଁ ଆସୁଥାଏ । ରଘୁନାଥଙ୍କର ମନ୍ଦିରରୁ ଘଣ୍ଟ ଘଣ୍ଟା ଝୁରି କାହାଳୀ ଆଉ କୋଡ଼ିନାଗରାର ସମ୍ମିଳିତ ଧ୍ୱନି ବାୟୁ ମଣ୍ଡଳରେ ଏକ ମଧୁମୟ ତରଙ୍ଗ ସୃଷ୍ଟି କରୁଥାଏ—ବୋଧ ହୁଏ ଠାକୁରଙ୍କର ଆରତି ହେଉଥିଲା । ଠାକୁରଙ୍କର ଗାଈମାନେ ଜଙ୍ଗଲରୁ ଚରିବୁଲି ଘରକୁ ଫେରୁଥିଲେ ।

ଠିକ୍ ଏଇ ସମୟରେ ବାହାଡ଼ାଝୋଲର 'ରେଞ୍ଜଅଫିସର ଜୀବନକୁ ବିପନ୍ନ ବୋଧକରି ବାହାଡ଼ାଝୋଲରୁ ସାଇକେଲରେ ଛୁଟି ଆସିଛନ୍ତି ଛଅ ମାଇଲ ବାଟ ଏକା ନିଃଶ୍ୱାସକେ । ଦେହରୁ ଗମ୍ ଗମ୍ ଝାଳ ବହି ଯାଉଛି ଏବଂ ଭାରି ଭୟଭୀତ ମନେ ହେଉଛନ୍ତି । "ଶହ ଶହ କନ୍ଧ ହାତରେ ଧନୁ ତୀର ଧରି ଏଇ ଆଡ଼କୁ ମାଡ଼ି ଆସୁଛନ୍ତି । ସେମାନେ ବେଲୁହାଁବାଡ଼ି ସ୍କୁଲ ପୋଡ଼ି ଦେଇ ସାରି ବାହାଡ଼ାଝୋଲରେ ପହଞ୍ଚି ଗଲେଣି—ବାହାଡ଼ାଝୋଲ ସ୍କୁଲ ପୋଡ଼ି ସାରି ସଡ଼କେ ସଡ଼କେ ଓଡଗାଁ ଆସିବେ ।"

ରେଞ୍ଜ ଅଫିସର ଏତିକି ମାତ୍ର କହି ତାଙ୍କ ଗାଁ ଅଭିମୁଖେ ଚାଲିଗଲେ । ତା' ପରେ ହଷ୍ଟେଲରେ ସଭା ବସିଗଲା । ସେତେବେଳେ ବାହାଡ଼ାଝୋଲଠାରୁ ଓଡ଼ଗାଁ ମଧ୍ୟରେ ରାସ୍ତାରେ ଆଉ କୌଣସି ସ୍କୁଲ ନଥିଲା । ଚୁଳିଆ ଲଂଘଇ ପାର ହୋଇଗଲେ ଓଡ଼ଗାଁରେ ପହଞ୍ଚିବା କଥା । ଏଣୁ ଆଉ ଘଣ୍ଟାଏ ଦୁଇଘଣ୍ଟା ମଧ୍ୟରେ କନ୍ଧମାନେ ନିଶ୍ଚୟ ଓଡ଼ଗାଁରେ ପହଞ୍ଚି ଯାଉଛନ୍ତି । କ'ଣ କରାଯିବ ? ସମସ୍ତଙ୍କ ମନରେ ଭୟ ଆଶଙ୍କା ଉଦ୍‌ବେଗ, ଅସ୍ଥିରତା । ସ୍କୁଲ ଘର—ଛାତ୍ରାବାସ—ତିନୋଟି ଶିକ୍ଷକ ବସାଘର ସବୁଗୁଡ଼ିକ ଘର ଛାଉଣି । ସ୍କୁଲରେ ନିଆଁ ଲଗାଇବା ପରେ ଛାତ୍ରାବାସ ବାଦ୍ ଯିବନି— ଛାତ୍ରାବାସକୁ ଲାଗି ଶିକ୍ଷକମାନଙ୍କର ବସା । ଏଣୁ ସମସ୍ତେ ଆତଙ୍କିତ ଚୌକି, ଟେବୁଲ, ବେଞ୍ଚ, ଡେସ୍କ, ଆଲମିରା, ଲାଇବ୍ରେରୀ ସବୁ ପୋଡ଼ି ଧ୍ୱଂସ ହୋଇଯିବ । ହେଡ଼ମାଷ୍ଟର ଏବଂ ଅନ୍ୟାନ୍ୟ ଶିକ୍ଷକମାନେ ମିଳି ଛାତ୍ରମାନଙ୍କୁ ସାଂଗରେ ଧରି ସେହି ଅନ୍ଧାର ରାତିରେ ବାହାରି ପଡ଼ିଲେ । ସ୍କୁଲର ସବୁ ଆସବାବ ପତ୍ର ବାହାର କରି ଅଣାଗଲା । ପାଖ ପଡ଼ିଆରେ ଲୁଚାଇ ଦିଆଗଲା ବେଞ୍ଚ, ଡେସ୍କ, ଆଲମିରା ଓଗେରା । ଶିକ୍ଷକମାନେ ଆପଣାର ପିଲା ଛୁଆମାନଙ୍କୁ ପାଖ ଗାଁ ଦଳକରେ ନେଇ ଛାଡ଼ି ଆସିଲେଣି । ମାଇନର ସ୍କୁଲଠାରୁ ଦଳକ ପର୍ଯ୍ୟନ୍ତ ଅଞ୍ଚଳ ଅଧୁନା ଘନ ଜନବସତି ପୂର୍ଣ୍ଣ । ମାତ୍ର ଉଲ୍ଲିଖିତ ସମୟରେ ନାଳି ସଡ଼କ ଧାରେ ଧାରେ ବଇଁଚ କୋଳି କଣ୍ଟେଇ କୋଳିର ଲଟା ସାଂଗକୁ ଆମ୍ବ ଆଉ ପଣସ ଗଛ ସବୁ ଥିଲା । ଖୁହୁଁ ଖୁହୁଁ ରାତି ଦଶଟା ବାଜିଗଲା ଯାହା ପାଇଁ ପ୍ରତୀକ୍ଷା ସେମାନେ ଏ ଯାଏଁ ଆସିଲେନି କାହିଁକି ? କେତେଜଣ ସାହାସୀ ପିଲା ଲୁଚି ଛପି ସାଗର ପୋଖରୀ ପର୍ଯ୍ୟନ୍ତ ବୁଲି ଯାଇଥିଲେ, ଦୁରନ୍ତ କନ୍ଧମାନଙ୍କର ଗତିବିଧି ଲକ୍ଷ୍ୟ କରି ଛାତ୍ରାବାସରେ ଖବର ଦେବାକୁ ।

ସେମାନେ ଆସି କହିଲେ... ..ଆସିଗଲେ........

ସମସ୍ତେ ପଚାରିଲେ—ତୁମେ ସେମାନଙ୍କୁ ଦେଖିଛ ?

"ଦୂରରୁ ନିଆଁ ଦିଶୁଛି"—ସେମାନେ ମଶାଲ ଧରି ଆସୁଛନ୍ତି । ହୁଏତ କେଉଁଠି ଶ୍ମଶାନ ନିଆଁ ହୋଇପାରେ କିନ୍ତୁ ସତ ମିଛ ବାରିବାକୁ ଦେଳ ନାହିଁ ? ସମସ୍ତେ ନୀରବ ହୋଇ-

ଗଲେ–ଆହା ! ଆଉ ଅଳ୍ପ ସମୟ–ତା' ପରେ ? ତା'ପରେ ସ୍କୁଲଟି ପୋଡ଼ି ଯିବ । ମନ ଭିତରେ କିଏ ଗୋଟାଏ କହୁଥିଲା–"ପୋଡ଼ିଯାଉ– ଖୁବ୍ ଭଲ ହେବ–ସ୍କୁଲ ଥିଲେ ସିନା ପାଠ ପଢ଼ା–ମଣିଷ କିଛି ଦିନ ଲାଗି ପାଠ ପଢା ଝଞ୍ଜାଳରୁ ରକ୍ଷା ପାଇବ ।"

ପାହାଡ଼ ପାଖରେ ରାଶି, କାଙ୍ଗୁଲ ପ୍ରଭୃତି ଚାଷ ହୋଇଥାଏ । ଫସଲ ଜଗିବାକୁ କୃଷକ ରାତି ପହରକ ପୂର୍ବରୁ ଖାଇ ପିଇ ହାତରେ ନିଆଁ ଅଟାଟାଏ ଧରି ଭାଡ଼ି ପାଖରେ ହାଜର ହୋଇଯାଏ । ଭାଡ଼ିଟା ଆଠ ଦଶ ଫୁଟ ଉଚ୍ଚରେ–ବାଉଁଶ ମୁଣ୍ଡୁଳୀର ଛପର ଭିତରକୁ ଯିବାକୁ ହେଲେ ଭାଡ଼ି ଖୁଣ୍ଟରେ ବନ୍ଧା ହୋଇଥିବା ଶିଡ଼ିରେ ଚଢ଼ି ଯିବାକୁ ହୁଏ । ବାଉଁଶର ଚାଞ୍ଚଡ଼ା ଉପରେ ମୁଦୁରା ଆଉ କନ୍ଥା ବିଛେଇ କୃଷକ ଶୁଏ । ତଳେ ନିଆଁ ଅଟାଟି ଦୁହୁ ଦୁହୁ ହୋଇ ଜଳୁଥାଏ । ହାତ ପାଖରୁ ଗୋଟାଏ ଦଉଡ଼ି ଦୂରରେ ବନ୍ଧା ହୋଇଥିବା ଟିଣ ପର୍ଯ୍ୟନ୍ତ ଲମ୍ବି ଥାଏ । ଦଉଡ଼ି ଭିଡ଼ିଲେ ସେଥିରେ ବନ୍ଧା ହୋଇଥିବା କାଠିଟା ଟିଣରେ ବାଜି ଶବ୍ଦ ହୁଏ । ଚାଷୀ ତା' ସାଂଗକୁ ହୋ ହୋ କରେ । ବଣ ଜନ୍ତୁ ଆସୁଥିଲେ କିମ୍ବା ଫସଲ ଖାଉଥିଲେ ହୁଲୁଡ଼ି କରି ପଳାଇ ଯାଆନ୍ତି । ଜଣେ ଭାଡ଼ିଆ ଯଦି ଟିଣ ବଜାଏ ଆଉ ହୋ ହୋ କରେ ପାଖରେ ଥିବା ସବୁ ଭାଡ଼ିଆମାନେ ସେୟା କରନ୍ତି । ଏଣୁ ଗଭୀର ରାତ୍ରିର ନିର୍ଜନତାକୁ ଭେଦ କରି ଏମାନଙ୍କର କୋଳାହଳ ବହୁ ଦୂରକୁ ଶୁଣା ଯାଏ । ଭାଡ଼ିଆମାନଙ୍କର ସେ ଦିନର କୋଳାହଳ ଉପାର୍ଗ ଅନ୍ତେବାସୀମାନଙ୍କ ଚିତ୍ତରେ ନନ୍ଧମାନେ ଆସିଗଲେ ବୋଲି ଧାରଣା ସୃଷ୍ଟି କରୁଥିଲା । କାହାରି ଆଖିକି ନିଦ ନାହିଁ, କାହାର ଶୋଇବାରେ ବ୍ୟବସ୍ଥା ନ ଥିଲା । ରାତି ମଧ୍ୟ ସରୁ ନ ଥିଲା ।

କନ୍ଧମାନେ ଆସିବେ—ରାତି ଅଧରେ ସବୁଆଡ଼େ ନିଆଁ ଲଗାଇ ଦେବେ । ସେମାନଙ୍କୁ ବାଧା ଦେବାପାଇଁ କେହି କେଉଁଠାରେ ନଥିବ–ଆପଣା ଜୀବନକୁ ବିପନ୍ନ କରି ସେମାନଙ୍କର ମୁହାଁ ମୁହିଁ ହେବାଟା ଆଦୌ ଚତୁରତାର ପରିଚାୟକ ନୁହଁ । ଏହା ସ୍ଥିର କରି ଶିକ୍ଷକମାନେ କେବଳ ପ୍ରତୀକ୍ଷାରେ ଅଛନ୍ତି । ଆମ୍ଭମାନଙ୍କର ମନରେ ଭୟ ସାଙ୍ଗକୁ ଅଦମ୍ୟ କୌତୂହଳ ଆସି ଉଙ୍କିମାରୁଥାଏ । ଶହ ଶହ କନ୍ଧ ମଶାଲ ଧରି ଆସିବେ–ଚାରିଆଡ଼େ ନିଆଁ ଲଗାଇ ଦେବେ – ଅନ୍ଧାର ରାତିର ବିଭୀଷିକାକୁ ଭେଦକରି ଚତୁର୍ଦ୍ଦିଗ ଆଲୋକିତ ହୋଇ ଉଠିବ, ଏ କଳ୍ପନା ମନ ଗହନରେ କିଛି କିଛି ଆମୋଦ ସୃଷ୍ଟି କରୁଥାଏ ମଧ୍ୟ । ଗଭୀର ଅନ୍ଧକାର ମଧ୍ୟରେ ବେଳେ ବେଳେ ଶୁଣାଯାଉଥାଏ ପୂର୍ବ ବର୍ଣ୍ଣିତ ସେହି ଭାଡ଼ିଆମାନଙ୍କର ହୋ–ହୋ–ଶବ୍ଦ ସାଙ୍ଗକୁ ଟିଣ ବାଡ଼େଇବାର ଶବ୍ଦ । ପୁନର୍ବାର ମନରେ ଆଶଙ୍କା ଆସି ଉପସ୍ଥିତ ହେଉଥାଏ– ଏଥର ବୋଧହୁଏ ଆସିଗଲେ ।

ଘୁହୁଁ ଘୁହୁଁ ସେହି ବିଭୀଷିକାମୟୀ ରାତ୍ରି ଶେଷ ହେବାକୁ ବସିଲା–ପୂର୍ବଦିଗରେ ଆଳିପଟ ପରି ଫୁଟିଆ ତରାଟା ଉଇଁଲା–କ୍ରମଶଃ ପୂର୍ବଦିଗ ନାଲିଆ ଦିଶିଲା ଏବଂ ଅନ୍ୟ ଦିଗମାନଙ୍କର ତୁଳନାରେ ଉଜ୍ଜ୍ୱଳ ଦିଶିଲା–ସବୁଦିନ ପରି ରଘୁନାଥଙ୍କ ମନ୍ଦିରରୁ ଅବକାଶକାଳୀନ ଘଣ୍ଟ, ଘଣ୍ଟା, ଝୁରି ଆଉ ଯୋଡ଼ି ନାଗରାର ଶବ୍ଦ ବାୟୁମଣ୍ଡଳରେ ଭାସି ଆସିଲା । କୁଆ, କୁମ୍ଭାଟୁଆ, ଜଙ୍ଗଲପାତିଙ୍କର କାକଳି ଶୁଣାଗଲାଣି । ଦିନର ଆଲୁଅ ଆସିବାକୁ ଆଉ ବିଳମ୍ବ ନାହିଁ । ମନର ସବୁ ଭୟ ଏବଂ ଅସହାୟ ଭାବ ଆକାଶରୁ ଅନ୍ଧାର ଘୁଞ୍ଚିଗଲା ଭଳି କ୍ରମଶଃ ଦୂରେଇ ଯିବାର ଉପକ୍ରମ କଲେଣି । ଦିନର ଆଲୋକ ସମସ୍ତଙ୍କ ପ୍ରାଣରେ ଭରି ଦେଲାଣି ଶକ୍ତି ଏବଂ ସାହସ ।

ସମସ୍ତେ କ୍ରମଶଃ ଆଶ୍ୱସ୍ତ ହେଲେ । କାଳ ରାତ୍ରିର ଅବସାନ ଘଟିଲା । ପ୍ରତୀକ୍ଷା ପର୍ବର ପରିସମାପ୍ତି ଘଟିଲା । ସମସ୍ତେ କ୍ଲାନ୍ତ–ସମସ୍ତଙ୍କ ଆଖିରେ ଆଖିଏ ଲେଖାଁଏ ନିଦ । ସବୁ ଆସବାବ ପତ୍ର ସ୍କୁଲ ଘରିପଟେ ବିଛେଇ ହୋଇ ପଡ଼ିଛି– ସେଗୁଡ଼ାକ ଯଥା ସ୍ଥାନରେ ରଖିବାକୁ ହେବ । ପ୍ରାର୍ଥନା ଘଣ୍ଟା ବାଜିଲା– କର୍ମମୁଖର ଜୀବନର ପ୍ରାଥମିକ ସୂଚନା ଛାତ୍ରାବାସର ବାରଣ୍ଡାରେ ସମସ୍ତେ ଶୃଂଖଳିତ ହୋଇ ବସିଗଲେ । ସମବେତ କଣ୍ଠରେ ପ୍ରାର୍ଥନା ସଙ୍ଗୀତ ଉଚ୍ଚାରିତ ହେଲା–

ସତ୍ୟ ପଥେ ଧର୍ମ ପଥେ ନେଇଯାଅ ମୋତେ
ଭସାଅ ପରାଣ ମୋର ତବ ପ୍ରେମ ସ୍ରୋତେ
ପ୍ରଭୋ ପରମ ଶରଣ
ଏ ଜୀବନ ଶ୍ରୀଚରଣେ କଲି ସମର୍ପଣ ।

ପ୍ରଭୁଙ୍କ ଚରଣରେ ଏ ଜୀବନ ସମର୍ପଣ କରିଦେଲି । ପ୍ରଭୁ ! ତୁମରି ଇଚ୍ଛା ପୂର୍ଣ୍ଣ ହେଉ । ଏ ମଣିଷ ନିମିତ୍ତ ମାତ୍ର ।

ଏହି ପରିପୂର୍ଣ୍ଣ ଆତ୍ମ ସମର୍ପଣରେ ପ୍ରାଣରେ କି ଭରସା ! କି ଅପୂର୍ବ ଶାନ୍ତି !

ଦିବସର କର୍ମମୁଖର ଜୀବନରେ ସେ ରାତ୍ରିର ବିଭୀଷିକା ଭୁଲିଯିବା ପୂର୍ବରୁ ଶୁଣିବାକୁ ପାଇଲୁ କନ୍ଧମାନେ ଦେଓ୍ୱହାଁ-ବାଡ଼ି ସ୍କୁଲରେ ନିଆଁ ଲଗାଇ ସାରି ଫେରିଗଲେ–ବାବାଜୋଲା ମଧ୍ୟ ଆସି ନାହାନ୍ତି ।

---

ମୁଖ୍ୟ ଅଧ୍ୟାପକ, ଓଡ଼ିଆ ବିଭାଗ
ସମ୍ବଲପୁର ଗଙ୍ଗାଧର ମେହେର
ସାଂଧ୍ୟ ମହାବିଦ୍ୟାଳୟ ।

# ଏରସମା ଥାନା ପୋଡ଼ି

ଶ୍ରୀ ଗୌରୀଶ୍ୟାମ ନାୟକ

୧୯୩୦ରୁ ସୁଲଛାଡ଼ି, ସୂତାକାଟି ଖଦଡ଼ ପିନ୍ଧିବା ଆରମ୍ଭ ହେଲା । ସେତେବେଳର ଖଦଡ଼ କେରପାଲ ପରି ମୋଟା ତଥାପି ତାହା ଆନନ୍ଦ ଦେଉଥାଏ ।

୧୯୪୨ ଅଗଷ୍ଟ ମାସରେ ଗାନ୍ଧିଜୀଙ୍କ ଡାକରା ଆସିଲା—"ଇଂରେଜ ଭାରତ ଛାଡ଼—ଭାରତୀୟ, କର ବା ମର, ଏହା ଶେଷ ମୁକ୍ତି ସଂଗ୍ରାମ, କେହି ନେତା ନଥିବେ ନେତୃତ୍ୱ ଦେବାପାଇଁ, ତେଣୁ ପ୍ରତ୍ୟେକ ଭାରତୀୟ ନିଜ ନିଜ ନେତା, ଏହାଭାବି ଇଂରେଜଙ୍କୁ ତଡ଼ିବାକୁ ହେବ । ବିଶ୍ରାମ ନାହିଁ । ଶେଷ ଲଢ଼େଇ କରିବାକୁ ହେବ ନଚେତ୍ ମରିବାକୁ ହେବ ।"

ଏହି ଶେଷବାଣୀ ଗାନ୍ଧିଜୀଙ୍କର ଶୁଣି ମୁଁ ଭାବିଲି ସେମିତି ଗୋଟିଏ କାର୍ଯ୍ୟ କରିବାକୁ ହେବ ଯେଉଁଥିରେ ଇଂରେଜଙ୍କ ଶାସନକଳକୁ ଧ୍ୱଂସ କରିବାକୁ ହେବ ଅଥବା ତାହାରି ସଂପାଦନରେ ମରିବାକୁ ହିଁ ହେବ ।

୧୯୪୨ ସେପ୍ଟେମ୍ବର ୬ ତାରିଖ ସକାଳ ୭ଟା ସ୍ୱଚ୍ଛ ଦିବାଲୋକ । ଏରସମାର ବହୁ ଲୋକଙ୍କୁ ସଙ୍ଗଠିତ କରି ପୁଲିସ ଥାନା ଚଢ଼ାଉ କରାଗଲା । କବାଟ, ଝରକା, ହାତକଡ଼ି, ହାଜତଘର ସବୁ ଭାଙ୍ଗି ସେତେ ରେକର୍ଡ, ଚୌକିଦାର ପୋଷାକ, ସିପାହିଙ୍କ ଲାଲ ପଗଡ଼ି ଓ ପୋଷାକ, ଦଉଡ଼ି ପ୍ରଭୃତି ନିଆଁ ଲଗା ହେଲା । ଲାଲ ପଗଡ଼ିମାନ ନିଆଁ ଲଗାଇ ଠେଙ୍ଗାରେ ବାନ୍ଧି ଲୋକେ ନାଚୁଥାନ୍ତି । ଥାନାର ସବୁ ଜିନିଷ ପୋଡ଼ି ପାଉଁଶ ହୋଇଗଲା । ପୁଲିସ ବେରେକ୍ ମଧ୍ୟ ଧ୍ୱଂସ ହୋଇଗଲା ।

ବହୁ ବିଚକ୍ଷଣତା, ପ୍ରଗାଢ଼ ସଙ୍ଗଠନ ତତ୍କାଳୀନ କୌଶଳ ହେତୁ ବନ୍ଧୁକ ଥିବା ସତ୍ତ୍ୱେ ପୁଲିସ୍, ଚୌକିଦାରମାନଙ୍କୁ ଏପରି କାବୁ କରି ନିଆହେଲା ଯେ ସେମାନେ କିଂକର୍ତ୍ତବ୍ୟ ବିମୂଢ଼ ହୋଇଗଲେ ।

ତାପରେ ସେପ୍ଟେମ୍ବର ୭ ତାରିଖରେ ଆସିଗଲେ ପେଶାଓ୍ୱାରୀ ଫୌଜ । ଦେଖିବାକୁ ଅଧା ତାଳଗଛ ପରି । ବନ୍ଧୁକ, ଗୁଳିମାନ ନେଇ ଗାଁ ଗାଁ ପଶି ଭୟଭୀତ କରାଇବାରେ ଲାଗିଲେ । ଅନେକ ଗାଁ ଛାଡ଼ି ପଳାଇଲେ । ସେଥିରେ ୭୮ ଜଣଙ୍କୁ ଗିରଫ କରାଗଲା । ୧୦ଟି ଗାଁରେ ଟ୫,୫୦୦ (ସେତେବେଳେ ଯେତେବେଳେ ଟଙ୍କାକୁ କଟକି ୨୦ ସେର ଚାଉଳ ଥିଲା) ସମୂହ ଜୋରିମନା ଘରସବୁ କ୍ରୋକ୍ କରି ଆଦାୟ କରାହେଲା ।

ତାପରେ ସେଶାଲ କୋର୍ଟରେ ବିଚାର ହେଲା । କେସ୍ ବିଚାର ହୋଇ ୬ ମାସ ପରେ ୫୬ ଜଣଙ୍କୁ ଅନ୍ତରନ୍ତ୍ରୀଏଲ ଭାବେ ମୁକ୍ତି କରାଗଲା ଓ ମୋତେ ରିଙ୍ଗ ଲିଡର ଆଖ୍ୟା ଦେଇ ୧୪ ବର୍ଷ ସଶ୍ରମ କାରାଦଣ୍ଡ ଓ ନଗଦ ଟ୫୦୦ ଜୋରିମାନା ହେଲା । ଅନ୍ୟମାନଙ୍କୁ ୮ ମାସରୁ ଦେଢ଼ବର୍ଷ କାରାଦଣ୍ଡ ହେଲା । ଏଥିସହ ଏରସମା ଡାକଘର ଓ ଅବକାରୀ ଦୋକାନ ଭଙ୍ଗା ହେତୁ ଅଧିକା ୨ ବର୍ଷ ଲେଖାଁ ଦଣ୍ଡ ହେଲା ।

ଓଡ଼ିଶାରେ ବୋଧେ ଏରସମା ସର୍ବପ୍ରଥମ ଓ ଏକମାତ୍ର ଥାନା, ଯାହା ସ୍ୱଚ୍ଛ ଦିବାଲୋକରେ ଧ୍ୱଂସ କରାହେଲା ।

ତେଣୁ ଗାନ୍ଧିଜୀଙ୍କ ଡାକରା ଅନୁସାରେ ଆମେ ଇଂରେଜ ଶାସନ ଦୁର୍ଗରୁ ଗୋଟିଏ ଧ୍ୱଂସ କରି ପାରିଲୁ । ଏହାହିଁ ଆମର ଆତ୍ମସନ୍ତୋଷ ଯେଉଁଥିରେ ଫାଶୀ ବା ଗୁଳିକୁ ଆମେ ଆନନ୍ଦରେ ବରଣ କରି ସ୍ୱଚ୍ଛ ଦିବାଲୋକରେ ଏହା କରିଥିଲୁ ।

ଗ୍ରା:—ହାଜିପୁର
ଥାନା—ତିରଣ
ଜି: କଟକ

# ସ୍ୱାଧୀନତା ସଂଗ୍ରାମର ରକ୍ତତୀର୍ଥ

ଶ୍ରୀ ଉପେନ୍ଦ୍ର ପ୍ରସାଦ ଦାସ

୧୯୪୨ ସେପ୍ଟେମ୍ବର ୨୮ ତାରିଖ, ଅପରାହ୍ଣ ପ୍ରାୟ ୫ଟା ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ଅଭୁଲା ସ୍ମୃତି । ଅଶିଣ ମେଘାଳିଆ ଆକାଶ ଅସ୍ତଗାମୀ ସୂର୍ଯ୍ୟଙ୍କ କନକ କିରଣରେ ପରିଷ୍କାର ହୋଇ ଆସୁଥାଏ । ପଶ୍ଚିମ ଆକାଶରେ ରକ୍ତ, ପୀତ, ଓ ନୀଳ ରଙ୍ଗରେ ରଞ୍ଜିତ କେତେଖଣ୍ଡ ମେଘମାଳାର ସମାବେଶ । ବାଦଲ ଫାଙ୍କରେ ସୁନେଲି ସୂର୍ଯ୍ୟର ପୀତରଶ୍ମି ସୁନାମୁଣ୍ଡ ବୁଣିଦେଉଥାଏ । ସୁନେଲି କିରଣର ନରମ ପରଶ ସାଙ୍ଗକୁ ଅଶିଣା ପବନର ସନ୍ ସନ୍ ଓ ମନମତାଣିଆ ହିଲ୍ଲୋଳ । ଏତିକିବେଳେ ଇରମର ପୂର୍ବତନ ଜମିଦାର ସ୍ୱର୍ଗତ ରାଧାକାନ୍ତ ପାଢ଼ୀଙ୍କ ବୈଠକଖାନା କୋଠା ଉପରୁ ବନ୍ଧୁକର ଫାଙ୍କା ଆବାଜ ଶୁଭିଲା । ମେଳନ ପଡ଼ିଆରେ ସମବେତ ଜନତାଙ୍କର ଏ ଆଡ଼କୁ ଲକ୍ଷ୍ୟ ନାହିଁ ।

ସଭା ମଞ୍ଚରେ ଦଣ୍ଡାୟମାନ ପ୍ରଧାନ ନେତା ଶ୍ରୀ ଗଣେଶ ତ୍ରିପାଠୀ ବକ୍ତୃତା ଦେଇ ଚାଲିଛନ୍ତି । ପୁଲିସ୍ ବାହିନୀ ରାସ୍ତା ଅବରୋଧ କରି ଛିଡ଼ା ହୋଇ ମେଳନ ପଦାରେ ଥିବା ବରଗଛକୁ ଦୁଇ ତିନିଟା ଫାଙ୍କା ଆବାଜ କରିଥିଲେ । ଗୁଳି ହେବା ଭଳି ସେପରି କୌଣସି ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା । ଫାଙ୍କା ଆବାଜକୁ ଜନତା ପୁଲିସର ଡରାଣ ବୋଲି ମନେ କଲେ । ତେଣୁ ସଭାକାର୍ଯ୍ୟ ଚାଲୁ ରହିଲା, ମାତ୍ର ସଭା ଭାଙ୍ଗିବାକୁ କୌଣସି ଇଙ୍ଗିତ ନ ଦେଇ ପୁଲିସ ବାହିନୀ ରାସ୍ତା ଅବରୋଧ କରି ଘନ ଘନ ଗୁଳି-ବର୍ଷଣ କଲେ । ମେଳନ ପଦାରେ ତିନିପାଖ ଘଞ୍ଚ କଣ୍ଟା-ବାଡ଼ । ତେଣୁ ପଳାଇ ଯିବାକୁ ବାଟ ନାହିଁ । ଏକମାତ୍ର ପ୍ରବେଶ ତଥା ନିର୍ଗମ ପଥରେ ପୁଲିସ୍ ବାହିନୀର ବନ୍ଧୁକ ଶବ୍ଦ ଢୋ-ଢା-ଢି । ନିର୍ମମତାରେ ଏ କାଣ୍ଡ ଚାଲିଥାନ୍-ବାରୁ ମଧ୍ୟ ବଳି ପଡ଼ିଲା ।

ସଭାସ୍ଥଳି ଏକ କରୁଣ ଦୃଶ୍ୟରେ ପରିଣତ ହେଲା, ଆଖି ପିଛୁଡ଼ାକେ । ଗୋଟାକ ପରେ ଗୋଟାଏ ସଭା-ସ୍ଥଳିରେ ଟଳି ପଡ଼ିଲେ । କିଏ ବା ପ୍ରାଣମୂର୍ଚ୍ଛା କଣ୍ଟା-ବାଡ଼କୁ ଡେଇଁ କ୍ଷତ ବିକ୍ଷତ ହେଲେ । କିଏ ଗଛ ଉପରକୁ ଚଢ଼ିଗଲେ ଓ କେତେକ ନିକଟସ୍ଥ ପୋଖରୀରେ ପଶି ପାଣିରେ ବୁଡ଼ି ରହିଲେ । କେତେକ ଭୟରେ ଧାଇଁ ଯାଉଁ ଯାଉଁ ବାଟରେ ମୂର୍ଚ୍ଛା ଗଲେ ।

ସଭାସ୍ଥଳିରେ ଶୁଭୁଥିବା 'ମହାତ୍ମା ଗାନ୍ଧୀ କି ଜୟ' 'ଭାରତ ମାତା କି ଜୟ', 'ବନ୍ଦେ ମାତରଂ' 'ଇନ୍‌କିଲାବ ଜିନ୍ଦାବାଦ' କ୍ରମଶଃ ମଉଳି ପଡ଼ିଲା । ତା' ପରେ ପରେ ବୁକୁଫଟା ଆକୁଳ କ୍ରନ୍ଦନ ରୋଳ ମେଳନପଦାର ବୁକୁଚିରି ଏକ କରୁଣ ଆର୍ତ୍ତନାଦ ସୃଷ୍ଟି କଲା । ମରିଗଲି-ମରିଗଲି ଡିଂ-ଡିଂ ଶବ୍ଦ ଓ ପାଣି ପାଣି ଚିତ୍କାର କରି ସଂଗ୍ରାମୀ-ମାନେ ପଡ଼ିଆରେ ଗଡ଼ୁଥାନ୍ତି । କେତେକଙ୍କର ପ୍ରାଣବାୟୁ ଉଡ଼ି ଯାଉଥାଏ । ଘଟଣାସ୍ଥଳରେ ଜଣେ ମହିଳା ସମେତ ୨୯ ଜଣ ସବୁଦିନ ପାଇଁ ଆଖି ବୁଜିଲେ । ଶତାଧିକ ଆହତ ସଂଗ୍ରାମୀ ପଡ଼ିଆ ଓ ତାର ଆଖ ପାଖ ରାସ୍ତାରେ ପଡ଼ି ପାଣି ମୁନ୍ଦାଏପାଇଁ ଆକୁଳ ଚିତ୍କାର କରୁଥାନ୍ତି ।

ଅଶିଣ ସଂଧ୍ୟାର ଗାଢ଼ ଅନ୍ଧକାର ସେତେବେଳକୁ ଧରା ଆଚ୍ଛାଦନ କରି ସାରିଥାଏ । ତଥାପି ହିଂସ୍ର ପୁଲିସ୍ ବାହିନୀର ଅତ୍ୟାଚାର ଥମି ନ ଥାଏ । ଟର୍ଚ୍ଚ ଆଲୋକ ସାହାଯ୍ୟରେ ଦରମରା ଯନ୍ତ୍ରଣା ଜର୍ଜରିତ ଭୂପତିତ ସଂଗ୍ରାମୀମାନଙ୍କୁ ବନ୍ଧୁକ ମୁନରେ ଖୁଞ୍ଚି ଖୁଞ୍ଚି, ଭୁସି ଭୁସି ପୁଲିସ୍ ବାହିନୀ ବ୍ୟଙ୍ଗ ବିଦ୍ରୂପ କରୁଥାନ୍ତି । ସେଠାରେ ଯେଉଁ ମର୍ମନ୍ତୁଦ କରୁଣ ପରିବେଶ ସୃଷ୍ଟି ହୋଇଥିଲା, ତାହା କଳ୍ପନାତୀତ ।

## ଶୋକର ଛାୟା

ଗୁଳି ବର୍ଷଣର ଶବ୍ଦ ଆଖ ପାଖ ଗ୍ରାମକୁ ବେଶ୍ ଶୁଭୁଥିଲା ଓ ଦିଗ୍‌ବଳୟରେ ବିସ୍ଫୋରଣର ଝଲକ ମଧ୍ୟ ଦିଶୁଥିଲା । ଅନ୍ଧକାର ରାତି, ମୁହଁକୁ ମୁହଁ ଦିଶୁ ନ ଥାଏ । ବର୍ତ୍ତମାନ ଭଳି ସେତେବେଳେ ବିଜୁଳି ଆଲୁଅ ଗ୍ରାମାଞ୍ଚଳକୁ ସଂପ୍ରସାରିତ ହୋଇ ନ ଥାଏ । କେତେ ଜଣ ଚୌକିଦାରଙ୍କୁ ସେଠାରେ ଜଗୁଆଳି ରଖାଇ ପୁଲିସ୍ ବାହିନୀ ଅପସରି ଗଲେ । ଇରମର ସ୍ୱେଚ୍ଛା ସେବାବାହିନୀ, ଶାନ୍ତିସେନା କର୍ମୀ ଓ ଗୃହସ୍ଥମାନେ ବ୍ୟଥିତ ପ୍ରାଣରେ ଆହତମାନଙ୍କ ଚିକିତ୍ସା ନିମନ୍ତେ ଆଗେଇ ଆସିଲେ । ଲେମ୍ବୁପାଣି, କ୍ଷୀର, ବାର୍ଲି, ଗରମଜଳ ଯେ ଯାହା ପାରିଲା ଯୋଗାଇଲା । ଚୂନ, ଡେଟଲ ଓ ଆୟୋଡ଼ିନ୍ ଯାହା ପାଖରେ ଥିଲା ଆସିଲା । କେତେକ ବେହୋସ ହୋଇଥିଲେ, ସେମାନଙ୍କର ଚେତା ଫେରାଇ ଆଣିବା ଲାଗି ଉଦ୍ୟମ କରାଗଲା । ସମସ୍ତଙ୍କ ଆଖିରେ ଲୁହ ଓ ଆତଙ୍କର ଚିହ୍ନ । ଯେଉଁମାନେ ପ୍ରାଣ

ଚିଲ୍କାରେ ବଣ ଝଙ୍ଗାଣ, ଧାନବିଲ ଭିତରେ ପଡି ନିଜ ନିଜ ଘରକୁ ଫେରିବେ ସେମାନେ ପହଞ୍ଚିବାକୁ ବିଳମ୍ବ କଲେ । ଲଣ ଘେରଦ ମଧ୍ୟରେ ଏ ସମ୍ବାଦ ପହଞ୍ଚିବାକୁ ବିଳମ୍ବ ହେଇ ନାହିଁ । କାହାର ସ୍ୱାମୀ, କାହାର ପୁଅ, କାହାର ଭାଇ, କାହାର ଜ୍ଞାତି କୁଟୁମ୍ବ ସଭାକୁ ଯାଇଥିଲେ । କିଏ ମୃତ, କିଏ ଜୀବିତ ଜାଣିବାକୁ ସମସ୍ତେ ବ୍ୟଗ୍ର । ତେଣୁ ଘରେ ଘରେ କ୍ରନ୍ଦନର ରୋଳ ଉଠିଲା । ବୃଦ୍ଧ, ବୃଦ୍ଧା ଓ ସ୍ତ୍ରୀମାନଙ୍କ ବିଳାପ ଧ୍ୱନି ସାଙ୍ଗକୁ ପିଲାମାନଙ୍କର ଆକୁଳ କ୍ରନ୍ଦନ ଚିତ୍କାର ହୃଦୟଫଟା ପରିବେଶ ସୃଷ୍ଟି କଲା । ନିଷ୍ଠୁର ହୃଦୟ ମଧ୍ୟ ତରଳି ଯାଉଥିଲା ।

## ଅମର ସହିଦ

ମେଳନପଦାରେ ପଡ଼ି ରହିଥିବା ସହିଦମାନଙ୍କ ବ୍ୟତୀତ ଆହତ ବ୍ୟକ୍ତିଙ୍କୁ ପରଦିନ ସକାଳ ସୁଦ୍ଧା ସେମାନଙ୍କର ଆତ୍ମୀୟ ସ୍ୱଜନ ଗୋପନରେ ନିଜ ନିଜ ଘରକୁ ନେଇଥିଲେ । ଗୁଳିକାଣ୍ଡ ପରେ ଯେଉଁ ସଂଗ୍ରାମୀମାନେ ସହିଦ ହୋଇ ଚିରଦିନକୁ ସ୍ୱାଧୀନତା ସଂଗ୍ରାମର ଟେକ ରଖିଗଲେ, ସେମାନେ ହେଲେ–ପଦୁଆଁ ଗ୍ରାମର ୧–ବିଶ୍ୱନାଥ ଦାସ, ୨–ଗୋପାଳଚରଣ ଦାସ, ୩–ବିଜୁଳି ଦାସ, ୪–ରାଧୁ ମହାଲିକ, ୫–ମଣି ବେହେରା, ୬–ଧ୍ରୁବ ଚରଣ ଦେ, ୭–ବଳଭ ବେହେରା, ୮–ହୃଷି ବେହେରା, ୯–ବାସୁ ସାହୁ, ୧୦–ରାମ ମାଝି, ୧୧–କାଳି ମାଝି, ୧୨–ଭୁଆ ମାଝି, ୧୩–କୃଷ୍ଣ ସ୍ୱାଇଁ, ୧୪–ମଦନ ପତ୍ରଇ, ୧୫–ହରି ବେହେରା, ୧୬–ମାଗ ମାହାଳିକ । ଶଂଖାରୀ ଗ୍ରାମର ୧୭–କୃପାସିନ୍ଧୁ ବେହେରା, ସର୍ଥୀ ଗ୍ରାମର ୧୮–ମଣି ପ୍ରଧାନ, ୧୯–ପରିଦାସ, ସୁଦର୍ଶନପୁର ଗ୍ରାମର ୨୦–ରତ୍ନାକର ପାଣି ଗୁଡ଼ ଗ୍ରାମର ୨୧–ଦିବାକର ପାଣିଗ୍ରାହୀ, ଆର୍ଡ଼ି ଗ୍ରାମର ୨୨–ଗୋବିନ୍ଦ ରାଉତ, ଇରମର ୨୩–ପରି ନବେତ୍ତା (ମହିଳା), ନୂଆଗାଁର ୨୪–ଉପ ମଲିକ, ୨୫–ବୃନ୍ଦାବନ ପଣ୍ଡା, ଅଦୁଆଁର ୨୬–ନିଧି ମହାଳିକ, ୨୭–ଶଙ୍କର ମଲିକ, ନନ୍ଦପୁର ଗ୍ରାମର ୨୮–ଭାବନ ରାଉତ ଏବଂ ଈଶ୍ୱରପୁର ଗ୍ରାମର ୨୯–ଲଟି ସାହୁ । ମୋଟ ୧୧ଟି ଗ୍ରାମରୁ ୨୯ ଜଣ ସହିଦ ହେଲେ ଓ ସେମାନଙ୍କ ମଧ୍ୟରେ କେବଳ ପଦୁଆଁ ଗ୍ରାମର ୧୬ ଜଣ ।

ବିସ୍ମୟର କଥା ପ୍ରଧାନ ସେନା ଶ୍ରୀ ଗଣେଶ ପ୍ରସାଦ ତ୍ରିପାଠୀ ସଭାସ୍ଥଳରେ ଭାଷଣ ଦେଉଥିଲେ ହେଁ ତାଙ୍କ ଦେହରେ ଗୁଳି ବାଜିନ ଥିଲା କିମ୍ବା ଅନ୍ୟମାନଙ୍କ ପରି ସେ ଖୁବ୍ ଶୀଘ୍ର ଗିରଫ ହୋଇ ନ ଥିଲେ । ତେଣୁ ଗୁଳିକାଣ୍ଡ ଓ ତା ପରବର୍ତ୍ତୀ ଘଟଣାବଳୀର ସେ ଥିଲେ ଯଥାର୍ଥ ଦ୍ରଷ୍ଟା ।

ଏ ଘଟଣାରେ ଦଣ୍ଡିତ ହୋଇ ଥିଲେ ୩୬ ଜଣ । ସେମାନଙ୍କ ମଧ୍ୟରୁ ୨୬ ଜଣ ୬ ବର୍ଷ କାରାଦଣ୍ଡ ଆଦେଶ ପାଇଥିଲେ ଏବଂ ସଂଗ୍ରାମର ପ୍ରଧାନ ସେନାପତି ଶ୍ରୀ କମଳା ପ୍ରସାଦ କରଙ୍କୁ ୭ ବର୍ଷ ଜେଲ ଦଣ୍ଡ ଆଦେଶ ହୋଇଥିଲା । ଅନ୍ୟମାନେ ୬ ବର୍ଷରୁ କମ୍ ଜେଲ ଦଣ୍ଡ ଆଦେଶ ପାଇଥିଲେ । ୧୩ଟି ଗ୍ରାମରୁ ଯେଉଁ ୩୬ ଜଣଙ୍କୁ ଜେଲ ଦଣ୍ଡ ଦିଆଯାଇଥିଲା, ସେଥିମଧ୍ୟରୁ ୧୪ ଜଣ ପଦୁଆଁ ଗ୍ରାମର ।

## ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମି

ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ବାସୁଦେବପୁର ଥାନାର ଗୋଟିଏ ଗାଁ–ଇରମ, ବଙ୍ଗୋପସାଗର ଉପକୂଳରେ ଅବସ୍ଥିତ । ଏହାର ପୂର୍ବ ସୀମାରେ ଐତିହାସିକ କୋଷ୍ଟ କେନାଲ, ଅତୀତ ସମୃଦ୍ଧିର ମୂକସାକ୍ଷୀ, ଏବେ ମୃତନଦୀ ସଦୃଶ ପଡ଼ି ରହିଛି । ଇରମର ଅନ୍ୟ ତିନିଦିଗ ଘନ ଜନବସତିପୂର୍ଣ୍ଣ କ୍ଷୁଦ୍ର ବୃହତ୍ ଜନପଦ ପରସ୍ପରକୁ ଲଗା ଲଗି, ସତେ ଯେପରି ଅନାବିଳ ଭାତୃତ୍ୱ ଡୋରିରେ ବନ୍ଧା । ଇରମର ଉତ୍ତର ଦିଗରେ ପଦୁଆଁ, ଉତ୍ତର-ପଶ୍ଚିମ ଦିଗରେ ବଡ଼ଦା ଓ ଶଂଖାରୀ, ପଶ୍ଚିମ ଦିଗରେ ଗୁଡ଼ଂସୁଆଁ ଓ ସୁଦର୍ଶନପୁର ଏବଂ ଦକ୍ଷିଣରେ ଅଦୁଆଁ ଗ୍ରାମ ଅତ୍ୟନ୍ତ ଜନ ବହୁଳ । ଏହା ଛଡ଼ା ବହୁ ଛୋଟ ଛୋଟ ଗ୍ରାମ ସମେତ–ଏ ଅଞ୍ଚଳ କାଂଶବାଂଶ ଓ ଗମେଇ ନଦୀର ତ୍ରିକୋଣ ଭୂମିରେ ଅବସ୍ଥିତ ।

ଏହି ତ୍ରିକୋଣ ଭୂମିର କେନ୍ଦ୍ର ବିନ୍ଦୁ ଇରମ ଗ୍ରାମର ପ୍ରାଧାନ୍ୟ ପ୍ରାକ ସ୍ୱାଧୀନତା ପୂର୍ବରୁ କେତେ ଗୁଡ଼ିଏ କାରଣ ଉପରେ ନିର୍ଭର କରିଥିଲା । ପ୍ରଥମତଃ, ଏହି ଗ୍ରାମରେ ଏକ ପରାକ୍ରମଶାଳୀ ସମ୍ଭ୍ରାନ୍ତ ଜମିଦାର ବଂଶ ରହୁଥିବାରୁ ପ୍ରଥମେ ଅନେକ ଗୁଡ଼ିଏ ରାଜନୈତିକ ସୁବିଧା ହାସଲ କରିଥିଲା ଓ ଶିକ୍ଷାନୁଷ୍ଠାନ, ପୋଷ୍ଟ ଅଫିସ ଓ ହାଟ ପ୍ରଭୃତି ପ୍ରତିଷ୍ଠିତ ହୋଇ ସାରିଥିଲା । ଦ୍ୱିତୀୟତଃ, ଉତ୍କଳ ଭାରତୀଙ୍କ ବରପୁତ୍ର ଜାତୀୟ କବି ସ୍ୱର୍ଗତ ବାଞ୍ଛାନିଧି ମହାନ୍ତି ଏହି ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ସମଗ୍ର ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମକୁ ଗଣାଭିମୁଖୀ ତଥା ଗତିଶୀଳ କରାଇବା ଦିଗରେ ଯେଉଁ କେତେଜଣ କବି ଲେଖକଙ୍କର ଅବଦାନ ରହିଛି ସେମାନଙ୍କ ମଧ୍ୟରେ ଜାତୀୟ କବି ବାଞ୍ଛାନିଧି ମହାନ୍ତି ଅନ୍ୟତମ । ତାଙ୍କର ସମସ୍ତ ସଙ୍ଗୀତ ସ୍ୱାଧୀନତା ସଂଗ୍ରାମକୁ କେନ୍ଦ୍ରକରି ରଚିତ । ସେଗୁଡ଼ିକ ଗଣବୋଧ୍ୟ ଲଳିତ ଓ ଭାବଧାରା ରୋମାଞ୍ଚକର, ହୃଦୟସ୍ପର୍ଶୀ । ବାଞ୍ଛାନିଧି ବାବୁଙ୍କ ଯୋଗୁଁ ଇରମ ଭାରତର ବହୁ ବିଶିଷ୍ଟ ନେତାଙ୍କୁ ଆକୃଷ୍ଟ କରିଥିଲେ । ତାଙ୍କ ଯୋଗୁଁ ଇରମ ବାସୀ ଜାତୀୟ ଜାଗରଣ ତଥା ସ୍ୱାଧୀନତା ସଂଗ୍ରାମର ମହତ୍ତ୍ୱକୁ ହୃଦୟଙ୍ଗମ କରି ପାରିଥିଲେ ।

## ସଭା ସମିତି ଓ ସେନାଗଣ

ସୁଦୂର ପଲ୍ଲୀ ଅଞ୍ଚଳରେ ଇରମ ଅବସ୍ଥିତ ହୋଇଥିଲେ ହେଁ ଉପରୋକ୍ତ କାରଣରୁ ସେ ଅଞ୍ଚଳର ସ୍ୱାଧୀନତା ପ୍ରେମୀ କେତେକ ବ୍ୟକ୍ତି ସ୍ୱାଧୀନତା ସଂଗ୍ରାମର ବାର୍ତ୍ତାମାନ ଜାଣି ପାରୁଥିଲେ ଓ ତଦନୁଯାୟୀ ଲୋକମାନଙ୍କ ପାଇଁ ତାହା ପ୍ରଚାର କରୁଥିଲେ । ୧୯୨୧ ଏପ୍ରିଲ ମାସରେ ସର୍ବ ପ୍ରଥମେ ଇରମ ମେଳନ ପଦାରେ କଂଗ୍ରେସ ସଭା

ଅନୁଷ୍ଠିତ ହୋଇଥିଲା । ଏଥିରେ ସଭାପତିତ୍ୱ କରିଥିଲେ ସ୍ୱର୍ଗତ ଉପେନ୍ଦ୍ର ନାଥ ମହାପାତ୍ର ଓ ମୁଖ୍ୟବକ୍ତା ରୂପେ ସ୍ୱର୍ଗତ କବି ଶ୍ରୀ ବାଞ୍ଛାନିଧି ମହାନ୍ତି ଓ ଲକ୍ଷ୍ମୀନାରାୟଣ ପାଢୀ । ସେହି ମସିହାରେ ପଣ୍ଡିତ ଗୋପବନ୍ଧୁ ଦାସ ଭଗମ ପଦାର୍ପଣ କରି ଅସହଯୋଗ ଆନ୍ଦୋଳନର ବାର୍ତ୍ତା ପ୍ରଚାର କରିଥିଲେ । ସଭା ମଧ୍ୟରେ ଭାଷଣ ଉପକ୍ରମରେ ସେ ଭଗମର ପ୍ରାକୃତିକ ପରିବେଶ, ଜନଜାଗରଣ ଓ ଜନସାଧାରଣଙ୍କ ଆଚରଣରେ ଅଭିଭୂତ ହୋଇ ଯାଇଥିଲେ --

ଦେଶ ଜାତି ପ୍ରୀତି ସରସ୍ୱତୀ ନଦୀ
ବହୁଛି ଭଗମେ ଶତମାର୍ଗ ଭେଦି
ଏ ଅନ୍ତଃ ସଲିଳା ଏ ସାରା ଭାରତେ
ଜାତୀୟତା ଧାରେ ବହିବ ନିରତେ
ଦେଶାତ୍ମବୋଧର ଶୁଭ୍ର ଗଙ୍ଗାସାର
ଭଗମ ସୁରମ୍ୟ ଜାତୀୟ ନଗର ।

ଅସହଯୋଗ ଆନ୍ଦୋଳନର ବାର୍ତ୍ତା ପ୍ରଚାର ହେବା ସଙ୍ଗେ ସଙ୍ଗେ ସଂଗ୍ରାମୀମାନେ ନିଶା ନିବାରଣ, ନିରକ୍ଷରତା ଦୂରୀକରଣ, ଅସ୍ପୃଶ୍ୟତା ବର୍ଜନ, ବିଦେଶୀ ଦ୍ରବ୍ୟ ବର୍ଜନ ଓ ସ୍ୱଦେଶୀ ବସ୍ତ୍ର ବୟନ ଭଳି ରଚନାତ୍ମକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ୧୯୩୮ ମସିହାରେ କବି ବାଞ୍ଛାନିଧି ମହାନ୍ତିଙ୍କ ଦେହାନ୍ତ ପରେ ତାଙ୍କର ସହଯୋଗୀ ଲକ୍ଷ୍ମୀନାରାୟଣ ପାଢୀ, ଉପେନ୍ଦ୍ର ମହାପାତ୍ର, ସୁଦର୍ଶନ ପଣ୍ଡା ଆନ୍ଦୋଳନର ନେତୃତ୍ୱ ନେଲେ । ତା'ପରେ ପରେ ଭଗମର ପ୍ରଭାକର ତ୍ରିପାଠୀ ଗଣେଶ ପ୍ରସାଦ ତ୍ରିପାଠୀ, ଶଂଖାରୁ ନିବାସୀ ଶ୍ରୀ କମଳା ପ୍ରସାଦ କର ଓ ସୁଆଁ ନିବାସୀ ଶ୍ରୀ ରଘୁନାଥ ସାମନ୍ତରାୟ ପ୍ରତ୍ୟକ୍ଷ ସଂଗ୍ରାମରେ ଯୋଗ ଦେଲେ । ଏମାନଙ୍କ ବ୍ୟତୀତ ସର୍ବଶ୍ରୀ ମାନଗୋବିନ୍ଦ ତ୍ରିପାଠୀ, ଅର୍ଜୁନ ବିଶ୍ୱାଳ, ସ୍ୱର୍ଗତ ଭ୍ରମରବର ବେହେରା, ନିଶାକର ଦଳାଇ, ଭାସ୍କର ପରିଡା, ରଘୁନାଥ ମହାପାତ୍ର, କାଶୀନାଥ ଦାଶ, ଲୋଚନ ତ୍ରିପାଠୀ, ରଙ୍ଗନିଧି ମହାନ୍ତି, ନରହରି ମହାନ୍ତି, ଚକ୍ରଧର ଚନ୍ଦ୍ର ମହାପାତ୍ର, ସନାତନ ମଲ୍ଲୀକ, ନାରାୟଣ ରାଉତ, ବାଞ୍ଛାନିଧି ଅଗସ୍ତୀ, ବିଷ୍ଣୁମୋହନ ପାଣିଗ୍ରାହୀ, କୃଷ୍ଣ ରାଉତ, ମହେନ୍ଦ୍ର ପ୍ରସାଦ ରାୟ ପ୍ରମୁଖ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ବାସୁଦେବପୁର ଥାନାର ବରଣ୍ଡୁଆ ଗ୍ରାମ ନିବାସୀ ଶ୍ରୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତି ଓ ସୁଆଁର ସ୍ୱର୍ଗତ ରାମନାରାୟଣ ଦାଶ ମଧ୍ୟ ଆନ୍ଦୋଳନର ପୁରୋଭାଗରେ ରହି କାର୍ଯ୍ୟ କରିଥିଲେ । ତତ୍କାଳୀନ ବାସୁଦେବପୁର ମି: ଇ: ସ୍କୁଲର ପ୍ରଧାନ ଶିକ୍ଷକ ଓ ସଂପ୍ରତି ଚରଂପା ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ସୁଧାଂଶୁ ଶେଖର ରାୟଙ୍କ ଅବଦାନ ଏ ଦିଗରେ ଅବିସ୍ମରଣୀୟ ।

## ସ୍ୱାଧୀନତା ପରେ

୧୯୪୨ ବିପ୍ଳବ ଥିଲା ଭାରତର ସ୍ୱାଧୀନତା ସଂଗ୍ରାମର ଶେଷ ଝଲକ । ୧୯୪୭ ଅଗଷ୍ଟ ୧୫ରେ ଭାରତ ସ୍ୱାଧୀନତା ଲଭକଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପରେ ବ୍ରିଟେନ୍‌ରେ ଶ୍ରମିକ ଦଳ କ୍ଷମତାକୁ ଆସିଲେ । ଶ୍ରମିକ ମନ୍ତ୍ରୀମଣ୍ଡଳ ଭାରତ ବିରୋଧୀ ମନୋଭାବ ତ୍ୟାଗ କରି ଭାରତରେ ଶାନ୍ତିସ୍ଥାପନ ନିମନ୍ତେ ଗାନ୍ଧିଜୀ ଓ ନେତାମାନଙ୍କ ସହିତ ମିଳାମିଶା ପ୍ରସ୍ତାବ ଆଣିଲେ । ସେମାନଙ୍କର ଆହ୍ୱାନ ଥିଲା 'ଭୁଲିଯାଅ, କ୍ଷମାଦିଅ' । ୧୯୪୬ ସୁଦ୍ଧା ଭଗମ ସ୍ୱାଧୀନତା ସଂଗ୍ରାମର ସମସ୍ତ ବନ୍ଦୀମାନଙ୍କୁ ଖଲାସ କରି ଦିଆଗଲା ।

ସ୍ୱାଧୀନତା ପ୍ରାପ୍ତି ପରେ ଭଗମ ମେଳନ ପଡ଼ିଆ ନିକଟରେ 'ଏକ ସହିଦ ସ୍ତମ୍ଭ' ନିର୍ମିତ ହୋଇଛି । ଭଗମ ଉଚ୍ଚ ଇଂରାଜୀ ବିଦ୍ୟାଳୟକୁ 'ସହିଦ ବିଦ୍ୟାପୀଠ ନାମରେ ନାମିତ ହୋଇଛି । ମେଳନପଦା ନିକଟ ଦେଇ ଅନନ୍ତପୁର–ବାସୁଦେବପୁର ରାସ୍ତାକୁ 'ସହିଦ ରାସ୍ତା' ରେ ପୁନଃନାମିତ ହୋଇଛି । ୧୯୫୧ ମସିହାର ମରୁଡ଼ି ପରିସ୍ଥିତିରେ ତତ୍କାଳୀନ ଜିଲ୍ଲାପାଳ ସ୍ୱର୍ଗତ ଜେ. ଏ. ଡାଭେଙ୍କ ନାମରେ ଏହା 'ଡାଭେ ରୋଡ' ନାମରେ ନାମିତ ହୋଇଥିଲା । ଯେଉଁ ମେଳନ ପଡ଼ିଆରେ ଆଜକୁ ୪୦ ବର୍ଷ ତଳେ ମର୍ମନ୍ତୁଦ ଗୁଳିକାଣ୍ଡ ହୋଇ ସେମାନଙ୍କ ରକ୍ତରେ ସ୍ୱାଧୀନତା ସଂଗ୍ରାମର ବହ୍ନି ଉଠିଥିଲା, ତାହା କ୍ରମଶଃ ପାଶୋର ହୋଇଗଲାଣି । ଅନେକ ଦିନ ଧରି ସେ ପଡ଼ିଆରେ ଘାସ ଉଠିନଥିଲା । ପ୍ରକୃତିର ପରିବର୍ତ୍ତନ ସଙ୍ଗେ ସଙ୍ଗେ ଏ ଅଞ୍ଚଳରେ ପରିବର୍ତ୍ତନ ଘଟିଛି ସତ, ମାତ୍ର ଯେଉଁ ଅମର ସହିଦମାନେ ନିଜର ଜୀବନ ବିନିମୟରେ ସ୍ୱାଧୀନତା ସଂଗ୍ରାମକୁ ଜାଗରୁକ କରିଥିଲେ, ତାଙ୍କର ଦାୟାଦମାନେ କେତେଦୂର ତାହିଁର ମୂଲ୍ୟବୋଧ ଦେଉଆଇଁ, ତାହା ସମସ୍ତଙ୍କର ଆତ୍ମସମୀକ୍ଷା କରିବା ବାଞ୍ଛନୀୟ ।

# ଜିଲ୍ଲା ପରିକ୍ରମା




**ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାହୁ**

ପରିବର୍ତ୍ତନଶୀଳ ଏ ଦୁନିଆଁ । କାଲି ଯେଉଁଘରେ କାଳିଗିଆ କାଠି ଜଳୁଥିଲା ଆଜି ସେଇଠି ଜଳୁଛି ବାଉଁଶବତି । ଗରା ମାଠିଆରେ ପଶୁଶହାଡିଆ ଦଉଡ଼ିବାନ୍ଧି ବର୍ଷ କୋଡ଼ିଏ ତଳେ ଦେଖା ଆଗରୁ ଗଭୀର କୂଅରୁ ମାଠିଆଏ ବା ଗରାଏ ପାଣିକାଢ଼ି ଯେଉଁମାନଙ୍କ ଅଣ୍ଡାଦରଜ ହେଉଥିଲା ସେହିମାନେ ନଳକୂଅରୁ ଅବଲୀଳାକ୍ରମେ ପାଣି ପାଇପାରୁଛନ୍ତି । ରାସ୍ତା ଅଭାବରୁ ବାଟୋଇ ଯେଉଁ ଗ୍ରାମକୁ ଯାଇନପାରି ଉଦାସ-ମନରେ ଫେରିଯାଉଥିଲା ସେ ଗାଁକୁ ତିନିତିନିଟା ବସ୍ ଧାଇଁଛି ପ୍ରତିଦିନ । ଯେଉଁ ଘରର ଲୋକ 'ଶ୍ରୀ' ଅକ୍ଷର ବିବର୍ଜିତ ଥିଲେ ସେହି ଘରର ପୁଅ ଆଜି ଅଧ୍ୟାପକ ବା ଅଧ୍ୟକ୍ଷ—ଆଇ.ଏ.ଏସ୍.ବା ଆଇ. ପି. ଏସ. । ପୂର୍ବପରି ରୋଗ ବେମାରରେ ଭାଗ୍ୟକୁ ଆଦରି ମୃତ୍ୟୁବରଣ କରୁନାହିଁ ମଣିଷ ବରଂ ସର୍ବଗ୍ରାସୀ ମୃତ୍ୟୁକବଳରୁ ରକ୍ଷା ପାଇବାକୁ ହାତାହାତି ଲଢ଼େଇ ଚଳେଇଛି । ଏହି ପରିପ୍ରେକ୍ଷୀରେ ଆଲୋଚନାକଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ "କାଲିର ମୂଲିଆ ଆଜିର କୃଷୀ" । ପରିବର୍ତ୍ତନଶୀଳ ଦୁନିଆଁର ଏହା ଏକ ଚିରନ୍ତନ ନୀତି ।

ସବଣାଟି ଢେଙ୍କାନାଳ ଜିଲ୍ଲା ଅନୁଗୁଳ ସବ୍‌ଡିଭିଜନ ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣବିଲି ଗ୍ରାମର ୧୩ଜଣ ହରିଜନ ଓ ଗିରିଜନଙ୍କ କାହାଣୀ । ସେମାନେ ହୀନ ନାଏକ ଅର୍ଜୁନ ସାହୁ, ପବନା ବେହେରା, ଅନ୍ତରା ସାହୁ, ରତ୍ନାକର ନାଏକ ଓ ଦୁଃଖିଶ୍ୟାମ ପ୍ରମୁଖ, ଏସବୁ ନାମ "ଭୂଗୋଳ ପୋଥିପତ୍ରରେ ନାହିଁ । ସେମାନେ ଥିଲେ ଅଜଣା ଅଶୁଣା ଅବହେଳିତ ମାତ୍ର ଦରକାରୀ । ତାଙ୍କ ହାଡ଼ଭଙ୍ଗା ପରିଶ୍ରମ ଫଳକୁ ସତତ ସ୍ୱେଚ୍ଛ ଦୃଷ୍ଟି ରଖିଥିବା ଗ୍ରାମବାସୀ ତାଙ୍କ ଉନ୍ନତପାଇଁ ଆଦୌ ଦରଦୀ ନୁହନ୍ତି । ଫଳରେ ବାପଅଜା ଅମଳରୁ ସେମାନେ ଯେଉଁ ସ୍ଥାନରେ କୁଡ଼ିଆକରି ମୁଣ୍ଡ ଗୁଞ୍ଜୁଥିଲେ କୌଣସି ପ୍ରକାର ଅଧିକାର ସେଥିରେ ତାଙ୍କର ନାହିଁ । ମୂଲଲାଗି, ନିକଟବର୍ତ୍ତୀ ଜଙ୍ଗଲରୁ ଫଳମୂଳ କାଠ ବାଉଁଶ ଓ ଡାଳପତ୍ର ବଜାରରେ ବିକି ଅଳ୍ପେବହୁତେ ଯାହାପାଆନ୍ତି, ପରିବାର ପୋଷଣପାଇଁ ସେତିକି ମାତ୍ର ତାଙ୍କର ସମ୍ବଳ; ଶୋକ ଉପାସ ତାଙ୍କର ଚିର ସହଚର । ଆଶ୍ଚର୍ଯ୍ୟ ଏହିଯେ ସଂସାରରେ ଜନ୍ମହୋଇ ମଧ୍ୟ ନିଜର ବୋଲି କହିବାକୁ 'ବାଡ଼ିଗୋଡ଼ରେ ଗୋଡ଼େ' ଜାଗା ନାହିଁ ତାଙ୍କର ହୁଏତ କାମକରିବାର ସାମର୍ଥ୍ୟ ଉପ୍ୟୁର ତାଙ୍କର ବାହୁଯୁଗଳରେ ।

ଦିନଗଲୁଛି, ଯୁଗ ବି ବଦଳିଛି । କାର୍ଯ୍ୟକାରୀ ହେଲା "ଗ୍ରାମାଞ୍ଚଳର ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଉତ୍ଥାନ" କାର୍ଯ୍ୟକ୍ରମ । ବ୍ରାହ୍ମଣବିଲି ଗ୍ରାମବାସୀମାନେ ପୂର୍ବତନ ସରପଞ୍ଚ କଳାକର ସାହୁଙ୍କ ସଭାପତିତ୍ୱରେ ଗ୍ରାମ

ସଭା ଡ଼ାକି ୧୩ଗୋଟି ପରିବାରକୁ ବାଛିଲେ । ଆବଶ୍ୟକ ସହଯୋଗ ତଥା ଦିଗଦର୍ଶନ ମିଳିଲା ସ୍ଥାନୀୟ ବି. ଡ଼ି. ଓ. ଙ୍କଠାରୁ । ଏହି ଗ୍ରାମରେ ଚିହ୍ନୋଟ ହୋଇଥିବା ଅନାବାଦୀ ସରକାରୀ ଜମିକୁ ଭୂମିଭିତ୍ତିକ ପରିକଳ୍ପନା ଅନୁସାରେ ପରିବାରପିଛା ଦେଢ଼ଏକର ଲେଖାଏଁ ଜମି ଯୋଗେଇବାକୁ ସ୍ଥିରହେଲା-୧୯୮୧-୮୨ ମସିହା ଖରିଫଋତୁରେ । ଖାଲି ସ୍ଥିରହେଲାନାହିଁ ଯେ ଗତ ଖରିଫଋତୁ ଆରମ୍ଭରେ ସେମାନେ ସେହି ଜମିରେ ମୂଲକାମକରି ମଜୁରୀ ପାଇଲେ । ସେଥିରେ ଥିବା ବୁଦୁବୁଦିକିଆ ଅନାବନା ଗଛହାଣି ତାକୁ ଚାଷୋପଯୋଗୀ ଜମିରେ ପରିଣତ କରିବା, ଧ୍ୱଂସଟିରି ବିହନ ଯୋଗେଇବା ଆବଶ୍ୟକମତେ ସାର ଓ ପୋକମରା ଔଷଧ ଆଦି ପ୍ରୟୋଗ କରିବାରେ ବ୍ୟୟିତ ଖର୍ଚ୍ଚ ସରକାର ବହନକଲେ । ସରକାରଙ୍କ ମୋଟ ଖର୍ଚ୍ଚ ୫ହଜାର ଟଙ୍କା । ଖର୍ଚ୍ଚ ହେବାକୁ ଅଛି ଆଉ ୪ ହଜାର ୭୫୦ ଟଙ୍କା । ଏଜମିରେ କାମକଲାବେଳେ ସେମାନେ ପୂର୍ବପରି ଅନ୍ୟ ଜମିରେ ଅନ୍ୟର ଉପକାର ପାଇଁ ଚାଷ କରୁଛନ୍ତି ବୋଲି ନ ଭାବି ନିଜ ଜମିରେ ନିଜପାଇଁ ଚାଷ କରୁଛନ୍ତି ବୋଲି ଭାବିବାର ଅବକାଶ ତାଙ୍କ ଜୀବନରେ ପ୍ରଥମ ଥରପାଇଁ ପାଇଲେ । ସେ ଜମିରେ କାମକରିବାରେ ସେମାନଙ୍କର ଅପୂର୍ବ ଆଗ୍ରହ ତଥା ଆନ୍ତରିକତା ପ୍ରକଟିତ ହେଲା । ଏହାହିଁ ସ୍ୱାଭାବିକତା, କାରଣ ସେମାନେ ଜାଣିଥିଲେ ଯେ ଆଉ ବର୍ଷକପରେ ସେ ଜମିହେବ ତାଙ୍କର । ଚାଷ ହୋଇଥିବା ୧୯ ଏକର ଜମି ମଧ୍ୟରୁ ଏ୯.୫୦ରେ ଚିନାବାଦାମ, ଏ୪.୨୫ରେ ଡ଼ାଲି ଜାତୀୟ ଫସଲ ଓ ଏ୫.୨୦ରେ ଧାନ କରାଯାଇଥିଲା ।

ଫସଲ ଅମଳବେଳ ଆସିଲା । ଜମିରେ ପାଚିଲା ଫସଲଦେଖି ଛାତି ତାଙ୍କର ଫୁଲିଉଠିଲା ଆନନ୍ଦରେ । ଲାଗିପଡ଼ିଲେ ଫସଲ ସଂଗ୍ରହ କରିବାରେ । "ସତେ କ'ଣ ଏ ଫସଲ ତାକୁ ମିଳିବ" ? ବିଶ୍ୱାସକରି ପାରୁନଥିଲେ ସେମାନେ । ବି. ଡ଼ି. ଓ. ଆସିଲେ, ଡ଼ି. ଏ. ଓ. ଆସିଲେ, ଆଉ ଆସିଲେ ଗ୍ରାମସେବକ, ଆଦାୟ ଫସଲ ଘରକୁ ବୋହିବା ସମୟ ଆସିଲା । ତାଙ୍କ ଜୀବନରେ ଏହା ପ୍ରଥମ ନୁହେଁ । ବହୁବାର ଏପରି ଫସଲ ଆଦାୟକରି ନିଜମୁଣ୍ଡରେ ବୋହିନେଇ ଭରିଛନ୍ତି ସାହୁକାରର ଅମାର । "ସତେ କ'ଣ ଏଥରର ନିଜ ଝାଳବୁହା ଶ୍ରମଜାତ ଫସଲ ନିଜଘରକୁ ବୋହିନେବେ ସେମାନେ" ଏପ୍ରଶ୍ନ ଉଙ୍କି ମାରୁଥାଏ ତାଙ୍କ ଡରୁଆ ମନତଳେ । ଦୂରେଇଗଲା ଡରଭୟ, ହସିଉଠିଲା ତାଙ୍କର ମୁଖମଣ୍ଡଳ ପ୍ରଭାତୀ ସୂର୍ଯ୍ୟକିରଣରେ ନବପ୍ରସ୍ଫୁଟିତ ପଦ୍ମପରି । ଆଦାୟ ହୋଇଥିବା ଚିନାବାଦାମ, ଧାନ ବିରି ଓ ମାଣ୍ଡିଆ ଆଦି ବୁହାହେଲା ସେମାନଙ୍କ ଘରକୁ, ଆୟ କିଛି କମ୍ ନୁହେଁ । ଜଣପିଛା ୧୨ଶହ ଟଙ୍କାରୁ ୧୪ଶହ ଟଙ୍କା । ଏହେଲା ତାଙ୍କ ଜୀବନର ନୂତନ ଅନୁଭୂତି । ବର୍ତ୍ତମାନ ତାଙ୍କ ମନରେ ନୂତନ ଉତ୍ସାହ ଓ ପ୍ରେରଣା । ପୁଣି ଖରିଫଋତୁ ଆସିଗଲା । ସେହି ଜମିରେ କାମକରିବେ, ମଜୁରୀ ପାଇବେ ଏବଂ ଫସଲ ଆଦାୟ ହେବ ତାଙ୍କର ହୁଏତ ଆବଶ୍ୟକ ଖର୍ଚ୍ଚ ବହନକରିବେ ସରକାର ।

ସଞ୍ଚୟ କରିବା ତ ଦୂରର କଥା, ତାଙ୍କ କାନରେ ବାଜିନଥିଲା ସେ ଶବ୍ଦ କେବେ । କିନ୍ତୁ ଏବେ ସେମାନେ ଡ଼ାକଘରେ ସଞ୍ଚୟ ପାଶ୍‌ବହି ଖୋଲି ଜଣପିଛା ଅନ୍ୟୁନ ୫ଶହ ଟଙ୍କା ଲେଖାଏଁ ଜମା କରିଛନ୍ତି । ସଂପ୍ରତି ରାଜ୍ୟ କୃଷି ମନ୍ତ୍ରୀ ଶ୍ରୀ ବାସୁଦେବ ମହାପାତ୍ର ବ୍ରାହ୍ମଣବିଲିର ଥଇଥାନ ଅଞ୍ଚଳ ପରିଦର୍ଶନ କରିଥିଲେ । ଡ଼ାକଘର ସଞ୍ଚୟ ପାଶ୍‌ବହିଧରି ମନ୍ତ୍ରୀଙ୍କ ଗହଣରେ ଠିଆ ହୋଇଛନ୍ତି ବ୍ରାହ୍ମଣବିଲି ଗ୍ରାମର "କାଲିର ମୂଲିଆ ଆଜିର ଚାଷୀ" ।

ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ,
ଅନୁଗୁଳ ।

# ମହୁଚାଷର ମାଧୁରୀ (କେନ୍ଦୁଝର)

ଶ୍ରୀ ହେମନ୍ତ ଚନ୍ଦ୍ର ରାୟ

ବୀର ଗୋବିନ୍ଦପୁର ଗାଁରେ ଥିବା ମୋଟ ପରିବାର ସଂଖ୍ୟା ୮୦ । ସେହି ପରିବାର ମଧ୍ୟରୁ ପ୍ରାୟ ୫୦ ଟି ପରିବାର କ୍ଷୁଦ୍ର ଓ ନାମକୁ ମାତ୍ର ଚାଷୀ । ଅନ୍ୟ ମାନେ ଦିନ ମଜୁରିଆ, ଓ ଖଟିକିଆ । ଗାଁଟି କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଠାରୁ ମାତ୍ର ୧୦ କିଲୋ ମିଟର ଦୂର ।

ଦୟାନିଧି ଦତ୍ତ ସେହି ଗ୍ରାମର କ୍ଷୁଦ୍ର ଚାଷୀ ମାନଙ୍କ ମଧ୍ୟରେ ଅନ୍ୟତମ । ଆଜକୁ ୧୫ ବର୍ଷ ତଳେ ଦୟାନିଧି ଦତ୍ତଙ୍କ ପରିବାର ବଡ କଷ୍ଟରେ କାଳାତିପାତ କରୁଥିଲେ । କ୍ଷୁଦ୍ର ପରିବାରଟିକୁ କିପରି ଭରଣ ପୋଷଣ କରିବାକୁ ପଡ଼ିବ ଶ୍ରୀ ଦତ୍ତ ସବୁବେଳେ ଚିନ୍ତିତ ହୋଇ ପଡୁଥିଲେ । ଏହି ସମୟରେ ତାଙ୍କର ଜଣେ ବନ୍ଧୁଙ୍କ ଠାରୁ ମହୁଚାଷ ବିଷୟରେ କେତେକ ସାଧାରଣ କଥା ଶୁଣିବାକୁ ପାଇଲେ । ଏହା ତାଙ୍କ ମନକୁ ସ୍ପର୍ଶ କଲା ।

ସେତେବେଳେ ଖଦୀ ବୋର୍ଡ ତରଫରୁ କଟକରେ ଦିଆ ଯାଉଥିବା ମହୁଚାଷ ବିଷୟରେ ଅଧିକ ତାଲିମ୍ ନେବା ପାଇଁ ସେ କଟକ ଯାତ୍ରା କଲେ । ସେଠାରେ ଏକ ମାସ ଧରି ମହୁଚାଷ ବିଷୟରେ ତାଲିମ୍ ଗ୍ରହଣ କଲେ । ତା' ପରେ ନିଜ ଗାଁକୁ ଫେରି ଆସି ମହୁଚାଷ ଆରମ୍ଭ

କଲେ । ଶ୍ରୀ ଦତ୍ତ ପରୀକ୍ଷା ସୂତ୍ରରେ ଦୁଇଗୋଟି ମହୁ ବାକ୍ସ ନିଜ ହାତରେ ତିଆରି କରିଥିଲେ । ଏହି ବାକ୍ସ ପ୍ରଥମେ କିରୋସିନି ପେଡି, ଓ ସାବୁନ୍ ପେଡିରେ ତିଆରି କରି ମହୁଚାଷ ଆରମ୍ଭ କଲେ ।

ବାକ୍ସ ତିଆରି ପରେ ଜଙ୍ଗଲରୁ ମହୁ ମାଛି ସଂଗ୍ରହ କରି ମହୁଚାଷ ଆରମ୍ଭ କଲେ । ଠିକ୍ ୧୫ ଦିନ ପରେ ବାକ୍ସ ଦୁଇଟିରୁ ସେ ୨ କେ: ଜି: ମହୁ ଅମଳ କରିଥିଲେ ।

ସେହି ସମୟରେ ମହୁର ଦାମ କମ୍ ଥିଲା । ପରିଶ୍ରମ ଅନୁସାରେ ଏହା ଲାଭଜନକ ହେବ ବୋଲି ଆଶା ନ ଥିଲା । କିନ୍ତୁ ଶ୍ରୀ ଦତ୍ତ ସେଥିରେ ଭାଙ୍ଗି ନ ପଡ଼ି ମହୁ ଚାଷରେ କିପରି ଉତ୍ତରୋତ୍ତର ଉନ୍ନତି କରି ପାରିବେ ସେ ଦିଗରେ ଉଦ୍ୟମ ଅବ୍ୟାହତ ରଖିଲେ । ମହୁଚାଷକୁ ଲାଭଜନକ କରି ଏହା ଦ୍ୱାରା ପରିବାରର ଆବଶ୍ୟକତା ପୂରଣ କରିବା ପାଇଁ ସେ ମନେ ମନେ ସଂକଳ୍ପ କରି କାର୍ଯ୍ୟ ଆରମ୍ଭ କଲେ । ନିଜେ ମହୁଚାଷ କରିବା ସଂଗେ ସଂଗେ ବାକ୍ସ ମଧ୍ୟ ତିଆରି କରି ବିକ୍ରୟ କରିବା ଆରମ୍ଭ କଲେ ।

ବର୍ତ୍ତମାନ ଶ୍ରୀ ଦତ୍ତ ମହୁ ବାକ୍ସ ତିଆରି କରିବା ଓ ମହୁଚାଷ କରିବାରେ ସିଦ୍ଧ ହସ୍ତ । ସେ ପ୍ରତି ବର୍ଷ ଏହି ଅଞ୍ଚଳରେ ୨୦୦ରୁ ୩୦୦ ମଧ୍ୟରେ ମହୁ ବାକ୍ସ ବିକ୍ରୟ କରି ଥାଆନ୍ତି । ଜଙ୍ଗଲରୁ କିପରି ମହୁମାଛି ସଂଗ୍ରହ କରାଯାଇ ପାରିବ ଓ ବାକ୍ସ କିପରି ତିଆରି କରାଯାଇ ପାରିବ ତାହା ତାଙ୍କ ପାଖକୁ ଯାଉଥିବା ଲୋକମାନଙ୍କୁ ବତାଇ ଦିଅନ୍ତି ।

ପ୍ରଥମେ ଦୁଇଟି ବାକ୍ସରୁ ମହୁଚାଷ ଆରମ୍ଭ କରି ବର୍ତ୍ତମାନ ୧୦ ଗୋଟି ବାକ୍ସ ରଖି ମହୁ ଚାଷ କରୁଛନ୍ତି ଓ ପ୍ରତି ମାସକୁ ୨୦ କେ: ଜି: ମହୁ ସଂଗ୍ରହ କରନ୍ତି । ମହୁ କେ: ଜି: ୨୦ ଟଙ୍କା ଦରରେ ବିକ୍ରୟ କରି ମାସିକ ଟ ୪୦୦ ଙ୍କା ରୋଜଗାରରେ ପହଞ୍ଚି ପାରିଛନ୍ତି ।


ମହୁମାଛିମାନଙ୍କର ପ୍ରଧାନ ଶତ୍ରୁ ଜଦା, ପିମ୍ପୁଡ଼ି, ଝିଟିପିଟି, ଏଣ୍ଡୁଅ, ଇତ୍ୟାଦି । ମାଛିମାନଙ୍କୁ ସେମାନଙ୍କ ଶତ୍ରୁ ହାତରୁ ରକ୍ଷା କରିବା ପାଇଁ ସେ ପ୍ରତ୍ୟେହ ସକାଳେ ଓ ସନ୍ଧ୍ୟାରେ ମହୁ ବାକ୍ସଗୁଡ଼ିକୁ ତଦାରଖ କରିଥାନ୍ତି । ସେ କେବଳ କାର୍ଯ୍ୟରା ମହୁଚାଷ କରିଛନ୍ତି ।

ଆଜି ତାଙ୍କ ପରିବାର ଗୋବିନ୍ଦପୁରର ଏକ ଆଦର୍ଶ ପରିବାର ଏବଂ ଆତ୍ମ ନିର୍ଭରଶୀଳ ପରିବାର । ନିଜର ଯେଉଁ ଅଳ୍ପ ଜମି ଅଛି ତାହା ଗୋଟିଏ ପରିବାରର ଭରଣ ପୋଷଣ ଲାଗି ଯଥେଷ୍ଟ ନୁହେଁ । ମହୁ ଚାଷକୁ ସେ ମୁଖ୍ୟ ଚାଷ ଭାବରେ ଗ୍ରହଣ କରିଛନ୍ତି । ଆଜି ସେହି ମହୁଚାଷ ଆୟରୁ ପିଲାମାନଙ୍କର ପାଠପଢ଼ା, ବିବାହର ଓ ଘରର ଯାବତୀୟ ଖର୍ଚ୍ଚ ବହନ କରାଯାଉଛି ।

ଶ୍ରୀ ଦତ୍ତ କହନ୍ତି ଯେ ବର୍ତ୍ତମାନ ଶିକ୍ଷିତ ବେକାର ଯୁବକମାନେ ନିଜର ଚାଷ ଦେଖିବା ସଂଗେ ସଂଗେ ଯଦି ଆନୁଷଙ୍ଗିକ ବହୁ ଧନ୍ଦା ଭିତରୁ ମହୁଚାଷ କରିବା ପ୍ରତି ଆଗ୍ରହ ପ୍ରକାଶ କରନ୍ତେ ତେବେ ବିନା ପରିଶ୍ରମରେ ଓ ସ୍ୱଳ୍ପ ଅର୍ଥ ବ୍ୟୟରେ ଯଥେଷ୍ଟ ଲାଭବାନ ହୋଇ ଜୀବନକୁ ହର୍ଷମୁଖର କରି ପାରନ୍ତେ ।

# ବେଲଗାଁ ସମବାୟ ଚିକିତ୍ସାଳୟ (ବଲାଙ୍ଗୀର)

ଶ୍ରୀ ନାରାୟଣ ଦାସ



ବେଲଗାଁ ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ସଇଁତଲା ବ୍ଲକର ଏକ ପ୍ରଧାନ ଗ୍ରାମ । ଏହା ବଲାଙ୍ଗୀର ଠାରୁ ବଲାଙ୍ଗୀର-କଳାହାଣ୍ଡି ରାସ୍ତାରେ ୫୪ କି. ମି. ଦୂରରେ ତେଲ ନଦୀ ପାର୍ଶ୍ୱରେ ଅବସ୍ଥିତ । ଏହାର ପ୍ରାକୃତିକ ପରିବେଶ ଅତୀବ ମନୋରମ । ଏହିପରି ଏକ ଆକର୍ଷଣୀୟ ଗ୍ରାମରେ ଆଜି ସମବାୟ ସୂତ୍ରରେ ଏକ ଚିକିତ୍ସାଳୟ ଗଢି ଉଠିଛି ।

ଚିକିତ୍ସାଳୟର ଚିକିତ୍ସକ ରୂପେ ଡାକ୍ତର ପ୍ରଶାନ୍ତ କୁମାର ହୋତା, କଂପାଉଣ୍ଡର ରୂପେ ଶ୍ରୀ ମୀନକେତନ ପାଣିଗ୍ରାହୀ, ନର୍ସ ରୂପେ ଶ୍ରୀମତୀ କରୁଣା ଡାକରେ ଏବଂ କିରାଣୀ ରୂପେ ଶ୍ରୀ ସୁକାନ୍ତ କୁମାର ନାଗଂକୁ ନିଯୁକ୍ତି ଦିଆଯାଇଛି । ଟିଟିଲାଗଡ଼ ସବ୍‌ଡିଭିଜନ ଅନ୍ତର୍ଗତ ଡିଡେପୁର, ଲୁଥରବନ୍ଧ, ବାନ୍ଧୁଗାଁ, ସିସ୍‌ବେଲ, ଘୁମ୍‌ସର, ତୁଙ୍ଗୁରିପାଲି, ସର୍ଗିତଲ, କୁମାରୀ ଖଣ୍ଡପଡ୍ରାଶାଳି, ଓ ବୃନ୍ଦାବନ ଗ୍ରାମ ପଞ୍ଚାୟତ ଗୁଡିକର ସରପଞ୍ଚମାନେ ସର୍ବମୋଟ ୩୮ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ଦେବା ଫଳରେ ଏବଂ ଶ୍ରୀ ଅଭୟ ରାମ ଜୈନ, ଶ୍ରୀ ମାଣିକଚାନ୍ଦ ଜୈନ, ଶ୍ରୀ ନିମଚାନ୍ଦ ଜୈନ, ଶ୍ରୀ ତୁଳସୀରାମ

ଚୈନ, ଶ୍ରୀ ବାଲମୁକୁନ୍ଦ ଶ୍ୟାମଲାଲ ଅଗ୍ରୱାଲ, ଶ୍ରୀ ହରିକ୍ରିଷ୍ଣ ଲାଲଶର୍ମା ଓ ଶ୍ରୀ ଏମ୍. ଆର. ରଙ୍ଗସଜନ ରୋଗୀମାନଙ୍କ ବ୍ୟବହାର ପାଇଁ ଗୋଟିଏ ଲେଖାଏଁ ଲୌହ ନିର୍ମିତ ଶଯ୍ୟାଦାନ କରିବା ହେତୁ ଏବଂ ଲେଡ଼ି ଡାକ୍ତର ଶ୍ରୀମତୀ ସ୍ନେହ ମଞ୍ଜରୀ ମହାନ୍ତି କେତେକ ଔଷଧ ଦେବା ଫଳରେ ସର୍ଙ୍ଗୁଲର ଶ୍ରୀ ନରସିଂହ ପ୍ରସାଦ ଅଗ୍ରୱାଲ ଗୋଟାଏ ପଂଖା, ଶ୍ରୀ ବୃନ୍ଦାବନ ତ୍ରିପାଠୀ ଓ ଶ୍ରୀ ମୁରଲିଧର ସାହୁ ବାର ଲଗଟ୍ ଯୋଗାଇ ଦେବା ଯୋଗୁଁ ଚିକିତ୍ସାଳୟଟି ପ୍ରଗତି ପଥରେ ଆଗେଇ ଚାଲିଛି । ଏତଦ୍‌ବ୍ୟତୀତ ଟିଟିଲାଗଡ଼ ସବ୍‌ଡିଭିଜନର ସମସ୍ତ ବି.ଡି.ଓ., ସଂପ୍ରସାରଣ ଅଧିକାରୀଗଣ, ଅନ୍ୟାନ୍ୟ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା ଭଦ୍ର ବ୍ୟକ୍ତିମାନଙ୍କ ବିଶେଷଭାବେ ସଇଁତଲା ବି. ଡି. ଓ. ଏହି ଚିକିତ୍ସାଳୟ ଗଢିବାରେ ଯେଉଁ ସାହାଯ୍ୟ ସହାନୁଭୂତି ଦେଖାଇଛନ୍ତି ତାହା ଅତୀବ ପ୍ରଶଂସନୀୟ । ଏହାକୁ ଜିଲ୍ଲାପାଳ ଶ୍ରୀ ହିମାଂଶୁ ଶେଖର ସରକାର ଏକ ମନୋରମ ଉତ୍ସବରେ ତା ୧୭-୮-୮୧ ରିଖରେ ଉଦ୍‌ଘାଟନ କରିଥିଲେ।

ଏହି ଚିକିତ୍ସାଳୟଟି କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାର ସନ୍ଧି ସ୍ଥଳରେ ଥିବା ହେତୁ ଟିଟିଲାଗଡ଼ ସବ୍‌ଡିଭିଜନର ଷାଠିଏ ଖଣ୍ଡ ଗ୍ରାମ ଏବଂ କଳାହାଣ୍ଡି ଜିଲ୍ଲାର ନିକଟ-ବର୍ତ୍ତୀ ଅଞ୍ଚଳରେ ଲୋକମାନଙ୍କର ସେବା କରିପାରିବ । ସଂପ୍ରତି ଏ ଡାକ୍ତରଖାନାରେ ବାରଟି ଶଯ୍ୟା ରହିବ । ଏଠାରେ ରୋଗ ନିରୂପଣ ଏବଂ ଦୂରୀକରଣର ସୁବିଧା ରହିବ ।

ଏ ଚିକିତ୍ସାଳୟ ବାର୍ଷିକ ଏକ ଟଙ୍କା ସଭ୍ୟଚାନ୍ଦା ଦେଇଥିବା ପ୍ରତ୍ୟେକ ଲୋକଙ୍କ ପାଇଁ ଉନ୍ମୁକ୍ତ ରହିବ । ଇଚ୍ଛୁକ ବ୍ୟକ୍ତିମାନେ ଏ ଅନୁଷ୍ଠାନରୁ ପ୍ରତ୍ୟେକ ପାଞ୍ଚ ଟଙ୍କା ମୂଲ୍ୟର ଅଂଶଧନ କ୍ରୟ କରି ପାରିବେ ।

ସମସ୍ତ ସଭ୍ୟମାନଙ୍କୁ ମାଗଣାରେ ପରାମର୍ଶ ଏବଂ ସ୍ୱଳ୍ପ ମୂଲ୍ୟର ଔଷଧ ଲାଗୁଥିବା ଚିକିତ୍ସାର ସୁବିଧା ଯୋଗାଇ ଦିଆଯିବ । ମୂଲ୍ୟବାନ ଔଷଧ ମାନଙ୍କର ଦାମ ମୂଲ୍ୟ ତାଲିକା ଭୁକ୍ତ ହୋଇଥିବା ରୋଗୀମାନଙ୍କୁ ବହନ କରିବାକୁ ପଡ଼ିବ । ଆବଶ୍ୟକ କ୍ଷେତ୍ରରେ ଡାକ୍ତର ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଉପଯୁକ୍ତ ଜରୁରୀ ମାମଲାରେ ରୋଗୀମାନଙ୍କୁ ଚିକିତ୍ସାଳୟରେ ରହି ମାଗଣାରେ ଚିକିତ୍ସିତ ହେବାକୁ ସୁଯୋଗ ଦିଆଯିବ । ଅନ୍ୟ ସାଧାରଣ ଆଡମିଶନ୍ ପାଇଁ ରୋଗୀମାନଙ୍କୁ ବୋର୍ଡ ଦ୍ୱାରା ପୂର୍ବ ନିର୍ଦ୍ଧାରିତ ଦାମ ଦେବାକୁ ପଡ଼ିବ । ଏଥି ନିମନ୍ତେ ସେମାନଙ୍କର ଅର୍ଥନୈତିକ ସ୍ଥିତିକୁ ବିଚାରକୁ ନିଆଯିବ ।

# ଘର ବାହାଲ (କଳାହାଣ୍ଡି)

ଶ୍ରୀ ଈଶ୍ୱର ପ୍ରସାଦ ସିଂହ

ଘାରବାହାଲ ଗ୍ରାମଟି କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକରେ ଅବସ୍ଥିତ । ଗ୍ରାମଟି ଘରବାହାଲ ଗ୍ରାମପଞ୍ଚାୟତର ସଦର ମହକୁମା ଏବଂ ଜିଲ୍ଲାର ସଦର ମହକୁମା ଭବାନୀପାଟଣା-ଜୟପୁର ପ୍ରଧାନ ରାସ୍ତାଠାରୁ ୪୫ କି. ମି. ଦୂରବର୍ତ୍ତୀ ।

ଗ୍ରାମର ନାମକରଣରେ ଦୁଇଗୋଟି ପୁରାତନ ମତବାଦ ରହିଅଛି । ଗୋଟିଏ ପ୍ରକାର ଗ୍ରାମରେ ଥିବା ଚାଷ ଜମିଗୁଡ଼ିକ ଚାରୋଟି ବାହାଲ ମଧ୍ୟରେ ଅବସ୍ଥିତ । ତେଣୁ ଚାରୋଟି ବାହାଲ ଜମିକୁ ନେଇ ଚାରିବାହାଲ ବା ସଂଶୋଧନରେ 'ଘରବାହାଲ' ହୋଇଛି । ଦ୍ୱିତୀୟତଃ ଗ୍ରାମଟି ପୂର୍ବ କାଳରେ ବଣ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । ବିଶେଷକରି ସୁମିଷ୍ଟ ଫଳର ଗଛ "ଚାରାଗଛ" ବହୁ ସଂଖ୍ୟାରେ ଥିଲା । ଗ୍ରାମଟି ପୁରାତନ ଗଡ଼ଜାତ କଳାହାଣ୍ଡି ମହାରାଜାଙ୍କ ରାଜତ୍ୱ ଅଧୀନ ଥିଲା । ଏହି ଗ୍ରାମକୁ ମହାରାଣୀଙ୍କ ସିନ୍ଦୂର ଟିକା ଗ୍ରାମ କୁହାଯାଉଥିଲା । ଅର୍ଥାତ୍ ଏହି ଗ୍ରାମରୁ ଗ୍ରାମ ମୁଖିଆ ବା ଗଉନ୍ତିଆଙ୍କ ଜରିଆରେ ଆଦାୟ ହୋଇ ରାଜାଙ୍କୁ ରାଜସ୍ୱ ରୂପେ ଯେତେ ଟଙ୍କା ଦିଆଯାଉଥିଲା ସେହି ଧନ ମହାରାଣୀଙ୍କ ମଥାର ସିନ୍ଦୂର କିଣା ବାବଦରୁ ସ୍ୱତନ୍ତ୍ର ଭାବରେ ଖର୍ଚ୍ଚ ହେଉଥିଲା । ମହାରାଜା ଓ ମହାରାଣୀଙ୍କର ଏହି ଗ୍ରାମକୁ ବିଜେ ହେଲେ ଦେଳକୁ ଉପର ବର୍ଣ୍ଣିତ ଚାରକୋଳି ଫଳର ମଞ୍ଜି ମଧ୍ୟସ୍ଥ ସୁମିଷ୍ଟ ଅଂଶକୁ ଲଡୁ ତିଆରି କରି ଉପହାର ଦିଆଯାଉଥିଲା । ତେଣୁ, ତଦନୁସାରେ "ଚାରବାହାଲ" ହୋଇଥିବା ମଧ୍ୟ ଲୋକଙ୍କ ମୁଖରୁ ଶୁଣାଯାଏ ।

ଗ୍ରାମଟି ଆୟତନରେ ଯଥେଷ୍ଟ ବଡ଼ ଏବଂ ବିକ୍ଷିପ୍ତ । ଏହି ରାଜସ୍ୱ ଗ୍ରାମ ସମେତ ଅନ୍ୟାନ୍ୟ ପାଲି ଗ୍ରାମଗୁଡ଼ିକ ଯଥା—ମାଇପଡ଼ା, କୋଟେନପଡ଼ା, ପଖନାଗୁଡ଼ା, ମାଟି-ପଡ଼ା, ଘୁମେଲଗୁଡ଼ା, ସାଗରପଡ଼ା, ବୁଡ଼ାବନ୍ଧପଡ଼ା, ଇତ୍ୟାଦି ବକ୍ଷିପ୍ତ ଭାବରେ ଅଛି । ଗ୍ରାମରେ ହରିଜନ, ଆଦିବାସୀଙ୍କ ସମେତ ପ୍ରାୟ ସବୁ ଶ୍ରେଣୀର ଲୋକେ ବସବାସ କରନ୍ତି । ଗ୍ରାମର ଲୋକ ସଂଖ୍ୟା ପ୍ରାୟ ୩,୫୦୦ ହେବ । ଗ୍ରାମବାସୀମାନେ ଦେଖୁ ଶିକ୍ଷିତ । ଗ୍ରାମର ଚାଷୀମାନଙ୍କର ପ୍ରାୟ ସମସ୍ତ ଜମି ଚାଷଜମି, ଗ୍ରାମରେ ଜଙ୍ଗଲ ସଂପଦ ଏବଂ ଗୋଚର ଭୂମି ଆଦୌ ନାହିଁ । ଅନାବାଦି ଭୂମି ନାହିଁ କହିଲେ

ତଳେ । ଗ୍ରାମରେ ପ୍ରାୟ ୧୫ ଗୋଟି ପୋଖରୀ ଏବଂ ଆହୁରି ଅନେକ ଅସ୍ଥାୟୀ ଜଳାଶୟ ରହିଛି । ବର୍ଷାର ଅଭାବ ସମୟରେ କିମ୍ବା ଆବଶ୍ୟକ ସ୍ଥଳରେ ସେଗୁଡ଼ିକର ପାଣିକୁ ଚାଷ ଜମିରେ ମଡ଼ାଇ କୃଷି କ୍ଷେତ୍ରରେ କେତେକ ପରିମାଣରେ ସଦ୍‌ବିନିଯୋଗ ହୋଇଥାଏ । ଧାନ ସାଧାରଣତଃ ଗ୍ରାମ ଚାଷୀଙ୍କର ମୁଖ୍ୟ ଚାଷ । ଏହାଛଡ଼ା ଖରିଫ୍ ଓ ରବିଋତୁରେ ଚାଷୀମାନେ ଅନ୍ୟାନ୍ୟ ରବି ଫସଲ ମୁଗ, ବିରି, କୋଳଥ, ଚଣା ଇତ୍ୟାଦି ଚାଷ କରିଥାନ୍ତି । ତା ସାଙ୍ଗକୁ ନିଜ ନିଜର ବାଡ଼ି-ବଗିଚାରେ ଘର ଖର୍ଚ୍ଚ ପାଇଁ ପନିପରିବା ଚାଷ ମଧ୍ୟ କରିଥାନ୍ତି । ଶ୍ରୀ ଜବାହାରଲାଲ ପଣ୍ଡା ଏବଂ ଶ୍ରୀ ଚିତ୍ତରଞ୍ଜନ ପଣ୍ଡା ପ୍ରଭୃତି ଚାଷୀମାନେ ଗହମ ଚାଷ ମଧ୍ୟ ଖରାଦିନେ କରିଥାନ୍ତି କିନ୍ତୁ ତାହା ବ୍ୟବସାୟିକ ଭିତ୍ତିରେ ନୁହେଁ । ଏହାଛଡ଼ା ମାଣ୍ଡିଆ, କୋଦୋ, ଖୁଦ୍ରୁକି, ପ୍ରଭୃତି ଚାଷ ମଧ୍ୟ ହୋଇଥାଏ । କୃଷି ଧନ୍ଦାକୁ ବାଦ ଦେଲେ ଶିକ୍ଷିତ ବ୍ୟକ୍ତିମାନେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କର ବିଭିନ୍ନ ପଦପଦବୀରେ କାର୍ଯ୍ୟ କରୁଛନ୍ତି । ଏହାଛଡ଼ା ଅନ୍ୟମାନେ ଯେଉଁମାନଙ୍କର ଚାଷ ଜମି ଖୁବ୍ କମ୍ ବା ନାହିଁ ସେମାନେ କୃଷି ଶ୍ରମିକ ଭାବରେ ଚାଷୀମାନଙ୍କ ପାଖରେ କାମ କରନ୍ତି ।

ଗ୍ରାମରେ ଅନୁଷ୍ଠାନମାନଙ୍କ ମଧ୍ୟରେ ଗୋଟିଏ ହାଇସ୍କୁଲ, ଗୋଟିଏ ଏମ୍. ଇ. ସ୍କୁଲ, ଏଲ୍. ପି. ସ୍କୁଲ ସାହାଯ୍ୟପ୍ରାପ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର, ପଶୁ ଚିକିତ୍ସାଳୟ, ସବ୍-ପୋଷ୍ଟ ଅଫିସ୍, ଇଲେକ୍‌ଟ୍ରିକ୍ ସେକ୍‌ସନ ଅଫିସ୍, ଷ୍ଟେଟ୍‌ବ୍ୟାଙ୍କ୍ ଶାଖା ଅଫିସ୍, ଲ୍ୟାମ୍ପ ଅଫିସ୍, ଆର. ଆଇ. ସେଣ୍ଟର, କୋଅପରିଟିଭ୍ ଓ୍ୱେଭିଙ୍ଗ୍ ସେଣ୍ଟର, ସ୍ୱୟଂ ଚାଳିତ ବଡ଼ ଚାଉଳ ମିଲ୍, ଗୋଖାଦ୍ୟ ଉତ୍ପାଦନ କେନ୍ଦ୍ର ଇତ୍ୟାଦି ଏବଂ ଧର୍ମ ଅନୁଷ୍ଠାନ ମଧ୍ୟରେ ଶିବ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ମହାବୀର ମନ୍ଦିର ଓ ଦେବା ଦେବୀ ମନ୍ଦିର ସ୍ଥାନ ପାଇଛି । ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ଗ୍ରାମଟି ସ୍ୱାଧୀନତା ପ୍ରାପ୍ତିର ପୂର୍ବରୁ ଆଗେଇ ପାଇଛି । ୧୯୩୮ ମସିହାଠାରୁ ଗ୍ରାମରେ ସେତେବେଳର ଉଦୀୟମାନ ଯୁବକମାନଙ୍କ ଉଦ୍ୟମରେ "କୃପାସିନ୍ଧୁ ସାଂସ୍କୃତିକ ପରିଷଦ ଓ ପାଠାଗାରର ପରିକଳ୍ପନା ଆରମ୍ଭ ହୋଇଥିଲା"। ତା' ପରବର୍ତ୍ତୀ "ମହାବୀର ଯୁବକ ସଂଘ ଓ ସାଂସ୍କୃତିକ ଅନୁଷ୍ଠାନ, ପତିତପାବନ ସଂଘ, ନୃତ୍ୟକଳା ସଂଘ, ପୁରାତନ ଘୋଡ଼ାନୃତ୍ୟ, ଘୁମୁରା ବାଦ୍ୟ ସଂଘ ଇତ୍ୟାଦି ମୁଖ୍ୟ ଭୂମିକା ଗ୍ରହଣ କରି ପାରିଛନ୍ତି ଏବଂ ଉଚ୍ଚ ପ୍ରଶଂସିତ ହୋଇ ପାରିଛନ୍ତି । ଏହା ସାଙ୍ଗକୁ ଦୁଇଟି ପଲ୍ଲୀଶ୍ରୋତା ମଣ୍ଡଳୀ ମଧ୍ୟ କାର୍ଯ୍ୟ କରୁଛନ୍ତି । ବର୍ତ୍ତମାନ ନିର୍ମାଣାଧୀନରେ ଥିବା "ଇନ୍ଦ୍ରାବତୀ" ବହୁମୁଖୀ ଜଳସେଚନ ଯୋଜନାର ବିଭିନ୍ନ ନିର୍ମାଣ କାମରେ ଅଧିକାଂଶ ଏହି ଅଞ୍ଚଳର ଲୋକମାନେ ଏବଂ କୁଲି ମୂଲିଆମାନେ କାର୍ଯ୍ୟରତ ହୋଇ ନିଜର ଗୁଜୁରାଣ ମେଣ୍ଟାଉଛନ୍ତି । ଏହି ଯୋଜନାର କାମ ଶେଷହୋଇ ଜମିରେ ଜଳସେଚିତ ହେବେ ଏବଂ ବିଜୁଳିଶକ୍ତି ଅଧିକ ଯୋଗାଇ ଦେଲେ ଗ୍ରାମର ଯୁବ ସମାଜ ଏବଂ ଉଦ୍ୟୋଗୀମାନେ ଉଭୟ କୃଷି ଓ ଶିଳ୍ପ କ୍ଷେତ୍ରରେ ଆଗେଇବାକୁ ସକ୍ଷମ ହେବେ ।

ବିଭିନ୍ନ ସମୟରେ ଗ୍ରାମରେ ଲୋକମାନଙ୍କ ମଧ୍ୟରେ ସ୍ନେହ ସଦ୍‌ଭାବ ଓ ପରସ୍ପର ସହଯୋଗ ମନୋବୃତ୍ତିରେ ପର୍ବପର୍ବାଣୀ ଯଥା:—ନୂଆଖାଇ, ଦୁର୍ଗାପୂଜା, ଦୀପାବଳୀ, ପୌଷପର୍ବ, ଦୋଳପୂର୍ଣ୍ଣିମା ଓ ହୋଲି, ଶିବରାତ୍ରି, ବିଷୁବ ସଂକ୍ରାନ୍ତି, ଚୈତ୍ର ପୂର୍ଣ୍ଣିମା ଇତ୍ୟାଦି ମହାସମାରୋହରେ ପାଳନ କରାଯାଇଥାଏ । ଏହି ଉପଲକ୍ଷେ ନାଟକ, ଗୀତିନାଟ୍ୟ, ଘୁମୁରାନୃତ୍ୟ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ସବୁ ବହୁଜନ ସମାଗମରେ ପାଳିତ ହୋଇଥାଏ ।

ଗ୍ରାମର କୃଷକମାନେ ଆଧୁନିକ କୃଷି ଯନ୍ତ୍ରପାତି, ଟ୍ରାକ୍‌ଟର ଇତ୍ୟାଦିର ବ୍ୟବହାର, ଅଧିକ ଅମଳକ୍ଷମ ଧାନ, ବୀଜ, ସାର ପ୍ରଭୃତିର ବିନିଯୋଗ, 'ଉନ୍ନତ କୁକୁଡ଼ା, ଜର୍ସି ଗାଈ ପାଳନ, ମାଛଚାଷ, ଇତ୍ୟାଦି ଦିଗରେ ଆଗେଇ ସାରିଲେଣି । ସରକାରଙ୍କର ବିଭିନ୍ନ ଉନ୍ନୟନ ଯୋଜନାର ସଫଳ ରୂପାୟନପାଇଁ ସରକାରୀ କର୍ତ୍ତୃପକ୍ଷଙ୍କ ଉଦ୍ୟମ ହେଲେ ଗ୍ରାମର ଶିକ୍ଷିତ ସମାଜ ତଥା ଉଦ୍ୟମୀ ଯୁବକମାନେ ନିଶ୍ଚିତ ରୂପେ ଆଗଭର ହୋଇ ଗ୍ରାମର ସମୂହ ବିକାଶ ଘଟାଇବା ସଙ୍ଗେ ସଙ୍ଗେ ନିଜର ସାମାଜିକ ଉନ୍ନତି ସାଧନ କରି ପାରିବେ । ଗ୍ରାମଟି ମଧ୍ୟ ପ୍ରତ୍ୟେକ ଦିଗରେ ଆଗେଇ ଆସି ଗୋଟିଏ ଆଦର୍ଶ ଗ୍ରାମରେ ପରିଣତ ହୋଇ ପାରିବ ।

ଉନ୍ନତିର ସବୁ ପ୍ରାକୃତିକ ଉପାଦାନ ଓଡ଼ିଶାରେ ଭରପୂର ହୋଇ ରହିଛି—ବିରାଟ ଖଣିଜ ଓ ଅରଣ୍ୟ ସଂପଦ, ବିସ୍ତୀର୍ଣ୍ଣ ସମତଳ ଭୂମି, ସୁଦୀର୍ଘ ସମୁଦ୍ର ଉପକୂଳ ଓ ବିପୁଳ ନଦୀ ଓ ହ୍ରଦ ସଂପଦ । ଏହାର ପ୍ରାକୃତିକ ସଂପଦ ମଧ୍ୟ ଐଶ୍ୱର୍ଯ୍ୟମୟ ।

**ଜାନକୀ ବଲ୍ଲଭ ପଟ୍ଟନାୟକ**



# ଗ୍ରାମାଞ୍ଚଳର ସଫଳ କାହାଣୀ · ଫୁଲବାଣୀ ·

ଶ୍ରୀ ବିନୋଦଲାଲ ପାଢ଼ୀ

ବଉଦ ବ୍ଲକ ମୁଣ୍ଡିପଦରଗ୍ରାମ ପଞ୍ଚାୟତର ଗୋଟିଏ ଛୋଟିଆ ଗାଁ କୋକୋବା । ବଉଦଠାରୁ ପ୍ରାୟ ୩୦ କିଲୋ ମିଟର ଦୂର । ଏହି ଗାଁ ଟିରେ ବସବାସ କରୁଥିବା ଅଧିକାଂଶ ଲୋକ ମୁଖ୍ୟତଃ ହରିଜନ ଓ ଆଦିବାସୀ ସଂପ୍ରଦାୟର । ଏମାନଙ୍କ ଭିତରୁ ବହୁ ଲୋକଙ୍କର ଜମିବାଡ଼ି ନାହିଁ । ଏଣେ ତେଣେ ମୂଲ ମଜୁରୀ କରି ପେଟ ପୋଷନ୍ତି ।

ଗ୍ରାମାଞ୍ଚଳ ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଉତ୍ଥାନ କାର୍ଯ୍ୟକ୍ରମ ପରିସରଭୁକ୍ତ ମତ୍ସ୍ୟ ଚାଷ ପରିକଳ୍ପନା ଅନୁଯାୟୀ ୧୯୮୧-୮୨ ମଧ୍ୟରେ ଏହି ଗାଁର ତିନିଜଣ ଦରିଦ୍ରତମ ଲୋକଙ୍କୁ ମନୋନୀତ କରାଗଲା । ସେମାନେ ହେଲେ ପଚିଶ ବର୍ଷ ବୟସ୍କ ତ୍ରିନାଥ ସେଠୀ, ଚାଳିଶ ବର୍ଷ ବୟସ୍କ ବିଜୟ ବେହେରା ଏବଂ ଲବ୍ ସାହୁ ।

ଏମାନଙ୍କୁ ୧.୬୦ ଏକର ପରିମିତ ଏକ ଗ୍ରାମପଞ୍ଚାୟତ ପୋଖରୀ ଦୀର୍ଘ ମିଆଦୀ ପଟ୍ଟା ସୂତ୍ରରେ ଦିଆଗଲା । ୧୯୮୧ ସେପ୍ଟେମ୍ବର ମାସରେ ସେମାନଙ୍କୁ ଏହି ପୋଖରୀର ପଙ୍କୋଦ୍ଧାରପାଇଁ ୪,୪୨୫ ଟଙ୍କା ଏବଂ ମାଛ ଯାଆଁଳ କିଣିବା ବାବଦରେ ୯୮୩ ଟଙ୍କା ଦିଆଯାଇଥିଲା । ବିଶେଷ ଉତ୍ସାହ ସହକାରେ କାମ ଆଗେଇ ଚାଲିଲା ଓ ୧୯୮୧ ଅକ୍ଟୋବର ମାସରେ ପୋଖରୀରେ ମାଛ ଯାଆଁଳ ଛଡ଼ାଗଲା ।

୧୯୮୨ ମାର୍ଚ୍ଚ ଏପ୍ରିଲ ମାସରେ ଏହି ପୋଖରୀରୁ ୪୨୫ କେ: ଜି: ମାଛ ଧରାଗଲା । ଏହାର ମୂଲ୍ୟ ହେଉଛି ୪,୩୫୬ ଟଙ୍କା । ମାତ୍ର ଛଅ ମାସ ମଧ୍ୟରେ ଏହି ପରିକଳ୍ପନାଭୁକ୍ତ ପ୍ରତ୍ୟେକ ବ୍ୟକ୍ତି ଜଣ ପିଛା ୧,୪୧୮ ଟଙ୍କା ଲେଖାଏଁ ଉପାର୍ଜନ କରି ପାରିଲେ । ଯଦି କିଛି ଦିନ ପୂର୍ବରୁ ମାଛ ଯାଆଁଳ ଛଡ଼ା ଯାଇଥିଲେ, ଆୟ ଆଉ ଅଧିକ ହୋଇଥାଆନ୍ତା । ମାତ୍ର ଅଳ୍ପଦିନ ଭିତରେ ସେମାନେ ଯେଉଁ ଆଶାତୀତ ସଫଳତା ହାସଲ କରି ପାରିଛନ୍ତି, ତାହା ସେମାନଙ୍କ ମନରେ ଯଥେଷ୍ଟ ଆଶା ଓ ବିଶ୍ୱାସ ସଞ୍ଚାର କରି ପାରିଛି । ଭବିଷ୍ୟତରେ ସେମାନେ ଏ କ୍ଷେତ୍ରରେ ଅଧିକ ସଫଳତା ହାସଲ କରି ପାରିବେ, ଏ ଦିଗରେ ସେମାନେ ବେଶ ଆଶାବାନ ।

## ମୋ ଜୀବନର

# ଏକ ଅଭୁଲା ସ୍ମୃତି

ଶ୍ରୀ ବିଶ୍ୱମ୍ଭର ପରିଡ଼ା

ସନ ୧୯୪୨ ମସିହା–ଅଗଷ୍ଟ ୯ ତାରିଖ । ସମଗ୍ର ଭାରତ ବର୍ଷରେ ଶେଷ ସ୍ୱାଧୀନତା ସଂଗ୍ରାମର ଶୁଭାରମ୍ଭ । ଗୁରିଆଡ଼େ ଭାରତ ଛାତ୍ର ଆନ୍ଦୋଳନର ପ୍ରବଳ ଉନ୍ମାଦନା । ବିଦେଶୀ ସରକାରୀ କଳକୁ ଅଚଳ କରିବା ପାଇଁ ସର୍ବତ୍ର ବିପୁଳ ଜନ ଜାଗରଣ । "କର ବା ମର" ଧ୍ୱନିରେ ଜଳ, ସ୍ଥଳ, ଆକାଶ ପ୍ରକମ୍ପିତ । ଗୋଟିଏ ପକ୍ଷରେ ନିରସ୍ତ୍ର ଏକ ମହାଜାତିର ସ୍ୱାଧୀନତା ପ୍ରାପ୍ତି ପାଇଁ ଅଟଳ ସଂକଳ୍ପ– ଅନ୍ୟ ପକ୍ଷରେ ଗୋଟିଏ ବିଦେଶୀ ଶାସନ ପକ୍ଷରୁ ଚାଲିଥିବା ହିଂସାତ୍ମକ ଆଖିବୁଜା ଦମନ ଲୀଳା । ଆକୁମାରୀ ହିମାଚଳ ଏକ ରଣାଙ୍ଗନରେ ରୂପାୟିତ । ଏଥିରେ ବହୁ ଶିକ୍ଷିତ ଯୁବକ କାରାରୁଦ୍ଧ ।

ଏହି ପରିପ୍ରେକ୍ଷୀରେ ମୁଁ ମଧ୍ୟ ୨ବର୍ଷ କାଳ କଟକ ଓ ବ୍ରହ୍ମପୁର କେନ୍ଦ୍ର ଜେଲରେ କାରାରୁଦ୍ଧ ହୋଇଥିଲି । ମୋ ପାଇଁ ବ୍ରହ୍ମପୁର କେନ୍ଦ୍ର ଜେଲ ଥିଲା, ଏକ ଜାତୀୟ ବିଶ୍ୱବିଦ୍ୟାଳୟ । ଏହି ଜାତୀୟ ବିଶ୍ୱବିଦ୍ୟାଳୟର ମୁଁ ଜଣେ ଯେପରି ଛାତ୍ରାବାସର ଅନ୍ତେବାସୀ ଛାତ୍ର–ଏହାହିଁ ଅନୁଭବ କରୁଥାଏ । ଏଥିରେ କାରାବାସର ନିର୍ମମତା ମତେ ସ୍ପର୍ଶ କରି ପାରୁ ନ ଥାଏ । ମାତ୍ର ଏହି ସମୟରେ ଜେଲରେ ପତାକା ଉତ୍ତୋଳନ ଲାଗି ଲାଠି ମାଡ଼–ଜେଲ୍‌ର ଓାଡ଼ରେ ଭୟାବହ ଅଗ୍ନି କାଣ୍ଡ–ବୋମା ମାଡ଼ରେ ପାଚେରୀ ଭାଙ୍ଗି ପଡ଼ିବା–ସର୍ବୋପରି ଉକ୍ତ ଜେଲ୍‌ରେ ବୀର ଲକ୍ଷ୍ମଣ ନାୟକଙ୍କର ଫାଶୀ ଦଣ୍ଡ ମୋ ଜୀବନର ଅଭୁଲା ସ୍ମୃତି ହୋଇ ରହିଛି ।

୧୯୪୨ ମସିହା ଅଗଷ୍ଟ ମାସ ୧୫ ତାରିଖରୁ କୋରାପୁଟ ଜିଲ୍ଲାରେ ଚାରିଆଡ଼େ ବିଦ୍ରୋହର ନିଆଁ ଜଳି ଉଠିଥିଲା । ଚାରିଆଡ଼େ ଲୁଟତରାଜ–ସଂରକ୍ଷିତ ଜଙ୍ଗଲ ପୋଡ଼ି–ତହସିଲ୍ ଅଫିସ ଉପରେ ଆକ୍ରମଣ –ଟେଲିଗ୍ରାଫ୍ ଓ ଟେଲିଫୋନ୍ ଖୁଣ୍ଟ ଉପାଡ଼ିଦେବା–ସରକାରୀ କର୍ମଚାରୀମାନଙ୍କ ବାସସ୍ଥାନ ଉପରେ ଚଢ଼ାଉ–ଶତ ଶତ ଲୋକଙ୍କ ଶୋଭାଯାତ୍ରା–ରାସ୍ତାଘାଟ ଓ ପୋଲ ଭଙ୍ଗା–ମଦ ଦୋକାନ ଓ କୋର୍ଟ କଚେରୀରେ ପିକେଟିଂ–ଅଗଷ୍ଟ ୧୭ ତାରିଖରେ ସିମିଳିଗୁଡ଼ା ତାଲୁକା ଉପରେ ଚଢ଼ାଉ– ପୋଲିସ୍ ପକ୍ଷରୁ ଆଖିବୁଜା ଲାଠିମାଡ଼, ଲକ୍ଷ୍ମୀପୁର ଥାନା ଉପରେ ଆକ୍ରମଣ, କାଗଜ ପତ୍ର ପୋଡ଼ି, ସଂରକ୍ଷିତ ଜଙ୍ଗଲ ପୋଡ଼ି, ପୋଲିସ୍ ବାହିନୀ ପକ୍ଷରୁ ଆଖିବୁଜା ଗୁଳି ମାଡ଼ । ଅଗଷ୍ଟ ୨୧ ତାରିଖରେ ମାଥିଲୀ ଥାନା ଉପରେ ଆକ୍ରମଣ ବେଳେ ସରକାରୀ କର୍ମଚାରୀ ଓ ବିଦ୍ରୋହୀମାନଙ୍କ ମଧ୍ୟରେ ଖଣ୍ଡ ଯୁଦ୍ଧ । ଘଟଣା ସ୍ଥଳରେ ଜଣେ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ମୃତ୍ୟୁ ଓ କେତେଜଣ ପୋଲିସ୍ ଅଫିସର୍ ଆହତ, ପରେ ପରେ ପୋଲିସ୍ ପକ୍ଷରୁ ଆଖିବୁଜା ଗୁଳି ମାଡ଼ । ୫ ଜଣ ବିଦ୍ରୋହୀଙ୍କ ମୃତ୍ୟୁ । କୋରାପୁଟ ଜିଲ୍ଲା କଂଗ୍ରେସ କମିଟିର ସଭ୍ୟ ୧୯୪୧ ମସିହାରେ ୨ ଥର ବ୍ୟକ୍ତିଗତ ସତ୍ୟାଗ୍ରହ କରିଥିବା ଗାନ୍ଧୀବାଦୀ ଜନନେତା ବୀର ଲକ୍ଷ୍ମଣ ନାୟକ ଓ ବଳରାମ ପୂଜାରୀଙ୍କ ସମେତ ଶତାଧିକ ସତ୍ୟାଗ୍ରହୀଙ୍କୁ ଘେରାଉ କରି ପୋଲିସ୍ ବାହିନୀ ଗିରଫଦାରୀ ଚଳାଇଲେ । କୋରାପୁଟ ଜିଲ୍ଲା ମାଜିଷ୍ଟ୍ରେଟ୍ ଓ ସେସନସ୍ ଜଜ୍ ଶ୍ରୀ ରାମନାଥନ, ଆଇ. ସି. ଏସ୍.ଙ୍କ କୋର୍ଟରେ ସେମାନଙ୍କ ବିଚାର ହୋଇ ଶ୍ରୀଯୁକ୍ତ ଲକ୍ଷ୍ମଣ ନାୟକଙ୍କୁ ନର ହତ୍ୟା ଅଭିଯୋଗରେ ଫାଶୀ ଦଣ୍ଡ ଏବଂ ଶ୍ରୀ ବଳରାମ ପୂଜାରୀଙ୍କ ସମେତ ୪୯ ଜଣଙ୍କୁ ଆଜୀବନ କାରାଦଣ୍ଡ ଦିଆଯାଇଥିଲା । ଏହା ଛଡ଼ା ଶହ ଶହ ବିଦ୍ରୋହୀଙ୍କୁ ଗିରଫ କରି ନିଆଯାଇଥିଲା । ବିଦ୍ରୋହୀ ନେତା ଶ୍ରୀ ଲକ୍ଷ୍ମଣ ନାୟକଙ୍କୁ ସନ ୧୯୪୩ ମସିହା ଅଗଷ୍ଟ ୨୯ ତାରିଖ ସକାଳ ୫ଟା୩୦ ମିନିଟ୍‌ରେ ବ୍ରହ୍ମପୁର ଜେଲ୍‌ରେ ଫାଶୀ ଦିଆଗଲା । ସେତେବେଳେ ବ୍ରହ୍ମପୁର କେନ୍ଦ୍ର ଜେଲରେ ୫ ଶହରୁ ଉର୍ଦ୍ଧ୍ୱ ରାଜନୈତିକ ବନ୍ଦୀ କାରାରୁଦ୍ଧ । ରାଜନୈତିକ ବନ୍ଦୀ ଶିବିରରେ ଗଭୀର ବିଷାଦର ଛାୟା । ଜଣେ ଖ୍ୟାତନାମା ଜନନେତା ଶ୍ରୀଯୁକ୍ତ ନାୟକଙ୍କ ଜୀବନରକ୍ଷା ପାଇଁ ଗଭୀର ଆଲୋଡ଼ନ । ତାଙ୍କୁ ହତ୍ୟାକାରୀ ରୂପେ ପୁରୁଣା ଜେଲ୍‌ରେ ରଖାଯାଇଥିଲା–ଏକ ସେଲ୍‌ରେ । ଫାଶୀ ପାଇବା ପୂର୍ବରୁ ତାଙ୍କୁ ଦର୍ଶନ କରିବା ପାଇଁ ବନ୍ଧୁମାନଙ୍କ ସହିତ ମୁଁ ତାଙ୍କ ପାଖକୁ ଯାଇଥିଲି । ସାଙ୍ଗରେ ଥିଲେ କୋରାପୁଟର ଅନ୍ୟତମ ଜନନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ସଦାଶିବ ତ୍ରିପାଠୀ । ଆମେ ଗଲା ବେଳକୁ ସେ ଚକାମାଡ଼ି ଗୀତା ପାଠ କରୁଥିଲେ । ଆମେ ତାଙ୍କୁ ନମସ୍କାର ଜଣାଇବାରୁ ସେ ମୁହଁ ଟେକି ଆମକୁ ଚାହିଁଲେ–ବଡ଼ ଖୁସି ହେଲେ । କୃଷ୍ଣକାୟ ବଳିଷ୍ଠ ବପୁ । ଆଖିରେ ଦୃଢ଼ ସଂକଳ୍ପର ଆଭା, ନିଃସଂଶୟ ମନ, ଅନୁଶୋଚନାର

ଚିହ୍ନ ନାହିଁ । ସତେ ଯେପରି ସେ ପ୍ରାଣଦାନରେ ସ୍ୱାଧୀନତା ଯଜ୍ଞର ପୂର୍ଣ୍ଣାହୁତି ଦେବା ପାଇଁ ନିଜକୁ ପ୍ରସ୍ତୁତ କରିସାରିଲେଣି । କିଛି କହୁ ନ ଥାନ୍ତି, ସଦାଶିବ ବାବୁ ରୁଦ୍ଧ କଣ୍ଠରେ ପଚାରିଲେ –କ'ଣ କହିବ ? ସେ କହି ଉଠିଲେ–"ଏ ଆମର ଶେଷ ସଂଗ୍ରାମ । ମୋର ମୃତ୍ୟୁ ହେବ । ଦେଶ ନିଶ୍ଚୟ ସ୍ୱାଧୀନ ହେବ । କଂଗ୍ରେସ ଉପରେ ଦେଶ ଶାସନର ଦାୟିତ୍ୱ ପଡ଼ିବ । ଆପଣମାନଙ୍କୁ ମୋର ଅନୁରୋଧ, ଆପଣମାନେ ଏପରି କାମ କରିବେ ଯେପରି ମୋର ଅର୍ଦ୍ଧନଗ୍ନ ଓ ଅର୍ଦ୍ଧଭୁକ୍ତ ଭାଇ ଭଉଣୀମାନେ ଗଣ୍ଡାଏ ପେଟପୁରା ଖାଇବାକୁ ପାଇବେ ଆଉ ଖଣ୍ଡେ ପିନ୍ଧିବାକୁ ପାଇବେ । ତାହାହେଲେ ମୋର ପ୍ରାଣ-ଦାନ ସାର୍ଥକ ହେବ" । ଏତିକି କହି ସେ ଚୁପ୍ ରହିଲେ । ସେଠାରେ ବେଶି ସମୟ ଆମକୁ ରଖାଇ ଦିଆ ଗଲାନାହିଁ । ଛଳ ଛଳ ଆଖିରେ ଆମକୁ ଫେରିବାକୁ ପଡ଼ିଲା । ଜଣେ ଜାତୀୟବାଦୀ ଜନନେତାଙ୍କୁ ପ୍ରାଣ ଦଣ୍ଡ ଦିଆଯାଉଛି । ସମସ୍ତେ ଅଖିଆ ଅପିଆ ଏହି ମୁହୂର୍ତ୍ତକୁ ଅପେକ୍ଷା କରିଥାନ୍ତି । ରାତିସାରା ସମସ୍ତେ ଉଜାଗର । ମଝିରେ ମଝିରେ କେବଳ ଲକ୍ଷ୍ମଣ ନାୟକଙ୍କ ଜୟଧ୍ୱନି । ରାତିରେ ୱାର୍ଡରେ ଥିବା ସମସ୍ତଙ୍କୁ ତାଲା ପକାଇ ଦିଆଗଲା । ଆମେ କେତେ ଜଣ ନିଜ ୱାର୍ଡରେ ନରହି ଯେଉଁ ୱାର୍ଡରେ ଝରକା ବାଟେ ଫାଶୀ ଦିଆ ସ୍ଥାନଟି ଦେଖାଯିବ ସେହି ୱାର୍ଡରେ ଥାଉ । ରାତି ୨ଟା ବାଜିଲା । ସାଙ୍ଗେ ସାଙ୍ଗେ ସାରା ଜେଲକୁ ଅନ୍ଧକାର କରି-ଦିଆଗଲା । ଫାଶୀ ଦିଆ ସ୍ଥାନରେ ଯୋଡ଼ିଏ ପେଟ୍ରୋମାକ୍ସ ଲାଇଟ୍ । ଟେବିଲ ପଡ଼ିଲା ତା ଆଗରେ ଗୋଟିଏ ଛୋଟ ଟେବୁଲ ପଡ଼ିଲା । ଆଗରୁ ପ୍ରସ୍ତୁତ ହୋଇଥିବା ଫାଶୀ ଖୁଣ୍ଟ ସ୍ଥାନକୁ ସମସ୍ତେ ଚାହିଁ ରହିଥିଲେ । ୪ଟା ପରେ ହଠାତ୍ ସେଠାରେ କେତେଜଣ ପୋଲିସ୍ ଆଉ ଜଣେ ମାଜିଷ୍ଟ୍ରେଟ ଆସି ପହଞ୍ଚିଲେ । ତା'ପରେ ପୂର୍ବରୁ ଲହୁଣୀ ଘଷି ଗାଧୋଇ ଥିବା ବୀର ଲକ୍ଷ୍ମଣ ନାୟକଙ୍କୁ ନୂଆ ଜଡା ଲୁଗା ପିନ୍ଧାଇ ସେଠାକୁ ନିଆଗଲା । ସେ ବୀର ଦର୍ପରେ ଗୀତା ପାଠ କରି କରି ଦ୍ରୁତ ପଦକ୍ଷେପରେ ଫାଶୀ ଦିଆ ସ୍ଥାନକୁ ମାଡ଼ି ଆସିଲେ । ଅଣ୍ଟାରେ ବନ୍ଧା ହୋଇଥିବା ଦଉଡ଼ିକୁ ଧରି ତାଙ୍କ ପଛେ ପଛେ ୱାର୍ଡରମାନେ ଦୌଡ଼ୁଥାନ୍ତି । ହାତରେ କଡ଼ି । ଫାଶୀ ଦିଆ ସ୍ଥାନରେ ତାଙ୍କୁ ବସାଇ ଦେଲେ । କଡ଼ି ଫିଟାଇ ଦେଲେ । ଅଣ୍ଟାର ଦଉଡ଼ି ଖୋଲିଦେଲେ । ୨ ମିନିଟ୍ ପରେ ତାଙ୍କ ଗଳାରେ ଫାଶୀ ଦଉଡ଼ି ଗଳାଇ ଦେଲେ । ସେ ଯେଉଁ କାଠ କବାଟ ଉପରେ ବସିଥିଲେ ତା ତଳେ ବିରାଟ ଖାତ । ହଠାତ୍ ସେ କବାଟ ଖୋଲିଗଲା ସେ ଖାତ ଭିତରକୁ ଝୁଲି ପଡ଼ିଲେ । ଫାଶୀ ଦଉଡ଼ିରେ ଲାଗିଥିବା ଦୁଇଟି ବ୍ରେକ ତାଙ୍କ ବେକକୁ ଚିପିଦେଲା । ଆଲୁଅ ନେଇ ସମସ୍ତେ ସେ ସ୍ଥାନ ଛାଡ଼ି ଚାଲିଗଲେ । ସାରା ଜେଲ୍‌ରେ ଥିବା ସବୁ ବନ୍ଦୀ ଲକ୍ଷ୍ମଣ ନାୟକଙ୍କ ଜୟଧ୍ୱନି କରୁଥାନ୍ତି । କିଛି ସମୟ ପରେ ଡାକ୍ତର ଆସି ଲେ ତାଙ୍କ ଶବ ପରୀକ୍ଷା କରି ମୃତବୋଲି ସାର୍ଟିଫିକେଟ୍ ଦେଇ ଗଲେ । ଜେଲ୍‌ରେ ଥିବା ୫ଶହ ରାଜନୈତିକ ବନ୍ଦୀ ଆଖିବୁଜି ନୀରବ ପ୍ରାର୍ଥନା କଲେ -ଦୁଇଘଣ୍ଟା । ସକାଳ ୮ଟା ପରେ ୱାର୍ଡର-ମାନେ ଆସି କବାଟ ଫିଟାଇ ପକାଇ ଯାଉଥାନ୍ତି । ଏତେ ବଡ଼ ହିଂସା କାଣ୍ଡ କରିଥିବା ହେତୁ ବନ୍ଦୀମାନଙ୍କୁ ସେମାନେ ଚାହିଁ ପାରୁ ନଥାନ୍ତି । ପ୍ରଧାନ ଫାଟକରେ ତାଲା ପକାଇ ଦେଇ ସେମାନେ ବାହାରେ ଜଗୁଆଳି ହୋଇ ରହିଥାନ୍ତି । ଏଣେ ୫ ଶହ ବନ୍ଦୀ -ସମସ୍ତେ ରୋମାଞ୍ଚିତ ନିସ୍ତେଜ ଓ ମୂକ । କେହି କାହାରିକୁ କିଛି କହୁ ନ ଥାନ୍ତି । ଖାଇବା ତ ଦୂରର କଥା କେହି ପାଣି ଟିକିଏ ବି ପିଉ ନାହାନ୍ତି । ଦିନ ୫ଟା ବାଜିଲା, ଆକି ପିଟି ପିଟି କେତେଜଣ କହିଗଲେ -ବାହାରେ ଶୋକ ସଭାହେବ ସମସ୍ତେ ଆସ । ଶୋକ ସଭାକୁ ସମସ୍ତେ ଗଲେ, ଆଖି ବୁଜି ଅଧଘଣ୍ଟାଏ ବସି ରହିଲେ । କାନ୍ଦି କାନ୍ଦି ଆଖି ଲାଲ, କେହି କିଛି କହିଲେ ନାହିଁ । କେବଳ ଜଣେ କହିଲେ –"ଆଗାମୀ କାଲି ୫ଟାରେ ଏଠାରେ ଶୋକ ସଭା ହେବ" । ତା' ପରେ ସମସ୍ତେ ଆସି ନିଜ ନିଜ ସ୍ଥାନରେ ଶୋଇଗଲେ ।



'ନାଲ୍‌କୋ' ପକ୍ଷରୁ ଜମି ବାବଦ କ୍ଷତିପୂରଣ ପ୍ରଦାନ

# ପ୍ରଗତି ପ୍ରସଙ୍ଗ

## ମରୁଡ଼ିର ମୁକାବିଲା

ଅନିଶ୍ଚିତ ପାଣିପାଗ ଯୋଗୁଁ ମରୁଡ଼ି ଘଟିଲେ ତାହାର ପ୍ରତିକାର ପାଇଁ ସରକାର ସଜାଗ ରହିଛନ୍ତି । ତଦନୁଯାୟୀ ଚାଷୀମାନଙ୍କୁ ବିହନ ଓ ତଳି ଯୋଗାଣ ସକାଶେ ବିହନ ସଂଗ୍ରହ ଏବଂ ତଳିଘେରା ପ୍ରସ୍ତୁତି ଇତ୍ୟାଦି କାର୍ଯ୍ୟକ୍ରମ ସଂପର୍କରେ କୃଷି କ୍ଷେତ୍ର କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କୃଷି ମନ୍ତ୍ରୀ ଶ୍ରୀ ବାସୁଦେବ ମହାପାତ୍ର କହିଛନ୍ତି ।

ଜୁଲାଇ ୧୩ ତାରିଖରେ ଅନୁଷ୍ଠିତ କୃଷି, ସମବାୟ, ଜଙ୍ଗଲ, ମତ୍ସ୍ୟ ଓ ପଶୁପାଳନ ବିଭାଗର ମିଳିତ ଅଣ-ଆନୁଷ୍ଠାନିକ ପରାମର୍ଶଦାତା କମିଟିର ୨ୟ ବୈଠକରେ ଅଧ୍ୟକ୍ଷତା କରି ସେ କହିଲେ ଯେ ସମ୍ଭାବ୍ୟ ମରୁଡ଼ି ପରିସ୍ଥିତିର ମୁକାବିଲା ସକାଶେ ୫୦,୦୦୦ କୁଇଣ୍ଟାଲ ଧାନ ଓ ୨୦,୦୦୦ କୁଇଣ୍ଟାଲ ଅଣ-ଧାନ ବିହନ ସଂଗ୍ରହ ସମେତ ପ୍ରାୟ ୭,୫୦୦ ହେକ୍ଟର ଜମିରେ ତଳି ପ୍ରସ୍ତୁତ କରାଯାଉଛି । କ୍ଷୁଦ୍ର ତଥା ନାମମାତ୍ର ଚାଷୀଙ୍କୁ କୀଟନାଶକ ଔଷଧ ଓ ସାର ପ୍ରୟୋଗ ତଥା ସ୍ପ୍ରେ ପାଇଁ ରିହାତିର ବ୍ୟବସ୍ଥା ହେଉଛି । ଏହାଛଡ଼ା ବ୍ଲକମାନଙ୍କରେ ୩ଟି ଲେଖାଏଁ ବିହନ ବିକ୍ରୟ କେନ୍ଦ୍ର ଖୋଲାଯାଇ ବିହନ ବିକ୍ରି କରାଯିବ । ବିଦ୍ୟୁତ୍ ଯୋଗାଣ ବନ୍ଦ କରାଯାଇଥିବା ଉଠାଜଳସେଚନ ପଏଣ୍ଟରେ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି ସେ ପ୍ରକାଶ କରିଥିଲେ ।

ପ୍ରଧାନ ମନ୍ତ୍ରୀଙ୍କ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଓ ଚଳିତ ଉତ୍ପାଦିକା ବର୍ଷର ସାଫଲ୍ୟକୁ ଦୃଷ୍ଟିରେ ରଖି ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ କୃଷିର ବିକାଶ କରାଯାଉଛି ବୋଲି ସେ କହିଥିଲେ । ତଦନୁଯାୟୀ ଉନ୍ନତ ଧରଣର ଚାଷ ପ୍ରଣାଳୀ, ଅଣ-ଧାନ ବା ଅର୍ଥକରୀ ଫସଲ ଉତ୍ପାଦନ କ୍ଷେତ୍ରରେ ଯେଉଁସବୁ ପଦକ୍ଷେପ ନିଆଯାଉଛି ସେ ସଂପର୍କରେ ସେ କେତେକ ଦୃଷ୍ଟାନ୍ତ ଦେଇଥିଲେ ।

ରାଜ୍ୟର ଶତକଡା ୮୦ ଭାଗ ଜମି ଅଣ-ଜଳସେଚିତ ଥିବା ଦୃଷ୍ଟିରୁ କେବଳ ଧାନ ଫସଲ ଉପରେ ଗୁରୁତ୍ୱ ଦିଆନଯାଇ ଝୋଟ, ଆଖୁ, ଗହମ, କପା, ତୈଳବୀଜ, ଡାଲି ଜାତୀୟ ଫସଲ ଭଳି ଅଣ-ଧାନ ଫସଲ ଚାଷ ପ୍ରବର୍ତ୍ତନ ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯିବା ସହିତ କ୍ଷୁଦ୍ର ଜଳ ବିଭାଜିକାଗୁଡ଼ିକର ଉନ୍ନୟନ ଓ ବୃଷ୍ଟି ଜଳର ସଂରକ୍ଷଣ ମଧ୍ୟ କରାଯାଉଛି ବୋଲି ସେ କହିଥିଲେ ।

ଉତ୍ପାଦିକା ଶକ୍ତି ତଥା ଉତ୍ପାଦନ ବୃଦ୍ଧି ସକାଶେ ରାସାୟନିକ ସାର ପ୍ରୟୋଗ, ମୃତ୍ତିକା ବିଶୋଧନ ଓ ସଂରକ୍ଷଣ, ବୈଷୟିକ ସାହାଯ୍ୟ, ଟଳଦାରିଆ ଚାଷ ପ୍ରବର୍ତ୍ତନ ସମେତ ଅଧିକ ଅମଳକ୍ଷମ ବିହନର ବହୁଳ ଚାଷ ପାଇଁ ଧାନ, ଡାଲି ଓ ତୈଳବୀଜ ମିନିକିଟ୍ ପ୍ୟାକେଟ ଆଗୁଆ ଚାଷୀଙ୍କ ଜମିରେ ପ୍ରଦର୍ଶନ ପାଇଁ ବିତରଣ କରାଯାଉଛି ବୋଲି ସେ କହିଥିଲେ । ଷଷ୍ଠ ଯୋଜନା ସୁଦ୍ଧା ୭୪'୫୬ ଲକ୍ଷ ଟନ୍ ଖାଦ୍ୟଶସ୍ୟ, ୧୧'୨୦ ଲକ୍ଷ ଟନ୍ ତୈଳବୀଜ ଏବଂ ୧୨'୯୦ ଲକ୍ଷ ଟନ୍ ଡାଲି ଜାତୀୟ ଫସଲ ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ବୋଲି ସେ ସୂଚନା ଦେଇଥିଲେ ।

ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଥଇଥାନ କାର୍ଯ୍ୟକ୍ରମାନୁଯାୟୀ ଏବର୍ଷ କୃଷିଭିତ୍ତିକ କାର୍ଯ୍ୟକ୍ରମରେ ପ୍ରାୟ ୭୧ ହଜାରଟି ପରିବାରଙ୍କୁ ଥଇଥାନ କରାଯାଉଛି । ଚଳିତ ବର୍ଷ ଫସଲ ଋଣ ବୀମା ଯୋଜନା ୧୪୯ଟି ବ୍ଲକକୁ ସଂପ୍ରସାରଣ କରାଯାଉଛି ବୋଲି ସେ କହିଥିଲେ ।

କୃଷି ମନ୍ତ୍ରୀ କହିଲେ ଯେ ଫଳଚାଷ ପାଇଁ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଉଛି । ଚଳିତ ବର୍ଷ ୬ ଲକ୍ଷ ଆମ୍ବ ଗୁଳା କଲମୀ କରାଯିବ । କେନାଲ ବନ୍ଧମାନଙ୍କରେ ଏପର୍ଯ୍ୟନ୍ତ ୭୧,୫୩୦ଟି ନଡ଼ିଆ ଗଛ ରୋପଣ କରାଯାଇଛି ପରିବାର ପ୍ରତି ୨୦ଟି ଫଳନ୍ତି ନଡ଼ିଆ ଗଛ ହିସାବରେ ପ୍ରାୟ ୨,୦୫୦ଟି ଦରିଦ୍ରତମ ପରିବାରଙ୍କୁ ନଡ଼ିଆ ଗଛର ସ୍ୱତ୍ୱ ଦିଆଯାଉଛି । ଏହାଛଡ଼ା ୫ଟି ଲେଖାଏଁ ନଡ଼ିଆ ଗଛ ସେହି ଅଞ୍ଚଳର ପ୍ରତି ହରିଜନ ପରିବାରଙ୍କୁ ମଧ୍ୟ ଯୋଗାଇ ଦିଆଯିବା କାର୍ଯ୍ୟକ୍ରମ ରହିଛି ବୋଲି ସେ କହିଥିଲେ ।

ରାଜ୍ୟର ଶତକଡା ୬୪ ଭାଗ କୃଷକ ପରିବାରଙ୍କୁ ସମବାୟ ପରିସରଭୁକ୍ତ କରାଯାଇ ସେମାନଙ୍କ ଚାହିଦା ଋଣର ଶତକଡା ୨୫ ଭାଗ ପୂରଣ କରାଯାଉଛି ଏବଂ ପ୍ରତି ପଞ୍ଚାୟତରେ ଖାଉଟି ସମବାୟ ଭଣ୍ଡାର ଖୋଲାଯାଇ ସୁଲଭ ମୂଲ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯିବା କାର୍ଯ୍ୟକ୍ରମ ଅଳ୍ପ ଦିନ ମଧ୍ୟରେ ସଂପୂର୍ଣ୍ଣ ହେବ ବୋଲି ସେ କହିଥିଲେ ।

ଗତ ବାତ୍ୟା ଦ୍ୱାରା କ୍ଷୟକ୍ଷତି ହୋଇଥିବା ଅଞ୍ଚଳମାନଙ୍କରେ କୃଷି କାର୍ଯ୍ୟକ୍ରମ ପାଇଁ ଯେଉଁସବୁ ପଦକ୍ଷେପ ନିଆଯାଇଛି ସେ ସଂପର୍କରେ କୃଷି ଶାସନ ସଚିବ ଶ୍ରୀ ଆର. ଶ୍ରୀନିବାସନ ବିବରଣୀ ପ୍ରଦାନ କରିଥିଲେ ।

ଏହି କମିଟିର ଉପାଧ୍ୟକ୍ଷ ଜଙ୍ଗଲ, ମତ୍ସ୍ୟ ଓ ପଶୁପାଳନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ କୁଆଁରିଆ ମାଝି ବୈଠକରେ ଯୋଗ ଦେଇ ଜଙ୍ଗଲ ଉନ୍ନୟନ, ବନ୍ୟଜନ୍ତୁ ସଂରକ୍ଷଣ, ନନ୍ଦନକାନନର ଉନ୍ନତି ବିଧାନ, ପଶୁପାଳନ ଓ ଦୁଗ୍ଧ ଯୋଗାଣ ଏବଂ ମତ୍ସ୍ୟ ଉତ୍ପାଦନ କାର୍ଯ୍ୟକ୍ରମ କ୍ଷେତ୍ରରେ ସରକାରଙ୍କ ଆଭିମୁଖ୍ୟ ତଥା ସାଫଲ୍ୟ ସଂପର୍କରେ କେତେକ ସୂଚନା ଦେଇଥିଲେ । ଜଙ୍ଗଲ ଭଳି ଏକ ଜାତୀୟ ସଂପତ୍ତିର ସୁରକ୍ଷା ସକାଶେ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

## ଗ୍ରାମାଞ୍ଚଳରେ ସାଂସ୍କୃତିକ କାର୍ଯ୍ୟକ୍ରମ

ସଙ୍ଗୀତ ନାଟକ ଏକାଡେମୀର ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକୁ ସହର ମଧ୍ୟରେ ସୀମାବଦ୍ଧ ନରଖି ତାହାକୁ ଗ୍ରାମାଞ୍ଚଳକୁ ପ୍ରସାରିତ କରିବାକୁ ଏକାଡେମୀର କାର୍ଯ୍ୟକାରୀ କମିଟି ବୈଠକରେ ନିଷ୍ପତ୍ତି କରାଯାଇଛି । ଜୁଲାଇ ୧୩ ତାରିଖରେ ଏକାଡେମୀର ସଭାପତି ତଥା ପର୍ଯ୍ୟଟନ, କ୍ରୀଡ଼ା ଓ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକାରୀ କମିଟିର ବୈଠକ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା ।

ରାଜ୍ୟ ସଂଗ୍ରହାଳୟରେ ନୃତ୍ୟ ସଙ୍ଗୀତ ବିଷୟରେ ଥିବା ପୋଥିଗୁଡ଼ିକୁ ସଂପାଦନା କରାଯାଇ ଏକାଡେମୀ ପକ୍ଷରୁ ପ୍ରକାଶ କରିବାକୁ ସ୍ଥିର ହୋଇଛି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଏକାଡେମୀ ପକ୍ଷରୁ ଗୀତ ପ୍ରକାଶ ଓ ସଂଗୀତ କଳ୍ପଲତିକା ପୁସ୍ତକ ଦୁଇଟିର ଛପା କାର୍ଯ୍ୟ ଚାଲିଛି । ଏହି ବୈଠକରେ ଗୃହୀତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଯାୟୀ ଭାରତର ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ ଶିଳ୍ପୀମାନଙ୍କୁ ନେଇ ଦୁଇଦିନ ଧରି ଶାସ୍ତ୍ରୀୟ ସଙ୍ଗୀତ ସମାରୋହର ଆୟୋଜନ କରାଯିବ । ଏହା ବ୍ୟତୀତ ନାଟକ ପ୍ରଯୋଜନା ସଂପର୍କରେ ତାଲିମ ଶିବିର ଆୟୋଜନ କରିବା, ଓଡ଼ିଶାର ନୃତ୍ୟ, ସଙ୍ଗୀତ ଓ ନାଟକ କ୍ଷେତ୍ରରେ କୃତୀ ଶିଳ୍ପୀମାନଙ୍କର ଏକ "ଆର୍ଟିଷ୍ଟ ଡାଇରେକ୍ଟୋରୀ" ପ୍ରସ୍ତୁତ କରିବା, ଚଳିତ ବର୍ଷ କୋଣାର୍କଠାରେ ଶାସ୍ତ୍ରୀୟ ନୃତ୍ୟ ସମ୍ମିଳନୀ ଆୟୋଜନ କରିବା, ଆଦିବାସୀ ନୃତ୍ୟ ଦଳଙ୍କଠାରୁ ଆଧୁନିକ ନୃତ୍ୟଶିଳ୍ପୀମାନେ ନୃତ୍ୟ ଶିକ୍ଷା ଗ୍ରହଣ କରିବା ଏବଂ ଓଡ଼ିଶାର ଛଉ ନାଚ ଓ ଲୋକ ନୃତ୍ୟ ସଂପର୍କରେ ଦୁଇଟି ପୁସ୍ତକ ପ୍ରକାଶ କରିବାକୁ ମଧ୍ୟ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ଏହି ବୈଠକରେ ଏକାଡେମୀର ଉପସଭାପତି ଶ୍ରୀ ରାଜ କିଶୋର ରାୟ, ଶ୍ରୀ ଗୋପାଳ ମିଶ୍ର, ଶ୍ରୀ ନୀଳମାଧବ ପାଣିଗ୍ରାହୀ, ଶ୍ରୀ ଭୁପେନ ବୋଷ, ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ଡି. ଏନ୍. ପାଢୀ ଓ ଏକାଡେମୀର ସଂପାଦକ ଶ୍ରୀ ଧୀରେନ୍ଦ୍ର ନାଥ ପଟ୍ଟନାୟକ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

——

## ରୋଟେରୀଆନମାନଙ୍କୁ ରାଜ୍ୟପାଳଙ୍କ ପରାମର୍ଶ

ସମାଜର ବିଭିନ୍ନ ସ୍ତରରେ ଦେଖା ଦେଇଥିବା ଦୁର୍ନୀତିକୁ ଦୂର କରିବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତି ନିଜର ଆଚରଣ ଓ କାର୍ଯ୍ୟକଳାପରେ ଏକ ନିର୍ଦ୍ଦିଷ୍ଟ ମାନରକ୍ଷା କରିବା ଉଚିତ ବୋଲି ରାଜ୍ୟପାଳ ଶ୍ରୀ ରଙ୍ଗନାଥ ମିଶ୍ର କହିଛନ୍ତି ।

ରାଜ୍ୟପାଳ ଜୁଲାଇ ୧୩ତାରିଖ ସଂଧ୍ୟାରେ କଟକ ବାରବାଟୀ ଷ୍ଟେଡ଼ିୟମଠାରେ ରୋଟେରୀ କ୍ଲବର ସଭାପତି ଦାୟିତ୍ୱ ଗ୍ରହଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ବ୍ୟକ୍ତିଗତ ଜୀବନକୁ ପବିତ୍ର ଓ ନିର୍ମଳ କରି ରଖିପାରିଲେ ଏହି ଆଦର୍ଶର ପ୍ରଭାବ ସମାଜର ବିଭିନ୍ନ ସ୍ତରରେ ପ୍ରତିଫଳିତ ହେବ । ଦୁଃଖ ଦୁର୍ଦ୍ଦଶାରେ ଜର୍ଜରିତ ସମାଜର ମୁକ୍ତି ଓ ପ୍ରଗତି ପାଇଁ ମାନବିକ ମୂଲ୍ୟବୋଧ ସୁପ୍ରତିଷ୍ଠିତ କରିବାକୁ ପଡ଼ିବ ।

ରାଜ୍ୟପାଳ କହିଲେ ଯେ ସମାଜଠାରୁ ବ୍ୟକ୍ତିଗତ ଫାଇଦା ଉଠାଇବାର ପ୍ରବଳ ଆକାଂକ୍ଷାକୁ ସୀମିତ କରିବାକୁ ପଡ଼ିବ । ପରସ୍ପର ପ୍ରତି ସାହାଯ୍ୟ, ସହଯୋଗ ସହୃଦୟତା ଓ ସେବା ମନୋବୃତ୍ତି ଉଦ୍ରେକ ନହେଲେ ଅଧଃପତନ ଅବଶ୍ୟମ୍ଭାବୀ ବୋଲି ରାଜ୍ୟପାଳ ସତର୍କ କରାଇ ଦେଇଥିଲେ ।

ରୋଟେରୀ କ୍ଲବର ସଦସ୍ୟମାନଂକୁ ପରାମର୍ଶ ଦେଇ ରାଜ୍ୟପାଳ କହିଲେ ଯେ ସେମାନେ ନିଜ ଜୀବନରେ ରୋଟେରୀ କ୍ଲବର ଉଚ୍ଚ ଆଦର୍ଶ ଓ ଚିନ୍ତାଧାରା ପ୍ରତିଫଳିତ କରି ଜନସାଧାରଣଙ୍କ ସେବାରେ ନିଜ ନିଜକୁ ନିୟୋଜିତ କରନ୍ତୁ ।

ଏହି ଉତ୍ସବରେ ରୋଟେରୀଆନ୍ ଶ୍ରୀ ଗୋବିନ୍ଦ ଚନ୍ଦ୍ର ସେନାପତିଙ୍କ ସ୍ଥାନରେ ରୋଟେରୀଆନ୍ ଶ୍ରୀ ରମେଶ କେ. ରାଠୋର ନୂତନ ସଭାପତିଭାବେ ଆସୀନ ହୋଇଥିଲେ ।

OGP—MP-VI (I. & P. R.) 34—15,000—6-8-1982




ବାଲେଶ୍ୱର ଜିଲ୍ଲା କାନ୍ତିଆଚରା ପୋଲ ଉଦ୍‌ଘାଟନ କରୁଛନ୍ତି ପୂର୍ତ୍ତ, ଗୃହନିର୍ମାଣ ଓ ପୌର ଉନ୍ନୟନ ଏବଂ ଖଣି ଓ ଭୂତତ୍ତ୍ୱ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ।



ରାଜ୍ୟପାଳରୂପେ ବିଚାରପତି ଶ୍ରୀ ରଙ୍ଗନାଥ ମିଶ୍ରଙ୍କ ଶପଥ ଗ୍ରହଣ ।




ତିନିଠାକୁରଙ୍କ ରଥଟଣାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ।

Vol. XXXVIII/XXXIX No. 12/1 UTKAL PRASANGA Regd. No. O-5
Licence No. C. R. N. P. 5—Licensed to post without Pre-Payment




PRINTED AT ORISSA GOVERNMENT PRESS, CUTTACK-10